# ଧରିତ୍ରୀ
DHARITRI

ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୨୩/୨୦୨୬ (୧୬ ପୃଷ୍ଠା) | Bhubaneswar, Friday, January 23/2026 | Page 16 | ₹ 7.00

୫୨ଶ ଭାଗ ୬୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 61 | ମୂଲ୍ୟ ₹୭/-




# ସରକାରଙ୍କ ଭାଷଣ ପଢ଼ିଲେନି କର୍ନାଟକ ରାଜ୍ୟପାଳ

■ ୨ ଧାଡ଼ିରେ ସାରିଦେଇ କକ୍ଷତ୍ୟାଗ କଲେ

■ ସୁପ୍ରିମକୋର୍ଟ ଯାଇପାରନ୍ତି ସିଦ୍ଧାରାମାୟା ସରକାର


ଥାୱରଚନ୍ଦ ଗେହଲଟ୍

**ବେଙ୍ଗାଲୁରୁ,୨୨ା୧**

କେରଳ ଓ ତାମିଲନାଡୁ ପରେ କର୍ନାଟକରେ ରାଜ୍ୟ ସରକାରଙ୍କ ସହ ମୁହାଁମୁହିଁ ହୋଇଛନ୍ତି ରାଜ୍ୟପାଳ। କର୍ନାଟକ ରାଜ୍ୟପାଳ ଥାୱରଚନ୍ଦ ଗେହଲଟ୍ ଗୁରୁବାର ବିଧାନସଭାର ବଜେଟ ଅଧିବେଶନ ଆରମ୍ଭରେ ସମ୍ବୋଧିତ କରିବାବେଳେ କଂଗ୍ରେସ ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ଅଭିଭାଷଣ ପଢ଼ିବାକୁ ମନା କରିଦେଇଛନ୍ତି। ସେ ମାତ୍ର ୨ ଧାଡ଼ି ପଢ଼ିବା ପରେ କକ୍ଷତ୍ୟାଗ କରିଛନ୍ତି, ଯାହାକୁ ନେଇ ବିବାଦୀୟ ସ୍ଥିତି ଉପୁଜିଛି। ରାଜ୍ୟପାଳ ସରକାରଙ୍କ ପକ୍ଷରୁ ଲେଖାଯାଇଥିବା ଭାଷଣକୁ ନ ପଢ଼ି ନିଜେ ଭାଷଣ ଦେଇଥିଲେ। ଗେହଲଟ୍ କେନ୍ଦ୍ର ସରକାରଙ୍କ ଜଣେ 'କ୍ରୀଡ଼ନକ' ବୋଲି ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ସମାଲୋଚନା କରିଛନ୍ତି। ଅନ୍ୟପକ୍ଷେ ଭାଜପା ରାଜ୍ୟପାଳଙ୍କୁ ସମର୍ଥନ କରିବା ସହ କଂଗ୍ରେସ ବିଧାନସଭାକୁ ବିଭ୍ରାନ୍ତ କରୁଥିବା ଅଭିଯୋଗ ଆଣିଛି।

୨ ଦିନ ଭିତରେ ଦକ୍ଷିଣ ଭାରତର ୩ ଅଣଭାଜପା ଶାସିତ ରାଜ୍ୟରେ ସରକାର ଓ ରାଜ୍ୟପାଳ ମୁହାଁମୁହିଁ ହେବାର ଏହା ହେଉଛି ତୃତୀୟ ଘଟଣା। କେରଳ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର ମଙ୍ଗଳବାର ବିଧାନସଭା ସଦସ୍ୟଙ୍କୁ ସମ୍ବୋଧନ ବେଳେ କ୍ୟାବିନେଟ ଅନୁମୋଦିତ ଭାଷଣରୁ କିଛି ଅଂଶକୁ ବାଦ୍ ଦେଇଥିବା ମୁଖ୍ୟମନ୍ତ୍ରୀ ପିନାରାୟି ବିଜୟନ୍ ଅଭିଯୋଗ ଆଣିଥିଲେ। ସେହିପରି ତାମିଲନାଡୁ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଅଭିଭାଷଣକୁ ରାଜ୍ୟପାଳ ଏନ୍. ରବି ନ ପଢ଼ି ଅଧିବେଶନ ମଝିରୁ ଗୃହ ଛାଡ଼ି ଚାଲିଯାଇଥିଲେ। ଏହିକ୍ରମେ କର୍ନାଟକ ରାଜ୍ୟପାଳ ଗେହଲଟ୍ ଗୁରୁବାର ବିଧାନସଭା ଓ ବିଧାନ ପରିଷଦକୁ ସମ୍ବୋଧନ ବେଳେ ନିଜ ଅଭିଭାଷଣକୁ ସଂକ୍ଷିପ୍ତ କରିଦେଇଥିଲେ। ଫଳରେ ଶାସକ କଂଗ୍ରେସ ସଦସ୍ୟମାନେ ତାଙ୍କୁ ଘେରାଉ ଉଦ୍ୟମ କରିଥିଲେ।

ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା, ବାଚସ୍ପତି ୟୁ.ଟି. ଖଦେର, କାଉନ୍‌ସିଲ ଚେୟାରମ୍ୟାନ୍ ବାସବରାଜ ହୋରାଟ୍ଟି, ବିରୋଧୀ ଦଳ ନେତା, ମନ୍ତ୍ରୀ ଓ ସଦସ୍ୟମାନଙ୍କୁ ଶୁଭେଚ୍ଛା ଜଣାଇ ରାଜ୍ୟପାଳ ଅଭିଭାଷଣ ଆରମ୍ଭ କରିଥିଲେ। ଗେହଲଟ୍ କହିଥିଲେ, ତାଙ୍କ ସରକାର ରାଜ୍ୟର ଆର୍ଥିକ, ସାମାଜିକ ଓ ଭୌତିକ ଅଭିବୃଦ୍ଧିର ଗତିକୁ ଦ୍ୱିଗୁଣିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ ବୋଲି ହିନ୍ଦୀରେ କହିଥିଲେ। ଏହା ପରେ ସରକାରଙ୍କ ପ୍ରସ୍ତୁତ ଭାଷଣକୁ ସେ ଅଧିକ ନ ପଢ଼ି କକ୍ଷତ୍ୟାଗ କରିଥିଲେ।

କଂଗ୍ରେସ ସଦସ୍ୟମାନେ ଗୃହରେ 'ଲଜ୍ଜା ଲଜ୍ଜା' ସ୍ଲୋଗାନ ଦେଇ ତାଙ୍କୁ ଘେରିବାକୁ ଉଦ୍ୟମ କରିଥିଲେ। ଭାଜପା ସଦସ୍ୟମାନେ 'ଭାରତ ମାତା କୀ ଜୟ' ସ୍ଲୋଗାନ ଦେଇ ରାଜ୍ୟପାଳଙ୍କୁ ସମର୍ଥନ କରିଥିଲେ। ରାଜ୍ୟପାଳ ନିଜ ସାମ୍ବିଧାନିକ ଉତ୍ତରଦାୟିତ୍ୱ ଓ କର୍ତ୍ତବ୍ୟ ପାଳନ କରିବାରେ ବିଫଳ ହୋଇଥିବା ଅଭିଯୋଗ ଆଣି ମୁଖ୍ୟମନ୍ତ୍ରୀ ସିଦ୍ଧାରାମାୟା ସମାଲୋଚନା କରିଛନ୍ତି। ସିଦ୍ଧାରାମାୟା ଆହୁରି କହିଛନ୍ତି, ରାଜ୍ୟପାଳ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଭାଷଣକୁ ସମ୍ପୂର୍ଣ୍ଣ ରୂପେ ନ ପଢ଼ି ସମ୍ବିଧାନର ଉଲ୍ଲଂଘନ କରିଛନ୍ତି। ସେ କେନ୍ଦ୍ର ସରକାରଙ୍କ ଇଙ୍ଗିତରେ କଣ୍ଢେଇ ଭଳି କାର୍ଯ୍ୟ କରିଛନ୍ତି। ପ୍ରତି ନୂଆବର୍ଷରେ ରାଜ୍ୟପାଳ କ୍ୟାବିନେଟ୍ ପ୍ରସ୍ତୁତ ଅଭିଭାଷଣ ପଢ଼ି ମିଳିତ ଅଧିବେଶନକୁ ସମ୍ବୋଧନ କରିବା ପରମ୍ପରା ରହିଛି। ଏହା ସାମ୍ବିଧାନିକ। କାରଣ, ସମ୍ବିଧାନର ଅନୁଚ୍ଛେଦ ୧୭୬ ଓ ୧୬୩ ଅନୁସାରେ ସରକାର କିମ୍ବା କ୍ୟାବିନେଟ ଅଭିଭାଷଣ ପ୍ରସ୍ତୁତ କରିଥାଏ ଏବଂ ରାଜ୍ୟପାଳ ତାକୁ ପଢ଼ିଥାନ୍ତି ବୋଲି ଏକ ଖବରଦାତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ କହିଛନ୍ତି। ଏପରି କି ରାଜ୍ୟପାଳଙ୍କ ଏଭଳି ଚିନ୍ତାଧାରା ବିରୋଧରେ ବିକ୍ଷୋଭ କରାଯିବ। ଏହାକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରାଯାଇପାରିବ କି ନାହିଁ ତାହା ଆମେ ଅନୁଧ୍ୟାନ କରୁଛୁ ବୋଲି ସିଦ୍ଧାରାମାୟା କହିଛନ୍ତି। ଉପା ଅମଳର ଏମ୍‌ଜିଏନ୍‌ଆର୍‌ଇଜିଏକୁ କେନ୍ଦ୍ର ସରକାର ହଟାଇ ବିଭି ଜି ରାମଜି ନାମରେ ନୂଆ ଯୋଜନା ଆଣିଥିବାବେଳେ କର୍ନାଟକର କଂଗ୍ରେସ ସରକାର ୧୧ ପାରା ବିଶିଷ୍ଟ ଉକ୍ତ ଆଲେଖ୍ୟରେ ଏହାକୁ ସମାଲୋଚନା କରିଥିଲେ। ଏହା ରାଜ୍ୟ ସରକାରଙ୍କ ପାଇଁ ଗ୍ରହଣୀୟ ନୁହେଁ ବୋଲି ସେଥିରେ ଉଲ୍ଲେଖ କରିଥିଲେ। ରାଜ୍ୟପାଳ କେନ୍ଦ୍ରକୁ ସମାଲୋଚନା କରିବାକୁ ନ ଚାହିଁ ଏପରି କରିଥିବା କୁହାଯାଉଛି। ଗେହଲଟ୍ ବିଧାନସଭା ଛାଡ଼ି ଚାଲିଯାଉଥିବାବେଳେ କେତେଜଣ ଏମ୍‌ଏଲ୍‌ସି ବି.କେ. ହରିପ୍ରସାଦଙ୍କ ସମେତ କଂଗ୍ରେସ ସଦସ୍ୟ ତାଙ୍କୁ ଘେରାଉ ଉଦ୍ୟମ କରିଥିଲେ। କିନ୍ତୁ ସୁରକ୍ଷା କର୍ମଚାରୀ ସେମାନଙ୍କୁ ହଟାଇଦେଇଥିଲେ।

## 'ଦଳୀୟ ଏଜେଣ୍ଟ ଭଳି କାର୍ଯ୍ୟ କରୁଛନ୍ତି ରାଜ୍ୟପାଳ'

**ସମଭାବାପନ୍ନ ଦଳଗୁଡ଼ିକ ସହ ଆଲୋଚନା କରିବେ ଷ୍ଟାଲିନ୍**

**ନୂଆଦିଲ୍ଲୀ,୨୨ା୧**

ବିଧାନସଭାର ପ୍ରଥମ ଅଧିବେଶନ ଆରମ୍ଭରେ ରାଜ୍ୟପାଳ ସମ୍ବୋଧନ କରିଥାନ୍ତି। ଏହି ପରମ୍ପରାକୁ ଉଚ୍ଛେଦ କରିବା ପାଇଁ ଏକ ସାମ୍ବିଧାନିକ ସଂଶୋଧନ ପ୍ରସ୍ତାବ ଆଣିବା ଲାଗି ତାମିଲନାଡୁର ଶାସକ ଡିଏମ୍‌କେ ସମଭାବାପନ୍ନ ଦଳଗୁଡ଼ିକ ସହ ଆଲୋଚନା କରିବ ବୋଲି ଗୁରୁବାର ମୁଖ୍ୟମନ୍ତ୍ରୀ ଏମ୍.କେ. ଷ୍ଟାଲିନ୍ ସୂଚନା ଦେଇଛନ୍ତି। ତାମିଲନାଡୁ ଓ କେରଳ ପରେ କର୍ନାଟକ ରାଜ୍ୟପାଳ ବିରୋଧୀ ଶାସିତ ସମ୍ପୃକ୍ତ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ଭାଷଣ ପଢ଼ିବାକୁ ମନା କରିବା ପରେ ଷ୍ଟାଲିନ୍ ଏପରି ମନ୍ତବ୍ୟ ଦେଇଛନ୍ତି। ଷ୍ଟାଲିନ୍ କହିଛନ୍ତି, ରାଜ୍ୟପାଳମାନେ ଦଳୀୟ ଏଜେଣ୍ଟ ଭଳି କାର୍ଯ୍ୟ କରିବା ସହ ନିର୍ବାଚିତ ସରକାରଙ୍କୁ ନ୍ୟୂନ ମନେକରୁଛନ୍ତି। ଏହା ଏକ ଉଦ୍ଦେଶ୍ୟମୂଳକ ପଦକ୍ଷେପ ବୋଲି ସ୍ପଷ୍ଟ ଜଣାପଡୁଛି। ତେଣୁ ରାଜ୍ୟପାଳମାନଙ୍କ ଅଭିଭାଷଣକୁ ବନ୍ଦ କରାଯିବା ବର୍ତ୍ତମାନ ଏକମାତ୍ର ସମାଧାନ ବୋଲି Xରେ ଷ୍ଟାଲିନ୍ ପୋଷ୍ଟ କରିଛନ୍ତି।

## କ୍ରୋଏସିଆ ଭାରତୀୟ ଦୂତାବାସରେ ଖଲିସ୍ତାନୀଙ୍କ ଭଙ୍ଗାରୁଜା

**ନୂଆଦିଲ୍ଲୀ,୨୨ା୧**

କ୍ରୋଏସିଆ ରାଜଧାନୀ ଜଗରେବ୍‌ସ୍ଥିତ ଭାରତୀୟ ଦୂତାବାସରେ ଗୁରୁବାର ଖଲିସ୍ତାନୀ ସମର୍ଥକମାନେ ଅନୁପ୍ରବେଶକରି ଭଙ୍ଗାରୁଜା କରିଛନ୍ତି। ଏପରି କି ସେମାନେ ସେଠାରେ ଲାଗିଥିବା ଭାରତର ଜାତୀୟ ପତାକାକୁ ହଟାଇ ଖଲିସ୍ତାନୀ ପତାକା ଲଗାଇଥିଲେ। ଦୂତାବାସ ଅଫିସ କାନ୍ଥରେ ଭାରତ ବିରୋଧୀ ସ୍ଲୋଗାନ ଲେଖିଥିଲେ। ଆଗକୁ ସାଧାରଣତନ୍ତ୍ର ଦିବସ ପାଳନ ହେବାକୁ ଥିବାବେଳେ ଏହାକୁ ଖଲିସ୍ତାନୀଙ୍କ ଏକ ରାଜନୈତିକ ସନ୍ଦେଶ ବୋଲି କୁହାଯାଉଛି। ଏଭଳି କାଣ୍ଡକୁ ନୂଆଦିଲ୍ଲୀ କଡ଼ା ନିନ୍ଦା କରିଛି। ବିରୋଧୀ ତତ୍ତ୍ୱଙ୍କ ଦ୍ୱାରା ଏପରି କରାଯିବା ସେମାନଙ୍କ ଉଦ୍ଦେଶ୍ୟକୁ ପଦାରେ ପକାଇଛି। ବିଶ୍ୱବ୍ୟାପୀ ଆଇନ ପ୍ରବର୍ତ୍ତନକାରୀ କର୍ତ୍ତୃପକ୍ଷମାନେ ଏହାକୁ ସଂଜ୍ଞାନକୁ ନେବା ଜରୁରୀ ବୋଲି ଭାରତର ବହିର୍ବ୍ୟାପାର ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୟସ୍ୱାଲ କହିଛନ୍ତି।


ଆମେରିକାର ମିନେସୋଟାରେ ଆପ୍ରବାସନ ବିରୋଧୀ ବିକ୍ଷୋଭ ବେଳେ ଜଣେ ବ୍ୟକ୍ତିଙ୍କୁ ଫେଡେରାଲ ଏଜେଣ୍ଟମାନେ ଉଠାଇ ନେଉଛନ୍ତି।

## 'ବିଜୟନ୍ ଏନ୍‌ଡିଏରେ ମିଶିଲେ କେରଳକୁ ବଡ଼ ପ୍ୟାକେଜ୍ ଦେବେ ମୋଦି'

**ନୂଆଦିଲ୍ଲୀ,୨୨ା୧**


ରାମଦାସ ଆଠୱଲେ

କେରଳ ମୁଖ୍ୟମନ୍ତ୍ରୀ ପି. ବିଜୟନ୍ ଭାଜପା ନେତୃତ୍ୱାଧୀନ ଜାତୀୟ ଗଣତାନ୍ତ୍ରିକ ମେଣ୍ଟ (ଏନ୍‌ଡିଏ)ରେ ସାମିଲ ହେବା ଉଚିତ। ସେ କେନ୍ଦ୍ରର ଶାସକ ମେଣ୍ଟରେ ମିଶିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି କେରଳକୁ ବଡ଼ ପ୍ୟାକେଜ୍ ଦେବେ ବୋଲି ବୁଧବାର କେନ୍ଦ୍ରମନ୍ତ୍ରୀ ରାମଦାସ ଆଠୱଲେ କହିଛନ୍ତି। ଆଠୱଲେଙ୍କ ଏଭଳି ମନ୍ତବ୍ୟକୁ କେରଳର ଶାସକ ସିପିଆଇଏମ୍ କଡ଼ା ସମାଲୋଚନା କରିଛି। କେନ୍ଦ୍ର ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ରାଷ୍ଟ୍ରମନ୍ତ୍ରୀ ଆଠୱଲେ କହିଛନ୍ତି, ବିଜୟନ୍ ଏନ୍‌ଡିଏରେ ସାମିଲ ହେଲେ ତାହା ଏକ ବୈପ୍ଳବିକ ପଦକ୍ଷେପ ହେବ ଏବଂ ନିଶ୍ଚିତ ଭାବେ କେରଳକୁ ଅଧିକ ଟଙ୍କା ଆସିବ। ସେହି ଟଙ୍କାକୁ ରାଜ୍ୟର ବିକାଶ ପାଇଁ ଖର୍ଚ୍ଚ କରାଯାଇପାରିବ। ମୋଦି ମଧ୍ୟ କେରଳକୁ ବଡ଼ ପ୍ୟାକେଜ୍ ପ୍ରଦାନ କରିବେ।




# ଧରିତ୍ରୀ DHARITRI

ଭୁବନେଶ୍ୱର, ଶୁକ୍ରବାର, ଜାନୁଆରୀ ୨୩/୨୦୨୬ | Bhubaneswar, Friday, January 23/2026 | ପୃଷ୍ଠା-୧







## ଆଜି ସରସ୍ୱତୀ ପୂଜା



ଯା କୁନ୍ଦେନ୍ଦୁ ତୁଷାରହାର ଧବଳା
ଯା ଶୁଭ୍ର ବସ୍ତ୍ରାବୃତା
ଯା ବୀଣାବରଦଣ୍ଡମଣ୍ଡିତକରା
ଯା ଶ୍ୱେତପଦ୍ମାସନା।
ଯା ବ୍ରହ୍ମାଚ୍ୟୁତ ଶଙ୍କରପ୍ରଭୃତିଭି
ର୍ଦେବୈଃସଦା ବନ୍ଦିତା
ସା ମାଂ ପାତୁ ସରସ୍ୱତୀ ଭଗବତୀ
ନିଃଶେଷଜାଡ୍ୟାପହା॥



ସ୍ୱାଧୀନତା ସଂଗ୍ରାମର ଦୁଇ ବିପ୍ଳବୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ଅବସରରେ ଧରିତ୍ରୀର ପ୍ରଣିପାତ।


ଆଜିର ସମ୍ପାଦକୀୟ
କ୍ଷୁଧା ଚିନ୍ତା

୩୧ରେ ରାଜ୍ୟ କ୍ୟାବିନେଟ୍
ପୃଷ୍ଠା-୩




ସାଧାରଣତନ୍ତ୍ର ଦିବସର ରାଜ୍ୟସ୍ତରୀୟ ସମାରୋହ ପାଇଁ ଭୁବନେଶ୍ୱର ଗାନ୍ଧୀମାର୍ଗରେ ଗୁରୁବାର ପିଲାମାନେ ସ୍କେଟିଂ ରିହର୍ସାଲ କରୁଛନ୍ତି।

# ଟ୍ରମ୍ପଙ୍କ ଶାନ୍ତି ବୋର୍ଡରେ ପାକିସ୍ତାନ, ଦ୍ୱନ୍ଦ୍ୱରେ ଭାରତ

ଇସ୍ରାଏଲ ସହ ଯୁଦ୍ଧରେ ଧ୍ୱସ୍ତବିଧ୍ୱସ୍ତ ହୋଇଥିବା ଗାଜାର ପୁନରୁଦ୍ଧାର ଓ ବିକାଶ ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଏକ ସଙ୍ଗଠନ 'ବୋର୍ଡ ଅଫ୍ ପିସ୍' ଗଠନ ହୋଇଛି। ଏହା ମିଳିତ ଜାତିସଂଘ (ୟୁଏନ୍) ବିକଳ୍ପ ଭାବେ ମୁଣ୍ଡ ଟେକିଛି, ଯାହା ଶୀଘ୍ର ନିଷ୍ପତ୍ତି ନେଇ କାର୍ଯ୍ୟ କରିପାରିବ। ଟ୍ରମ୍ପ୍ ଏହି ଶାନ୍ତି ବୋର୍ଡର ଆଜୀବନ ଅଧକ୍ଷ ଥିବାବେଳେ ଏଥିରେ କେତେଜଣ ପ୍ରଭାବଶାଳୀ ନେତା ଓ ବ୍ୟବସାୟୀ ସାମିଲ ଅଛନ୍ତି। କର୍ପୋରେଟ ଷ୍ଟାଇଲ୍‌ରେ ଗଠିତ ଏହି ବୋର୍ଡରେ ସ୍ଥାୟୀ ସଦସ୍ୟ ହେବା ପାଇଁ ୧ ବିଲିୟନ ଡଲାର ଦେବାକୁ ସର୍ତ୍ତ ରହିଛି, ଯାହାଫଳରେ ସେହି ସଦସ୍ୟଙ୍କ ଭିଟୋ ପାୱାର ରହିପାରିବ। ସେହିପରି ୩ ବର୍ଷ ପାଇଁ ଅସ୍ଥାୟୀ ସଦସ୍ୟ ରହିବା ବ୍ୟବସ୍ଥା ରହିଛି। ବୋର୍ଡରେ ସାମିଲ ହେବାକୁ ଟ୍ରମ୍ପଙ୍କ ପକ୍ଷରୁ ଭାରତ ଓ ପାକିସ୍ତାନକୁ ନିମନ୍ତ୍ରଣ ମିଳିଥିଲା।

ଇସ୍ରାଏଲର ପ୍ରବଳ ବିରୋଧ ସତ୍ତ୍ୱେ ପାକିସ୍ତାନ ଏଥିରେ ଅନ୍ତର୍ଭୁକ୍ତ ହୋଇଥିବାବେଳେ ଭାରତ ନୀରବ ରହିଛି, ଯାହାକି ଅନ୍ତର୍ଜାତୀୟ ରାଜନୀତିରେ ଗୁରୁତ୍ୱପୂର୍ଣ୍ଣ ମୋଡ଼ ନେଇଛି। ଭାରତ ପାଇଁ ଦ୍ୱନ୍ଦ୍ୱାତ୍ମକ ସ୍ଥିତି ଉପୁଜିଛି। ଗୋଟିଏ ପଟେ ଭାରତ କେବେ ଚାହିଁବ ନାହିଁ ଯେ ୟୁଏନ୍ ବାହାରେ ଏପରି କୌଣସି ଶକ୍ତିଶାଳୀ ଗୋଷ୍ଠୀରେ ସାମିଲ ହେବାକୁ, ଯାହା ଭବିଷ୍ୟତରେ କଶ୍ମୀର ପରି ଆଭ୍ୟନ୍ତରୀଣ ପ୍ରସଙ୍ଗରେ ବାହ୍ୟ ହସ୍ତକ୍ଷେପର ବାଟ ଫିଟାଇବ। ଅନ୍ୟପଟେ ପାକିସ୍ତାନ ଏଥିରେ ସାମିଲହେବା ପରେ ଭାରତ ଉପରେ ଏକ ପ୍ରକାର କୂଟନୈତିକ ଚାପ ସୃଷ୍ଟି ହୋଇଛି। ପାକିସ୍ତାନ ଏହା ମାଧମରେ ଅନ୍ତର୍ଜାତୀୟ ସ୍ଥିତି ସୁଧାରିବାକୁ ଚେଷ୍ଟା କରୁଥିବାବେଳେ ଭାରତର କୂଟନୈତିକ ବୁଦ୍ଧି ଚାଲୁ ନ ଥିବା ଭଳି ମନେହେଉଛି।



**ଡାଭୋସ୍/ନୂଆଦିଲ୍ଲୀ,୨୨।୧(ଏଜେନ୍ସି)**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ 'ବୋର୍ଡ ଅଫ୍ ପିସ୍'ର ପ୍ରଥମ ଚାର୍ଟର ସମ୍ପର୍କରେ ଗୁରୁବାର ଆନୁଷ୍ଠାନିକ ଭାବେ ଘୋଷଣା କରିଛନ୍ତି। ଅନ୍ତର୍ଜାତୀୟ ସଂଘର୍ଷର ସମାଧାନ ପାଇଁ କାର୍ଯ୍ୟ କରିବାକୁ ଥିବା ଏହି ସଂସ୍ଥାର ସ୍ଥାୟୀ ସଦସ୍ୟ ହେବା ସକାଶେ ଦେଶ ପିଛା ୧ ବିଲିୟନ ଆମେରିକୀୟ ଡଲାର ଚାନ୍ଦା ରଖାଯାଇଛି। ଗାଜାରେ ଇସ୍ରାଏଲ-ପାଲେଷ୍ଟାଇନ୍ ଯୁଦ୍ଧ ପରବର୍ତ୍ତୀ ସମୟରେ ପୁନଃ ନିର୍ମାଣ ଓ ଶାସନର ଦେଖାଶୁଣା ଲାଗି ପ୍ରଥମେ ଏହି ବୋର୍ଡର ପରିକଳ୍ପନା କରାଯାଇଥିଲା। ତେବେ ବିଶ୍ୱରେ ଯୁଦ୍ଧର ପରିସର ବୃଦ୍ଧିକୁ ଦେଖି ଟ୍ରମ୍ପ୍ ଉକ୍ତ ବୋର୍ଡକୁ ଆଉ ଗାଜାରେ ସୀମିତ ନ ରଖି ବ୍ୟାପକ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏଥିରେ ୧ ଡଜନାଧିକ ଦେଶର ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ଶୀର୍ଷ କୂଟନୀତିଜ୍ଞଙ୍କୁ ସାମିଲ କରାଯାଇଥିବା ନେଇ ସୁଇଜରଲାଣ୍ଡର ଡାଭୋସ୍‌ରେ ଚାଲିଥିବା ବିଶ୍ୱ ଅର୍ଥନୈତିକ ମଞ୍ଚ (ଡବ୍ଲୁଇଏଫ୍) ବାର୍ଷିକ ସମ୍ମିଳନୀରେ ଟ୍ରମ୍ପ୍ ସୂଚନା ଦେଇଛନ୍ତି।

ସୂଚନା ମୁତାବକ ଟ୍ରମ୍ପଙ୍କ ଶାନ୍ତି ବୋର୍ଡରେ ଆର୍ଜେଣ୍ଟିନା ରାଷ୍ଟ୍ରପତି ଜାଭିଅର୍ ମିଲେଇ, ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରବୋୱୋ ସୁବିଆଣ୍ଟୋ, ପାରାଗୁଏର କଞ୍ଜରଭେଟିଭ୍ ପ୍ରେସିଡେଣ୍ଟ ସାଣ୍ଟିଆଗୋ ପେନା, ଉଜ୍‌ବେକିସ୍ତାନ ରାଷ୍ଟ୍ରପତି ଶାଭ୍‌କଟ ମିର୍ଜିଅୟୋୟେଭ୍, ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ ଶରିଫ୍, ଆର୍ମେନିଆ ପ୍ରଧାନମନ୍ତ୍ରୀ ନିକୋଲ୍ ପାଶିୟାନ୍ ଓ ଆଜରବୈଜାନ ରାଷ୍ଟ୍ରପତି ଇଲ୍‌ହାମ୍ ଆଲିୟେଭ୍ ରହିଛନ୍ତି।

ଟ୍ରମ୍ପ୍ ନିଜ ଭାଷଣ ଆରମ୍ଭ କରି କହିଛନ୍ତି, ଶାନ୍ତି ବୋର୍ଡର ଅଂଶବିଶେଷ ହେବାକୁ ସମସ୍ତେ ଚାହାନ୍ତି। ତେବେ ସେ ଜାତିସଂଘ ସମେତ ଅନ୍ୟମାନଙ୍କ ☞ପୃଷ୍ଠା-୨

## ମା'ବାପା ହେଲେ ସବ୍ୟର୍ଚ୍ଚିତା



ଅର୍ଚ୍ଚିତା ଓ ସବ୍ୟସାଚୀ

**ଭୁବନେଶ୍ୱର,୨୨।୧(ବନ୍ଦନା ସେଠୀ)**

ମା'ବାପା ହେଲେ ଓଡ଼ିଆ ଚଳଚ୍ଚିତ୍ରର ସୁପରହିଟ୍ ଯୋଡ଼ି ସବ୍ୟର୍ଚ୍ଚିତା। ଅଭିନେତ୍ରୀ ଅର୍ଚ୍ଚିତା ସାହୁ ବୁଧବାର ସକାଳେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଶିଶୁପୁତ୍ରକୁ ଜନ୍ମ ଦେଇଛନ୍ତି। ଉଭୟ ମା' ଏବଂ ଶିଶୁ ସୁସ୍ଥ ଥିବା ଅଭିନେତା ସବ୍ୟସାଚୀ ମିଶ୍ର ସୂଚନା ଦେଇଛନ୍ତି। ଶିଶୁପୁତ୍ର ବୁଧବାର ଜନ୍ମ ହୋଇଥିବାବେଳେ ଗୁରୁବାର ଏନେଇ ସବ୍ୟସାଚୀ ସୂଚନା ଦେବା ସହ ତାଙ୍କ ଫ୍ୟାନ୍‌ସଙ୍କୁ ସରପ୍ରାଇଜ୍ ଦେଇଛନ୍ତି। ଖବର ଜଣାପଡ଼ିବା ପରେ ବିଭିନ୍ନ ମହଲରୁ ଉଭୟଙ୍କୁ ଶୁଭେଚ୍ଛାର ସୁଅ ଛୁଟିଛି।

## ୧୮୦୦ ବଦଳରେ ୨୫୦୦ ଟଙ୍କା ଭତ୍ତା ପାଇବେ ଗ୍ରାମରକ୍ଷୀ

**ଭୁବନେଶ୍ୱର,୨୨।୧(ସୁନିତ୍ ମିଶ୍ର)**

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ଗ୍ରାମାଞ୍ଚଳରେ କାର୍ଯ୍ୟରତ ଗ୍ରାମରକ୍ଷୀମାନଙ୍କ ପାଇଁ ପୂର୍ବରୁ ପ୍ରଚଳିତ ଥିବା ମାସିକ ଭତ୍ତାକୁ ବୃଦ୍ଧି କରିଛନ୍ତି। ଆଗରୁ ଗ୍ରାମରକ୍ଷୀମାନଙ୍କୁ ୧୮୦୦ ଟଙ୍କା ଲେଖା ମିଳୁଥିଲା। ଏବେ ସେହି ଟଙ୍କାକୁ ବଢାଇ ୨୫୦୦ ଟଙ୍କା କରିଦିଆଯାଇଛି। ଏହାଛଡା ସେମାନେ ସପ୍ତାହକୁ ଥରେ ଯେଉଁ ଥାନା ଅଧୀନରେ କାମ କରୁଥିବେ ସେଠାକୁ ଯାଇ ନିଜର ଉପସ୍ଥାନ ଦେବାର ବ୍ୟବସ୍ଥା କରାଯାଇଛି। ସୂଚନାଯୋଗ୍ୟ, ଗ୍ରାମାଞ୍ଚଳରେ ଶାନ୍ତି ଶୃଙ୍ଖଳା ରକ୍ଷା ଓ ଅପରାଧୀ ଚିହ୍ନଟ ପ୍ରକ୍ରିୟାରେ ଗ୍ରାମରକ୍ଷୀମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଦୀର୍ଘଦିନ ହେବ ଗ୍ରାମରକ୍ଷୀମାନେ ବିଭିନ୍ନ ଦାବି ନେଇ ଅନେକ ସମୟରେ ଆନ୍ଦୋଳନ କରୁଛନ୍ତି।

## ଏଥର ବଜେଟ ୩ ଲକ୍ଷ କୋଟି ଟପିବ

### ଫେବୃଆରୀ ୧୭ରୁ ରାଜ୍ୟ ବଜେଟ ଅଧିବେଶନ

**ଭୁବନେଶ୍ୱର,୨୨।୧(ରବିନାରାୟଣ ଜେନା)**

ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୬-୨୭ ଆର୍ଥିକବର୍ଷ ଲାଗି ଆସନ୍ତା ଫେବୃଆରୀ ୧୭ରୁ ବିଧାନସଭାରେ ରାଜ୍ୟ ବଜେଟ ଅଧିବେଶନ ଆରମ୍ଭ ହେବାକୁ ରହିଛି। ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ପକ୍ଷରୁ ରାଜ୍ୟପାଳଙ୍କ ଅନୁମୋଦନ ଲାଗି ଏକପ୍ରସ୍ତାବ ପ୍ରସ୍ତୁତ ହୋଇଛି। ଏହାକୁ ରାଜ୍ୟପାଳଙ୍କ ସ୍ୱୀକୃତି ମିଳିବା ପରେ ବିଧାନସଭା ପକ୍ଷରୁ ବିଧିବଦ୍ଧ ଭାବେ ତାରିଖ ଘୋଷଣା ହେବ ବୋଲି ସଂସଦୀୟ ବ୍ୟାପାର ପକ୍ଷରୁ ଜଣାଯାଇଛି।

ସୂଚନା ଅନୁଯାୟୀ, ରାଜ୍ୟ ସରକାରଙ୍କ ପକ୍ଷରୁ ଏଥର ବଜେଟର ବ୍ୟୟ ଅଟକଳ ପ୍ରାୟ ୩ଲକ୍ଷ କୋଟି ଟପିବ ବୋଲି ଆକଳନ କରାଯାଉଛି। ଏହାକୁ ନେଇ ଆସନ୍ତା ଫେବୃଆରୀରୁ ହେବାକୁ ଥିବା ବଜେଟ ଅଧିବେଶନ ୨ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ପ୍ରଥମ ପର୍ଯ୍ୟାୟ ବଜେଟ ଅଧିବେଶନ ୧୭ରୁ ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀ ତଥା ଅର୍ଥମନ୍ତ୍ରୀ ମୋହନ ଚରଣ ମାଝୀ ରାଜ୍ୟର ବିକାଶକୁ ଦୃଷ୍ଟିରେ ରଖି ଆସନ୍ତା ଆର୍ଥିକବର୍ଷ ଲାଗି ସାଧାରଣ ବଜେଟ ଉପସ୍ଥାପନ କରିବେ। ଦ୍ୱିତୀୟ ପର୍ଯ୍ୟାୟ ବଜେଟ ଅଧିବେଶନ ମାର୍ଚ୍ଚରେ ହେବ। ଉଭୟ ପର୍ଯ୍ୟାୟରେ ପ୍ରାୟ ୩୦ଦିନ କାର୍ଯ୍ୟ ଦିବସ ଚାଲିବା ପାଇଁ ସରକାରଙ୍କ ପକ୍ଷରୁ ପ୍ରସ୍ତୁତି କରାଯାଇଛି।

ରାଜ୍ୟ ସରକାରଙ୍କ ପକ୍ଷରୁ ଉନ୍ନୟନ କମିଶନର ଦେଓ ରଞ୍ଜନ କୁମାର ସିଂହଙ୍କ ଅଧକ୍ଷତାରେ ଜାନୁଆରୀ ୧୭ ଏବଂ ୧୯ରେ ଦୁଇଟି ପର୍ଯ୍ୟାୟରେ ବିଭାଗସ୍ତରୀୟ ପ୍ରାକ୍ ବଜେଟ ଆଲୋଚନା ହୋଇସାରିଛି। ୨୦୨୪-୨୫ ଆର୍ଥିକ ☞ପୃଷ୍ଠା-୨

## ୨୦୦ ଫୁଟ୍ ଖସିଲା ସେନା ଗାଡ଼ି
# ୧୦ ଯବାନ ମୃତ, ୧୧ ଆହତ

**ଜମ୍ମୁ,୨୨।୧(ପି.ଟି.)**

ଜମ୍ମୁ-କଶ୍ମୀର ଡୋଡା ଜିଲାରେ ଭାରତୀୟ ସେନାର ଏକ ଗାଡ଼ି ଗୁରୁବାର ମଧ୍ୟାହ୍ନରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ଯବାନମାନଙ୍କୁ ନେଇ ଯାଉଥିବା ଟ୍ରକ୍‌ଟି ରାସ୍ତାରୁ ୨୦୦ ଫୁଟ୍ ତଳେ ଥିବା ଏକ ଖାତକୁ ଖସିପଡ଼ିଛି। ଏଥିରେ ୧୦ ଯବାନଙ୍କ ମୃତ୍ୟୁ ଘଟିଥିବାବେଳେ ୧୧ ଆହତ ହୋଇଛନ୍ତି। ୯,୦୦୦ ଫୁଟ୍ ଉଚ୍ଚତାରେ ଥିବା ଭଦେରୱାହ-ଚାମ୍ବା ଆନ୍ତଃ ରାଜ୍ୟ ସଡ଼କ ସଂଲଗ୍ନ ଖନ୍ନିରେ ସେନାର ବୁଲେଟପ୍ରୁଫ୍ ଗାଡ଼ି ଡ୍ରାଇଭର ଏକ ଅତ୍ୟୁଚ୍ଚ ଶିବିରକୁ ଯାଉଥିବାବେଳେ ଭାରସାମ୍ୟ ହରାଇଦେଇଥିଲେ। ଫଳରେ ଗାଡ଼ି ୨୦୦ ଫୁଟ୍ ଗଭୀର ଖାତକୁ ଖସିପଡ଼ିଥିଲା। ଯବାନମାନଙ୍କୁ ଉଦ୍ଧାର କରିବା ପାଇଁ ସେନା ଓ ପୋଲିସର ମିଳିତ ରେସ୍କ୍ୟୁ ଅପରେଶନ୍ କରାଯାଇଥିବାବେଳେ ଘଟଣାସ୍ଥଳରେ ୪ ଯବାନଙ୍କ ମୃତଦେହ ଠାବ ହୋଇଥିଲା। ଅନ୍ୟ ୧୧ ଆହତ ଯବାନଙ୍କୁ ଉଦ୍ଧାରକରି ହସ୍ପିଟାଲକୁ ନିଆଯାଇଥିଲା। ପରେ ଆଉ ୪ ଯବାନଙ୍କ ମୃତଦେହ ଠାବ ହୋଇଛି। ଜଣେ ଆହତଙ୍କୁ ଭଦେରୱାହ ସବ୍‌ଡିଭିଜନାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିବାବେଳେ ୧୦ ଜଣଙ୍କୁ ଏୟାରଲିଫ୍ଟ କରି ସ୍ୱତନ୍ତ୍ର ଚିକିତ୍ସା ନିମନ୍ତେ ଉଧମପୁର କମାଣ୍ଡ ହସ୍ପିଟାଲକୁ ନିଆଯାଇଛି। ଏହି ଦୁର୍ଭାଗ୍ୟଜନକ ଦୁର୍ଘଟଣାରେ ଆମେ ୧୦ ଯବାନଙ୍କୁ ହରାଇଛୁ ବୋଲି ଭଦେରୱାହ ଅତିରିକ୍ତ ଡେପୁଟି କମିଶନର ସୁମିତ୍ କୁମାର ଭୁତ୍ୟାଲ କହିଛନ୍ତି। ଜମ୍ମୁ-କଶ୍ମୀର ଉପରାଜ୍ୟପାଳ ମନୋଜ ସିହ୍ନା ଏହି ଦୁର୍ଘଟଣାକୁ ନେଇ ଦୁଃଖ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲା ମୃତ ଯବାନଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଏଥିସହ ସେ ଦ୍ରୁତ ଉଦ୍ଧାର କାର୍ଯ୍ୟକୁ ପ୍ରଶଂସା କରିଛନ୍ତି।

# ଆଉ ସାଢ଼େ ୪ଲକ୍ଷ ହିତାଧିକାରୀ ପାଇଲେ ସୁଭଦ୍ରା ଟଙ୍କା

### କୋଟିଏରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ମିଳିଲାଣି ୧୫ହଜାର କୋଟିରୁ ଅଧିକ ଟଙ୍କା

**ଭୁବନେଶ୍ୱର,୨୨।୧(ସୁଚିସ୍ମିତା ସାହୁ)**

'ସୁଭଦ୍ରା' ଯୋଜନାରେ ଆଉ ୪ ଲକ୍ଷ ୫୭ ହଜାରରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ୩୧୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ମିଳିଛି। ଏମାନଙ୍କ ମଧ୍ୟରେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ କିସ୍ତିରୁ ବାଦ୍ ପଡ଼ିଥିବା ୨ ଲକ୍ଷ ୫୫ ହଜାର ୨୬୫ ଜଣ, ଅଭିଯୋଗ ଶୁଣାଣି ମାଧ୍ୟମରେ ଯୋଡ଼ି ହୋଇଥିବା ୨୪ ହଜାର ୧୮ଜଣ ଓ ନୂଆ ହିତାଧିକାରୀ ୧ ଲକ୍ଷ ୭୮ ହଜାର ୩୧୮ଜଣ ରହିଛନ୍ତି। ଗୁରୁବାର ଓୟୁଏଟିସ୍ଥିତ କୃଷି ଶିକ୍ଷା ସଦନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ଶୁଭାରମ୍ଭ କରିବା ପରେ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ସହାୟତା ରାଶି ପଠାଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆମ ସରକାର ଆସିବାର ପ୍ରଥମ ଦିନରେ ହିଁ ସୁଭଦ୍ରା ଯୋଜନାକୁ କ୍ୟାବିନେଟ୍ ମଞ୍ଜୁରୀ ଦେଇଥିଲେ। ୧୭ ସେପ୍ଟେମ୍ବର ୨୦୨୪ରେ ପ୍ରଥମ କିସ୍ତି ହିତାଧିକାରୀଙ୍କ ଖାତାକୁ ଯାଇଥିଲା। ଏଯାବତ୍ ୧ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ୩ଟି କିସ୍ତିରେ ମୋଟ ୧୫ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ଏହି ଯୋଜନାରେ ପ୍ରତିବର୍ଷ ଦୁଇଟି କିସ୍ତି ରାଖୀପୂର୍ଣ୍ଣିମା ଏବଂ ଅନ୍ତର୍ଜାତୀୟ ମହିଳା ଦିବସରେ ୫ ହଜାର ଲେଖାଏ ଏପରି ମୋଟ ୫ ବର୍ଷରେ ୫୦ହଜାର ଟଙ୍କା ପ୍ରଦାନ କରାଯିବାର ବ୍ୟବସ୍ଥା କରାଯାଇଛି। ☞ପୃଷ୍ଠା-୨




ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଜଣେ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନା ଅର୍ଥ ପ୍ରଦାନ କରୁଛନ୍ତି। (ଫଟୋ: ବିକାଶ ନାୟକ)

## ସରଣ୍ଡା ଜଙ୍ଗଲରେ ଗୁଳି ବିନିମୟ
# ୧୬ ମାଓବାଦୀ ନିହତ

**ରାଉରକେଲା,୨୨।୧(ସଙ୍ଗୀତା ଜେନା)**

ଓଡ଼ିଶା-ଝାଡଖଣ୍ଡ ସୀମାନ୍ତ ସରଣ୍ଡା ଜଙ୍ଗଲରେ ଗୁରୁବାର ସକାଳୁ ସୁରକ୍ଷାବାହିନୀ ଓ ମାଓବାଦୀଙ୍କ ମଧ୍ୟରେ ଦୀର୍ଘ ସମୟ ଗୁଳି ବିନିମୟ ହୋଇଛି। ଏହି ଘଟଣାରେ ଟପ୍ ମାଓବାଦୀ ନେତା ଅନଳ ତୁଫାନଙ୍କ ସମେତ ୧୬ ଜଣଙ୍କ ମୃତ୍ୟୁ ହୋଇଛି। ମୃତକଙ୍କ ମଧ୍ୟରୁ ୧୧ଜଣଙ୍କୁ ଚିହ୍ନଟ କରାଯାଇଛି। ସେମାନେ ହେଲେ ଅନଳ ତୁଫାନ, ଅନ୍‌ମୋଲ, ଅମିତ ମୁଣ୍ଡା, ପିଣ୍ଟୁ ଲୋହରା, ଲଲଜିତ, ରାଜେଶ ମୁଣ୍ଡା, ବୁଲବୁଲ ଅଲଦା, ବବିତା, ପୂର୍ଣ୍ଣିମା, ସୁରଜମୁନି ଏବଂ ଯୋଙ୍ଗା ପ୍ରମୁଖ। ଅନ୍ୟ ୫ ମାଓବାଦୀଙ୍କ ପରିଚୟ ମିଳିପାରିନାହିଁ। ଏହି ଘଟଣା ପରେ ସମଗ୍ର ଅଞ୍ଚଳରେ ହାଇଆଲର୍ଟ ଜାରି ହୋଇଛି। ଘଟଣାସ୍ଥଳରେ ଅତିରିକ୍ତ ଫୋର୍ସ ମୁତୟନ କରାଯାଇଛି। ସେହିପରି ସୀମାନ୍ତରେ ରାଉରକେଲା ପୋଲିସ ପକ୍ଷରୁ କଡ଼ା ପଦକ୍ଷେପ ଗ୍ରହଣ କରାଯାଇଛି। ବିସ୍ରା ଜରେଇକେଲା ଅଞ୍ଚଳରେ ସୀମା ସିଲ୍ କରାଯାଇଛି। ଝାଡ଼ଖଣ୍ଡରେ ଏତେ ସଂଖ୍ୟାରେ ମାଓବାଦୀ କେବେ ମଧ୍ୟ ଏକକାଳୀନ ନିହତ ହୋଇନାହାନ୍ତି। ଏହା ସୁରକ୍ଷାବାହିନୀ ପାଇଁ ଏକ ବଡ଼ ସଫଳତା ବୋଲି ସିଆର୍‌ପିଏଫ୍ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

ସୂଚନା ଅନୁସାରେ, ମାଓବାଦୀ ନେତା ଅନଳ ଗିରିଡିହ ଜିଲା ପିରତାଣ୍ଡବ ଥାନା ଝରାବାଲୋ ଗ୍ରାମର ବାସିନ୍ଦା ତରୁ ମାରାଣ୍ଡିଙ୍କ ପୁଅ। ସେ ସିପିଆଇ (ମାଓବାଦୀ)ର କେନ୍ଦ୍ରୀୟ କମିଟି ସଦସ୍ୟ ଥିବାବେଳେ ସୁରକ୍ଷାବାହିନୀର ମୋଷ୍ଟ ୱାଣ୍ଟେଡ୍ ତାଲିକାରେ ରହିଥିଲେ। ଅନଳ ନିଜେ ☞ପୃଷ୍ଠା-୨

## ଗରଦପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଜେଡିରୁ ନିଲମ୍ବିତ

ପାଟକୁରା,(ରବୀନ୍ଦ୍ର ନାଥ ବାରିକ): କେନ୍ଦ୍ରାପଡ଼ା ଜିଲା ଗରଦପୁର ପଞ୍ଚାୟତ ସମିତି ଅଧ୍ୟକ୍ଷ ଅଭୟ କୁମାର ମହାରାଜ ବିଜେଡିରୁ ଗୁରୁବାର ନିଲମ୍ବନ ହୋଇଛନ୍ତି। ଦଳ ବିରୋଧୀ କାର୍ଯ୍ୟ ପାଇଁ ତାଙ୍କୁ ନିଲମ୍ବନ କରାଯାଇଛି। ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଉପସଭାପତି ପ୍ରତାପ ଜେନାଙ୍କ ଦସ୍ତଖତରେ ଚିଠି ନଂ. ୩୧/୧/ଏସ୍‌ବି/ବିଜେଡି/୨୦୨୬ରେ ଅଭୟଙ୍କ ନିଲମ୍ବନ ବିଷୟ ଉଲ୍ଲେଖ କରାଯାଇଛି।

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ସରସ୍ୱତୀ ପୂଜା ଉପଲକ୍ଷେ 'ଅର୍ଚ୍ଚନା' କାର୍ଯ୍ୟକ୍ରମ, ସ୍ଥାନ: ସ୍କୁଲ ପରିସର, ୟୁନିଟ୍ ୮, ସମୟ: ସକାଳ ୬ଟା ୩୦।
- ବିଜୁ ଜନତା ଦଳ ପକ୍ଷରୁ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ ଉପଲକ୍ଷେ ପୁଷ୍ପମାଲ୍ୟାର୍ପଣ, ସ୍ଥାନ: ରସୁଲଗଡ଼ ଛକ/ଭିଏସ୍‌ଏସ୍ ନଗର, ସମୟ: ସକାଳ ୮ଟା।
- ଡଗ୍ ଶୋ କାର୍ଯ୍ୟକ୍ରମ, ସ୍ଥାନ: ଜନତା ମୈଦାନ, ସମୟ: ସକାଳ ୮ଟା ୩୦।
- ଉତ୍କଳ ସମ୍ମିଳନୀ ଓ ବୀର ସୁରେନ୍ଦ୍ର ସାଏ ନଗର ଉନ୍ନୟନ ପରିଷଦ ପକ୍ଷରୁ ନେତାଜୀ ସୁବାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ ଉପଲକ୍ଷେ ପୁଷ୍ପମାଲ୍ୟାର୍ପଣ, ସ୍ଥାନ: ରସୁଲଗଡ଼ ଛକ/ଭିଏସ୍‌ଏସ୍ ନଗର, ସମୟ: ସକାଳ ୮ଟା ୩୦/୯ଟା।
- ଓଡ଼ିଶା ବିକାଶ ମହାମଞ୍ଚ ପକ୍ଷରୁ ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ଶୋଭାଯାତ୍ରା/ରାଜ୍ୟସ୍ତରୀୟ ସମ୍ମିଳନୀ ଓ ସମ୍ବର୍ଦ୍ଧନା ଉତ୍ସବ, ସ୍ଥାନ: ରାମ ମନ୍ଦିର ଛକ/ବୁଦ୍ଧମନ୍ଦିର, ସମୟ: ସକାଳ ୯ଟା/ପୂର୍ବାହ୍ନ ୧୦ଟା।
- ୧୬ତମ ଜାତୀୟ ମତଦାତା ଦିବସ ପାଳନ ଉପଲକ୍ଷେ ସଚେତନତା ରାଲି/ରାଜ୍ୟସ୍ତରୀୟ ସମାରୋହ, ସ୍ଥାନ: ରାମ ମନ୍ଦିର ଛକ/ଲୋକସେବା ଭବନ, ସମୟ: ସକାଳ ୭ଟା/ପୂର୍ବାହ୍ନ ୧୦ଟା।
- ଶ୍ରୀ ସତ୍ୟସାଇ ବିଦ୍ୟା ପାଦପଦ୍ମ ସ୍ଥିର ପ୍ରତିଷ୍ଠା କାରିକା, ସ୍ଥାନ: ସାଇ ଜନନୀ, ସମୟ: ପୂର୍ବାହ୍ନ ୧୧ଟା।
- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ସରସ୍ୱତୀ ପୂଜା, ସ୍ଥାନ: ଜୟଦେବ ବିହାର, ସମୟ: ସକାଳ ୮ଟା।
- ଆଇସିଏଆର୍- ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ୱାଟର ମ୍ୟାନେଜମେଣ୍ଟ ପକ୍ଷରୁ ଜାତୀୟ ଆଲୋଚନାଚକ୍ର, ସ୍ଥାନ: ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ୍ ସାଇନ୍ସ ଅଡିଟୋରିୟମ, ଚନ୍ଦ୍ରଶେଖରପୁର, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଉତ୍ସବ, ସ୍ଥାନ: କୃଷି ଭବନ ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୦ଟା।
- ମହାନଦୀ ଜଳ ବିବାଦକୁ ନେଇ ଖବରଦାତା ସମ୍ମିଳନୀ, ସ୍ଥାନ: ସୂଚନାଭବନ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନେତାଜୀ ସୁବାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ, ସ୍ଥାନ: ଓଏଲ୍‌ଏ ପରିସର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ଶ୍ରୀ ସାଇବାବାଙ୍କ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ସାଇ ହନୁମାନ ମନ୍ଦିର, ୟୁନିଟ୍ ୮, ସମୟ: ସନ୍ଧ୍ୟା ୫ଟା।
- ମନନ ନାଟ୍ୟସଂସ୍ଥା ପକ୍ଷରୁ ଫାଉଣ୍ଡେଶନ୍ ଡେ ପାଳନ ଅବସରରେ ଡ୍ରାମା ଫେଷ୍ଟିଭାଲ୍, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ମୁକ୍ତେଶ୍ୱର ନୃତ୍ୟ ଉତ୍ସବ, ସ୍ଥାନ: ମୁକ୍ତେଶ୍ୱର ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ଅଜୟ ଉତ୍ସବ କମିଟି ପକ୍ଷରୁ ୭ମ ଅଜୟ ଉତ୍ସବ ୨୦୨୬, ସ୍ଥାନ: ଭାରତୀୟ ବିଦ୍ୟାଭବନ, ସମୟ: ସନ୍ଧ୍ୟା ୬ଟା।
- ଭଜନ ସମାରୋହ, ସ୍ଥାନ: ବନଦୁର୍ଗା ମନ୍ଦିର, ୟୁନିଟ୍ ୬, ସମୟ: ସନ୍ଧ୍ୟା ୭ଟା।

**କଟକ**

- ସୁଭାଷ ସଙ୍ଗଠନ ପକ୍ଷରୁ ୧୨୯ ଫୁଟ ତ୍ରିରଙ୍ଗା ଯାତ୍ରା, ସ୍ଥାନ: ଶହୀଦ ପାର୍କ, ସମୟ: ସକାଳ ୮ଟା।
- ନେତାଜୀ ଜୟନ୍ତୀରେ ଯୋଗଦେବେ ଉପରାଷ୍ଟ୍ରପତି, ସ୍ଥାନ: ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ, ସମୟ: ସକାଳ ୯ଟା।
- ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଇଂଲିଶ ବିଭାଗ ପକ୍ଷରୁ ଆନ୍ତର୍ଜାତିକ ସମ୍ମିଳନୀର ଦ୍ୱିତୀୟ ଦିବସ, ସ୍ଥାନ: ସେଭେନ୍ ପିଲାର୍ସ ଅଫ୍ ୱିଜ୍‌ଡମ୍ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ହରିବୋଲ ସଂକୀର୍ତ୍ତନ ସମିତିର ବାର୍ଷିକ ଉତ୍ସବ, ସ୍ଥାନ: ପତିତପାବନଜୀଉ ମନ୍ଦିର, ଦୋଳମୁଣ୍ଡାଇ, ସମୟ: ପୂର୍ବାହ୍ନ ୧୦ଟା।
- ତୁଳସୀପୁରସ୍ଥିତ ସରସ୍ୱତୀ ଶିଶୁବିଦ୍ୟାମନ୍ଦିର ପକ୍ଷରୁ ସରସ୍ୱତୀ ପୂଜା, ସ୍ଥାନ: ବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ରେଭେନ୍‌ଶା କଲେଜିଏଟ ସ୍କୁଲର ୧୭୫ତମ ପ୍ରତିଷ୍ଠା ଉତ୍ସବ ଓ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୯ତମ ଜୟନ୍ତୀ, ସ୍ଥାନ: ନେତାଜୀ ଅଡିଟୋରିୟମ୍, ସମୟ: ସନ୍ଧ୍ୟା ୫ଟା ୩୦।
- ଥିଏଟର ମୁଭମେଣ୍ଟ ପକ୍ଷରୁ ଗ୍ଲୋବାଲ ଥିଏଟର ଫେଷ୍ଟିଭାଲ୍‌ର ତୃତୀୟ ଦିବସ, ସ୍ଥାନ: କଳାବିକାଶ କେନ୍ଦ୍ର, ସମୟ: ସନ୍ଧ୍ୟା ୬ଟା।

**ପୁରୀ**

- ସରସ୍ୱତୀ ପୂଜା, ସ୍ଥାନ: ଘୋଡ଼ାବଜାର ସରସ୍ୱତୀ ଶିଶୁ ମନ୍ଦିର, ସମୟ: ସକାଳ ୭ଟା।
- ସରସ୍ୱତୀ ପୂଜା, ସ୍ଥାନ: ମାରୁତି ନଗର ସରସ୍ୱତୀ ଶିଶୁ ମନ୍ଦିର, ସମୟ: ସକାଳ ୮ଟା।
- ନେତାଜୀ ଜୟନ୍ତୀ ସମାରୋହ, ସ୍ଥାନ: ନେତାଜୀ ଛକ, ସମୟ: ପୂର୍ବାହ୍ନ ୯ଟା।
- ସରସ୍ୱତୀ ପୂଜା, ସ୍ଥାନ: ବଚପନ୍ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୯ଟା ୩୦।
- ସରସ୍ୱତୀ ପୂଜା, ସ୍ଥାନ: ହରଚଣ୍ଡୀ ସାହି ଶିଶୁ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସଭା ସଦସ୍ୟଙ୍କ ସ୍ୱାଗତ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ, ସ୍ଥାନ: ମାଳି ଜାଗା, ସମୟ: ମଧ୍ୟାହ୍ନ ୧୨ଟା ୩୦।
- ସରସ୍ୱତୀ ପୂଜା, ସ୍ଥାନ: ଚାରୁ ଓ କାରୁକଳା ମହାବିଦ୍ୟାଳୟ, ଗୋରୁଆଳ, ସମୟ: ଅପରାହ୍ନ ୨ଟା।
- ଅନୁରାଗ ସାହିତ୍ୟ ପତ୍ରିକାର ଲୋକାର୍ପଣ ଉତ୍ସବ, ସ୍ଥାନ: ସିଂହଦ୍ୱାର ସମ୍ମୁଖ, ସମୟ: ଅପରାହ୍ନ ୪ଟା।
- ଭିତରଛ ମଧୁସୂଦନ ମହାପାତ୍ରଙ୍କ ସ୍ମୃତି ଉତ୍ସବ, ସ୍ଥାନ: ଦୋଳମଣ୍ଡପ ସାହି, ସମୟ: ସନ୍ଧ୍ୟା ୬ଟା।
- ରଥ କାଠ ଅନୁକୂଳ, ସ୍ଥାନ: ଶ୍ରୀମନ୍ଦିର କାର୍ଯ୍ୟାଳୟ ସମ୍ମୁଖ, ସମୟ: ସନ୍ଧ୍ୟା ୬ଟା ୩୦।

**ଖୋର୍ଦ୍ଧା**

- ସରସ୍ୱତୀ ପୂଜା: ସରସ୍ୱତୀ ବିଦ୍ୟାମନ୍ଦିର ଖୋର୍ଦ୍ଧା, ସରସ୍ୱତୀ ଶିଶୁମନ୍ଦିର ଗୁରୁଜଙ୍ଗ, ସାମ୍ବାଦିକ ଭବନ ଟିଏଲସି ରୋଡ, ସିଗ୍ମା ପବ୍ଲିକ ସ୍କୁଲ, ବିଡିଏ କଲୋନୀ, ସମୟ: ସକାଳ ୮ଟା।
- ଜିଲାସ୍ତରୀୟ ପଲ୍ଲିଶ୍ରୀ ମେଳା ଉଦ୍‌ଯାପନୀ ଦିବସ, ସ୍ଥାନ: ବିଡିଏ ପଡିଆ, ସମୟ: ଅପରାହ୍ନ ୪ଟା।

**ବାଲେଶ୍ୱର**

- ସରସ୍ୱତୀ ପୂଜା ଓ ମାଘ ସପ୍ତମୀ ମହୋତ୍ସବ, ସ୍ଥାନ: ବାଖରାବାଦ, ରୂପସା, ବାଲେଶ୍ୱର, ସମୟ: ସକାଳ ୮ଟା।
- ୭୫ତମ ଗଙ୍ଗାମାତା ପୂଜା ଉତ୍ସବ, ସ୍ଥାନ: ବାହାବଳପୁର, ବାଲେଶ୍ୱର, ସମୟ: ସକାଳ ୮ଟା।
- ୩୫ତମ ଆନ୍ତଃ ଜିଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ସେମିଫାଇନାଲ, ସ୍ଥାନ: ବାହାବଳପୁର ଫିସାରି ପଡ଼ିଆ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ଭୋଲେଶ୍ୱର, ଜନାର୍ଦ୍ଦନ ଉଚ୍ଚ ନୋଡାଲ ବିଦ୍ୟାପୀଠର ହୀରକ ଜୟନ୍ତୀ ସମାରୋହ, ସ୍ଥାନ: ବିଦ୍ୟାପୀଠ ପରିସର, ମଙ୍ଗଳପୁର, ସୋର, ସମୟ: ପୂର୍ବାହ୍ନ ୧୦ଟା।
- ରକ୍ତଦାନ ଶିବିର, ସ୍ଥାନ: କଚେରୀ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଭୋଲେଶ୍ୱର, ଜନାର୍ଦ୍ଦନ ଉଚ୍ଚ ନୋଡାଲ ବିଦ୍ୟାପୀଠର ହୀରକ ଜୟନ୍ତୀ ସମାରୋହ, ସ୍ଥାନ: ବିଦ୍ୟାପୀଠ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ଏକ୍ସପୋ ଓଡ଼ିଶା-୨୦୨୬ ତୃତୀୟ ସନ୍ଧ୍ୟା, ସ୍ଥାନ: ଆଇଟିଆଇ ପଡ଼ିଆ, ବାଲେଶ୍ୱର, ସମୟ: ସନ୍ଧ୍ୟା ୬ଟା।

**ଭଦ୍ରକ**

- ନେତାଜୀ ଜୟନ୍ତୀ ଅବସରରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ଜିଲା ସ୍କୁଲ ପରିସର, ଭଦ୍ରକ, ସମୟ: ସକାଳ ୮ଟା ୩୦।
- କଂଗ୍ରେସର ଖବରଦାତା ସମ୍ମିଳନୀ, ସ୍ଥାନ: ଜିଲା କଂଗ୍ରେସ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ଆଦିତ୍ୟ ମେମୋରିଆଲ ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫି ଉଦ୍‌ଘାଟନ, ସ୍ଥାନ: ରଘୁନାଥପୁର, ଭଣ୍ଡାରିପୋଖରୀ, ସମୟ: ପୂର୍ବାହ୍ନ ୧୧ଟା।
- ସରସ୍ୱତୀ ପୂଜା, ସ୍ଥାନ: ସରମରା, ବନ୍ତ, ସମୟ: ମଧ୍ୟାହ୍ନ ୧୨ଟା।
- ଜିଲା ମହୋତ୍ସବ ଭଦ୍ରାୟଣୀର ୬ଷ୍ଠ ସନ୍ଧ୍ୟା, ସ୍ଥାନ: ନେହେରୁ ଷ୍ଟାଡିୟମ୍, ଭଦ୍ରକ, ସମୟ: ଅପରାହ୍ନ ୪ଟା।
- ଭଣ୍ଡାରିପୋଖରୀ ମହୋତ୍ସବ ଉଦ୍‌ଘାଟନ, ସ୍ଥାନ: ଭଣ୍ଡାରିପୋଖରୀ, ସମୟ: ସନ୍ଧ୍ୟା ୬ଟା।

**କେନ୍ଦୁଝର**

- ଅଷ୍ଟମ ପ୍ରହର ନାମଯଜ୍ଞ, ନାମ ସଙ୍କୀର୍ତ୍ତନ, ସ୍ଥାନ: ଗୁହାଳଗଡ଼ିଆ, ଛେନାପଦି, ସମୟ: ସକାଳ ୬ ଟା।
- ଦେବୀ ମା' ସରସ୍ୱତୀଙ୍କ ପୂଜା, ସ୍ଥାନ: ଜାଭିୟର ସ୍କୁଲ ଚଣ୍ଡିଆବିରଞ୍ଚିପୁର, ଛେନାପଦି, ସମୟ: ସକାଳ ୯ ଟା।

**ମୟୂରଭଞ୍ଜ**

- ସରସ୍ୱତୀ ଦେବୀଙ୍କ ମନ୍ଦିରରେ ସ୍ୱତନ୍ତ୍ର ନୀତି ଓ ପୂଜା, ସ୍ଥାନ:ଉଦଳା ସରସ୍ୱତୀ ମନ୍ଦିର,ସମୟ:ସକାଳ ୭ଟା୩୦।
- ରାଜ୍ୟସ୍ତରୀୟ ହସ୍ତଶିଳ୍ପ ମେଳା, ସ୍ଥାନ: ଛଉ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଭଲିବଲ ଟୁର୍ଣ୍ଣାମେଣ୍ଟ 'ମୁସ୍କାନ', ସ୍ଥାନ: କଲେଜ ପଡ଼ିଆ, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ମକର ମେଳା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ସିଂହଡିଆ ଶିବ ମନ୍ଦିର ପ୍ରାଙ୍ଗଣ, ବଡ଼ସାହି, ସମୟ: ଅପରାହ୍ନ ୫ଟା।

**ଢେଙ୍କାନାଳ**

- ଢେଙ୍କାନାଳ ମହୋତ୍ସବର ୪ର୍ଥ ସନ୍ଧ୍ୟା, ସ୍ଥାନ: ଢେଙ୍କାନାଳ ମହିଷାପାଟ ପଲ୍ଲିଶ୍ରୀ ମେଳା ପଡିଆ, ସମୟ: ସନ୍ଧ୍ୟା ୬ଟା।

**ଅନୁଗୋଳ**

- ସରସ୍ୱତୀ ପୂଜା, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳନ, ସ୍ଥାନ: ଆଠମଲ୍ଲିକ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ସମୟ: ସକାଳ ୮ଟା ୩୦।
- ବାଗଦେବୀ ମା' ସରସ୍ୱତୀ ଦେବୀଙ୍କ ପୂଜା, ସ୍ଥାନ: ଆଠମଲ୍ଲିକ ପି.ଏମ୍. ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସରସ୍ୱତୀ ପୂଜା ପାଳନ, ସ୍ଥାନ: ଆଠମଲ୍ଲିକ ପୁରୁଣା ମାଣତ୍ରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଦ୍ୟାଦାୟିନୀ ମା' ସରସ୍ୱତୀଙ୍କ ପୂଜା, ସ୍ଥାନ: ଆଠମଲ୍ଲିକ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।

**ଜଗତ୍‌ସିଂହପୁର**

- ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପକ୍ଷରୁ ସରସ୍ୱତୀ ପୂଜା କାର୍ଯ୍ୟକ୍ରମ, ସ୍ଥାନ: ନୁଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ଗଣପତି ଶିଶୁ ବିଦ୍ୟାମନ୍ଦିରରେ ସରସ୍ୱତୀ ପୂଜା କାର୍ଯ୍ୟକ୍ରମ, ସ୍ଥାନ: ବାଲିଝରା, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- କାନମାସ୍ ନାଟ୍ୟ ଅନୁଷ୍ଠାନର ରଜତ ଜୟନ୍ତୀ ଉପଲକ୍ଷେ ୩ ଦିନିଆ ନାଟକ ମହୋତ୍ସବର ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୭ଟା।

**କେନ୍ଦ୍ରାପଡ଼ା**

- ନେତାଜୀ କ୍ଲବ ପକ୍ଷରୁ ମିନି ମାରାଥନ, ସ୍ଥାନ: ନେତାଜୀ ଚୌକ, ତରାସ, ରାଜକନିକା, ସମୟ: ସକାଳ ୬ଟା।
- ଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ମହାମହୋତ୍ସବ, ସ୍ଥାନ: ଗରଜଙ୍ଗା, ମାର୍ଶାଘାଇ, ସମୟ: ସକାଳ ୮ଟା।
- ସାର୍ବଜନୀନ ଗଙ୍ଗା ପୂଜା, ମକର ମେଳା ଓ ଭଲିବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ପାଞ୍ଚଗୋଛିଆ, ବେଣାକନ୍ଦା, ସୁନିତୀ, ମହାକାଳପଡା, ସମୟ: ସକାଳ ୯ଟା।
- ନେତାଜୀ ସୁବାଷ ବୋଷଙ୍କ ଜୟନ୍ତୀ ପାଳନ, ସ୍ଥାନ: କୋଟିଲା ବେଲାରୀ, ବଟିଘର, ମହାକାଳପଡା, ସମୟ: ପୂର୍ବାହ୍ନ ୧୧ଟା।
- ଅବଦୁଲ କରିମ ଖାଁ ମେମୋରିଆଲ ଟ୍ରଫି ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ, ସ୍ଥାନ: ଟାଉନ ହାଇସ୍କୁଲ ଖେଳ ପଡିଆ, କେନ୍ଦ୍ରାପଡ଼ା ସହର, ସମୟ: ଅପରାହ୍ନ ୨ଟା।
- ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଢ଼ୋଲ, ଜମରା, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀକୃପାସିନ୍ଧୁ ଦାସ ବାବାଜୀ ମହାରାଜ (ଅଖା ବାବା)ଙ୍କ ସ୍ମରଣୋତ୍ସବ, ସ୍ଥାନ: ଶ୍ରୀନାମବ୍ରହ୍ମ ସେବାଶ୍ରମ, ଜେନାପାଟଣା, ପୁରୁଷୋତ୍ତମପୁର, ଦୁତିଆଳ, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**

- ନେତାଜୀ ଜୟନ୍ତୀ ପାଳନ, ସ୍ଥାନ: ତୋଲୀପୁର, ବ୍ୟାସନଗର, ସମୟ: ପୂର୍ବାହ୍ନ ୧୧ଟା।
- ସ୍ୱାଧୀନତା ସଂଗ୍ରାମୀ ତଥା ଧର୍ମଶାଳା ପ୍ରେସ୍‌କ୍ଲବର ପୂର୍ବତନ ସଭାପତିଙ୍କ ୧୭ତମ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ଧର୍ମଶାଳା ପ୍ରେସ୍‌କ୍ଲବ ପରିସର, ସମୟ: ଅପରାହ୍ନ ୩ଟା।
- କେଜିଆଇ ସ୍ପୋର୍ଟସ ଏକାଡେମୀର ଉଦ୍‌ଘାଟନ କାର୍ଯ୍ୟକ୍ରମ, ସ୍ଥାନ: କୋରେଇ ବ୍ଲକ ତାରାପୁର କେଜିଆଇ ପରିସର, ସମୟ: ଅପରାହ୍ନ ୩ଟା୩୦।
- ସରସ୍ୱତୀ ପୂଜା ପାଇଁ କଳସ ଯାତ୍ରା, ସ୍ଥାନ: ଚୋରଦା ଗ୍ରାମର ୱାର୍ଡ ନଂ.୧୪, ବ୍ୟାସନଗର, ସମୟ: ଅପରାହ୍ନ ୪ଟା।

**ନୟାଗଡ଼**

- ଜାମାଲାଗି ବେଶ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ରବୀନ୍ଦ୍ର ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଅଷ୍ଟମ ଦିବସ ମ୍ୟାଚ ବିସିସି ବାଣପୁର ବନାମ କଣ୍ଟିଲୋର ମା' ବରୁଣେଇ କ୍ରିକେଟ କ୍ଲବ, ସ୍ଥାନ: କଣ୍ଟିଲୋ ନୀଳମାଧବ ମହାବିଦ୍ୟାଳୟ ଖେଳପଡିଆ, ସମୟ: ପୂର୍ବାହ୍ନ ୧୧ଟା।
- ସଚିନ ଓ ଲିପୁନ୍ ୨୮ତମ ସ୍ମାରକୀ କ୍ରିକେଟର ଦ୍ୱାଦଶ ଦିବସର ୨ୟ ସେମି ଫାଇନାଲ ମ୍ୟାଚରେ ଭୋଗରା ବନାମ ଢ଼ୋଲମରା କ୍ରିକେଟ କ୍ଲବ, ସ୍ଥାନ: ଖଣ୍ଡପଡା ବ୍ଲକ ସିନ୍ଧାମୂଳାସ୍ଥ ଗୋକୁଳାନନ୍ଦ ଏମ୍‌ଇ ସ୍କୁଲ ପଡିଆ, ସମୟ: ମଧ୍ୟାହ୍ନ ୧୨ଟା।

**ରାୟଗଡ଼ା**

- ନେତାଜୀ ଉଚ୍ଚ ବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: ଚିନାସାରି, ଗୁଣପୁର, ସମୟ: ପୂର୍ବାହ୍ନ ୧୦ ଟା।
- ବିକଶିତ ଭାରତ ୨୦୪୭ ଗଠନରେ ଉଚ୍ଚ ଶିକ୍ଷାର ଭୂମିକାକୁ ନେଇ ଜାତୀୟ ଆଲୋଚନାଚକ୍ର, ସ୍ଥାନ: ଜିଆଇଇଟି ବିଶ ବିଦ୍ୟାଳୟ, ଗୁଣପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।

**ନବରଙ୍ଗପୁର**

- ନେତାଜୀ ସୁବାସ ଚନ୍ଦ୍ର ବୋଷଙ୍କ ଜୟନ୍ତୀ, ସ୍ଥାନ: ନବରଙ୍ଗପୁର ନେତାଜୀ ପାର୍କ, ଉମରକୋଟ ଡଙ୍ଗରୀଗୁଡ଼ା, ସମୟ: ସକାଳ ୮ଟା।
- ବିଭିନ୍ନ ଶିକ୍ଷାନୁଷ୍ଠାନରେ ସରସ୍ୱତୀ ପୂଜା, ସ୍ଥାନ: ଡାବୁଗାଁ ବ୍ଲକ ଅଧୀନ ବିଭିନ୍ନ ଶିକ୍ଷାନୁଷ୍ଠାନ, ସମୟ: ସକାଳ ୯ଟା।
- ସପ୍ତଦିବସୀୟ ଭାଗବତ କଥା, ସ୍ଥାନ: ଉମରକୋଟ କୋଣ୍ଡାଗାଁ ରୋଡ଼ କଲ୍ୟାଣ ମଣ୍ଡପ, ସମୟ: ସନ୍ଧ୍ୟା ୬ଟା।

**କୋରାପୁଟ**

- ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳନ, ସ୍ଥାନ: ଗୁଣ୍ଡିଚା ମନ୍ଦିର ସମ୍ମୁଖ ଛକ, କୋରାପୁଟ, ସମୟ : ସକାଳ ୯ଟା ୩୦।
- ବିଦ୍ୟାଦାତ୍ରୀ ସରସ୍ୱତୀଙ୍କ ପୂଜା, ସ୍ଥାନ: ବିଦ୍ୟାଳୟ ଓ ମହାବିଦ୍ୟାଳୟ ପରିସର, ସୁନାବେଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ନେତାଜୀ ଜୟନ୍ତୀ ଅବସରରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ସ୍ଥାନ: ନେତାଜୀ ପାର୍କ, ନନ୍ଦପୁର, ସମୟ: ପୂର୍ବାହ୍ନ ୧୦ଟା।
- ସ୍ୱନିଧି ଉଦ୍‌ଘାଟନୀ ଉତ୍ସବ ସିଧାପ୍ରସାରଣ, ସ୍ଥାନ: ପୌର କାର୍ଯ୍ୟାଳୟ ପରିସର, ସୁନାବେଡା, ସମୟ: ପୂର୍ବାହ୍ନ ୧୧ଟା।
- ନବନିର୍ମିତ କୋଠା ଉଦ୍‌ଘାଟିତ, ସ୍ଥାନ: ଜିଲା କୋର୍ଟ ପରିସର, ଜୟପୁର, ସମୟ: ପୂର୍ବାହ୍ନ ୧୧ଟା ୩୦।
- ଭଣ୍ଡାରି ସମ୍ପ୍ରଦାୟର ସାଂଗଠନିକ ବୈଠକ, ସ୍ଥାନ: ହନୁମାନ ମନ୍ଦିର ପ୍ରାଙ୍ଗଣ, ନନ୍ଦପୁର, ସମୟ: ଅପରାହ୍ନ ୪ଟା।

**ସମ୍ବଲପୁର**

- ସମ୍ବଲପୁରୀ ଧନୁଯାତ୍ରାର କଂସ ମହାରାଜଙ୍କ ମୋକ୍ଷ କାର୍ଯ୍ୟକ୍ରମ, ସ୍ଥାନ: ମହାନଦୀ ସମଲେଇ ଘାଟ, ସମୟ: ସକାଳ ୮ଟା।
- ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଜେଲ ଛକ ସ୍ଥିତ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିସ୍ଥଳ, ସମୟ: ସକାଳ ୮ଟା ୩୦।
- ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଏନ୍‌ଏସ୍‌ସିବି ମହାବିଦ୍ୟାଳୟ ପରିସରସ୍ଥ ପ୍ରତିମୂର୍ତ୍ତି ସ୍ଥଳ, ସମୟ : ସକାଳ ୮ଟା ୩୦।
- ବୀର ବିର୍ସା ମୁଣ୍ଡା ଦ୍ୱିଦିସୀୟ ହକି ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: କୁଚିଣ୍ଡା ମୁକୁନ୍ଦ ଷ୍ଟାଡିୟମ, ସମୟ: ସକାଳ ୯ଟା।
- ନେତାଜୀ ସୁଭାଷ ଚନ୍ଦ୍ର ବୋଷ ମହାବିଦ୍ୟାଳୟର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ, ସ୍ଥାନ : ମହାବିଦ୍ୟାଳୟ ପରିସରସ୍ଥ ସଭାକକ୍ଷ, ସମୟ : ପୂର୍ବାହ୍ନ ୧୦ଟା।
- ଓଡ଼ିଶା ସାଂସ୍କୃତିକ ସମାଜ ଓ ଜିଲା ପ୍ରଶାସନ ମିଳିତ ଆୟୋଜନରେ ବୀରସୁରେନ୍ଦ୍ର ସାଏ ଓ ନେତାଜୀ ଜୟନ୍ତି କାର୍ଯ୍ୟକ୍ରମ, ସ୍ଥାନ : ସ୍ୱାଧୀନତା ସଂଗ୍ରାମୀ ସ୍ମୃତି ଭବନ, ସମୟ : ସନ୍ଧ୍ୟା ୬ଟା।

**ବଲାଙ୍ଗୀର**

- ଜିଲାସ୍ତରୀୟ ଲୋକନାଟକ ପ୍ରତିଯୋଗିତା, ସ୍ଥାନ: ପୁରୁଣା ମଞ୍ଚ, କୋଶଳ କଳା ମଣ୍ଡଳ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା।
- ମିଳିତ କୃଷକ ମଞ୍ଚ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ବଲାଙ୍ଗୀର ସାମ୍ବାଦିକ ଭବନ, ସମୟ: ମଧ୍ୟାହ୍ନ ୧୨ଟା।
- ଲୋକସଙ୍ଗୀତ ପରିବେଷଣ, ସ୍ଥାନ: ନୂଆ ମଞ୍ଚ, କୋଶଳ କଳାମଣ୍ଡଳ, ବଲାଙ୍ଗୀର, ସମୟ: ଅପରାହ୍ନ ୪ଟା।
- ଉଦ୍‌ଯାପନୀ ସଭା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ, ସ୍ଥାନ: ନୂଆ ମଞ୍ଚ, କୋଶଳ କଳାମଣ୍ଡଳ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୬ଟା।

**ରାଉରକେଲା**

- ସରସ୍ୱତୀ ପୂଜା, ସ୍ଥାନ: ପ୍ରଗତି ସ୍କୁଲ, ଜଗଦା, ସମୟ: ସକାଳ ୯ଟା ୩୦।
- ସରସ୍ୱତୀ ପୂଜା, ସ୍ଥାନ: ସାଇ ଟିଥ୍ୟୁଟୋରିଆଲ୍ସ, ଶକ୍ତିନଗର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବିଦ୍ୟା ଷ୍ଟଡିପଏଣ୍ଟ ପକ୍ଷରୁ ସରସ୍ୱତୀ ପୂଜା, ସ୍ଥାନ: ଫର୍ଟିଲାଇଜର ସମୟ: ପୂର୍ବାହ୍ନ ୧୧ଟା।
- ସଙ୍ଗୀତ ଶିଳ୍ପୀ ସମାଜର ବାର୍ଷିକ ଉତ୍ସବ, ସ୍ଥାନ: ସେକ୍ଟର-୨୦ ଶ୍ରୀ ଶ୍ରୀ ସୋମନାଥ ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ବରଗଡ଼**

- ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ବିଶ୍ୱେଶ୍ୱର ବାବାଙ୍କ ମନ୍ଦିର, ସରଣ୍ଡା, ଅତାବିରା, ସମୟ: ସକାଳ ୮ଟା।
- ଶ୍ରୀ ଶ୍ରୀ ଭାଗବତ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: କୁଜାପାଲି (ଗୋଡଭଗା), ଅତାବିରା, ସମୟ: ସକାଳ ୮ଟା।
- ଶ୍ରୀ ଶ୍ରୀ ରାମ ଲଲାଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: କୁମ୍ଭାରୀ, ବରପାଲି, ସମୟ: ସକାଳ ୮ଟା।

**ବୌଦ୍ଧ**

- ୨୨ତମ ତିଲେଶ୍ୱର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟନ ଉତ୍ସବ, ସ୍ଥାନ: ତିଲେଶ୍ୱର ଖେଳ ପଡିଆ, ହରଭଙ୍ଗା ବ୍ଲକ, ବୌଦ୍ଧ, ସମୟ: ଅପରାହ୍ନ ୩ଟା।

**ସୁବର୍ଣ୍ଣପୁର**

- ସୁବାସ ବୋଷ ଜୟନ୍ତୀ ପାଳନ, ସ୍ଥାନ: ଅମରପାଲି ୟୁପି ସ୍କୁଲ, ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ନେତାଜୀ ଓ ସୁରେନ୍ଦ୍ର ସାଏ ଜୟନ୍ତୀ ପାଳନ, ସ୍ଥାନ: ଲୁଡୁରପଙ୍କ, ବୀରମହାରାଜପୁର, ସମୟ: ଅପରାହ୍ନ ୧ଟା।ନ୍

**ନୂଆପଡ଼ା**

- ଓଡ଼ିଶା ସାହିତ୍ୟ ଏକାଡେମୀ ଓ ଖଡିଆଳ ସାହିତ୍ୟ ସମିତି ପକ୍ଷରୁ କବି ବ୍ରଜରାଜ ସିଂଦେଓଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉପଲକ୍ଷେ ସ୍ୱାଗତ ସଭା, ସ୍ଥାନ: ରାଜ ଦରବାର ଖଡିଆଳ, ସମୟ: ଅପରାହ୍ନ ୩ଟା।

**ଝାରସୁଗୁଡ଼ା**

- ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମ ଜୟନ୍ତୀ ପାଳନ ଏବଂ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ: ଜିଲାପାଳ କାର୍ଯ୍ୟାଳୟ ପରିସର, ସମୟ: ସକାଳ ୮ଟା।
- ନେତାଜୀ ଜୟନ୍ତୀ ପାଳନ, ସ୍ଥାନ: ନେତାଜୀ କ୍ଲବ, ଟାଙ୍ଗରମୁଣ୍ଡା, ସମୟ: ପୂର୍ବାହ୍ନ ୧୧ଟା।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

କହି ଜାଣିଲେ କଥା ସୁନ୍ଦର
ବାନ୍ଧି ଜାଣିଲେ ମଥା ସୁନ୍ଦର।

କଥାର ସୌନ୍ଦର୍ଯ୍ୟ ପ୍ରକାଶ ଭଙ୍ଗୀର ଯଥାର୍ଥତା ଉପରେ ନିର୍ଭର କରେ। କଥାକୁ ବଖାଣିବାର ଢଙ୍ଗ ମନ କିଣି ନିଏ। ଯିଏ ବନେଇ ଚୁନେଇ, ରସେଇ ମଜେଇ କଥା କହି ଜାଣେ, ସିଏ ଅକ୍ଳେଶରେ ଅନ୍ୟର ଦୃଷ୍ଟି ଆକର୍ଷଣ କରି ଈପ୍ସିତ କାର୍ଯ୍ୟ ହାସଲ କରିପାରେ। ସେହିପରି କେଶ ବିନ୍ୟାସର ଶୈଳୀ ଆଖିକୁ ମୋହିନେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

କଦମ୍ବ ଗଛ ମହାବୁରୁଖ
ବାଟକୁ ପଡ଼ିଛି ଛାଇ,
ବଡ଼ ଲୋକ ସଙ୍ଗେ ପୀରତି କଲେ
ଉତ୍ତମ ପଦାର୍ଥ ପାଇ।

ସାଧାରଣତଃ ଗଛ ଯେତେ ବଡ଼ ଓ ଶାଖା ପ୍ରଶାଖା ସମନ୍ୱିତ ହୋଇଥାଏ ତା'ଠାରୁ ସେତେ ଅଧିକ ଛାଇ ମିଳିଥାଏ। ସେହିପରି ବଡ଼ ବା ମହତ୍ ଲୋକ ସଙ୍ଗେ ମିତ୍ରତା କଲେ ଲାଭାନ୍ୱିତ ହେବାର ଅଧିକ ସମ୍ଭାବନା ରହିଥାଏ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:




ଗୁରୁବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ବୁଝାମଣା ଅଭାବରୁ କର୍ମକ୍ଷେତ୍ରରେ ସହକର୍ମୀଙ୍କ ସହ ସାମାନ୍ୟ ତିକ୍ତତା ସୃଷ୍ଟି ହୋଇପାରେ। ଦ୍ୱିଜା ନକ୍ଷତ୍ର ସାମାଜିକ ସ୍ତରରେ ମନଭୁଲାଣିଆ କଥା କହି ପରିସ୍ଥିତିକୁ ସମ୍ଭାଳି ନେବେ। ବାଣିଜ୍ୟ, ପରିବହନ ଓ ବ୍ୟବସାୟରେ ସନ୍ତୋଷଜନକ ଫଳ ପାଇପାରିବେ। ଆନୁଷ୍ଠାନିକ କାମ, ସାହିତ୍ୟ, ସଙ୍ଗୀତ ପ୍ରଭୃତି କ୍ଷେତ୍ରରୁ ସୁଫଳ ମିଳିବ।

**ବୃଷ** କାମର ଚାପ ବୃଦ୍ଧି ପାଇବା ହେତୁ ମାନସିକ ସ୍ତରରେ ଅଶାନ୍ତି ରହିପାରନ୍ତି। କାର୍ଯ୍ୟବ୍ୟସ୍ତତା ହେତୁକ ଘରକଥା ବୁଝିବା ପାଇଁ ମଧ୍ୟ ସମୟ ପାଇବା କଷ୍ଟକର ହୋଇପାରେ। ରୋହିଣୀ ନକ୍ଷତ୍ରର ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦର ଆଶଙ୍କା ରହିଛି। ବନ୍ଧୁମାନଙ୍କ ପରାମର୍ଶରେ ସତ୍‌ସଙ୍ଗ ଓ ଧର୍ମଚର୍ଚ୍ଚାରେ ନିଜକୁ ନିୟୋଜିତ କରିପାରନ୍ତି।

**ମିଥୁନ** ପରିସ୍ଥିତି ପ୍ରତି ସଜାଗ ରହି କାମ ନ କଲେ ଅସୁବିଧାର ସମ୍ମୁଖୀନ ହେବେ। ମୃଗଶିରା ନକ୍ଷତ୍ର ଅନ୍ୟମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ସମ୍ପର୍କୀୟଙ୍କ ସହ ବିରୁଦ୍ଧାଚରଣ କରିପାରନ୍ତି। ଆଜି ପ୍ରତ୍ୟେକ କାମରେ ଟେନ୍‌ସନ ଲାଗିରହିବ। ଆର୍ଥିକ ଅନଟନକୁ ପଡ଼ୋଶୀ ଦୂରେଇ ଦେଇପାରନ୍ତି। ଆଜିର ବ୍ୟବସାୟିକ ସ୍ଥିତି ବହୁତ ଭଲ ରହିବ।

**କର୍କଟ** ଆଜି ପୁଷ୍ୟା ନକ୍ଷତ୍ର ଅନ୍ୟମାନଙ୍କ ପାଇଁ ଯାହା ସହଜରେ କରାଇ ଦେଇପାରିବେ ତାହା ନିଜ ପାଇଁ କରିବା ଦୁରୂହ ହୋଇପଡିବ। ଶିଳ୍ପପତି, ଉଦ୍ୟୋଗୀ ତଥା ବ୍ୟବସାୟୀଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜି ପାରେ। ପାରିବାରିକ ସମସ୍ୟା ସୁଧାରିବା ପାଇଁ ଚେଷ୍ଟା ନ କଲେ ସମସ୍ୟା ବଢି ବଢି ଯିବାର ସୂଚନା ରହିଛି।

**ସିଂହ** ମାନସିକ ଦୁଶ୍ଚିନ୍ତା କାରଣରୁ କିମ୍ବା ସାମାନ୍ୟ ଭୁଲ୍‌ରୁ କାମ ବିଶୃଙ୍ଖଳିତ ହେବ। ପୂର୍ବାଫାଲ୍‌ଗୁନୀର ଆନୁଷ୍ଠାନିକ କାମରେ, ବନ୍ଧୁମାନଙ୍କ ଅସହଯୋଗ କାରଣରୁ କେତେକ ବ୍ୟତିକ୍ରମ ସୃଷ୍ଟି ହେବ। ଆଜିର ଯିବାଆସିବା ବାଟରେ କୌଣସି ବନ୍ଧୁଙ୍କ ସହ ବନ୍ଧୁତ୍ୱ ସୃଷ୍ଟି କରିପାରନ୍ତି। ବ୍ୟବସାୟିକ, ଆର୍ଥିକ, ସାମାଜିକ ପ୍ରତିଷ୍ଠା ହାସଲ ପାଇଁ ଚେଷ୍ଟିତ ହେବେ।

**କନ୍ୟା** ଆଜିର ଯୋଜନା ସକାଶେ ଅର୍ଥ ଅଭାବ ହୋଇପାରେ। ସମସ୍ତ ସୁବିଧା ଥିଲେ ମଧ୍ୟ କାର୍ଯ୍ୟ ହାସଲ କ୍ଷେତ୍ରରେ ପରିବାରରୁ ପ୍ରତିରୋଧର ସମ୍ଭାବନା ରହିଛି। ବନ୍ଧୁଙ୍କ କାର୍ଯ୍ୟାବଳୀର ସମୀକ୍ଷା କରି ଛୋଟ କଥାଟିକୁ ବଡ଼ ଆକାରରେ ଚିନ୍ତା କରିବେ। ଚିତ୍ରା ନକ୍ଷତ୍ର ସକାଶେ ଯାତ୍ରା, ବାଣିଜ୍ୟ ଏବଂ ରାଜନୈତିକ ସ୍ଥିତି ଭଲ ରହିବ।

**ତୁଳା** ସମସ୍ୟା ମଧ୍ୟରେ ଗତି କରି ମଧ୍ୟ କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ଆଜି କ୍ରୀଡ଼ା, ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ପାରଦର୍ଶିତା ହାସଲ କରି ପାରନ୍ତି। ବିଶାଖା ନକ୍ଷତ୍ର ସଭାସମିତିରେ, ସାଂସ୍କୃତିକ କାର୍ଯ୍ୟକ୍ରମରେ, ଗୁରୁତ୍ୱପୂର୍ଣ୍ଣ ଆଲୋଚନାରେ ସମୟ କଟାଇବେ। ଗବେଷଣା, କୃଷି, ବାଣିଜ୍ୟରେ ପ୍ରତିବନ୍ଧକ ରହିବ ନାହିଁ।

**ବିଛା** ଆଜିର ଯାତ୍ରାରେ ଲକ୍ଷ୍ୟହାସଲ ସାଙ୍ଗକୁ ପ୍ରତ୍ୟେକ କାମ ଠିକ୍ ଠିକ୍ ହୋଇଯିବ। କୌଣସି ବ୍ୟକ୍ତିଙ୍କଠାରୁ ଅଯାଚିତ ଭାବରେ ଯଥେଷ୍ଟ ସହାୟତା ପାଇବାର ସମ୍ଭାବନା ରହିଛି। ସ୍ତ୍ରୀଙ୍କ ସହ ମତାନ୍ତରର ଆଶଙ୍କା ଦେଖା ଦେଇପାରେ। ଜ୍ୟେଷ୍ଠା ନକ୍ଷତ୍ରର ନିଜ ପରିସରର କୌଣସି ବ୍ୟକ୍ତି ବିଶେଷଙ୍କ ସହ ଯୁକ୍ତିତର୍କ ହୋଇପାରେ।

**ଧନୁ** ଆଜି ଯାହା ମନକୁ ଆସିଲା ତାହା କହି ପକାଇବାରୁ ସମସ୍ୟାର ସମ୍ମୁଖୀନ ହେବେ। ପାରିବାରିକ କ୍ଷେତ୍ରରେ ବୁଝାମଣା ଠିକ୍ ରହିବା ହେତୁ ସାମୟିକ ହସର ଝଲକ ସୃଷ୍ଟି ହେବ। କୌଣସି ବନ୍ଧୁଙ୍କ ଉପରେ ପୂର୍ଣ୍ଣ ଭରସା କରି ପ୍ରତାରିତ ହେବାର ଆଶଙ୍କା ରହିଛି। ଉତ୍ତରାଷାଢ଼ା ନକ୍ଷତ୍ରର କୌଣସି ଅଭାବ ନ ଥାଇ ମଧ୍ୟ ମନଟା ଭଲ ଲାଗି ନ ପାରେ।

**ମକର** ଆଜିର ଯାତ୍ରାରେ ସମସ୍ୟା, ବନ୍ଧୁରେ କଳହ ସାଙ୍ଗକୁ କର୍ମ କ୍ଷେତ୍ରରେ ଅସ୍ଥିରତା ସୃଷ୍ଟି ହୋଇପାରେ। ଶ୍ରବଣା ନକ୍ଷତ୍ର ନିଜ ପରିସରର ବ୍ୟକ୍ତି ବିଶେଷଙ୍କ କଥାକୁ ବିଶ୍ୱାସ କରି ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି। ଶିକ୍ଷା, ବାଣିଜ୍ୟ ଓ ସଭାସମିତି କ୍ଷେତ୍ର ପ୍ରାୟତଃ ଭଲ ରହିବ। ପରିବାରରେ ବୟସ୍କ ଗୁରୁଜନଙ୍କ ରୁଗ୍‌ଣ ସ୍ୱାସ୍ଥ୍ୟ ସକାଶେ ଚିନ୍ତିତ ରହିପାରନ୍ତି।

**କୁମ୍ଭ** ନିଜର ପ୍ରକାଶଭଙ୍ଗୀ ହିଁ ସମସ୍ତ ଅନର୍ଥର କାରଣ ହୋଇଯିବ। ସବୁ ଠିକ୍ ଥିଲେ ମଧ୍ୟ କେତେକ ସାମାନ୍ୟ ଭୁଲ୍‌ରୁ କାମଗୁଡିକ ବିଶୃଙ୍ଖଳିତ ହୋଇପାରେ। ଶିକ୍ଷା, ସାକ୍ଷାତ୍‌କାର ତଥା ବାଣିଜ୍ୟରେ ସମସ୍ୟା ଆଶଙ୍କା ରହିଛି। ଶତଭିଷା ନକ୍ଷତ୍ରର ଅର୍ଥସମ୍ପର୍କ, ଯାନବାହନ, ଜମିଜମା ଓ କଚେରି ମାମଲା କ୍ଷେତ୍ରରୁ ସନ୍ତୋଷଜନକ ଫଳ ମିଳିବ।

**ମୀନ** ଆଜି ରେବତୀ ନକ୍ଷତ୍ର ସକାଶେ ଭୁଲ୍ ବୁଝାମଣାରୁ ଅଶାନ୍ତିକର ପରିବେଶ ସୃଷ୍ଟି ହେବ। ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ କିମ୍ବା ପରୋକ୍ଷ ଶତ୍ରୁତା ହେତୁ ଭଲ କଲେ ମଧ୍ୟ ନିନ୍ଦା ଶୁଣିପାରନ୍ତି। ଆଜିର ଯାତ୍ରା କାଳରେ ସମଶ୍ରେଣୀୟ ବ୍ୟକ୍ତଙ୍କ ସହ ବାଦାନୁବାଦ ହୋଇପାରେ। ଦୀର୍ଘଦିନରୁ ସରକାରୀ ସ୍ତରରୁ ଅପେକ୍ଷା କରିଥିବା ଶୁଭଖବର ପାଇପାରନ୍ତି।

ଆଜି ଜାନୁଆରୀ ୨୩ ତାରିଖ, ଶୁକ୍ରବାର, ମାଘମାସ ଶୁକ୍ଳପକ୍ଷର ଶ୍ରୀପଞ୍ଚମୀ, ସରସ୍ୱତୀ ପୂଜା, ରଥକାଠ ଅନୁକୂଳ, ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଏବଂ ବୀର ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ। ରାଶିନକ୍ଷତ୍ର- ପୂର୍ବଭାଦ୍ରପଦ/କୁମ୍ଭ, ସକାଳ ଘ.୦୮।୩୩ ମି. ଗତେ ମୀନଚନ୍ଦ୍ର ଏବଂ ଦିବା ଘ. ୦୨।୩୨ମି. ଗତେ ଉତ୍ତରଭାଦ୍ରପଦ ନକ୍ଷତ୍ର, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୨୭ ମି. ଗତେ ଘ.୦୭।୧୧ମି. ମଧ୍ୟେ, ଘ.୦୭।୫୫ମି. ଗତେ ଘ.୦୯.୧୩ ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା। ଦିବା ଘ. ୧୦।୩୫ମି. ଗତେ ଘ.୧୧।୫୮ମି. ମଧ୍ୟେ ରାହୁ କାଳ।

## ପ୍ରଥମ ପୃଷ୍ଠାରୁ...

### ଟ୍ରମ୍ପଙ୍କ ଶାନ୍ତି ବୋର୍ଡରେ...

ସହ କାର୍ଯ୍ୟ କରିବା ଜାରି ରଖିବେ। ବୋର୍ଡ ଅଫ୍ ପିସ୍ ପ୍ରଥମେ ଗାଜା ଉପରେ ଫୋକସ୍ କରିବ। କିନ୍ତୁ ପରେ ବିଶ୍ୱରେ ଯୁଦ୍ଧ ଓ ସଂଘର୍ଷର ସମାଧାନ ପାଇଁ ଉଦ୍ୟମ କରିବ। ଗାଜାରେ ଯେପରି ସଫଳତା ମିଳିଲା, ଅନ୍ୟ ଦେଶଗୁଡ଼ିକରେ ମଧ୍ୟ ସେପରି ସଫଳତା ମିଳିବ। ବୋର୍ଡ ସମ୍ପୂର୍ଣ୍ଣ ଗଠନ ହୋଇସାରିଲେ ଆମେ ଯାହା ଚାହିଁବୁ ତାହା କରିପାରିବୁ। ଟ୍ରମ୍ପ ଆହୁରି କହିଛନ୍ତି, ସେ ପୂର୍ବରୁ ୮ଟି ଯୁଦ୍ଧର ସମାଧାନ କରିଥିବାବେଳେ ଖୁବ୍‌ଶୀଘ୍ର ଆଉ ଏକ ସଂଘର୍ଷ (ୟୁକ୍ରେନ୍ ଯୁଦ୍ଧ) ରେ ବିରାମ ଦେବାକୁ ଯାଉଛନ୍ତି। ବୋର୍ଡ ଅଫ୍ ପିସ୍‌ରେ ସାମିଲ ହେବା ପାଇଁ ଟ୍ରମ୍ପ ରବିବାର ପାକିସ୍ତାନ ସହ ଭାରତକୁ ମଧ୍ୟ ନିମନ୍ତ୍ରଣ କରିଥିବା ହ୍ୱାଇଟ୍ ହାଉସ୍ ପକ୍ଷରୁ ସୂଚନା ଦିଆଯାଇଥିଲା। ଏପରି କି ଟ୍ରମ୍ପ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନିକଟକୁ ପଠାଇଥିବା ନିମନ୍ତ୍ରଣ ପତ୍ରକୁ ଭାରତରେ ଅବସ୍ଥାପିତ ଆମେରିକା ରାଷ୍ଟ୍ରଦୂତ ସର୍ଗିଓ ଗୋର୍ Xରେ ଶେୟାର କରିଥିଲେ। କିନ୍ତୁ ଗୁରୁବାର ଉକ୍ତ ମଞ୍ଚରେ ଭାରତର ଅନୁପସ୍ଥିତି ଅନେକ ପ୍ରଶ୍ନ ଛିଡ଼ା କରାଇଛି। ନୂଆଦିଲ୍ଲୀ ଆନୁଷ୍ଠାନିକ ଭାବେ ସେଥିରେ ଯୋଗଦେବା କିମ୍ବା ନ ଦେବା ନେଇ କୌଣସି ପ୍ରତିକ୍ରିୟା ପ୍ରକାଶ କରିନାହିଁ। ତେଣୁ ଭାରତ ଉକ୍ତ ପ୍ରସ୍ତାବକୁ ଗ୍ରହଣ କରିଛି ନା ପ୍ରତ୍ୟାଖ୍ୟାନ କରିଛି, ତାହା ଜଣାପଡୁନାହିଁ। ନୂଆଦିଲ୍ଲୀର ଆଭିମୁଖ୍ୟ ଦ୍ୱନ୍ଦ୍ୱାତ୍ମକ ରହିଛି। ଅନ୍ୟପକ୍ଷେ ଉକ୍ତ ବୋର୍ଡରେ ସାମିଲ ହେବା ପାଇଁ ଅନୁଷ୍ଠିତ ସ୍ୱାକ୍ଷର କାର୍ଯ୍ୟକ୍ରମରେ ପାକିସ୍ତାନ ପ୍ରଧାନମନ୍ତ୍ରୀ ଶେହବାଜ୍ ଶରିଫ୍ ଯୋଗଦେଇଛନ୍ତି। ଟ୍ରମ୍ପ ନିମନ୍ତ୍ରଣ କରିଥିବା ଦେଶଗୁଡ଼ିକ ମଧ୍ୟରୁ ଅନେକ ରାଷ୍ଟ୍ର ଏଥିରେ ସାମିଲ ହୋଇନାହାନ୍ତି। ବିଶେଷକରି ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ଏଥିରୁ ଦୂରେଇ ରହିଛନ୍ତି। ଇତିମଧ୍ୟରେ ଭାରତ ବୋର୍ଡ ଅଫ୍ ପିସ୍‌ରେ ସାମିଲ ନ ହେଉ ବୋଲି ବାମପନ୍ଥୀ ଦଳଗୁଡ଼ିକ ଦାବି କରିଛନ୍ତି।

### ଏଥର ବଜେଟ...

ବର୍ଷରେ ରାଜ୍ୟ ସରକାର ୨ଲକ୍ଷ ୬୫ହଜାର କୋଟି ଟଙ୍କାର ବଜେଟ ଆଣିଥିଲେ। ସେଥିରେ ପ୍ରଶାସନିକ ବ୍ୟୟ ବାବଦକୁ ୯୭ହଜାର ୭୨୫କୋଟି ଟଙ୍କା ରହିଥିବାବେଳେ କାର୍ଯ୍ୟକ୍ରମ ବାବଦକୁ ୧ଲକ୍ଷ ୫୫ହଜାର କୋଟି ଟଙ୍କା ରହିଥିଲା। ଏହାସହିତ ୩ହଜାର ୯୦୦କୋଟି ଟଙ୍କା ବିପର୍ଯ୍ୟୟ ପ୍ରଶମନ ପାଇଁ ରହିଥିବାବେଳେ ୮ହଜାର ୩୭୫କୋଟି ଅନ୍ୟାନ୍ୟ ବ୍ୟୟ ବାବଦକୁ ରହିଥିଲା। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୫-୨୬ ଆର୍ଥିକବର୍ଷ ଲାଗି ୨ଲକ୍ଷ ୯୦ହଜାର କୋଟି ଟଙ୍କାର ବଜେଟ ବ୍ୟବସ୍ଥା ହୋଇଥିଲା। ସେଥିମଧ୍ୟରେ ପ୍ରଶାସନିକ ଖର୍ଚ୍ଚ ବାବଦକୁ ୧ଲକ୍ଷ ୮ହଜାର କୋଟି ଟଙ୍କା ରହିଥିବାବେଳେ କାର୍ଯ୍ୟକ୍ରମ ବ୍ୟୟବାବଦକୁ ୧ଲକ୍ଷ ୭୦ହଜାର କୋଟି, ବିପର୍ଯ୍ୟୟ ପ୍ରଶମନ ପାଇଁ ୪ହଜାର କୋଟି ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ହସ୍ତାନ୍ତର ଲାଗି ୮ହଜାର କୋଟି ଟଙ୍କା ରହିଥିଲା। ଏହି ପରିପ୍ରେକ୍ଷୀରେ ଅର୍ଥ ବିଭାଗ ପକ୍ଷରୁ ୨୦୨୬-୨୭ ବର୍ଷ ଲାଗି ବଜେଟରେ ଅଧିକ ବ୍ୟୟବରାଦ କରାଯିବାକୁ ଲକ୍ଷ୍ୟ ରହିଛି। ଓଡ଼ିଶାକୁ ୨୦୨୬ ସୁଦ୍ଧା ବିକଶିତ ରାଜ୍ୟରେ ପରିଣତ କରିବାପାଇଁ ରାଜ୍ୟ ସରକାର ପୂର୍ବବର୍ଷ ତୁଳନାରେ ଅତିକମ୍‌ରେ ୮ପ୍ରତିଶତ ଅଧିକ ବ୍ୟୟବରାଦ କରିପାରନ୍ତି ବୋଲି ଅର୍ଥ ବିଭାଗର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

### ୧୬ ମାଓବାଦୀ...

ପତିରାମ, ରମେଶ ଭଳି ୧୨ଟି ନାମରେ ଆପରାଧିକ କାର୍ଯ୍ୟ କରିଆସୁଥିଲେ। ତାଙ୍କ ନାଁରେ ବିଭିନ୍ନ ଥାନାରେ ହତ୍ୟା, ବୋମା ବିସ୍ଫୋରଣ, ଅସ୍ତ୍ରଶସ୍ତ୍ର ରଖିବା, ଡକାୟତି ଆଦି ସଙ୍ଗୀନ ଅପରାଧ ମାମଲା ରୁଜୁ ହୋଇଛି। ଅନଳ କୋମ୍ବିଂ ଅପରେଶନ ବେଳେ ଖସିଯିବାରେ ସଫଳ ହେଉଥିଲେ। ତାଙ୍କ ମୁଣ୍ଡ ଉପରେ ଓଡ଼ିଶା ସରକାର ୧ କୋଟି ୨୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ଘୋଷଣା କରିଥିଲେ। ସରଣ୍ଡା ଜଙ୍ଗଲରେ ତାଙ୍କ ନେତୃତ୍ୱରେ ମାଓବାଦୀମାନଙ୍କ ଉପସ୍ଥିତି ସୂଚନା ପାଇ ସୁରକ୍ଷାବଳ ପକ୍ଷରୁ ଏକ ବଡ଼ଧରଣର କୋମ୍ବିଂ ଅପରେଶନ କରାଯାଇଥିଲା। କୋମ୍ବିଂ ବେଳେ ଗୁରୁବାର ସକାଳ ପ୍ରାୟ ୬ଟାରେ ସୁରକ୍ଷାବଳ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଥିଲା ଏବଂ ଏଥିରେ ୧୬ ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ଅପରପକ୍ଷେ, ଏହି ସମ୍ବେଦନଶୀଳ ମାମଲାରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ ରାୟ କହିଛନ୍ତି, ପଶ୍ଚିମ ସିଂଭୂମ ସରଣ୍ଡା ଜଙ୍ଗଲରେ ଏନ୍‌କାଉଣ୍ଟର ହୋଇଥିବା ସୂଚନା ମିଳିଛି। ତେବେ ରାଉରକେଲା ପୋଲିସ ଜିଲା ସୀମାନ୍ତ ସଂଲଗ୍ନ ହୋଇଥିବାରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ହାତକୁ ନିଆଯାଇଛି। ସୀମାକୁ ସିଲ୍ କରାଯାଇଛି।

### ଆଉ ସାଢ଼େ ୪ଲକ୍ଷ...

ଏହି ଯୋଜନା ମାଧ୍ୟମରେ ସରକାର ମହିଳାଙ୍କ ସର୍ବାଙ୍ଗୀନ ବିକାଶ ଲକ୍ଷ୍ୟ ରଖିଛନ୍ତି, ଯାହା କ୍ରମଶଃ ସଫଳ ହେବାରେ ଲାଗିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ଆର୍ଥିକ ସ୍ୱାଧୀନତା ଆତ୍ମବିଶ୍ୱାସ ଆଣିଥାଏ। ଯେତେବେଳେ ଜଣେ ମହିଳାଙ୍କ ହାତରେ ଟଙ୍କା ଥାଏ, ସମାଜ ଓ ପରିବାରରେ ତା'ର ସ୍ୱର ଅଧିକ ଶକ୍ତିଶାଳୀ ହୋଇଯାଏ। ସେ ନିଜ ଭବିଷ୍ୟତ ପାଇଁ ନିଷ୍ପତ୍ତି ନେବା ସହିତ ସାହସର ସହ ଚ୍ୟାଲେଞ୍ଜଗୁଡ଼ିକର ସମ୍ମୁଖୀନ ହୋଇଥାନ୍ତି। ସୁଭଦ୍ରା ଯୋଜନା ମାଧ୍ୟମରେ ସେହି ଆତ୍ମବିଶ୍ୱାସ ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି, ସୁଭଦ୍ରା ଯୋଜନା ଶିଖାଇ ଦେଇଛି ଯେ ମହିଳାଟିଏ ନିଜ ବଳରେ ନିଜ ଉଦ୍ୟମିତା ଆରମ୍ଭ କରିପାରେ। ସମ୍ମାନ, ସ୍ୱାବଲମ୍ବୀ ଓ ସ୍ୱାଭିମାନର ଲକ୍ଷ୍ୟ ନେଇ ଆମେ 'ସମୃଦ୍ଧ ଓଡ଼ିଶା ଏବଂ ବିକଶିତ ଓଡ଼ିଶା' ଗଠନ କରିପାରିବା। ଆଜି ପାଖାପାଖି ୮୫ ହଜାର ମହିଳା ଏକକାଳୀନ ୧୫ ହଜାର ଟଙ୍କା ପାଇଥିବେ ବୋଲି ପ୍ରଭାତୀ କହିବା ସହ ନୂଆ କରି ଯୋଡ଼ି ହୋଇଥିବା ହିତାଧିକାରୀଙ୍କୁ ସ୍ୱାଗତ କରିଥିଲେ। କାର୍ଯ୍ୟକ୍ରମରେ ୫ ସଫଳ ସୁଭଦ୍ରା ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରି ସହାୟତା ରାଶିର ଚେକ୍ ପ୍ରଦାନ କରିଥିଲେ। ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂ, ମହିଳା ଓ ଶିଶୁବିକାଶ ବିଭାଗ ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଏବଂ ନିର୍ଦ୍ଦେଶିକା ମୋନିଷା ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ।

# ଆଞ୍ଚଳିକ ଦଳ ପାଇଁ ନିଶା କାହିଁକି

ଭୁବନେଶ୍ୱର, ୨୨।୧ (ସୁନିତ୍ ମିଶ୍ର)

ଓଡ଼ିଶାରେ ଏକ ନୂଆ ଆଞ୍ଚଳିକ ଦଳ ଗଠନ ପାଇଁ ରାଜ୍ୟରୁ କେତେଜଣ ନେତା ଭିତିରିଆ ଉଦ୍ୟମ କରୁଥିବା ଚର୍ଚ୍ଚା ହେଉଛି। ବର୍ତ୍ତମାନର ରାଜନୈତିକ ସ୍ଥିତିକୁ ଲକ୍ଷ୍ୟକରି ଓଡ଼ିଶାରେ ଆଉ ଗୋଟେ ଦଳ ହୋଇପାରିବ ବୋଲି ଅନେକେ ଚିନ୍ତା ମଧ୍ୟ କରୁଛନ୍ତି। ୨୦୨୪ ସାଧାରଣ ନିର୍ବାଚନର ବିଧାନସଭା ଏବଂ ଲୋକ ସଭା ଫଳାଫଳ ଦେଖିଲେ ଓଡ଼ିଶାରେ ନୂଆ ଆଞ୍ଚଳିକ ଦଳ ଗଠନ ପାଇଁ ଅନେକଙ୍କ ନିଶା କାହିଁକି ବଢ଼ିଯାଇଛି ତାହା ବୁଝିହେବ।

ଗତ ସାଧାରଣ ନିର୍ବାଚନ ଫଳାଫଳ ଅନୁଯାୟୀ ରାଜ୍ୟରେ ଆଞ୍ଚଳିକ ଦଳ ପ୍ରତି ଲୋକଙ୍କ ଭିତରେ ଏକ ସ୍ୱତନ୍ତ୍ର ଆଗ୍ରହ ରହିଥିବା ଲକ୍ଷ୍ୟ କରିହେଉଛି। ଓଡ଼ିଶାର ୧୪୭ ବିଧାନସଭା ଆସନରେ ୨୦୨୪ରେ ହୋଇଥିବା ଭୋଟ ଫଳାଫଳ ଅନୁଯାୟୀ, ବିଜେଡିକୁ ସର୍ବାଧିକ ୧ କୋଟି ୧ ଲକ୍ଷ ୨ ହଜାର ୪୫୪ ଖଣ୍ଡ (୪୦.୨୨%) ଭୋଟ ମିଳିଥିଲା। ଏହି ଭୋଟ ଅନୁଯାୟୀ ବିଜେଡି ୫୧ ଆସନରେ ବିଜୟୀ ହେଇପାରିଥିଲା। ଭାଜପାକୁ ଦ୍ୱିତୀୟ ସର୍ବାଧିକ ଭାବେ ମୋଟ୍ ୧ କୋଟି ୬୪ ହଜାର ୮୨୭ ଖଣ୍ଡ (୪୦.୦୭%) ଭୋଟ ମିଳିଥିଲା। ମାତ୍ର ଭାଜପା ସେତେବେଳେ ୭୮ଟି ଆସନରେ ବିଜୟୀ ହୋଇପାରିଲା। ଭାଜପାଠାରୁ ବିଜେଡିକୁ କିନ୍ତୁ ୩୭ ହଜାର ୬୨୭ ଖଣ୍ଡ ଅଧିକ ଭୋଟ ମିଳିଥିଲା। ଏହାସତ୍ତ୍ୱେ ୨୭ଟି ଅଧିକ ଆସନରେ ଜିତି ଭାଜପା ଓଡ଼ିଶାରେ ସରକାର କରିପାରିଲା। ସେହିପରି କଂଗ୍ରେସ ମୋଟ୍ ୩୩ ଲକ୍ଷ ୩୧ ହଜାର ୩୧୯ ଖଣ୍ଡ ଅର୍ଥାତ୍ ୧୩.୨୬ % ଭୋଟ ପାଇଥିଲା। ରାଜ୍ୟରେ ୧.୦୨% ଅର୍ଥାତ୍ ୨ ଲକ୍ଷ ୫୭ ହଜାର ୩୫୫ ଜଣ କୌଣସି ଦଳ ଉପରେ ଭରସା କରି ନ ପାରିବାରୁ ନୋଟାରେ ଭୋଟ ଦେଲେ। ସ୍ୱାଧୀନ ଭାବେ ନିର୍ବାଚନ ଲଢ଼ିଥିବା ପ୍ରାର୍ଥୀମାନଙ୍କୁ ମୋଟ୍ ୮ ଲକ୍ଷ ୪୩ ହଜାର ୭୦୨ ଖଣ୍ଡ ଅର୍ଥାତ୍ ୩.୩୯ ପ୍ରତିଶତ ଭୋଟ ମିଳିଥିଲା। ଅବଶ୍ୟ ବିଜୟୀ ହୋଇଥିବା ୩ ସ୍ୱାଧୀନ ପ୍ରାର୍ଥୀ ପରବର୍ତ୍ତୀ ସମୟରେ ଭାଜପାରେ ଯୋଗଦେଇଛନ୍ତି। ଅନେକ ସମୟରେ ରାଜନୀତିରେ ଏପରି ଘଟିଥାଏ, ସ୍ୱାଧୀନ ଜିତିଥିବା ପ୍ରାର୍ଥୀମାନେ ପରବର୍ତ୍ତୀ ସମୟରେ ଶାସକ ଦଳରେ ଯୋଗଦେବାକୁ ଅଧିକ ଆଗ୍ରହ ପ୍ରକାଶ କରିଥାଆନ୍ତି।

୨୦୨୪ରେ ଓଡ଼ିଶାରେ ଅନୁଷ୍ଠିତ ଲୋକ ସଭା ନିର୍ବାଚନର ଫଳାଫଳକୁ ଦେଖିଲେ, ଭାଜପାକୁ ୧ କୋଟି ୧୩ ଲକ୍ଷ ୩୫ ହଜାର ୫୪୯ (୪୫.୩୪%) ଭୋଟ ମିଳିଥିଲା। ଏହି ଭୋଟ ଦ୍ୱାରା ୨୧ ଲୋକ ସଭା ଆସନ ମଧ୍ୟରୁ ଭାଜପା ୨୦ଟି ସ୍ଥାନରେ

## ହିସାବ ବୁଝାଇ ଦେଉଛି

ବିଜୟୀ ହୋଇଥିଲା। ବିଜେଡିକୁ ମୋଟ ୯୩ ଲକ୍ଷ ୮୨ ହଜାର ୭୧୧ ଖଣ୍ଡ (୩୭.୫୩%) ଭୋଟ ମିଳିଥିଲା। ଦ୍ୱିତୀୟ ସର୍ବାଧିକ ଭୋଟ ପାଇଥିବା ବିଜେଡି କିନ୍ତୁ ଗୋଟିଏ ହେଲେ ଲୋକ ସଭା ଆସନରେ ଜିତିପାରି ନ ଥିଲା। ବିଜେଡିଠାରୁ ଭାଜପାକୁ ୧୯ ଲକ୍ଷ ୫୨ ହଜାର ୮୩୮ ଖଣ୍ଡ ଅଧିକ ଭୋଟ ମିଳିଥିଲା। କଂଗ୍ରେସ ୩୧ ଲକ୍ଷ ୩୦ ହଜାର ୦୫୬ ଖଣ୍ଡ (୧୨.୫୨%) ଭୋଟ ପାଇଥିଲା। ତୃତୀୟ ସର୍ବାଧିକ ଭୋଟ ପାଇଥିବା କଂଗ୍ରେସ ଗୋଟିଏ ଲୋକ ସଭା ଆସନ କୋରାପୁଟରେ ବିଜୟୀ ହୋଇଛି। ଦିଲ୍ଲୀ ପାଇଁ ଓଡ଼ିଆ ଭୋଟର କୌଣସି ଦଳର ପ୍ରାର୍ଥୀଙ୍କୁ ପସନ୍ଦ ନ କରି ନୋଟାରେ ୩ ଲକ୍ଷ ୨୪ ହଜାର ୫୮୮ ଖଣ୍ଡ ଭୋଟ ଦେଇଛନ୍ତି। ସ୍ୱାଧୀନଭାବେ ଠିଆ ହୋଇଥିବା ପ୍ରାର୍ଥୀମାନେ ମୋଟ୍ ୨.୬୦% ଅର୍ଥାତ୍ ୬ ଲକ୍ଷ ୫୦ ହଜାର ୩୩୬ ଖଣ୍ଡ ଭୋଟ ପାଇଛନ୍ତି। ଏହିସବୁ ଫଳାଫଳ ଦେଖିବା ପରେ ଆଞ୍ଚଳିକ ଦଳ ପ୍ରତି ରାଜ୍ୟରେ ଲୋକଙ୍କ ଯଥେଷ୍ଟ ଭରସା ରହିଥିବା ଜାଣିପାରି ନୂଆ ପାର୍ଟି ଗଠନ ଲାଗି ଏକପ୍ରକାର ଜୁଆଖେଳ ଆରମ୍ଭ ହୋଇଯାଇଛି।

ଗତ ସାଧାରଣ ନିର୍ବାଚନ ସମୟରେ ବିଜେଡିର ଅଧିକାଂଶ କର୍ମୀ ନିଜର ଏବଂ ସେମାନଙ୍କ ପରିବାର ଭୋଟ ଭାଜପାକୁ ଦେଇଥିବା ଏକ ଜଣାଶୁଣା କଥା। ଅର୍ଥାତ୍ ବିଜେଡି ବିଧାନସଭା ଏବଂ ଲୋକ ସଭାରେ ଯେଉଁ ଭୋଟ ପାଇଲା ତାହା କର୍ମୀମାନଙ୍କ ବିନା ସହଯୋଗରେ ମିଳିଛି। ଏଥିରୁ ବୁଝିନେବାକୁ ହେବ ନିର୍ବାଚନ ସମୟରେ ବିଜେଡି ଟଙ୍କା ମଧ୍ୟ ଠିକ୍ ଭାବେ ତଳସ୍ତରରେ ପହଞ୍ଚିପାରି ନ ଥିଲା। ତଥାପି ବିଧାନସଭାରେ ୧୦୧,୦୨ ୪୫୪ ଏବଂ ଲୋକ ସଭାରେ ୯୩,୮୨,୭୧୧ ଖଣ୍ଡ ଭୋଟ ବିଜେଡି ପାଇବା ଅର୍ଥ ଲୋକମାନେ ରାଜ୍ୟରେ କର୍ମୀଙ୍କୁ ଏଡ଼ାଇ ଆଞ୍ଚଳିକ ଦଳ ପ୍ରତି ବିଶ୍ୱାସ ରଖିଛନ୍ତି। ଏଭଳି ପରିସ୍ଥିତିରେ ବରିଷ୍ଠ ନେତା ବିଜୟ ମହାପାତ୍ର, ଭାଜପା ନେତା ଦିଲୀପ ରାୟ ଏବଂ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ (ବବି) ନୂଆ ଆଞ୍ଚଳିକ ଦଳ କରିବାକୁ ଯେଉଁ ଅଣ୍ଟା ଭିଡୁଛନ୍ତି ବୋଲି ଚର୍ଚ୍ଚା ହେଉଛି, ସେମାନେ ବୁଝିଛନ୍ତି ଓଡ଼ିଶାରେ ଆଞ୍ଚଳିକ ଦଳ ଲାଗି ଏକ ଶୂନ୍ୟସ୍ଥାନ ଅଛି। ଆହୁରି ଗୋଟିଏ କଥା ମଧ୍ୟ ଏଠାରେ ଉଲ୍ଲେଖ କରାଯାଇପାରେ, ୨୦୨୪ ନିର୍ବାଚନ ସମୟରେ ଓଡ଼ିଶାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ନେଇ ସେମିତି କିଛି ଆଖିଦୃଶିଆ ହାୱା ନ ଥିଲା। ଏମିତି କି ଦେଶରେ ମଧ୍ୟ ଭାଜପାକୁ ନେଇ ସେପରି କିଛି ନୂଆ ହାୱା ନ ଥିଲା। ସମସ୍ତେ ଜାଣନ୍ତି ଏଥର ବିଜେଡି ନିର୍ବାଚନ ହାରିବାରେ ତାଙ୍କ ଦଳର ସଭାପତି ନବୀନ ପଟ୍ଟନାୟକ ନିଜେ ଦାୟୀ। ନବୀନ ତାଙ୍କ ଘନିଷ୍ଠ ପାଣ୍ଡିଆନ୍‌ଙ୍କୁ ଆଗକୁ ଆଣି ବୁଲାଇଲେ, ଯାହାକୁ ଓଡ଼ିଶାର ଲୋକମାନେ ଗ୍ରହଣ କଲେନାହିଁ। ଅର୍ଥାତ୍ ୨୦୨୪ରେ ଭାଜପା ଜିତିବା ଅପେକ୍ଷା ବିଜେଡି ହାରିଲା ବୋଲି କହିବା ଯୁକ୍ତିଯୁକ୍ତ ହେବ।

ସୂଚନାଯୋଗ୍ୟ, ଏବେକାର ପିଢ଼ି କେବଳ ନବୀନ ଓ ବିଜେଡିକୁ ଚିହ୍ନୁଛନ୍ତି। କାରଣ ଓଡ଼ିଶାରେ ରାଜନୀତି କରୁଥିବା ଅଧିକାଂଶ ଲୋକ ରାଜନୀତିର ଇତିହାସ ବିଷୟରେ ଜାଣିବାକୁ ଚେଷ୍ଟା ମଧ୍ୟ କରୁନାହାନ୍ତି। ୧୯୯୭ ଡିସେମ୍ବରରେ ନବୀନ ଓଡ଼ିଶାର ସବୁ ଜିଲାର ନାମ କହିବା ଦକ୍ଷତା ରଖି ନ ଥିଲେ। ଆହୁରି ଗୋଟେ କଥା ଜାଣିବା ଦରକାର, ବିଜେଡିକୁ ନବୀନ କିମ୍ବା କୌଣସି ବ୍ୟକ୍ତିବିଶେଷ ସୃଷ୍ଟି କରିନାହାନ୍ତି। ଯଦି ବିଜେଡିର ଜନ୍ମ ପାଇଁ କାହାକୁ ଶ୍ରେୟ ଦେବାର ଉଦ୍ୟମ ହେବ, ତେବେ ତତ୍କାଳୀନ କଂଗ୍ରେସର ମୁଖ୍ୟମନ୍ତ୍ରୀ ଏବଂ ତାଙ୍କ ଚାରିପାଖରେ ଥିବା ରାଜନୈତିକ ବ୍ୟକ୍ତିମାନଙ୍କୁ ଦିଆଯାଇପାରେ। ସେହି ସମୟରେ ସେ ସମସ୍ତଙ୍କ ଜଘନ୍ୟ ବ୍ୟକ୍ତିଗତ ଚରିତ୍ର ସହିତ କେବଳ ନିଜ ପରିବାରକୁ ସବୁ ସୁବିଧା ସୁଯୋଗ ଯୋଗାଇ ଦେବାର ଅସରନ୍ତି ପ୍ରୟାସରେ ଓଡ଼ିଶାବାସୀ ଅତିଷ୍ଠ ହୋଇ ବିକଳ୍ପ ଭାବେ ବିଜେଡିକୁ ବାଛିଥିଲେ। ଏବେ ନୂଆ ଆଞ୍ଚଳିକ ଦଳ ଗଠନ ଭାଜପାକୁ ସୁହାଇବା ଭଳି ସୃଷ୍ଟି ହେବା ସମ୍ଭାବନା ରଖିଛି।

ଭାଜପା କେନ୍ଦ୍ର ନେତୃତ୍ୱ ପାଣ୍ଡିଆନ୍ ଏବଂ ବବିଙ୍କ ମଧ୍ୟରେ ବଢୁଥିବା ସମ୍ଭାବ୍ୟ ତିକ୍ତତା ପଛର ରହସ୍ୟ ବୁଝୁଛନ୍ତି। କାରଣ ଏଥିରେ ଅଧିକ ଭାଜପାକୁ ଲାଭ ମିଳିବ। ବିଜେଡିକୁ ବଞ୍ଚାଇ ରଖିବା ପାଇଁ ଯାହାସବୁ ଦରକାର ସେଥିପାଇଁ ଗୋଟିଏ ହେଲେ ସୁଯୋଗ ହାତଛଡା କରିବାକୁ ଚାହିଁବନାହିଁ। ଭାଜପା ବୁଝେ ରାଜ୍ୟରେ ଆଞ୍ଚଳିକ ଦଳ ପାଖରେ ପ୍ରବଳ ମାତ୍ରାରେ ଭୋଟ ରହିଛି, ସେଗୁଡିକ ବିଜେଡି ନ ରହିଲେ ବିରୋଧୀରେ ବଦଳିଯିବ। ଏହି ଭୋଟ କଂଗ୍ରେସକୁ ମଧ୍ୟ ଯିବା ସମ୍ଭାବନା ଦିଶୁନାହିଁ।




# 'କୋଟିଆ ବିକାଶ' ପାଇଁ ୨୯୦ କୋଟି

## ୨୦ବିଭାଗ ନେଲା ଦାୟିତ୍ୱ

ଭୁବନେଶ୍ୱର, ୨୨।୧ (ରବିନାରାୟଣ ଜେନା)

ଆନ୍ଧ୍ରପ୍ରଦେଶ ସୀମାନ୍ତବର୍ତ୍ତୀ କୋରାପୁଟ ଜିଲା କୋଟିଆର ବିକାଶ ପାଇଁ ସରକାର ଅଣ୍ଟା ଭିଡ଼ିଛନ୍ତି। ଏହି ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଲୋକଙ୍କୁ କିଭଳି ରାଜ୍ୟ ସରକାରଙ୍କ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦିଆଯିବ ତାକୁ ନେଇ 'କୋଟିଆ ବିକାଶ' ନକ୍ସା ପ୍ରସ୍ତୁତ କରାଯାଇଛି। ତଦନୁଯାୟୀ ୨୯୦କୋଟି ୪୪ଲକ୍ଷ ଟଙ୍କା ଉକ୍ତ ଅଞ୍ଚଳରେ ବିନିଯୋଗ କରାଯିବ। ଏ ସଂକ୍ରାନ୍ତରେ ରାଜସ୍ୱ ବିଭାଗ ପକ୍ଷରୁ ୨୦ଟି ବିଭାଗକୁ ତା'ର କାର୍ଯ୍ୟ ସମ୍ପାଦନା କରିବାକୁ କୁହାଯାଇଛି। ଜାନୁଆରୀ ୧୭ରେ ରାଜସ୍ୱ ବିଭାଗ ଅତିରିକ୍ତ ସଚିବ ମଧୁସ୍ମିତା ସାହୁ ସମ୍ପୃକ୍ତ ବିଭାଗକୁ ପତ୍ର ଲେଖି ଦର୍ଶାଇଛନ୍ତି, ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ନେତୃତ୍ୱରେ ଉକ୍ତ ଅଞ୍ଚଳକୁ ଏକ ପ୍ରତିନିଧି ମଣ୍ଡଳୀ ଗସ୍ତ କରିଥିଲା। ଏହାକୁ ନେଇ ରାଜସ୍ୱମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ କୋଟିଆର ବିକାଶ ପାଇଁ ଯେଉଁ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା ତା'ର ଆଧାରରେ ତୁରନ୍ତ ଉକ୍ତ ଅର୍ଥ ବିନିଯୋଗର 'ଆକ୍ସନପ୍ଲାନ୍' ପ୍ରଦାନ କର। ବିଭାଗର ତଥ୍ୟ ଅନୁଯାୟୀ, କୋଟିଆର ବିକାଶ ପାଇଁ କୃଷି ବିଭାଗ ପକ୍ଷରୁ ପ୍ରାୟ ୫୦ଟି ସ୍ଥାନରେ ପନିପରିବା ଓ ମକା ଚାଷ ଲାଗି ୧କୋଟି ୫୮ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବାକୁ ରହିଛି। ସେହିପରି କୋଟିଆ ଅଞ୍ଚଳରେ ଥିବା ଅଭାବୀ ପରିବାରକୁ ବିଦ୍ୟୁତ୍ ସଂଯୋଗ ଲାଗି ଶକ୍ତି ବିଭାଗ ପକ୍ଷରୁ ୭କୋଟି ୧୯ଲକ୍ଷ ଟଙ୍କାର ଭିତ୍ତିଭୂମି ପ୍ରସ୍ତୁତ କରାଯିବାକୁ ରହିଥିବାବେଳେ ଜଙ୍ଗଲ ଓ ପରିବେଶ ବିଭାଗ ୭୦ଲକ୍ଷ, ସ୍ୱାସ୍ଥ୍ୟ ବିଭାଗ ୪କୋଟି ୪୧ଲକ୍ଷ, ଗୃହ ବିଭାଗ ପକ୍ଷରୁ ୪୫ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ଏହାସହିତ ଉଦ୍ୟାନକୃଷି ବିଭାଗ ପକ୍ଷରୁ ୮କୋଟି ୨୫ଲକ୍ଷ ଟଙ୍କା ଖର୍ଚ୍ଚ କରି ଲୋକଙ୍କ ଜୀବନଜୀବିକା ସୁରକ୍ଷିତ କରିବାକୁ ଲକ୍ଷ୍ୟ ରଖାଯାଇଥିବା ବେଳେ ମିଶନ ଶକ୍ତି ୭କୋଟି, ଓରମାସ୍ ୧.୫୪କୋଟି, ପଞ୍ଚାୟତିରାଜ ବିଭାଗ ୪୪କୋଟି, ରାସ୍ତା ଓ କୋଠାବାଡ଼ି ଭିତ୍ତିଭୂମି ପାଇଁ ୪୦.୩୭କୋଟି, ଗ୍ରାମ୍ୟ ଜଳଯୋଗାଣ ବିଭାଗ ପକ୍ଷରୁ ୩୩.୪୫କୋଟି, ଗଣଶିକ୍ଷା ବିଭାଗ ପକ୍ଷରୁ ୪୦କୋଟି, ମୃତ୍ତିକା ସଂରକ୍ଷଣ ବିଭାଗ ପକ୍ଷରୁ ୨.୮୬କୋଟି, ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପକ୍ଷରୁ ୩୨କୋଟି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ୫୫ଲକ୍ଷ, ପଶୁସମ୍ପଦ ବିଭାଗ ପକ୍ଷରୁ ୪.୮୫କୋଟି, ମହିଳା ଓ ଶିଶୁ କଲ୍ୟାଣ ବିଭାଗ ପକ୍ଷରୁ ୪.୫୭କୋଟି ଏବଂ ଅନ୍ୟାନ୍ୟ କ୍ଷେତ୍ର ଲାଗି ପ୍ରାୟ ୧୭କୋଟି ଟଙ୍କା ବିନିଯୋଗ କରାଯିବାକୁ ରହିଛି। ସୂଚନାଯୋଗ୍ୟ, କୋଟିଆ ପାଇଁ ଏବେ ୫ଟି ବଡ଼ ଆହ୍ୱାନ ରହିଛି। ଉକ୍ତ ଅଞ୍ଚଳରେ ନେଟ୍‌ୱର୍କ ବ୍ୟବସ୍ଥା ଠିକ୍ ନ ଥିବାବେଳେ ୨୧ଟି ଗ୍ରାମର ଜମି ସର୍ଭେ ହୋଇନାହିଁ। ସ୍ୱତନ୍ତ୍ର ସଂଘନ ସଂଶୋଧନ (ଏସ୍‌ଆଇଆର୍) ହୋଇ ନ ଥିବାବେଳେ ଲୋକଙ୍କ ଆଧାରକାର୍ଡ ବିଭିନ୍ନ ସରକାରୀ ଯୋଜନା ସହିତ ସଂଲଗ୍ନ ହୋଇନାହିଁ। ଏହି ଦୃଷ୍ଟିରୁ ପ୍ରଥମେ ଉକ୍ତ ଅଞ୍ଚଳର ଭିତ୍ତିଭୂମି ସୁଦୃଢ଼ ହେବାର ଆବଶ୍ୟକତା ରହିଛି ବୋଲି ପତ୍ରରୁ ଜଣାଯାଇଛି।




# ୩୧ରେ ରାଜ୍ୟ କ୍ୟାବିନେଟ୍

ଭୁବନେଶ୍ୱର, ୨୨।୧ (ରବିନାରାୟଣ ଜେନା)

ରାଜ୍ୟର ବିକାଶକୁ ତ୍ୱରାନ୍ୱିତ କରିବା ତଥା ଲୋକଙ୍କ ହିତକୁ ଦୃଷ୍ଟିରେ ରଖି ରାଜ୍ୟ ସରକାରଙ୍କ ପକ୍ଷରୁ ଜାନୁଆରୀ ୩୧ରେ ରାଜ୍ୟ କ୍ୟାବିନେଟ ବୈଠକ ଅନୁଷ୍ଠିତ ହେବ। ଲୋକସେବା ଭବନର ତୃତୀୟ ମହଲାରେ ପୂର୍ବାହ୍ନ ୧୧ଟାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ କ୍ୟାବିନେଟ ବୈଠକରେ ୭ଟିରୁ ଊର୍ଦ୍ଧ୍ୱ ପ୍ରସ୍ତାବକୁ ମୋହର ବାଜିବ ବୋଲି ବିଶ୍ୱସ୍ତ ସୂତ୍ରରୁ ଜଣାଯାଇଛି। ସୂଚନା ଅନୁଯାୟୀ, ଆସନ୍ତା ଫେବୃଆରୀ ତୃତୀୟ ସପ୍ତାହରେ ରାଜ୍ୟ ସରକାରଙ୍କ ପକ୍ଷରୁ ୨୦୨୬-୨୭ ଆର୍ଥିକବର୍ଷ ଲାଗି ସାଧାରଣ ବଜେଟ ଆସିବାର ରହିଛି। ଏହାକୁ ନେଇ ବିଭିନ୍ନ ବିଭାଗ ପକ୍ଷରୁ ବହୁ ଗୁରୁତ୍ୱପୂର୍ଣ୍ଣ ନୂତନ ଯୋଜନା ଆସିବାକୁ ରହିଛି। ସେଥିମଧ୍ୟରେ ମହିଳା ସଶକ୍ତୀକରଣ, ସ୍ୱାସ୍ଥ୍ୟସେବାରେ ଉନ୍ନତୀକରଣ ପାଇଁ ବିଭାଗ ସ୍ୱତନ୍ତ୍ର ପ୍ରସ୍ତାବ ଆଣିବାକୁ ରହିଥିବାବେଳେ ରାଜ୍ୟବାସୀଙ୍କୁ ରାଜସ୍ୱ ସେବା ନିକଟତର କରିବା ଲାଗି ରାଜସ୍ୱ ବିଭାଗ ପକ୍ଷରୁ ଜମିଜମା ସଂକ୍ରାନ୍ତୀୟ ପ୍ରସ୍ତାବକୁ କ୍ୟାବିନେଟ ମୋହର ବାଜିବ ବୋଲି ଜଣାଯାଇଛି। ସେହିପରି ନଗର ଉନ୍ନୟନ ବିଭାଗ, ଜଳସମ୍ପଦ, ମହିଳା ଓ ଶିଶୁ କଲ୍ୟାଣ, ସାଧାରଣ ପ୍ରଶାସନ, ସଂସଦୀୟ ବ୍ୟାପାର ଓ ଅର୍ଥ ଭଳି ବିଭିନ୍ନ ବିଭାଗ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବ ଆସିବ ବୋଲି ଜଣାଯାଇଛି।

# ୨ରୁ ରାଷ୍ଟ୍ରପତିଙ୍କ ୬ ଦିନିଆ ଓଡ଼ିଶା ଗସ୍ତ


ଦ୍ରୌପଦୀ ମୁର୍ମୁ

ବାରିପଦା, ୨୨।୧ (ନୀଳାଦ୍ରି ବିହାରୀ ଦଣ୍ଡପାଟ)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ୬ ଦିନିଆ ଓଡ଼ିଶା ଗସ୍ତରେ ଆସିବା ନେଇ ରାଷ୍ଟ୍ରପତି ଭବନ ସେକ୍ରେଟେରିଏଟ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଫେବୃୟାରୀ ୨ରୁ ୭ତାରିଖ ପର୍ଯ୍ୟନ୍ତ ଓଡ଼ିଶାର ବିଭିନ୍ନ କାର୍ଯ୍ୟକ୍ରମରେ ସେ ଯୋଗଦେଇ ପ୍ରତ୍ୟାବର୍ତ୍ତନ କରିବେ। ୩ ତାରିଖରେ ରାଷ୍ଟ୍ରପତି ଯାଜପୁର ଜିଲା ମା' ବିରଜାଙ୍କ ମନ୍ଦିରକୁ ଯାଇ ଦର୍ଶନ କରିବେ। ସେଠାରୁ ବାହାରି ବାଲେଶ୍ୱର ଜିଲା ଫକୀର ମୋହନ ବିଶ୍ୱବିଦ୍ୟାଳୟର ୧୨ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ଏକ ଅଡିଟୋରିୟମର ଶୁଭ ଉଦ୍‌ଘାଟନ କରିବେ। ସେଠାରୁ ଅପରାହ୍ନରେ ବାହାରି ପୁରୀ ଶ୍ରୀମନ୍ଦିର ଯାଇ ଜଗନ୍ନାଥ ଦର୍ଶନ କରିବେ। ୪,୫ ଓ ୬ ତାରିଖ ମୟୂରଭଞ୍ଜ ଜିଲା ଗସ୍ତରେ ଆସି ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିବା ସହ ଶିମିଳିପାଳ ଅଭୟାରଣ୍ୟରେ ସମୟ ବିତାଇବେ।






ହେ ଅମୃତର ପୁତ୍ର ! ପ୍ରକୃତିକୁ ଅନୁସରଣ କରି ଜୀବନଯାପନ କରନାହିଁ। ଭଗବାନଙ୍କୁ ଅନୁସରଣ କରି ଜୀବନଯାପନ କର। ପ୍ରକୃତିକୁ ମଧ୍ୟ ବାଧ୍ୟ କର– ସେ ଯେପରି ତୁମର ଅନ୍ତର୍ଯ୍ୟାମୀ ଦେବତାଙ୍କୁ ମାନି ଜୀବନ ଯାପନ କରେ। –ଶ୍ରୀଅରବିନ୍ଦ

-ସରସ୍ୱତୀ ପୂଜା, ଶ୍ରୀମନ୍ଦିରରେ ବସନ୍ତୋତ୍ସବ, ରଥକାଠ ଅନୁକୂଳ, ନେତାଜୀ ଓ ସୁରେନ୍ଦ୍ର ସାଏ ଜୟନ୍ତୀ, ଶରଣ ଶେଷ



# କ୍ଷୁଧା ଚିନ୍ତା



ୟୁର୍ଦି ୟାସ୍‌ମ

ବିଶ୍ୱରେ ଏବେ ୮ ବିଲିୟନ (୮୦୦ କୋଟି) ଲୋକଙ୍କୁ ଖାଦ୍ୟ ଦେବା ପାଇଁ ସଂଘର୍ଷ କରିବାକୁ ପଡୁଥିବାବେଳେ ୨୦୫୦ ସୁଦ୍ଧା ୧୦ ବିଲିୟନ (୧,୦୦୦ କୋଟି) ଲୋକଙ୍କୁ ଆମେ କିଭଳି ଖାଦ୍ୟ ଯୋଗାଇ ପାରିବା? ବଢୁଥିବା ଜନସଂଖ୍ୟାର ପୌଷ୍ଟିକ ଆବଶ୍ୟକତା ପୂରଣ ପାଇଁ କେବଳ ଶସ୍ୟଜାତ ଖାଦ୍ୟ ଉତ୍ପାଦନ ବୃଦ୍ଧି କରିବା ଆବଶ୍ୟକ ତାହା ନୁହେଁ, ବରଂ କେହି ଯେଭଳି ଖାଦ୍ୟ ଅସୁରକ୍ଷାରେ ନ ରୁହନ୍ତି, ସେଥିପାଇଁ ସମବଣ୍ଟନ ନିଶ୍ଚିତ କରିବାକୁ ପଡ଼ିବ। ଏହା କରିବା ବଡ଼ କଠିନ। ଏବକାର ଖାଦ୍ୟ ବ୍ୟବସ୍ଥା ଅବ୍ୟବସ୍ଥିତ ହୋଇଗଲାଣି। ପାଖାପାଖି ୬୭୩ ମିଲିୟନ ଲୋକ ପ୍ରତିଦିନ ରାତିରେ ଉପାସ ରହୁଛନ୍ତି। ୨୦୨୫ରେ ମଧ୍ୟ ଆମେ ଦୁଇଟି ମରୁଡ଼ି (ଗାଜା ଓ ସୁଦାନରେ) ଦେଖିଥିଲୁ, ଯାହା ସଂଘର୍ଷ ଏବଂ ଜଳବାୟୁ ବିପର୍ଯ୍ୟୟ ଯୋଗୁ ସୃଷ୍ଟି ହୋଇଥିଲା। ଫଳରେ ଖାଦ୍ୟର ମୂଲ୍ୟ ବୃଦ୍ଧି ଘଟିଥିଲା। ଏହି ସମୟରେ ବିଶ୍ୱରେ ଲୋକଙ୍କୁ ଖାଦ୍ୟ ଦେବା ସକାଶେ ଆମେ ନିର୍ଭର କରୁଥିବା ଏବକାର ପଦ୍ଧତି ଦ୍ୱାରା ୧.୬୬ ବିଲିୟନ ହେକ୍ଟର (ଯେଉଁଥିରୁ ୬୦% ହେଉଛି କୃଷି ଉପଯୋଗୀ ଭୂମି)ର ଉର୍ବରତା ହ୍ରାସ କରିସାରିଲୁଣି।

ଅଧିକ ଖାଦ୍ୟ ଉତ୍ପାଦନ କ୍ଷମତା ଅଭାବ ଯୋଗୁ ବୈଶ୍ୱିକ କ୍ଷୁଧା ସୃଷ୍ଟି ହୋଇନାହିଁ, ବରଂ ପ୍ରଭାବୀଶୈଳୀରେ ଖାଦ୍ୟ ଉତ୍ପାଦନ ଏବଂ ସମବଣ୍ଟନରେ ବିଫଳତା ଅନେକାଂଶରେ ଏଥିପାଇଁ ଦାୟୀ। ୨୦ଟି ଦେଶ ଓ ଅନେକ ଅଞ୍ଚଳରେ ଦେଖାଯାଇଥିବା କ୍ଷୁଧାର ପ୍ରମୁଖ କାରଣ ହେଉଛି ସଂଘର୍ଷ ଓ ଅସୁରକ୍ଷା। ଏହାଯୋଗୁ ୧୪୦ ମିଲିୟନ ଲୋକ ଗମ୍ଭୀର ଖାଦ୍ୟ ଅସୁରକ୍ଷାକୁ ସାମ୍ନା କରୁଛନ୍ତି। ବିଗତ ୩୩ ବର୍ଷରେ ବିଶ୍ୱରେ ବିପର୍ଯ୍ୟୟ ଯୋଗୁ କୃଷିରେ ୩.୨୬ ଟ୍ରିଲିୟନ ଆମେରିକୀୟ ଡଲାର କ୍ଷତି ହୋଇଥିବା ଆକଳନ କରାଯାଇଛି। ଅର୍ଥାତ୍ ବାର୍ଷିକ ହାରାହାରି ୯୯ ବିଲିୟନ ଡଲାର କିମ୍ବା ବୈଶ୍ୱିକ କୃଷି ଉତ୍ପାଦନର ପାଖାପାଖି ୪% କ୍ଷତି ଘଟିଛି। ଏବେ ଯୋଗାଣ ଅବ୍ୟବସ୍ଥା ଯୋଗୁ ଖାଦ୍ୟମୂଲ୍ୟ ବୃଦ୍ଧି ଘଟି ଅନେକ କୋଟି ଲୋକ କ୍ଷୁଧାରେ ରହୁଛନ୍ତି। ତେବେ ଅନେକ ଦଶନ୍ଧି ଧରି ବଢୁଥିବା ଖାଦ୍ୟ ଚାହିଦା ପୂରଣ କରିବା ପାଇଁ ପଦକ୍ଷେପ ନିଆଯାଇଆସୁଛି ଏବଂ ବିଶେଷକରି ଅଧିକ ଉତ୍ପାଦନକ୍ଷମ ଶସ୍ୟ ବିକାଶ ସହ ଅଧିକ ସାର, କୀଟନାଶକ ଓ ପାଣି ବ୍ୟବହାର କରାଯାଉଛି। ତେବେ ଏହି ଧାରା ବର୍ଜ୍ୟ ସୃଷ୍ଟି କରିବା ସହ ନଦୀଗୁଡ଼ିକୁ ପ୍ରଦୂଷିତ କରିଛି। ଏହାବ୍ୟତୀତ ମାଟିର ଉର୍ବରତା ହ୍ରାସ ପାଇଛି ଏବଂ ଅଧିକ ସବୁଜଗୃହ ବାଷ୍ପ (ଜିଏଚ୍‌ଜି) ନିର୍ଗମନ ହୋଇଛି। ଆମକୁ ଆହୁରି ଭଲ ବାଟ ବାଛିବାକୁ ପଡ଼ିବ ଏବଂ ବିଜ୍ଞାନ ଆମକୁ ଉପାୟ ଦେଖାଇଦେବ। ଆମେ ଯାହା ବ୍ୟବହାର କରୁଛୁ ତାହାକୁ ଯଥାସମ୍ଭବ ପ୍ରଭାବୀ



କରିବା ଏବଂ ଯାହା ଉତ୍ପାଦନ କରୁଛୁ ତାହାକୁ ବଣ୍ଟନ କରିବା ପାଇଁ ଆମ ପାଖରେ ଜ୍ଞାନ ଓ ସାଧନ ମଧ୍ୟ ଅଛି।

ପ୍ରଥମେ କାର୍ଯ୍ୟକ୍ଷମତା ବୃଦ୍ଧି ଉପରେ ପ୍ରାଥମିକତା ଦେବା ଆବଶ୍ୟକ। ୧୯୯୦ ଓ ୨୦୨୦ ମଧ୍ୟରେ ସାର ବ୍ୟବହାର ୪୬% ବୃଦ୍ଧି ଘଟିଥିଲା ଏବଂ କୀଟନାଶକ ଦୁଇଗୁଣ ବ୍ୟବହାର ହୋଇଥିଲା। କିନ୍ତୁ ସାରର କେବଳ ୩୦–୬୦% ନ୍ୟୁଟ୍ରିଣ୍ଟ ଏବଂ ୨୦–୭୦% କୀଟନାଶକ ଠିକ୍ ଭାବେ ଶସ୍ୟ ଦ୍ୱାରା ଅବଶୋଷିତ ହୋଇଥିଲା ଏବଂ ଅବଶିଷ୍ଟ ଜମିରେ ରହି ନଦୀକୁ ବହିଯିବା ସହ ମାଟିକୁ ଅନୁର୍ବର କିମ୍ବା ଜିଏଚ୍‌ଜି ନିର୍ଗମନ କରିଛି। ତେବେ ସୌଭାଗ୍ୟର କଥା, ଗବେଷଣାରୁ ଜଣାପଡ଼ିଛି ଯେ, ଅଧିକ ଯବକ୍ଷାରଜାନ ବ୍ୟବହାର ୧୯% ଉତ୍ପାଦନ ବୃଦ୍ଧି କରିପାରିବ ଏବଂ ସାର ବ୍ୟବହାରକୁ ୧୫–୧୯% ହ୍ରାସ କରାଯାଇପାରିବ। ଆଧୁନିକ କୃଷି ଜ୍ଞାନକୌଶଳ କୀଟନାଶକ ପରିଚାଳନାରେ ଉନ୍ନତି ଆଣିପାରିଛି। ଫଳରେ ଠିକ୍ ଭାବେ କୀଟନାଶକ ପ୍ରୟୋଗ ହେଉଛି ଏବଂ ଜୈବ କୀଟନାଶକ ବ୍ୟବହାର ବଢୁଛି। ଏହାଦ୍ୱାରା ରାସାୟନିକ ବର୍ଜ୍ୟ ହ୍ରାସ ହେବା ସହ ଜୈବବିବିଧତା ସୁରକ୍ଷା ସମ୍ଭବ ହୋଇଛି। ଆଗ୍ରୋଇକୋଲୋଜିକାଲ ପଦ୍ଧତିଗୁଡ଼ିକ ମାଟିର ଉର୍ବରତା ବୃଦ୍ଧି କରିବା ସହ ଦୀର୍ଘମିଆଦୀ ସହନୀୟତାକୁ ମଜଭୁତ କରିପାରୁଛି। ଦ୍ୱିତୀୟରେ ଖାଦ୍ୟ ବ୍ୟବସ୍ଥାର ବିବିଧ ଫସଲକୁ ପ୍ରାଥମିକତା ଦେବାକୁ ପଡ଼ିବ। ଅନେକ ଦଶନ୍ଧି ଧରି ଶସ୍ୟ ଉତ୍ପାଦକତା କେବଳ ୩ଟି ଶସ୍ୟ ଉପରେ ନିର୍ଭରଶୀଳ ରହିଆସିଛି। ଗହମ, ଧାନ ଓ ମକା ଏବେ ବିଶ୍ୱରେ ଲୋକଙ୍କର ଆବଶ୍ୟକ ହେଉଥିବା ଅଧିକାଂଶ କ୍ୟାଲୋରି ଯୋଗାଉଛି। ଏଭଳି ଏକକ ଫସଲ ଉପରେ ନିର୍ଭରଶୀଳତା ପ୍ରତି କୀଟନାଶକ, ରୋଗ ଓ ଜଳବାୟୁ ପରିବର୍ତ୍ତନର ଅତ୍ୟଧିକ ବିପଦ ସୃଷ୍ଟି ହୋଇଛି। ଏହାର ସମାଧାନ ଯେଉଁସବୁ ଫସଲରେ ରହିଛି, ବାସ୍ତବରେ ସେଗୁଡ଼ିକୁ ଆମେ ଉପେକ୍ଷା କରିଚାଲିଛୁ। ପାରମ୍ପରିକ ଓ ଅବ୍ୟବହୃତ କିସମ ଯଥା ମିଲେଟ୍, ଅଧିକ ନ୍ୟୁଟ୍ରିଣ୍ଟଯୁକ୍ତ ଡାଲି, ଦେଶୀ ଫଳ ଆଦି ଫସଲ ଜଳବାୟୁ ସହନଶୀଳ ହେବା ସହ ପର୍ଯ୍ୟାପ୍ତ ପୋଷକ ଯୋଗାଇପାରିବ। ତେବେ ବିସ୍ମୃତ ହୋଇଯାଇଥିବା ଏହିସବୁ ଫସଲ କିଭଳି ଖାଦ୍ୟରେ ଅଧିକ ବ୍ୟବହାର ହୋଇପାରିବ, କିଭଳି କୃଷି ଆୟ ବଢ଼ିବ ଏବଂ ଅନୁର୍ବର ମାଟିର ଉର୍ବରତା ଫେରାଇ ଅଣାଯିବ, ତାହା ଜାତିସଂଘ ଖାଦ୍ୟ ଓ କୃଷି ସଂଗଠନ (ଏଫ୍‌ଏଓ)ର ଫ୍ୟୁଚର ସ୍ମାର୍ଟଫୁଡ (ଏସିଆରେ) ଏବଂ ୧୦୦ କ୍ରପ୍‌ସ ଫର୍ ଆଫ୍ରିକା ପ୍ରଦର୍ଶନ କରିଛି।

ଶେଷରେ, ଆମେ ପ୍ରଭାବୀ ପ୍ରଯୁକ୍ତିର ବିକାଶ କରିବା ଉଚିତ। ଏବେ ତଥ୍ୟ ବିଶ୍ଳେଷଣ ଏବଂ ଯଥାର୍ଥ କୃଷି ସାଧନ କୃଷିକୁ ନୂଆ ରୂପ ଦେବାରେ ଲାଗିଛି। ଡ୍ରୋନ୍ ମଞ୍ଜି ବୁଣିପାରୁଛି ଏବଂ ଠିକ୍ ଭାବେ ତଥ୍ୟ ଯୋଗାଇ ଦେଇପାରୁଛି। ଏଆଇ ପ୍ଲାଟ୍‌ଫର୍ମଗୁଡ଼ିକ ସାଟେଲାଇଟ୍ ଛବି ବ୍ୟବହାର କରି ଅନୁକୂଳ ସ୍ଥିତି ଓ ଠିକ୍ ସମୟରେ ପରାମର୍ଶ ଦେଇପାରୁଛି। ରୋବୋ ଘାସକୁ ଠାବ କରିବା ସହ ଉଚିତ ମାତ୍ରାର କୀଟନାଶକ ସ୍ପ୍ରେ କରିପାରୁଛି। ଡିଜିଟାଲ ମାଟି ପରୀକ୍ଷା ଓ ପାଣିପାଗ କେନ୍ଦ୍ର ପ୍ରତିଦିନର କାର୍ଯ୍ୟକୁ ମାର୍ଗଦର୍ଶନ କରୁଛି ଏବଂ ଡିଜିଟାଲ ତଥ୍ୟ କ୍ଷୁଦ୍ରଚାଷୀଙ୍କୁ ସ୍ୱଚ୍ଛ ତଥା ସହଜରେ ଉପଲବ୍ଧ ବଜାର ସହ ଯୋଡ଼ିପାରୁଛି। ଏହିସବୁ ସାଧନ ବୃଦ୍ଧି କରିବା ସକାଶେ କୃଷି ସମ୍ପ୍ରସାରଣ ସେବା, ପ୍ରମୁଖ ବିଜ୍ଞାନ ଆଧାରିତ ନୀତି ପରିବର୍ତ୍ତନ ଏବଂ ଜ୍ଞାନକୌଶଳ ଭାଗୀଦାରି ପ୍ଲାଟଫର୍ମଗୁଡ଼ିକରେ ବ୍ୟାପକ ନିବେଶ ଆବଶ୍ୟକ। ସେହିଭଳି ଏବକାର ନୂତନତ୍ୱକୁ ସ୍ଥାନୀୟ କୃଷି ପଦ୍ଧତିରେ ଉପଯୋଗ କରାଯିବା ଦରକାର, ଯେଉଁଥିରେ ସରକାର, ନିବେଶକ, ଘରୋଇ କ୍ଷେତ୍ର ଏବଂ କୃଷକଙ୍କ ମଧ୍ୟରେ ଅଧିକ ସମନ୍ୱୟ ଆବଶ୍ୟକ।

କମ୍ ଉପଯୋଗ କରି ଅଧିକ କୃଷି ଉତ୍ପାଦନ କରିବା ହେଉଛି ଏବକାର ମୁଖ୍ୟ ଲକ୍ଷ୍ୟ। ସବୁ ଜାଗାରେ, ସବୁ ଋତୁରେ କମ୍ ପାଣି, କମ୍ ସାରରେ ଅଧିକ କ୍ୟାଲୋରିଯୁକ୍ତ ତଥା ହେକ୍ଟର ପିଛା ଅଧିକ ପୋଷକଯୁକ୍ତ ଉତ୍ପାଦନ ଉପରେ ଗୁରୁତ୍ୱ ଦିଆଯିବା ଦରକାର। ପ୍ରଯୁକ୍ତି ନିର୍ଭରଶୀଳ କୃଷିର ସମଉପଲବ୍ଧତା ନିଶ୍ଚିତ କରିବା ପାଇଁ ଯେଉଁଠାରେ ମାର୍କେଟର ଅଭାବ ରହିଛି, ସେଠାରେ ଗବେଷଣା ପାଇଁ ସରକାର ପାଣ୍ଠି ଯୋଗାଇ ଦେବା ଉଚିତ। ତେବେ ସମ୍ପ୍ରତି ପୁଣି ପ୍ରକାଶ ପାଉଥିବା ସଂଘର୍ଷ, ମରୁଡ଼ି ଓ ମାର୍କେଟ ବିପର୍ଯ୍ୟୟ ସ୍ଥିତିରେ ମଧ୍ୟ ସ୍ଥିର ଉତ୍ପାଦନ ଓ ଶସ୍ତା ମୂଲ୍ୟ ସମ୍ଭବ ହୋଇପାରିବ। ଏଥିପାଇଁ ମୂଳରେ ରହିଛି ସହନୀୟ ମୃତ୍ତିକା, ବିବିଧ କୃଷି ଏବଂ ପ୍ରଯୁକ୍ତିଗତ ପରିଚାଳନା। ବିଶ୍ୱରେ ସମସ୍ତେ ଭଲ ଖାଇବା, କୃଷକଙ୍କ ସମୃଦ୍ଧି, ମୃତ୍ତିକା ମାନବୃଦ୍ଧି ଓ ଜୈବବିବିଧତାର ପୁନରୁଦ୍ଧାର ଏବଂ କମ୍ ଜିଏଚ୍‌ଜି ନିର୍ଗମନ କରୁଥିବା କୃଷିଖାଦ୍ୟ ବ୍ୟବସ୍ଥା କୌଣସି କାଳ୍ପନିକ ଅବଧାରଣ ନୁହେଁ। ଏହା ହେଉଛି ଭୁଶୁଡ଼ି ପଡ଼ିଥିବା ପୁରୁଣାପଦ୍ଧତି ସ୍ଥାନରେ ଏକ ଭିନ୍ନ କୃଷି ମଡେଲ ଆପଣାଇବାର ବାସ୍ତବ ଚିନ୍ତାଧାରା। ତେବେ ପ୍ରଶ୍ନ ହେଉଛି ଆମ ପାଖରେ ଥିବା ଜ୍ଞାନ, ବିଜ୍ଞାନ ଏବଂ ପ୍ରମାଣିତ ସାଧନକୁ ଆମେ ବ୍ୟବହାର କରିବା କି ନାହିଁ। ଏହାର ସମାଧାନ ଥିଲା କି ନାହିଁ ଆମ ପର ପିଢ଼ି ପଚାରିବ ନାହିଁ, ବରଂ ସେମାନେ ପଚାରିବେ ସେସବୁ ଉପଯୋଗ କରିବାରେ ଆମେ କାହିଁକି ବିଳମ୍ବ କରିଛୁ। ପସନ୍ଦ ହେଉଛି ଆମର ଏବଂ କ୍ଷୁଧା ଦୂର କରିବାକୁ ହେଲେ ଆମକୁ ବାସ୍ତବରେ ବୈଶ୍ୱିକ କୃଷି ପଦ୍ଧତିରେ ବିଜ୍ଞାନର ବ୍ୟବହାର ଆରମ୍ଭ କରିବାକୁ ହେବ।

**ପ୍ଲାଣ୍ଟ ପ୍ରଡକ୍‌ସନ ଆଣ୍ଡ ପ୍ରୋଟେକ୍‌ସନ ଡିଭିଜନ (ଏଫ୍‌ଏଓ) ଅଫ୍ ୟୁନାଇଟେଡ ନେଶନ୍ସ**

# ବାଂଲାଦେଶରେ ହିଂସା



ପ୍ରମୋଦ କୁମାର ମିଶ୍ର

ବାଂଲାଦେଶ ଭାରତର କେବଳ ଏକ ପଡ଼ୋଶୀ ଦେଶ ନୁହେଁ, ଏହା ପରସ୍ପରର ଭାଷା, ଇତିହାସ, ସଂସ୍କୃତି ଓ ସେ ଦେଶର ମୁକ୍ତି ସଂଗ୍ରାମରେ ଗଠିତ ଏକ ନିବିଡ଼ ସମ୍ପର୍କ। ଯଦିଓ ୧୯୭୧ ମସିହାରେ ସ୍ୱାଧୀନ ବାଂଲାଦେଶ ଧର୍ମ ନିରପେକ୍ଷତା ଓ ସମତାର ପ୍ରତିଶ୍ରୁତି ସହ ଆମ ଦେଶର ପ୍ରତ୍ୟକ୍ଷ ସହାୟତାରେ ଜନ୍ମଲାଭ କରିଥିଲା, ପରବର୍ତ୍ତୀ ସମୟରେ ସେଠାରେ ଥିବା ହିନ୍ଦୁ ପ୍ରାୟତଃ ସେ ଦେଶର କଳୁଷିତ ରାଜନୀତିର ଶିକାର ହେଲେ। ସାମରିକ ଶାସନ କାଳରେ ଧର୍ମ ନିରପେକ୍ଷତା ପରିବର୍ତ୍ତେ ଇସ୍‌ଲାମ ଧର୍ମକୁ ରାଷ୍ଟ୍ର ଧର୍ମ ରୂପେ ଘୋଷଣା କରାଗଲା ଏବଂ ଆଭ୍ୟନ୍ତରୀଣ ରାଜନୀତିର ପରିଣାମ ସ୍ୱରୂପ ଧର୍ମୀୟ ଚରମପନ୍ଥାର ପୁନଃ ପ୍ରବେଶ ଅଳ୍ପ ସଂଖ୍ୟକ ହିନ୍ଦୁଙ୍କର ସୁରକ୍ଷା ଉପରେ ସବୁଦିନ ପାଇଁ ପ୍ରଶ୍ନବାଚୀ ହୋଇ ରହିଲା।

ଉଲ୍ଲେଖଯୋଗ୍ୟ, ବାଂଲାଦେଶର ପୂର୍ବତନ ପ୍ରଧାନମନ୍ତ୍ରୀ ଶେଖ୍ ହସିନାଙ୍କ ପଦଚ୍ୟୁତି ଏବଂ ପରବର୍ତ୍ତୀ ସମୟରେ ଭାରତ ସରକାରଙ୍କ ଦ୍ୱାରା ତାଙ୍କୁ ରାଜନୈତିକ ଆଶ୍ରୟ ଦିଆଯିବା ଫଳରେ ସେ ଦେଶର ଚରମପନ୍ଥୀ ଗୋଷ୍ଠୀ ଅଳ୍ପ ସଂଖ୍ୟକଙ୍କ ଉପରେ ଅତ୍ୟାଚାର କରିବାର ସୁଯୋଗ ପାଇଲେ। ଏଥିରେ ଶାସକ ଦଳ ପରୋକ୍ଷ ଭାବରେ ସଂଶ୍ଲିଷ୍ଟ ରହିଲେ। ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ବର୍ତ୍ତମାନ ସେଠାର ଆଭ୍ୟନ୍ତରୀଣ ରାଜନୈତିକ ଚିତ୍ରପଟ୍ଟ ଅତ୍ୟନ୍ତ ଉଦ୍‌ବେଗଜନକ ଅବସ୍ଥାରେ ରହିଛି। ତେଣୁ ବିଦେଶୀ ଶକ୍ତିମାନେ ନିଜ ସ୍ୱାର୍ଥସାଧନ ପାଇଁ ସେଠାର ଅପାରଗ ସରକାରଙ୍କୁ ନିଜ ଅକ୍ତିଆରରେ ରଖିବା ପୂର୍ବକ ହିନ୍ଦୁ ବିରୋଧୀ ଗୋଷ୍ଠୀଙ୍କୁ ବିଭିନ୍ନ ପ୍ରକାର ସହାୟତା ଯୋଗାଇଦେଉଛନ୍ତି। ଏହା ଭାରତ ପ୍ରତି ଏକ ଆହ୍ୱାନ। ଏହାଠାରୁ ଅଧିକ ଭୟାବହ ହେଉଛି, ସେ ଦେଶର ଦଣ୍ଡହୀନତାର ସଂସ୍କୃତି। ଦୁର୍ବଳ ଆଇନ ପ୍ରଣୟନ ଓ ବିଳମ୍ବିତ ନ୍ୟାୟ ପ୍ରଦାନ ସାମ୍ପ୍ରଦାୟିକ ହିଂସାକାଣ୍ଡ ପ୍ରତି ପରୋକ୍ଷ ସମର୍ଥନ। ବର୍ତ୍ତମାନ ବାଂଲାଦେଶର ନ୍ୟାଶନାଲ ପାର୍ଟିର କାର୍ଯ୍ୟକାରୀ ସଭାପତି ତାରିକ୍ ରହମାନଙ୍କ ସ୍ୱଦେଶ ପ୍ରତ୍ୟାବର୍ତ୍ତନ ପରେ ସେ ଦେଶର ଏକ ସ୍ୱଚ୍ଛ, ଅବାଧ ନିର୍ବାଚନକୁ ଭାରତ ସମର୍ଥନକରିବା ଘୋଷଣା କରିଛି।

ବାଂଲାଦେଶରେ ହିନ୍ଦୁ ବିରୋଧୀ ଘଟଣାକୁ ନେଇ କେତେକ ସଂଗଠନ ଏ ବିଷୟରେ ସିଧାସଳଖ ହସ୍ତକ୍ଷେପ କରିବାକୁ ଭାରତ ସରକାରଙ୍କୁ ଅନୁରୋଧ କରିଛନ୍ତି। ଭାରତବର୍ଷର ବିଭିନ୍ନ ସ୍ଥାନରେ ବାସକରୁଥିବା ବାଂଲାଦେଶୀ ରୋହିଙ୍ଗ୍ୟାଙ୍କୁ ଚିହ୍ନଟକରି ସେମାନଙ୍କୁ ନିଜ ଦେଶକୁ ପଠାଇବାର ବ୍ୟବସ୍ଥା କରିବାକୁ ଦାବି ହେଉଛି। ଏହାର ପ୍ରତିକ୍ରିୟାରେ ଭାରତର ବୈଦେଶିକ ମନ୍ତ୍ରଣାଳୟର ପ୍ରବକ୍ତା ରଣଧିର ଜୟସାଲଙ୍କ ନିନ୍ଦା ପ୍ରସ୍ତାବ ସହ ଭାରତ ସରକାରଙ୍କ ଦ୍ୱାରା ବାଂଲାଦେଶର ପ୍ରତିନିଧିଙ୍କୁ ଡାକି ସଂଖ୍ୟାଲଘୁ ହିନ୍ଦୁମାନଙ୍କ ପ୍ରତି ତୁରନ୍ତ ଅତ୍ୟାଚାର ବନ୍ଦ କରିବାକୁ ଚେତାବନୀ ଦିଆଯାଇଛି। ଆମେରିକା ସମେତ ଜାତିସଂଘର ଉଦ୍‌ବେଗ ଜଣାଇ ଦେଉଛି ଯେ ବର୍ତ୍ତମାନ ବାଂଲାଦେଶର ସମସ୍ୟା ଆଉ କେବଳ ସେହି ଦେଶର ଆଭ୍ୟନ୍ତରୀଣ ସମସ୍ୟା ହୋଇ ରହିନାହିଁ। ଏଥିପାଇଁ ଦୋଷୀମାନଙ୍କୁ ଚିହ୍ନଟକରି ସେ ଦେଶର ଆଇନ ଅନୁଯାୟୀ ତୁରନ୍ତ ଦୃଷ୍ଟାନ୍ତମୂଳକ ଶାସ୍ତି ଦେବା ଆବଶ୍ୟକ।

ଏହି ପରିପ୍ରେକ୍ଷୀରେ ଭାରତ ଯଦି ବାଂଲାଦେଶ ପ୍ରତି କଠୋର ଦଣ୍ଡାତ୍ମକ ପଦକ୍ଷେପ ସ୍ୱରୂପ ବ୍ୟାପାରିକ ପ୍ରତିବନ୍ଧ ଲାଗୁକରେ ଏବଂ କୂଟନୈତିକ ସ୍ତରରେ ବିଶ୍ୱ ଦରବାରରେ ନିନ୍ଦିତକରେ ତେବେ ଜାତୀୟବାଦୀ ଇସ୍‌ଲାମିକ ଶକ୍ତିମାନଙ୍କ ପାଇଁ ଏହା ଅଧିକ ଲାଭପ୍ରଦ ହୋଇପାରେ। ପାକିସ୍ତାନ ଓ ତଥାକଥିତ ଇସ୍‌ଲାମିକ ନାଟୋ ଦେଶଗୁଡ଼ିକ ମଧ୍ୟରେ ହିନ୍ଦୁ ବିରୋଧୀ ହିଂସା ଅଧିକ ହେବା ସମ୍ଭାବନାକୁ ମଧ୍ୟ ଅଣଦେଖା କରାଯାଇ ନ ପାରେ। ଏହା ବ୍ୟତୀତ ଭାରତକୁ ସେ ଦେଶର ସାର୍ବଭୌମତ୍ୱ ଓ ଆଭ୍ୟନ୍ତରୀଣ ପ୍ରକ୍ରିୟା ପ୍ରତି ମଧ୍ୟ ସମ୍ମାନ ରହିବା ଆବଶ୍ୟକ। ଆଜି ପର୍ଯ୍ୟନ୍ତ ଏହା ଭାରତୀୟ ବୈଦେଶିକ ନୀତିର ମୂଳମନ୍ତ୍ର ହୋଇ ରହି ଆସିଛି।

ପରିଶେଷରେ ଏତିକି କୁହାଯାଇପାରେ, ବାଂଲାଦେଶର ବିକାଶ ପ୍ରକଳ୍ପ ପାଇଁ ଭାରତର ଆର୍ଥିକ ସହଯୋଗ ସହ ଉର୍ଜା ସଂଯୋଗ ଅଧିକ ଗୁରୁତ୍ୱପୂର୍ଣ୍ଣ। ତେଣୁ ଆବଶ୍ୟକ ପଡ଼ିଲେ ଉଚିତ ଶିକ୍ଷା ଦେବା ପାଇଁ ପ୍ରାଥମିକ ଭାବରେ ସେ ଦେଶ ସହ ସମସ୍ତ ପ୍ରକାର ବ୍ୟାପାରିକ ସମ୍ପର୍କ ବନ୍ଦକରି ବାଂଲାଦେଶୀ ଅନୁପ୍ରବେଶକାରୀ ତଥା ଚୋରା ଚାଲାଣକାରୀମାନଙ୍କୁ କଠୋର ହସ୍ତରେ ଦମନକରିବା ଉଚିତ। ପଡ଼ୋଶୀ ଦେଶ ଭାବରେ ଆଉ ଅଧିକ ସହାନୁଭୂତିଶୀଳ ହୋଇ ନୀରବ ରହିଲେ ବିଶ୍ୱ ଦରବାରରେ ଭାରତ ନିନ୍ଦିତହେବା ସହ ନିଜ ଦେଶ ଭିତରେ ଭାଜପା ସରକାରଙ୍କ ଲୋକପ୍ରିୟତା ଯେ ହ୍ରାସପାଇବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

**ସମ୍ବଲପୁର**
**ମୋ: ୯୪୩୭୪୨୦୫୪୬**

## ଏଇ ଭାରତରେ

ତାମିଲନାଡୁ ତ୍ରିଚିର ପରିବେଶବିତ୍ ସୁସ୍ମିତା କ୍ରିଷ୍ଣନ୍ ପାଣିରେ ଶୀଘ୍ର ବଢୁଥିବା ଆୟସିନ୍ଥ ଦଳ (ସ୍ଥାନୀୟ ଅଞ୍ଚଳରେ କୁହାଯାଏ ନାଗଦଳ)କୁ ସଂଗ୍ରହ କରି ସେଥିରୁ ସେ କାଗଜ ତିଆରି କରିପାରୁଛନ୍ତି। ଦଳକୁ ସଂଗ୍ରହ କରାଯାଇ ସେଥିରୁ ବହଳିଆ ରସ ପ୍ରସ୍ତୁତ ହେବାପରେ କଗଜ ତିଆରି ହେଉଛି। ତ୍ରିଚିର ଏକ ହ୍ରଦକୁ ପ୍ରଦୂଷିତ କରୁଥିବା ଏହି ପ୍ରକାର ଦଳକୁ ଦେଖି ତାହା ଯୋଗୁ ଉପୁଜୁଥିବା ସମସ୍ୟାର ସମାଧାନ ପାଇଁ ଏଭଳି ଅଭିନବ ଉପାୟ ଆପଣାଇ ସଫଳ ହୋଇଛନ୍ତି। ସେ ତିଆରି କରିଥିବା କାଗଜ ସମ୍ପୂର୍ଣ୍ଣ ବିଘଟନଯୋଗ୍ୟ। ସୁସ୍ମିତା ୧୫୦ ଜଣ ମହିଳାଙ୍କୁ ପ୍ରଶିକ୍ଷଣ ଦେଇ ଦଳ ସଂଗ୍ରହ ଓ କାଗଜ ତିଆରି କାମରେ ନିଯୁକ୍ତ କରିଛନ୍ତି। ୨୫ ବର୍ଷୀୟା ସୁସ୍ମିତା ତ୍ରିଚିରସ୍ଥିତ ଭାରତୀ ଦର୍ଶନ ବିଶ୍ୱବିଦ୍ୟାଳୟରୁ ଲାଇଫ୍ ସାଇନ୍ସରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଛନ୍ତି। ୨୦୧୯ରେ ସେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସାଇନ୍ସ, ବେଙ୍ଗାଲୁରୁରେ ଇଣ୍ଟର୍ନଶିପ କରୁଥିବା ସମୟରେ ଆୟସିନ୍ଥ ଦଳରୁ କାଗଜ ତିଆରି କରିବା ଯୋଜନା ଆରମ୍ଭ କରି ୨୦୨୩ରେ ତାଙ୍କ ରିସର୍ଚ୍ଚ ଟିମ୍ ସହାୟତାରେ ସଫଳ ହୋଇଥିଲେ। ଏବେ ୧ କେଜି ଆୟସିନ୍ଥ ଦଳରୁ ୩୦ ଫର୍ଦ୍ଦ କାଗଜ ତିଆରି ହୋଇପାରୁଛି। ଦଳକୁ ସଂଗ୍ରହ କରାଯାଇ ସେଥିରୁ ବହଳିଆ ରସ ପ୍ରସ୍ତୁତ କରାଯାଇ ପରେ ସେଥିରୁ କଗଜ ତିଆରି ହେଉଛି।

## ୫୦ ବର୍ଷ ତଳର ଧରିତ୍ରୀ
DHARITRI

### ୨୩ ଜାନୁଆରୀ ୧୯୭୭

- ରାଜ୍ୟରେ ଥିବା ୫୭ ଜଣ ଅକଟବନ୍ଦୀଙ୍କ ମୁକ୍ତି ଲାଗି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ।
- କୁମ୍ଭମେଳା ଯାତ୍ରୀମାନଙ୍କ ପାଇଁ ଭାରତୀୟ ରେଲ୍‌ୱେ ପକ୍ଷରୁ ଶହେଟି ସ୍ୱତନ୍ତ୍ର ରେଳଗାଡ଼ି ଚଳାଚଳର ଦାବି କରାଯାଇଛି।
- ଭାରତ ସୁଦାନରୁ ୫୬ ହଜାର ଗାଣ୍ଠି ତୁଳା କିଣିବା ନେଇ ଖାର୍ତ୍ତୁମଠାରେ ଏକ ଚୁକ୍ତି ସ୍ୱାକ୍ଷରିତ।

## su|do|ku — ସୁ-ଡୋ-କୁ
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | | 8 | 2 | 6 | | | | |
| | 6 | 7 | | | | | | |
| | | | | 1 | 8 | 4 | | |
| | | | | | 2 | | | |
| 3 | 9 | | 7 | | | | | |
| | 1 | | | 3 | | | 2 | |
| | | | 4 | | | 6 | | |
| | | | 9 | | | 1 | | 3 |
| | 7 | 1 | | 5 | | | 9 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 1 | 3 | 8 | 4 | 2 | 5 | 6 | 9 | 7 |
| 5 | 7 | 4 | 9 | 6 | 3 | 2 | 8 | 1 |
| 6 | 2 | 9 | 1 | 7 | 8 | 4 | 5 | 3 |
| 8 | 5 | 6 | 2 | 4 | 7 | 1 | 3 | 9 |
| 4 | 1 | 7 | 5 | 3 | 9 | 8 | 2 | 6 |
| 2 | 9 | 3 | 6 | 8 | 1 | 7 | 4 | 5 |
| 9 | 6 | 5 | 8 | 1 | 4 | 3 | 7 | 2 |
| 3 | 4 | 2 | 7 | 9 | 6 | 5 | 1 | 8 |
| 7 | 8 | 1 | 3 | 5 | 2 | 9 | 6 | 4 |

ଗତକାଲିର ଉତ୍ତର

# ସାମ୍ପ୍ରଦାୟିକତା ଉପରେ ନେତାଜୀଙ୍କ ଦୃଷ୍ଟିକୋଣ



ଅସିତ ମହାନ୍ତି

ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୀବନୀ ଭାରତୀୟ ସ୍ୱାଧୀନତା ସଂଗ୍ରାମର ସବୁଠାରୁ ପ୍ରେରଣାଦାୟକ କାହାଣୀ ମଧ୍ୟରୁ ଗୋଟିଏ। ସମୟ ଏବଂ ଅଭିଜ୍ଞତା ସହିତ ତାଙ୍କର ବ୍ୟକ୍ତିତ୍ୱ ଧୀରେ ଧୀରେ ପରିପକ୍ୱ ହେଲା ଏବଂ ସେ ଜାତୀୟତାକୁ ଆକାର ଦେବାରେ ଜଣେ ନେତା ହୋଇଗଲେ। ପିଲାଦିନରୁ ତାଙ୍କଠାରେ ଅସାଧାରଣ କୌତୂହଳ ଏବଂ ଆତ୍ମ-ଶୃଙ୍ଖଳା ଥିଲା। ୨୩ ଜାନୁଆରୀ ୧୮୯୭ରେ କଟକରେ ଜନ୍ମଗ୍ରହଣ କରିଥିବା ସୁଭାଷ ଚନ୍ଦ୍ର ବୋଷ ବାଲ୍ୟକାଳରୁ ଆଧ୍ୟାତ୍ମିକତା ଏବଂ ନୈତିକତା ଦ୍ୱାରା ପ୍ରଭାବିତ ହୋଇଥିଲେ। ତାଙ୍କ ପିତା ଜାନକୀନାଥ ବୋଷ ଜଣେ ଓକିଲ ଥିଲେ ଏବଂ ପରିବାର ଶିକ୍ଷା ଓ ଶୃଙ୍ଖଳାର ଏକ ପରିବେଶ ପୋଷଣ କରିଥିଲେ। ଏହା ସୁଭାଷ ଚନ୍ଦ୍ର ବୋଷଙ୍କ ଗଭୀର ସମର୍ପଣ ଏବଂ ଆତ୍ମ-ବିଶ୍ୱାସରେ ଅବଦାନ ରଖିଥିଲା।

କିଶୋର ଅବସ୍ଥାରେ, ସେ ସ୍ୱାମୀ ବିବେକାନନ୍ଦ ଏବଂ ରାମକୃଷ୍ଣ ପରମହଂସଙ୍କ ଶିକ୍ଷା ଦ୍ୱାରା ପ୍ରଭାବିତ ହୋଇଥିଲେ। ବିବେକାନନ୍ଦଙ୍କ ଜାତୀୟତା ଏବଂ ଆତ୍ମ-ବିଶ୍ୱାସର ବାର୍ତ୍ତା ତାଙ୍କ ଭିତରେ ଏକ ଗଭୀର ସଚେତନତା ଜାଗ୍ରତ କରିଥିଲା। ଧୀରେ ଧୀରେ, ସେ ବୁଝିପାରିଲେ ଯେ ଜାତିର ସେବା ଜୀବନର ସର୍ବୋଚ୍ଚ ଉଦ୍ଦେଶ୍ୟ। ସେ ଅତ୍ୟନ୍ତ ମେଧାବୀ ଥିଲେ ଏବଂ ପରେ ଭାରତୀୟ ସିଭିଲ ସର୍ଭିସ ପରୀକ୍ଷା ପାସ୍ କରିବା ପାଇଁ ଇଂଲଣ୍ଡ ଯାଇଥିଲେ। କିନ୍ତୁ, ଯେତେବେଳେ ସେ ଅନୁଭବ କଲେ ଯେ ଏହି ସେବା ତାଙ୍କୁ ବ୍ରିଟିଶ ଶାସନର ଏକ ଅଂଶ କରିବ, ସେ ଏହାକୁ ପରିତ୍ୟାଗ କରିଥିଲେ। ଏହି ତ୍ୟାଗ ତାଙ୍କ ଜୀବନର ଏକ ମୋଡ଼ ଥିଲା, ଯାହା ତାଙ୍କୁ ଜାତୀୟତାବାଦୀ ଆନ୍ଦୋଳନରେ ସମ୍ପୂର୍ଣ୍ଣ ଭାବରେ ଉତ୍ସର୍ଗ କରିଥିଲା। କଂଗ୍ରେସ ଦଳରେ ଯୋଗଦେବା ପରେ, ସୁଭାଷ ଚନ୍ଦ୍ର ବୋଷ ମହାତ୍ମା ଗାନ୍ଧୀ ଏବଂ ଜବାହରଲାଲ ନେହେରୁଙ୍କ ଭଳି ନେତାଙ୍କ ସହିତ କାମ କରିଥିଲେ। ସେ ଗାନ୍ଧୀଙ୍କ ଅହିଂସା ଆନ୍ଦୋଳନକୁ ସମ୍ମାନ କରୁଥିଲେ, କିନ୍ତୁ ଧୀରେ ଧୀରେ ଅନୁଭବ କଲେ ଯେ କେବଳ ଅହିଂସା ମାଧ୍ୟମରେ ସ୍ୱାଧୀନତା ହାସଲ କରିବା କଷ୍ଟକର ହେବ। ଏହି ଚିନ୍ତାଧାରା ତାଙ୍କୁ ଅଧିକ ମୌଳିକ ପଥ ଗ୍ରହଣ କରିବାକୁ ପ୍ରେରଣା ଦେଇଥିଲା। ସେ ଭାରତୀୟ ଜାତୀୟ କଂଗ୍ରେସର ସଭାପତି ହେଲେ ଏବଂ ସଂଗଠନକୁ ପୁନର୍ଜୀବିତ କଲେ। କିନ୍ତୁ ଯେତେବେଳେ ତାଙ୍କର ଦୃଷ୍ଟିକୋଣ ମୁଖ୍ୟଧାରାର କଂଗ୍ରେସ ନେତୃତ୍ୱଠାରୁ ଭିନ୍ନ ହେବାକୁ ଲାଗିଲା, ସେ ଏକ ସ୍ୱାଧୀନ ପଥ ବାଛିଲେ ଏବଂ ଫରୱାର୍ଡ ବ୍ଲକ ପ୍ରତିଷ୍ଠା କଲେ। ଏହା ତାଙ୍କର ରାଜନୈତିକ ବିବର୍ତ୍ତନର ଆଉ ଏକ ପର୍ଯ୍ୟାୟକୁ ଚିହ୍ନିତ କଲା, ଯେଉଁଥିରେ ସେ ସ୍ପଷ୍ଟ କରିଥିଲେ ଯେ ସ୍ୱାଧୀନତା ହାସଲ ପାଇଁ ପ୍ରତ୍ୟେକ ସମ୍ଭାବ୍ୟ ଉପାୟ ଆବଶ୍ୟକ।

ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ତାଙ୍କର ବ୍ୟକ୍ତିତ୍ୱ ଆହୁରି ପରିପକ୍ୱ ହୋଇଥିଲା। ସେ ଜର୍ମାନୀ ଏବଂ ଜାପାନରୁ ସହଯୋଗ ପାଇ ଆଜାଦ୍ ହିନ୍ଦ୍ ଫୌଜ ଗଠନ କରିଥିଲେ। ସେ ଏହି ଶକ୍ତିରେ ସମସ୍ତ ଧର୍ମ ଏବଂ ସମ୍ପ୍ରଦାୟକୁ ସମାନ ଭାବରେ ସାମିଲ କରିଥିଲେ ଏବଂ 'ଜୟ ହିନ୍ଦ୍' ସ୍ଲୋଗାନ ଦେଇଥିଲେ। ଏହା ତାଙ୍କର ଜାତୀୟତାର ପରାକାଷ୍ଠା ଥିଲା, ଯେଉଁଥିରେ ସାମ୍ପ୍ରଦାୟିକତାର



କୌଣସି ସ୍ଥାନ ନ ଥିଲା। ନେତାଜୀଙ୍କ ଏହି ଦୃଷ୍ଟିକୋଣ ଦର୍ଶାଏ ଯେ ତାଙ୍କର ବିକାଶ କେବଳ ରାଜନୈତିକ ନୁହେଁ ବରଂ ସାମାଜିକ ଏବଂ ସାଂସ୍କୃତିକ ଥିଲା। ସେ ବୁଝିପାରିଥିଲେ ଯେ ସମସ୍ତ ଲୋକ ଏକ ହୋଇ ଲଢ଼ିଲେ ଭାରତର ସ୍ୱାଧୀନତା ସମ୍ଭବ। ଆମକୁ ମନେ ରଖିବାକୁ ହେବ ଯେ ତାଙ୍କର ବିକାଶ ଏକ ନିରନ୍ତର ଯାତ୍ରା ଥିଲା, ଯେଉଁଥିରେ ଆତ୍ମବିଶ୍ୱାସ, ତ୍ୟାଗ ଏବଂ ଦେଶପ୍ରେମର ଧାରା ପ୍ରବାହିତ ହେଉଥିଲା। ଏହି କାରଣରୁ ନେତାଜୀ ଆଜି ମଧ୍ୟ ଭାରତୀୟ ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ଉତ୍ସ ହୋଇ ରହିଛନ୍ତି।

ନେତାଜୀ ତାଙ୍କ ଜୀବନସାରା ଧର୍ମ ଏବଂ ରାଜନୀତିର ପୃଥକୀକରଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସେ ସାମ୍ପ୍ରଦାୟିକତାକୁ ବିରୋଧ କରିଥିଲେ ଏବଂ ସର୍ବଦା ଜାତୀୟ ଏକତାକୁ ପ୍ରାଥମିକତା ଦେଇଥିଲେ। ଉଦାହରଣ ସ୍ୱରୂପ, ସେ ରାଜନୀତି ପାଇଁ ଧାର୍ମିକ ପ୍ରତୀକ ବ୍ୟବହାର କରିବା ପାଇଁ ହିନ୍ଦୁ ମହାସଭାକୁ ସମାଲୋଚନା କରିଥିଲେ ଏବଂ ଆଜାଦ୍ ହିନ୍ଦ୍ ଫୌଜରେ ସମସ୍ତ ଧର୍ମର ସୈନିକମାନଙ୍କୁ ସମାନ ବ୍ୟବହାର ଦେଇଥିଲେ।

ନେତାଜୀ କହିଥିଲେ, ଧର୍ମ ଏକ ବ୍ୟକ୍ତିଗତ ବିଶ୍ୱାସ ଏବଂ ରାଜନୀତିର ଆଧାର ହେବା ଉଚିତ ନୁହେଁ। ତାଙ୍କ ସହଯୋଗୀ ଆବିଦ ହାସନ ସଫରାନି ଲେଖିଛନ୍ତି ଯେ ନେତାଜୀ ଧର୍ମକୁ ଜାତୀୟତାବାଦରୁ ସମ୍ପୂର୍ଣ୍ଣ ଭାବରେ ପୃଥକ କରିଥିଲେ ଏବଂ ସାର୍ବଜନୀନ ଧାର୍ମିକ ପ୍ରଦର୍ଶନକୁ ଅନୁମତି ଦେଇ ନ ଥିଲେ। ୧୯୪୦ରେ ଝାରଗ୍ରାମ (ପଶ୍ଚିମ ବଙ୍ଗ)ରେ ଏକ ଭାଷଣରେ ନେତାଜୀ କହିଥିଲେ ଯେ ଧର୍ମର ରାଜନୈତିକ ବ୍ୟବହାର ଦେଶକୁ ବିଭାଜିତ କରେ।

ନେତାଜୀ ଆଜାଦ୍ ହିନ୍ଦ୍ ଫୌଜ (ଆଇଏନ୍‌ଏ)ରେ ହିନ୍ଦୁ, ମୁସଲମାନ, ଶିଖ ଏବଂ ଖ୍ରୀଷ୍ଟିଆନଙ୍କୁ ସମାନ ଭାବରେ ସାମିଲ କରିଥିଲେ। ସେ କହିଥିଲେ ଯେ ସାମ୍ପ୍ରଦାୟିକତା 'ବାଣ୍ଟ ଏବଂ ଶାସନ କର' ବ୍ରିଟିଶ ନୀତିକୁ ଦୃଢ଼ କରିଥିଲା, ତେଣୁ ଏହାକୁ ଦୂର କରିବା ଆବଶ୍ୟକ। ତାଙ୍କ ଜୀବନ ଏହି କଥାକୁ ଉଦାହରଣ ଦିଏ ଯେ ପ୍ରକୃତ ଜାତୀୟତାବାଦ, ଧର୍ମନିରପେକ୍ଷତା ଏବଂ ଏକତା ଉପରେ ଆଧାରିତ।

ଆଜାଦ୍ ହିନ୍ଦ୍ ଫୌଜରେ ନେତାଜୀ ସୈନିକମାନଙ୍କୁ କୌଣସି ନିର୍ଦ୍ଦିଷ୍ଟ ଧର୍ମର ସ୍ଲୋଗାନ ସହିତ ଜଡ଼ିତ କରି ନ ଥିଲେ। ସେ 'ଜୟ ହିନ୍ଦ୍'କୁ ଜାତୀୟ ଅଭିବାଦନ କରିଥିଲେ, ଯାହା ଦ୍ୱାରା ପ୍ରତ୍ୟେକ ଧର୍ମ ଏବଂ ସମ୍ପ୍ରଦାୟ ଏହାକୁ ଗ୍ରହଣ କରିପାରିବେ ଏବଂ ଏକ ସମାନ ପରିଚୟ ଅନୁଭବ କରିପାରିବେ। ଆଇଏନ୍‌ଏରେ ସୈନିକମାନେ ବିଭିନ୍ନ ଧର୍ମର ଥିଲେ – ହିନ୍ଦୁ, ମୁସଲମାନ, ଶିଖ ଏବଂ ଖ୍ରୀଷ୍ଟିଆନ। ନେତାଜୀ ନିର୍ଦ୍ଦେଶ ଦେଇଥିଲେ ଯେ ସମସ୍ତ ଧର୍ମର ପ୍ରାର୍ଥନା ସମାନ ଭାବରେ କରାଯିବା ଉଚିତ୍, କୌଣସି ଗୋଟିଏ ଧର୍ମକୁ ପ୍ରାଥମିକତା ନ ଦେଇ। ଏହା ସୈନିକଙ୍କ ମଧ୍ୟରେ ଭାଇଚାରା ଭାବନା ବୃଦ୍ଧି କରିଥିଲା। ନେତାଜୀ କେବେ ବି ଧର୍ମ ଆଧାରରେ ସୈନିକମାନଙ୍କୁ ବିଭାଜିତ କରି ନ ଥିଲେ। ଉଦାହରଣ: କ୍ୟାପ୍ଟେନ ଲକ୍ଷ୍ମୀ ସହଗଲ (ହିନ୍ଦୁ), ଶାହ ନୱାଜ ଖାନ (ମୁସଲମାନ) ଏବଂ ଗୁରଦିଆଲ ସିଂହ (ଶିଖ) – ସମସ୍ତେ ଆଇଏନ୍‌ଏର ପ୍ରମୁଖ ଅଧିକାରୀ ଥିଲେ। ଏହା ଦର୍ଶାଏ ଯେ ନେତାଜୀ ତାଙ୍କ ନେତୃତ୍ୱରେ ମଧ୍ୟ ଧର୍ମନିରପେକ୍ଷତାକୁ ମୂଲ୍ୟ ଦେଇଥିଲେ। ନେତାଜୀ କହିଥିଲେ ଯେ ଧର୍ମ ଏକ ବ୍ୟକ୍ତିଗତ ବିଶ୍ୱାସ, କିନ୍ତୁ ସେନାର ପରିଚୟ ହେଉଛି ଜାତୀୟତାବାଦ।

**ସୁଜନପୁର, ଯାଜପୁର**
**ମୋ:୯୪୩୭୨୮୮୦୨୮**

## ପାଠକ ଶ୍ରେଷ୍ଠ ବିଚାରକ

### ତାଳଦଣ୍ଡା କେନାଲ ରାସ୍ତାରେ ବାଲି

ମହାଶୟ,

କଟକ ସଦର ବ୍ଲକ ଅନ୍ତର୍ଗତ ତାଳଦଣ୍ଡା କେନାଲର ଦକ୍ଷିଣ ପାର୍ଶ୍ୱ ନବନିର୍ମିତ ତିନି ଧାଡ଼ିଆ ପ୍ରଶସ୍ତ ପିଚୁ ରାସ୍ତାର ଗୋଟିଏ ଧାଡ଼ି ସମ୍ପୂର୍ଣ୍ଣ ବାଲି ଦ୍ୱାରା ଆଚ୍ଛାଦିତ ହୋଇ ଯାଇଛି, ଯାହା ଫଳରେ ଜଗତସିଂହପୁର ଏବଂ ପାରାଦୀପ ପଟୁ ଆସୁଥିବା ଯାନବାହନଗୁଡ଼ିକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇ ଦୁର୍ଘଟଣାଗ୍ରସ୍ତ ହେଉଛନ୍ତି। ରାସ୍ତା ଉପର କେବେ ବି ସଫା ହେଉନାହିଁ। ଦିନକୁ ଦିନ ରାସ୍ତା ଉପରେ ବାଲିର ମାତ୍ରା ବୃଦ୍ଧିପାଇ ଧୀରେ ଧୀରେ ରାସ୍ତା ସମ୍ପୂର୍ଣ୍ଣ ବ୍ୟବହାର ଅନୁପଯୋଗୀ ହୋଇ ପଡ଼ିବାର ସମ୍ଭାବନା ରହିଛି। ଗୋଶାଳା ରେଳ ଓଭର ବ୍ରିଜ ଉପରେ ମଧ୍ୟ ବାଲି ଗଦାହୋଇ ରହିଛି। ସେହିଭଳି ନୂଆପଡ଼ା ଛକରୁ ଜାତୀୟ ରାଜପଥକୁ ସଂଯୋଗ କରୁଥିବା ରାସ୍ତାର ୫୦ ଭାଗ ବାଲି ଆଚ୍ଛାଦିତ ହୋଇ ପଡିଛି, ଯାହା ଫଳରେ ଘୋର ଜନ ଅଶାନ୍ତି ସୃଷ୍ଟି ହେଉଛି। ତେଣୁ ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ପଦକ୍ଷେପ ନେବା ଆବଶ୍ୟକ।

**– ଗୀତାଞ୍ଜଳି ପୃଷ୍ଟି, ଗଡିରାଉତ ପଟଣା, ଡିହସାହି, କଟକ**

## ଚିରନ୍ତନୀ

ଝିଙ୍କାରୀ ଗୁଞ୍ଜନ ବୀଣା
ବନପଥେ ରଟେ,
ତୃଷିତ କାତର ଶ୍ୱାନ
ଶୁଏ ଜଳତଟେ।
–(ଚିରନ୍ତନ କୁହୁ)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)




# ପାଟଣାଗଡ଼ ଏନ୍ଏସି ଉପାଧ୍ୟକ୍ଷ ବିଜେଡିରୁ ନିଲମ୍ବିତ

**ଭୁବନେଶ୍ୱର/ପାଟଣାଗଡ଼, ୨୨।୧ (ସୁନିତ୍ ମିଶ୍ର/ସଚ୍ଚିଦାନନ୍ଦ ମହାକୁର)**

ଦଳ ବିରୋଧୀ କାର୍ଯ୍ୟ ଅଭିଯୋଗରେ ବଲାଙ୍ଗୀର ଜିଲା ପାଟଣାଗଡ଼ ଏନ୍ଏସି ଉପାଧ୍ୟକ୍ଷ ପ୍ରଫୁଲ୍ଲ କୁମାର ମେହେର ବିଜେଡିରୁ ନିଲମ୍ବନ ହୋଇଛନ୍ତି। ଦଳର ଉପସଭାପତି (ମୁଖ୍ୟାଳୟ) ପ୍ରତାପ ଜେନାଙ୍କ ଦସ୍ତଖତରେ ଏନେଇ ମେହେରଙ୍କୁ ଦଳରୁ ନିଲମ୍ବନ କରାଯାଇଛି। କିଛିଦିନ ହେବ ଲକ୍ଷ୍ୟ କରାଯାଉଛି, ଅଧିକାଂଶ କ୍ଷେତ୍ରରେ ଯେଉଁ ନେତାମାନେ ବିଜେଡି ଛାଡ଼ି ଭାଜପାକୁ ଯିବାକୁ ପ୍ରସ୍ତୁତି କରୁଛନ୍ତି ସେମାନଙ୍କୁ ଦଳ ଛାଡ଼ିବା ଆଗରୁ ନିଲମ୍ବନ କରିଦିଆଯାଉଛି। କିଛିଦିନ ତଳେ ଯାଜପୁର ଜିଲାର ଜିଲା ପରିଷଦ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ ଦଳ ଛାଡ଼ିବା ଜଣାପଡ଼ିବା ପରେ ସେମାନେ ଭାଜପାରେ ଯୋଗଦେବା ଆଗରୁ ବିଜେଡି ସେମାନଙ୍କୁ ନିଲମ୍ବନ କରିଥିଲା।

# ୨୬ରେ ଖୋଲା ରହିବ ନନ୍ଦନକାନନ

ବାରଙ୍ଗ,୨୨।୧ (ଲିଙ୍ଗରାଜ ରାଉତ): ନନ୍ଦନକାନନ ପ୍ରାଣୀଉଦ୍ୟାନ ଓ ଉଦ୍ଭିଦଉଦ୍ୟାନ ସୋମବାର (ଜାନୁଆରୀ ୨୬) ଖୋଲା ରହିବ ଏବଂ ଜାନୁଆରୀ ୨୭ରେ ବନ୍ଦ ରହିବ। ଏନେଇ ନନ୍ଦନକାନନ ଉପନିର୍ଦ୍ଦେଶକ ସନତ କୁମାର ସୂଚନା ଦେଇଛନ୍ତି। ଉଭୟ ପାର୍କ ପ୍ରତ୍ୟେକ ସୋମବାର ବନ୍ଦ ରହିଥାଏ। ହେଲେ ଚଳିତ ବର୍ଷ ଗଣତନ୍ତ୍ର ଦିବସ ସୋମବାର ପଡୁଥିବାରୁ ଉଭୟ ଉଦ୍ୟାନକୁ ଖୋଲା ରଖିବାକୁ ନିଷ୍ପତ୍ତି ନିଆଯାଇଛି।

# ବାସ୍ତବରୂପ ନେବ ତ ଆନ୍ଦୋଳନ

**ଭୁବନେଶ୍ୱର,୨୨।୧ (ସୁନିତ୍ ମିଶ୍ର)**

ବିଜେଡି ରାଜନୈତିକ ବ୍ୟାପାର କମିଟି(ପିଏସି) ବୈଠକ ଗୁରୁବାର ଦଳର ସଭାପତି ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ନବୀନ ନିବାସଠାରେ ଅନୁଷ୍ଠିତ ହୋଇଯାଇଛି। ନବୀନଙ୍କ ସମେତ ମୋଟ୍ ୧୦ ଜଣ ସଦସ୍ୟ ବୈଠକରେ ଯୋଗଦେଇଥିଲେ। ପିଏସିର ଏହି ୬ଷ୍ଠ ତମ ବୈଠକରେ ସମୁଦାୟ ୬ଟି ପ୍ରସ୍ତାବ ଉପରେ ଆଲୋଚନା କରାଯିବା ସହ ଖୁବ୍‌ଶୀଘ୍ର ଦଳ ପକ୍ଷରୁ ରାଜ୍ୟବ୍ୟାପୀ ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ଜଣାପଡ଼ିଛି। ପ୍ରବଳ ସମାଲୋଚନା ହେବାପରେ ନବୀନ ଏକାଧିକ ବୈଠକ ଡାକି ନେତାମାନଙ୍କୁ ଭେଟିବା ସହ ଦଳ ଆନ୍ଦୋଳନ କରିବାକୁ ଯାହା କହିଛି, ତାହା ବାସ୍ତବରୂପ ନେବ ନା ନାହିଁ ତାହାକୁ ନେଇ ଦଳର ଅନେକ ନେତା ଓ କର୍ମୀ ଏବେ ବି ଦ୍ୱନ୍ଦ୍ୱରେ ରହିଛନ୍ତି। ବିଗତ ଦିନରେ ଲୋୟର ପିଏମ୍‌ଜି ଛକରେ ଏକ ବିରାଟ ଆନ୍ଦୋଳନ ପାଇଁ ଡାକରା ଦେଇଥିବା ବିଜେଡିର ଉପରୁ ଆରମ୍ଭକରି ତଳସ୍ତର ନେତା ଯେଉଁମାନେ ସେଠାରେ ମଞ୍ଚ ଉପରେ ଥିଲେ କେହି ଜଣେ କେନ୍ଦ୍ର ସରକାରଙ୍କ ଶୀର୍ଷ ନେତୃତ୍ୱ ବିରୋଧରେ ମୁହଁ ଖୋଲିଲେ ନାହିଁ। ସେମିତି ଲୋକଦେଖାଣିଆ ଆନ୍ଦୋଳନ ଯଦି ହୁଏ, ତେବେ ବହୁ କିଛି କଥା ଜଣାପଡ଼ିଯିବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି।

ବୈଠକ ସରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ପିଏସି ସଦସ୍ୟ ସଞ୍ଜୟ ଦାସବର୍ମା କହିଛନ୍ତି, ଚାଷୀଙ୍କଠାରୁ ୩,୧୦୦ ଟଙ୍କାରେ ଧାନ କିଣିବାକୁ ସରକାରକୁ ଆସିବା ପୂର୍ବରୁ ଓ ପରେ ଭାଜପା ପ୍ରତିଶ୍ରୁତି ଦେଇଥିଲା। ହେଲେ ଏବେ ଚାଷୀମାନେ ମଣ୍ଡିରେ ସେମିତି ଧାନ ଗଦେଇ ରଖିଛନ୍ତି। ସରକାର ଧାନ ଉଠାଇବାରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ଚାଷୀମାନଙ୍କୁ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ସ୍ଥିତି, ସଂଖ୍ୟାଲଘୁ ଓ ଦଳିତଙ୍କ ପ୍ରତି ଅତ୍ୟାଚାର, ପ୍ରଦୂଷଣ ସାର୍ଟିଫିକେଟ ନାଁରେ ଲୋକଙ୍କଠାରୁ ଜିଜିଆ କର ଆଦାୟ, ବିଭିନ୍ନ ନିଯୁକ୍ତି ପରୀକ୍ଷାରେ ସ୍କାମ୍‌କୁ ନେଇ ଆଲୋଚନା ହୋଇଛି। ମହାନଦୀ ପ୍ରସଙ୍ଗରେ ବିଜେଡି ସାଲିସ କରିବ ନାହିଁ। ଭାଜପା ନିର୍ବାଚନ ସମୟରେ ରାଜ୍ୟବାସୀଙ୍କୁ ଦେଇଥିବା ନିର୍ବାଚନୀ ପ୍ରତିଶ୍ରୁତି ଉପରେ ବିସ୍ତୃତ ଚର୍ଚ୍ଚା ହୋଇଛି। ସେହି ସବୁ ପ୍ରତିଶ୍ରୁତି ପାଳନରେ ଭାଜପା କିପରି ଦୋମୁହାଁ ନୀତି ଆପଣାଇଛି ସେନେଇ ଲୋକଙ୍କ ପାଖକୁ ଦଳ ଯିବ। ଏହିସବୁ କଥାକୁ ନେଇ ବିଜେଡି ତୃଣମୂଳସ୍ତରରୁ ଆନ୍ଦୋଳନ କରିବ ବୋଲି ସେ କହିଛନ୍ତି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ନିରଞ୍ଜନ ପୂଜାରୀ, ପ୍ରମିଳା ମଲ୍ଲିକ, ସୁଦାମ ମାର୍ଣ୍ଡି, ଟୁକୁନି ସାହୁ, ବିକ୍ରମ ଆରୁଖ, ପ୍ରଣବ ପ୍ରକାଶ ଦାସ, ସସ୍ମିତ୍ ପାତ୍ର, ଦେବୀପ୍ରସାଦ ମିଶ୍ର ଏବଂ ସନ୍ତୃପ୍ତ ମିଶ୍ର ଉପସ୍ଥିତ ଥିଲେ।

## ପିଏସି ବସିଲା, ୧୦ ଜିଲା ପରିଷଦ ଅଧ୍ୟକ୍ଷଙ୍କୁ ଭେଟିଲେ ନବୀନ



ଅନ୍ୟପଟେ ରାଜ୍ୟର ସବୁ ଜିଲାରେ ବିଜେଡି ଗତ ପଞ୍ଚାୟତ ନିର୍ବାଚନ ସମୟରେ ଜିଲା ପରିଷଦ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷ କରିବାରେ ସଫଳ ହୋଇଥିଲା। କିଛିଦିନ ହେଲା ବିଜେଡିର ବହୁ ନେତା ଓ କର୍ମୀ ତୃଣମୂଳସ୍ତରରୁ ଦଳ ଛାଡି ଭାଜପାରେ ଯୋଗଦେବାରେ ଲାଗିଛନ୍ତି। ଗତ ସପ୍ତାହରେ ବିଜେଡିର ଗଡ଼ କୁହାଯାଉଥିବା ଯାଜପୁର ଜିଲାର ଜିଲା ପରିଷଦ ଅଧ୍ୟକ୍ଷ ଏବଂ ଉପାଧ୍ୟକ୍ଷଙ୍କ ସମେତ ବହୁ ଜିଲା ପରିଷଦ ସଦସ୍ୟ ଏକକାଳୀନ ଭାଜପାରେ ମିଶିଗଲେ। ଏହି ଘଟଣା ପରେ ନବୀନ ଜିଲା ପରିଷଦ ଅଧ୍ୟକ୍ଷମାନଙ୍କୁ ଭେଟିବା ଆରମ୍ଭ କରିଛନ୍ତି। ବାଲେଶ୍ୱର, କଟକ, ବଲାଙ୍ଗୀର, ବରଗଡ଼, ମାଲକାନଗିରି, ଅନୁଗୋଳ, ଗଞ୍ଜାମ, ଜଗତ୍‌ସିଂହପୁର, ନୟାଗଡ଼ ଓ ନବରଙ୍ଗପୁର ଜିଲାର ଜିଲା ପରିଷଦ ଅଧ୍ୟକ୍ଷମାନଙ୍କୁ ଭେଟି ଆଲୋଚନା କରିଛନ୍ତି। ଦଳ ତରଫରୁ ମିଳିଥିବା ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, ନବୀନ ସେମାନଙ୍କୁ କହିଛନ୍ତି, ଆଗାମୀ ପଞ୍ଚାୟତ ନିର୍ବାଚନ ଲାଗି ପ୍ରସ୍ତୁତ ହୁଅ। ରାଜ୍ୟ ସରକାର ପଞ୍ଚାୟତ ବ୍ୟବସ୍ଥାକୁ ଦୁର୍ବଳ କରିବାକୁ ଉଦ୍ୟମ କରୁଛନ୍ତି। ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ବିଜେଡି ବହୁ ସକାରାତ୍ମକ ପଦକ୍ଷେପ ନେଇଥିଲା। କୌଣସି ପରିସ୍ଥିତିରେ ପଞ୍ଚାୟତକୁ ଦୁର୍ବଳ କରିବାର ଉଦ୍ୟମକୁ ବରଦାସ୍ତ କରାଯିବ ନାହିଁ ବୋଲି ସେ କହିଛନ୍ତି। ନିଜ ଜିଲାରେ ପଞ୍ଚାୟତ ନିର୍ବାଚନ ଲାଗି ପ୍ରସ୍ତୁତି ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଲେ। ତେବେ ଦଳର ତଳସ୍ତରକୁ କିଛି ବାର୍ତ୍ତା ଦେବାକୁ ଚାହୁଁଥିବାରୁ ନବୀନ ସବୁସ୍ତରର ନେତାଙ୍କୁ ପାଖକୁ ଡାକି ଆଲୋଚନା କରୁଛନ୍ତି ବୋଲି ଶୁଣିବାକୁ ମିଳୁଛି।

DADLS - 81

ଓଡ଼ିଶା ସରକାର

ନେତାଜୀ ସୁଭାଷ ଚନ୍ଦ୍ର ବୋଷ
ଓ ମହାନ ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ
ରାଜ୍ୟସ୍ତରୀୟ ଜୟନ୍ତୀ
ତା.୨୩.୦୧.୨୦୨୬ରିଖ
ସକାଳ ୮ ଘଟିକା ସମୟରେ ଭୁବନେଶ୍ୱରସ୍ଥିତ ରସୁଲଗଡ଼ ଛକଠାରେ ଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ।
ସକାଳ ୮.୩୦ ମିନିଟ୍ ସମୟରେ ଭୁବନେଶ୍ୱରସ୍ଥିତ ଭିଏସ୍ଏସ୍ ନଗରଠାରେ ଥିବା ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ।
ସନ୍ଧ୍ୟା ଘ.୫.୩୦ମି. ସାଧାରଣ ସଭା ଜୟଦେବଭବନ, ଭୁବନେଶ୍ୱର
-ମୁଖ୍ୟ ଅତିଥି-
ଶ୍ରୀଯୁକ୍ତ ବାବୁ ସିଂ
ବିଧାୟକ, ଏକାମ୍ର, ଭୁବନେଶ୍ୱର
-ମୁଖ୍ୟବକ୍ତା-
ଡ଼. ନାରାୟଣ ପଣ୍ଡା
ବିଶିଷ୍ଟ ଶିକ୍ଷାବିତ୍ ଏବଂ ସାହିତ୍ୟିକ
ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଆୟୋଜିତ ଚିତ୍ରାଙ୍କନ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ।
ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଆୟୋଜିତ ଏହି ସମାରୋହରେ ଯୋଗଦେବା ପାଇଁ ବିନମ୍ର ଅନୁରୋଧ।
OIPR:
ସୂଚନା ଓ ଲୋକସମ୍ପର୍କ ବିଭାଗ

DSPL-490
संस्कृति मंत्रालय
MINISTRY OF CULTURE
CDA
ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ
୧୨୯ତମ ଜନ୍ମବାର୍ଷିକୀ
ପରାକ୍ରମ ଦିବସ-୨୦୨୬
ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ସି. ପି. ରାଧାକ୍ରିଷ୍ଣନ
ଭାରତର ମାନ୍ୟବର ଉପ - ରାଷ୍ଟ୍ରପତି
ଗରିମାମୟ ଉପସ୍ଥିତି
ଡ. ହରି ବାବୁ କମ୍ଭମପାଟି
ମାନ୍ୟବର ରାଜ୍ୟପାଳ, ଓଡ଼ିଶା
ଶ୍ରୀଯୁକ୍ତ ମୋହନ ଚରଣ ମାଝୀ
ମାନ୍ୟବର ମୁଖ୍ୟମନ୍ତ୍ରୀ, ଓଡ଼ିଶା
ଶ୍ରୀଯୁକ୍ତ ସୂର୍ଯ୍ୟବଂଶୀ ସୂରଜ
ମାନ୍ୟବର ମନ୍ତ୍ରୀ, ଉଚ୍ଚଶିକ୍ଷା, କ୍ରୀଡା ଓ ଯୁବସେବା ଏବଂ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି, ଓଡ଼ିଶା
ଶ୍ରୀଯୁକ୍ତ ଭର୍ତ୍ତୃହରି ମହତାବ
ମାନ୍ୟବର ସାଂସଦ, ଲୋକସଭା,କଟକ
ଶ୍ରୀଯୁକ୍ତ ସୌଭିକ ବିଶ୍ୱାଳ
ମାନ୍ୟବର ବିଧାୟକ, ଚୌଦ୍ୱାର-କଟକ
ଇଂ ସୋଫିଆ ଫିରଦୋସ
ମାନ୍ୟବର ବିଧାୟିକା, ବାରବାଟୀ-କଟକ
ଶ୍ରୀଯୁକ୍ତ ପ୍ରକାଶ ଚନ୍ଦ୍ର ସେଠୀ
ମାନ୍ୟବର ବିଧାୟକ, କଟକ ସଦର
ଶ୍ରୀଯୁକ୍ତ ସୁବାସ ଚନ୍ଦ୍ର ସିଂହ
ମାନ୍ୟବର ମେୟର,କଟକ ମହାନଗର ନିଗମ
୨୩ ଜାନୁଆରୀ ୨୦୨୬ | ସକାଳ ୯ ଘଟିକା
ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ, କଟକ

OIPR-



ବରମୁଣ୍ଡାସ୍ଥିତ ବିଜୁ ପଟ୍ଟନାୟକ ଖେଳପଡିଆରେ ଗୁରୁବାର 'କୃଷି ଓଡ଼ିଶା-୨୦୨୬'କୁ ଉଦ୍‌ଘାଟନ କରିବା ଅବସରରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଟ୍ରାକ୍ଟର ଚଳାଉଛନ୍ତି।

# କାର୍‌ରୁ ୩ କୁଇଣ୍ଟାଲ ଗଞ୍ଜେଇ ଜବତ

## ଗିରଫ ଭୟରେ କାର୍ ଛାଡ଼ି ପଳାଇଲେ ନିଶା ମାଫିଆ

ଭୁବନେଶ୍ୱର, ୨୨।୧ (ତ୍ରିନାଥ ମହାନ୍ତି)

ଖୋର୍ଦ୍ଧା ନିକଟରେ ଗୁରୁବାର ଏକ କାର୍ ଯାଞ୍ଚ ସମୟରେ ସେଥିରୁ ୩ କୁଇଣ୍ଟାଲ୍ ଗଞ୍ଜେଇ ଏନ୍‌ସିବି ଅଧିକାରୀ ଜବତ କରିଛନ୍ତି। ତେବେ କାର୍‌ରେ ଥିବା ୨ଜଣ ଫେରାର ହୋଇଯିବାରେ ସଫଳ ହୋଇଥିଲେ। ସେମାନଙ୍କୁ ଧରିବାକୁ ଉଦ୍ୟମ ଜାରି ରହିଥିବା ଏନ୍‌ସିବି ଅଧିକାରୀ ସୂଚନା ଦେଇଛନ୍ତି।

ପ୍ରକାଶ ଯେ, ଭୁବନେଶ୍ୱରକୁ କାର୍ ଯୋଗେ ଗଞ୍ଜେଇ ଚାଲାଣ ହେଉଥିବା ଏନ୍‌ସିବି ଅଧିକାରୀମାନେ ବିଶେଷ ସୂତ୍ରରୁ ସୂଚନା ପାଇ ଖୋର୍ଦ୍ଧା ନିକଟରେ ଜଗି ରହିଥିଲେ। ଯାଞ୍ଚ ସମୟରେ ଏନ୍‌ସିବି ଅଧିକାରୀମାନେ ଏକ କାର୍‌କୁ ଅଟକାଇଥିଲେ । ହେଲେ କାର୍ ଡ୍ରାଇଭର ସେମାନଙ୍କ ଉପରେ ଚଢ଼ାଇ ଦେବାକୁ ଉଦ୍ୟମ କରିଥିଲେ। ଶେଷରେ କାର୍‌କୁ ଅଟକାଇବା ପରେ ୨ଜଣ ଚାଲାଣକାରୀ ଘଟଣାସ୍ଥଳରୁ ଫେରାର ହୋଇଯାଇଥିବାବେଳେ କାର୍‌ରୁ ଗଞ୍ଜେଇ ଜବତ କରାଯାଇଥିଲା।

# ଲୋକଙ୍କୁ କନ୍ଦାଉଛି ଟ୍ରାଫିକ୍ ଭିଡ଼

- ୩ଘଣ୍ଟା ଧରି ଭିଡ଼ରେ ଫସି ରହିଲେ
- ଆସନ୍ତା ୪ଦିନ ସରକାରୀ ଛୁଟି ଥିବାରୁ ଟ୍ରାଫିକ୍ ବଢ଼ିଛି
- ଆମ୍ବୁଲାନ୍ସ ଓ ଯାତ୍ରୀବାହୀ ବସ୍ ଚଳାଚଳରେ ସମସ୍ୟା

ଭୁବନେଶ୍ୱର,୨୨।୧(ତ୍ରିନାଥ ମହାନ୍ତି)




ରାଜଧାନୀ ଭୁବନେଶ୍ୱରର ଏକ ରାସ୍ତାରେ ହୋଇଥିବା ଭିଡ଼।

ରାଜଧାନୀର ଟ୍ରାଫିକ୍ ବ୍ୟବସ୍ଥା ଗୁରୁବାର ଲୋକଙ୍କୁ କନ୍ଦାଇ ଦେଇଥିଲା। ଶୁକ୍ରବାର ସରସ୍ୱତୀ ପୂଜା ଥିବାରୁ ଲୋକମାନେ କିଣାକିଣି କରିବାକୁ ବାହାରକୁ ବାହାରିଥିବାରୁ ବେଶ୍ ଭିଡ଼ ଦେଖିବାକୁ ମିଳିଥିଲା। ଗୋଟିଏ ଛକରୁ ଅନ୍ୟ ଛକକୁ ଯିବାକୁ ଘଣ୍ଟା ଘଣ୍ଟା ସମୟ ଲାଗିଥିଲା। ଏପରି କି ଆମ୍ବୁଲାନ୍ସ ମଧ୍ୟ ଠିକ୍‌ରେ ଯାଇପାରି ନ ଥିଲା। ଜରୁରୀ ସେବାରେ ନିୟୋଜିତ ଯାନବାହନ ଚଳାଚଳ ପ୍ରଭାବିତ ହୋଇଥିବା ସୂଚନା ମିଳିଥିଲା। ବିଶେଷ କରି ସନ୍ଧ୍ୟାରେ ଅସମ୍ଭାଳ ଭିଡ଼ ହୋଇଥିଲା। ଆସନ୍ତା ୪ ଦିନ ଛୁଟି ଥିବାରୁ ଏଭଳି ଟ୍ରାଫିକ ଭିଡ଼ ବଢ଼ିଥିବା ଟ୍ରାଫିକ୍ ପୋଲିସ ପକ୍ଷରୁ କୁହାଯାଇଛି। ଟ୍ରାଫିକ ଜାମ୍ ସମସ୍ୟାକୁ ସୁଧାରିବା ପାଇଁ ଲାଗି ଟ୍ରାଫିକ୍ ପୋଲିସ ଲାଗିଥିଲେ ମଧ୍ୟ ଶେଷରେ ହାତ ଟେକି ଦେଇଥିଲେ। ଶିଖରଚଣ୍ଡୀ- କିଟ୍ ରାସ୍ତା, ଜୟଦେବବିହାର ଛକରୁ ପଟିଆ, ବାଣୀବିହାରରୁ ହଂସପାଳ, ରସୁଲଗଡ଼ରୁ କଳ୍ପନା ଛକ ଏବଂ କଳ୍ପନାରୁ ଏଜି ଛକ ପର୍ଯ୍ୟନ୍ତ ଅସମ୍ଭାଳ ଭିଡ଼ ହୋଇଥିଲା। ସେହିପରି ଜନପଥରେ ମଧ୍ୟ ଭିଡ଼ ଦେଖିବାକୁ ମିଳିଥିଲା। ସନ୍ଧ୍ୟାରେ ପ୍ରାୟ ୩ଘଣ୍ଟା ଧରି ଯାନବାହନ ଚଳାଚଳ କରିପାରି ନ ଥିଲା। ଯିଏ ଯେଉଁଠି ଥିଲେ, ସେଇଠି ଅଟକି ଯାଇଥିଲେ । ପରିସ୍ଥିତି ଏପରି ହୋଇଥିଲା ଯେ କେତେକ ଛକରେ ଟ୍ରାଫିକ ଲାଇଟକୁ ବନ୍ଦ କରାଯାଇଥିଲା।

ଟ୍ରାଫିକ୍ ସମସ୍ୟା ଯୋଗୁ ଆମ୍ବୁଲାନ୍ସ, ପିସିଆର, ଫୁଡ୍ ଡେଲିଭରି ଭଳି ଜରୁରିକାଳୀନ ସେବା ବିଶେଷ ଭାବେ ପ୍ରଭାବିତ ହୋଇଥିଲା। ଅସମ୍ଭାଳ ଭିଡରେ ଯାତ୍ରୀ ଅଣନିଃଶ୍ୱାସୀ ହୋଇଯାଇଥିଲେ। ମାଷ୍ଟରକ୍ୟାଣ୍ଟିନ ଛକରେ ଭିଡ଼ ଅଣାୟତ୍ତ ହୋଇଯାଇଥିଲା। ବିଭିନ୍ନ ଅଫିସ ସନ୍ଧ୍ୟାରେ ଛୁଟି ହେବା ପରେ ଲୋକମାନେ ଟ୍ରେନ୍ ଧରିବାକୁ ବ୍ୟାକୁଳ ହୋଇ ଷ୍ଟେଶନ ମୁହାଁ ହୋଇଥିଲେ। କିନ୍ତୁ ଟ୍ରାଫିକ୍ ଭିଡ଼ ଯୋଗୁ ବହୁ ସଂଖ୍ୟାରେ ଲୋକମାନେ ଟ୍ରେନ୍ ଫେଲ୍ ହୋଇଥିଲେ। ସେହିପରି ମାଷ୍ଟର କ୍ୟାଣ୍ଟିନ ଛକରୁ ବାହାରୁଥିବା ଆମ ବସ୍ ଘଣ୍ଟା ଘଣ୍ଟା ଧରି ରାସ୍ତାରେ ଅଟକି ରହିଥିଲା। ଜାତୀୟ ରାଜପଥରେ ମଧ୍ୟ ସମାନ ଅବସ୍ଥା ଦେଖାଦେଇଥିଲା। ହାଇଟେକ୍ ଛକ, ହସଂପାଳ, ହାଇଟେକ୍ ଫ୍ଲାଏ ଓଭରରୁ ରସୁଲଗଡ଼ ଫ୍ଲାଏ ଓଭରବ୍ରିଜ୍ ପର୍ଯ୍ୟନ୍ତ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା।

# ଉପରାଷ୍ଟ୍ରପତିଙ୍କ ଗସ୍ତକୁ ନେଇ ଟ୍ରାଫିକ୍ କଟକଣା

ଭୁବନେଶ୍ୱର,୨୨।୧(ତ୍ରିନାଥ ମହାନ୍ତି): ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଶୁକ୍ରବାର ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏହାକୁ ନଜରରେ ରଖି କମିଶନରେଟ ପୋଲିସ ପକ୍ଷରୁ ସହରବାସୀଙ୍କ ପାଇଁ ଟ୍ରାଫିକ କଟକଣା କରାଯାଇଛି। ଉପରାଷ୍ଟ୍ରପତି କଟକରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ। ତେଣୁ ସକାଳ ୮ଟାରୁ ସକାଳ ୯ଟା ଏବଂ ମଧ୍ୟାହ୍ନ ୧୨ଟାରୁ ଅପରାହ୍ନ ୨ଟା ୧୫ ମଧ୍ୟରେ ଭୁବନେଶ୍ୱର ଏବଂ କଟକର ବିଭିନ୍ନ ସ୍ଥାନରେ ଗାଡ଼ି ଚଳାଚଳ ବନ୍ଦ ରହିବ। ଉପରାଷ୍ଟ୍ରପତି ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବା ପରେ ବିମାନ ବନ୍ଦର ଛକ, କ୍ୟାପିଟାଲ ହସ୍ପିଟାଲ ଏବଂ ଏଜି ଛକ ଦେଇ ଲୋକ ଭବନ ଛକରେ ପହଞ୍ଚିବେ। ଏହାପରେ ପାୱାର ହାଉସ ଛକ ଦେଇ ଜୟଦେବ ବିହାର ନିକଟରେ ପହଞ୍ଚିବେ। ସେଠାରୁ ଉପରାଷ୍ଟ୍ରପତିଙ୍କ କାରକେଡ୍ ୟୁଟର୍ନ ନେଇ ଜୟଦେବ ବିହାର ଫ୍ଲାଏ ଓଭର ଦେଇ ଆଚାର୍ଯ୍ୟବିହାର, ସତ୍‌ସଙ୍ଗ ବିହାର ନିକଟରେ ପହଞ୍ଚିବ। ସେଠାରୁ ଭିଏସ୍‌ଏସ୍ ନଗର ଛକ, ପଳାଶୁଣୀ ଛକ ଦେଇ ହାଇଟେକ୍ ନିକଟରେ ପହଞ୍ଚିବେ। ପରେ ଶିଖରପୁର, କାଳିଆବୋଦା ଭିୟୁପି ଦେଇ ଯୋବ୍ରା ଛକ, ମାତା ମଠ ଛକ ଦେଇ ମଧୁସୂଦନ ଛକ ଦେଇ ବକ୍ସିବଜାର, ତିନିକୋଳିଆ ବଗିଚା ଛକ ଏବଂ ଜେଲରୋଡ଼ ଛକ ଦେଇ ଉପ ରାଷ୍ଟ୍ରପତି ଯିବାର କାର୍ଯ୍ୟକ୍ରମ ରହିଛି।

ସେହିପରି ଉପରାଷ୍ଟ୍ରପତି ଯିବା ସମୟରେ ଭାରିଯାନ ଚଳାଚଳ ଉପରେ ରୋକ୍ ଲଗାଯାଇଛି। କଟକ ମହାନଦୀ ରିଙ୍ଗ ରୋଡ୍‌ରେ ଶିଖରପୁର ଛକଠାରୁ ଚହଟା ପର୍ଯ୍ୟନ୍ତ ଏବଂ ଏହାକୁ ସଂଯୋଗ କରୁଥିବା ସମସ୍ତ ରାସ୍ତାରେ ଭାରିଯାନ, ଟ୍ରକ୍, ଟ୍ରାକ୍ଟର, ଆମ ବସ୍ ଚଳାଚଳ ସକାଳ ୭ଟାରୁ କାର୍ଯ୍ୟକ୍ରମ ଶେଷ ହେବା ପର୍ଯ୍ୟନ୍ତ ବନ୍ଦ ରହିବ। ସେହିପରି ଉପରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ଜାତୀୟ ରାଜପଥ-୧୬ରେ ଭାରିଯାନର ଗତିପଥ ପରିବର୍ତ୍ତନ କରାଯିବ ବୋଲି କମିଶନରେଟ୍ ପୋଲିସ ପକ୍ଷରୁ ପ୍ରେସ୍ ବିବୃତି ଜରିଆରେ ସୂଚନା ଦିଆଯାଇଛି।

# ଆଇଜି ପାର୍କ ପରିଦର୍ଶନକରି ଅସନ୍ତୋଷ ଜାହିରକଲେ ମନ୍ତ୍ରୀ



## ପରିମଳ, ରକ୍ଷଣାବେକ୍ଷଣରେ ତୁରନ୍ତ ସୁଧାର ଆଣିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର,୨୨।୧(ବନ୍ଦନା ସେଠୀ)

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣ ଚନ୍ଦ୍ର ମହାପାତ୍ର ଗୁରୁବାର ଇନ୍ଦିରା ଗାନ୍ଧୀ (ଆଇଜି) ପାର୍କ ପରିଦର୍ଶନ କରି ଏହାର ଅବ୍ୟବସ୍ଥାକୁ ଦେଖି ଅସନ୍ତୋଷ ପ୍ରକାଶ କରିଥିଲେ। ବିଶେଷକରି ପାର୍କର ରକ୍ଷଣାବେକ୍ଷଣ କରାଯାଉ ନ ଥିବାବେଳେ ଶୌଚାଳୟର ଅବସ୍ଥା ଶୋଚନୀୟ ହୋଇପଡିଛି। ତେଣୁ ଏଥିରେ ତୁରନ୍ତ ସୁଧାର ଆଣିବା ସହ ଉପଯୁକ୍ତ ପରିମଳ, ନିୟମିତ ରକ୍ଷଣାବେକ୍ଷଣ ଏବଂ ସେବା ମାନରେ ଉନ୍ନତି ଆଣିବାକୁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ କଡ଼ା ନିର୍ଦ୍ଦେଶ ଦେଇଥିଲେ। ଏଭଳି ଅବହେଳା ଜାରି ରହିଲେ ଦାୟିତ୍ୱରେ ଥିବା ଅଧିକାରୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଚେତାବନୀ ଦେଇଥିଲେ। ଏହି ଅବସରରେ ସେ ପାର୍କରେ ଥିବା ଜନସାଧାରଣଙ୍କ ପାଇଁ ଉପଲବ୍ଧ ସୁବିଧା ଏବଂ ପାର୍କର ସାମଗ୍ରିକ ରକ୍ଷଣାବେକ୍ଷଣର ସମୀକ୍ଷା କରିବା ସହ ପରିଦର୍ଶକମାନଙ୍କୁ ମୌଳିକ ସୁବିଧା ମିଳୁଛି କି ନାହିଁ ତାହା ପଚାରି ବୁଝିଥିଲେ। ଏହି ପରିଦର୍ଶନ ସମୟରେ ବିଏମ୍‌ସି ଡେପୁଟି କମିଶନର ଏନ୍. ଗଣେଶ ବାବୁ ଉପସ୍ଥିତ ଥିଲେ। ପାର୍କକୁ ସବୁବେଳେ ସ୍ୱଚ୍ଛ, ନିରାପଦ ଏବଂ ପରିଦର୍ଶକ-ଅନୁକୂଳ କରିବା ପାଇଁ ଅଧିକାରୀ ଓ ରକ୍ଷଣାବେକ୍ଷଣ କର୍ମଚାରୀଙ୍କୁ ନିରୀକ୍ଷଣ ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଭୁବନେଶ୍ୱରର ଏକ ପ୍ରମୁଖ ସ୍ଥାନରେ ଥିବା ଏହି ପାର୍କକୁ ପ୍ରତିଦିନ ବହୁ ସଂଖ୍ୟାରେ ପର୍ଯ୍ୟଟକ ଓ ସ୍ଥାନୀୟ ବାସିନ୍ଦା ଆସୁଥିବାରୁ ଏହାର ଯତ୍ନ ଏବଂ ପରିମଳ ବ୍ୟବସ୍ଥା ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବା ଆବଶ୍ୟକ ବୋଲି ମନ୍ତ୍ରୀ ତାଗିଦ୍ କରିଥିଲେ।

# ଜାତୀୟ ବିଦ୍ୟାଳୟ ସମୂହ ପ୍ରତିଯୋଗିତାରେ ଓଡ଼ିଆ ଛାତ୍ରୀଛାତ୍ରଙ୍କ କୃତିତ୍ୱ



## ଖୋ-ଖୋରେ ଉପବିଜେତା ଓଡ଼ିଶା

ଭୁବନେଶ୍ୱର,୨୨।୧(ସୁଚିସ୍ମିତା ସାହୁ)

ଦେଶର ବିଭିନ୍ନ ସ୍ଥାନରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ୬୯ତମ ଜାତୀୟ ବିଦ୍ୟାଳୟ ସମୂହ ପ୍ରତିଯୋଗିତା ଆରମ୍ଭ ହୋଇଯାଇଛି। ଝାଡଖଣ୍ଡସ୍ଥିତ ରାଞ୍ଚି, ପଶ୍ଚିମବଙ୍ଗର କୋଲକାତା, ରାଜସ୍ଥାନର ପଟେଲ ଷ୍ଟାଡ଼ିୟମଠାରେ ସାଇକେଲିଂ, ଜିମ୍ନାଷ୍ଟିକ ଓ ଖୋ-ଖୋ ପ୍ରତିଯୋଗିତା ଆୟୋଜନ କରାଯାଇଥିବାବେଳ ଓଡ଼ିଶା ଛାତ୍ରୀଛାତ୍ରମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ରାଞ୍ଚିଠାରେ ଅନୁଷ୍ଠିତ ୧୪ ବର୍ଷରୁ କମ୍ ବୟସର ବାଳିକା ସାଇକେଲିଂ ପ୍ରତିଯୋଗିତାରେ ଭଦ୍ରକ ଜିଲ୍ଲା ବାରିକପୁର ଉଚ୍ଚ ବିଦ୍ୟାଳୟର ସସ୍ମିତା ପଣ୍ଡା ୬ କିମି ଟାଇମ୍ ଟ୍ରେଲ୍‌ରେ ରୌପ୍ୟ ପଦକ ହାସଲ କରିଥିବା ବେଳେ ୫୦୦ ମିଟର ଟ୍ରାକ୍‌ରେ ବ୍ରୋଞ୍ଜ ପଦକ ଜିତିଛନ୍ତି। ସେହିପରି କୋଲକାତାରେ ଆୟୋଜିତ ଜିମ୍ନାଷ୍ଟିକ ୧୭ ବର୍ଷରୁ କମ୍ ବାଳକ-ବାଳିକା ପ୍ରତିଯୋଗିତାରେ ପୁରୀ ଜିଲ୍ଲା ସ୍କୁଲର ଅଂଶୁମାନ ସୁନ୍ଦରା ଓ ଦାନ ଲକ୍ଷ୍ମୀ ରାଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ଏଥିସହ ରାଜସ୍ଥାନରେ ଆୟୋଜିତ ଖୋ-ଖୋ ୧୪ ବର୍ଷରୁ କମ୍ ବାଳକ-ବାଳିକା ପ୍ରତିଯୋଗିତାରେ ଓଡ଼ିଶା ଫାଇନାଲରେ ଉପବିଜେତା ହୋଇଛି। ସୂଚନାଯୋଗ୍ୟ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନ ଓଡ଼ିଶା ରାଜ୍ୟ ବିଦ୍ୟାଳୟ କ୍ରୀଡ଼ା ସଂଗଠନ ପକ୍ଷରୁ ରାଞ୍ଚିରେ ୧୬ ଜଣ, କୋଲକାତାରେ ୧୪ ଜଣ, ଖୋ-ଖୋରେ ୨୧ ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ।


इंडियन बैंक Indian Bank
इलाहाबाद ALLAHABAD

**ଆଞ୍ଚଳିକ କାର୍ଯ୍ୟାଳୟ: ବ୍ରହ୍ମପୁର.**
ପ୍ଲଟ୍ ନଂ.: ୭୦୪/୭୧୭୨ ଏବଂ ୭୦୪/୭୧୭୪, ୧ମ ମହଲା
ଶ୍ରୀ କ୍ରିଷ୍ଣା ବିହାର ଛକ, ମେନ୍ ରୋଡ୍, ଆମ୍ବପୁଆ, ବ୍ରହ୍ମପୁର-୭୬୦୦୧୧
ଫୋନ୍: ୦୬୮୦-୨୪୦୪୦୧୬
ଇ-ମେଲ: zoberhampur@indianbank.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**
(ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ର ରୁଲ୍ ୬(୨) ଏବଂ ୯(୧) ବ୍ୟବସ୍ଥା ଅନୁଯାୟୀ ବିକ୍ରୟ ନୋଟିସ୍)

**ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେଶୀ) ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କକୁ ବନ୍ଧକ ଦିଆଯାଇଥିବା ସ୍ଥାବର ସମ୍ପତ୍ତିଗୁଡ଼ିକର ବିକ୍ରୟ ନିମନ୍ତେ ସରଫେଶୀ ଆକ୍ଟ, ୨୦୦୨ର ରୁଲ୍ ୬(୨) ଏବଂ ୯(୧) ବ୍ୟବସ୍ଥା ଅନୁଯାୟୀ ବିକ୍ରୟ ନୋଟିସ୍**

ଇଣ୍ଡିଆନ୍ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ଏବଂ ଧାରା ୧୩(୨) ଅନୁସାରେ ଜାରି କରାଯାଇଥିବା ନୋଟିସ୍ ଅନୁଯାୟୀ ନିମ୍ନରେ ଦର୍ଶିତ ଋଣ ଆକାଉଣ୍ଟଗୁଡିକର ନିମ୍ନଦର୍ଶିତ ସମ୍ପତ୍ତିଗୁଡ଼ିକୁ ଦଖଲକୁ ନେଇ ନିମ୍ନରେ ଦର୍ଶାଯାଇଥିବା ବ୍ୟାଙ୍କର ଦେୟ ସହିତ ସୁଧ ଆଦାୟକରଣ ପାଇଁ "ଯେଉଁଠାରେ ଯେପରି ଅଛି", "ଯାହା ଯେପରି ଅଛି" ଏବଂ "ସେଠାରେ ଯାହା ଅଛି" ଭିତ୍ତିରେ ବିକ୍ରୟ କରିବାର ଅଧିକାର ରଖିଛନ୍ତି ଏବଂ ଯେହେତୁ ଋଣଗ୍ରହୀତାମାନେ ବ୍ୟାଙ୍କର ଦେୟ ପୈଠ କରିବାରେ ବିଫଳ ହୋଇଛନ୍ତି ନିମ୍ନସ୍ୱାକ୍ଷରକାରୀ କଥିତ ଆକ୍ଟର ଧାରା ୧୩(୪) ପ୍ରୟୋଗକରି ବ୍ୟାଙ୍କର ଦେୟ ଆଦାୟ କରିବା ପାଇଁ ବିକ୍ରୟ ପ୍ରସ୍ତାବ ରଖିଛନ୍ତି। ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା ବିକ୍ରୟ ହେବାକୁ ଥିବା ସମ୍ପତ୍ତିର ଇ-ନିଲାମ ପ୍ଲାଟଫର୍ମ ୱେବସାଇଟ୍: https://baanknet.com

| କ୍ର. ନଂ. | ଶାଖା, ଯୋଗାଯୋଗ ନଂ. / ଋଣଗ୍ରହୀତା / ସହ-ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ / ସମ୍ପତ୍ତି ଆଇଡ଼ି ନଂ. | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ / ବକେୟା ଦେୟ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ୍ ବୃଦ୍ଧି ପରିମାଣ |
|---|---|---|---|---|
| ୧. | **କଣମଣା ଶାଖା, ମୋ.: ୯୭୭୬୪୮୪୧୮୬** ଋଣଗ୍ରହୀତା: ଶ୍ରୀ ଜି. ମହାଦେବ, ପିତା: ଶ୍ରୀ ଗଦେଲ ଗୌରେୟା / ସହ-ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ଜି. ଗୌରେୟା, ପିତା: ଶ୍ରୀ ଗଦେଲ ଗୋପାଳ / ଜାମିନ୍‌ଦାର: ଶ୍ରୀ ଜି ମହାଦେବ, ପିତା: ଶ୍ରୀ ଗଦେଲ ଗୌରେୟା, ସମସ୍ତଙ୍କ ଠିକଣା- ପାଲିଆ ଷ୍ଟ୍ରିଟ୍, ଗେଦଲନାଇଡୁପଲମ, ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୨୦ | ଶ୍ରୀ ଜି ଗୌରେୟାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୮୨/୧୬୫୧, ପ୍ଲଟ୍ ନଂ.: ୯୬୩, କ୍ଷେତ୍ର: ଏକର୦.୦୩୭ ଡିସିମିଲି, ମୌଜା: ଗେଦଲନାଇଡୁପଲମ, ତହସିଲ: ଛତ୍ରପୁର, ନଂ.-୧୯୩, ଥାନା: ଛତ୍ରପୁର, ନଂ.-୮୫, ଜିଲ୍ଲା: ଗଞ୍ଜାମ, ସମ୍ପତ୍ତିର ଚତୁଃପାର୍ଶ୍ୱରେ- ପୂର୍ବ: ଶ୍ରୀ ରାମାଲୁଙ୍କ ଗୃହ, ପଶ୍ଚିମ: ଶ୍ରୀ ଜଗା ରାଓଙ୍କ ଗୃହ, ଉତ୍ତର: ରାସ୍ତା, ଦକ୍ଷିଣ: ରାଜାଦାଣ୍ଡ / ସମ୍ପତ୍ତି ଆଇଡ଼ି ନଂ.:IDIB6830870997 | ୨୪.୧୧.୨୦୨୩ / ୨୩.୦୨.୨୦୨୪ / ୨୧.୦୧.୨୦୨୬ ସୁଦ୍ଧା ଟ.୫୩,୩୧,୬୨୭.୦୦ + ୨୨.୦୧.୨୦୨୬ ଠାରୁ ସେବାବଦ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଦେୟ ଏବଂ ଆନୁଷଙ୍ଗିକ ଖର୍ଚ୍ଚ | ଟ.୪୦,୧୧,୦୦୦/- / ଟ.୪,୦୧,୧୦୦/- / ଟ.୧୦,୦୦୦/- |
| ୨. | **କଣମଣା ଶାଖା, ମୋ.: ୯୭୭୬୪୮୪୧୮୬** ଋଣଗ୍ରହୀତା: ଶ୍ରୀ ଜି. ମହାଦେବ, ପିତା: ଶ୍ରୀ ଗଦେଲ ଗୌରେୟା / ସହ-ଋଣଗ୍ରହୀତା: ଶ୍ରୀ ଜି. ରାମଚନ୍ଦ୍ର, ପିତା: ଶ୍ରୀ ଗଦେଲ ଗୌରେୟା / ସହ-ଋଣଗ୍ରହୀତା, ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀ ଜି ଗୌରେୟା, ପିତା: ଶ୍ରୀ ଗଦେଲ ଗୋପାଳ, ସମସ୍ତଙ୍କ ଠିକଣା- ପାଲିଆ ଷ୍ଟ୍ରିଟ୍, ଗେଦଲନାଇଡୁପଲମ, ଛତ୍ରପୁର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୨୦ | ଶ୍ରୀ ଗଦେଲ ଗୌରେୟାଙ୍କ ନାମରେ ଥିବା ବାସୋପଯୋଗୀ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୮୨/୨୯୯୪, ପ୍ଲଟ୍ ନଂ.: ୨୨୩/୨୦୫୧/୩୬୮୪, କ୍ଷେତ୍ର: ଏକର୦.୦୪୦ ଡିସିମିଲି, ମୌଜା: ଗେଦଲନାଇଡୁପଲମ, ତହସିଲ: ଛତ୍ରପୁର, ନଂ.-୧୯୩, ଥାନା: ଛତ୍ରପୁର, ନଂ.-୮୫, ଜିଲ୍ଲା: ଗଞ୍ଜାମ, ସମ୍ପତ୍ତିର ଚତୁଃପାର୍ଶ୍ୱରେ- ପୂର୍ବ: ରାସ୍ତା, ପଶ୍ଚିମ: ରାସ୍ତା, ଉତ୍ତର: ତେପଲ କାମରାଜୁଙ୍କ ଗୃହ, ଦକ୍ଷିଣ: ଗଞ୍ଜାମ ବ୍ରାହ୍ମଣଙ୍କ ଜାଗା / ସମ୍ପତ୍ତି ଆଇଡ଼ି ନଂ.: IDIB6927410547 | ୧୦.୦୪.୨୦୨୩ / ୦୭.୦୭.୨୦୨୩ / ୨୦.୦୧.୨୦୨୬ ସୁଦ୍ଧା ଟ.୭୭,୧୮,୭୭୬.୦୦ + ୨୧.୦୧.୨୦୨୬ ଠାରୁ ସେବାବଦ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଦେୟ ଏବଂ ଆନୁଷଙ୍ଗିକ ଖର୍ଚ୍ଚ | ଟ.୬୩,୨୦,୦୦୦/- / ଟ.୬,୩୨,୦୦୦/- / ଟ.୨୦,୦୦୦/- |
| ୩. | **କଞ୍ଚଣା ଶାଖା, ମୋ.: ୭୯୭୮୨୧୨୧୮୨** ଋଣଗ୍ରହୀତା: ମେସର୍ସ ତପସ୍ୱିନୀ ଫୁଡ୍ ଏବଂ ବେଭର ଏଜେନ୍ସୀ, ସ୍ୱତ୍ତ୍ୱାଧିକାରୀ: ଶ୍ରୀ ରଞ୍ଜିତ କୁମାର ସାହୁ, ପିତା: ଶ୍ରୀ ବିଶ୍ୱନାଥ ସାହୁ / ଋଣଗ୍ରହୀତା ଏବଂ ସ୍ୱତ୍ତ୍ୱାଧିକାରୀ: ଶ୍ରୀ ରଞ୍ଜିତ କୁମାର ସାହୁ, ପିତା: ଶ୍ରୀ ବିଶ୍ୱନାଥ ସାହୁ / ବନ୍ଧକଦାତା: ଶ୍ରୀ ବିଶ୍ୱନାଥ ସାହୁ, ପିତା: ୰ ହରି ସାହୁ, ସମସ୍ତଙ୍କ ଠିକଣା- ଦଣ୍ଡେଶ୍ୱର ରୋଡ୍, କୋଦଳା, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୩୨ | ଶ୍ରୀ ବିଶ୍ୱନାଥ ସାହୁଙ୍କ ନାମରେ ଥିବା ଜମି ଏବଂ ବ୍ୟବସାୟିକ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୫୨୦/୯୦୨ (ପୁରୁଣା ଖାତା ନଂ.: ୧୨୬୮), ପ୍ଲଟ୍ ନଂ.: ୬୮୨୬/୧୫୦୫୧ (ପୁରୁଣା-୬୮୨୬), କ୍ଷେତ୍ର: ଏକର୦.୦୫୭ ଡିସିମିଲି, ମୌଜା: କୋଦଳା, ଲୁହା ଶଙ୍ଖ ମେନ୍ ରୋଡ୍, କୋଦଳା ଏନ୍‌ଏସିର ୱାର୍ଡ଼ ନଂ.: ୩, ତହସିଲ: କୋଦଳା, ନଂ. ୨୪୬, ଥାନା: କୋଦଳା, ଜିଲ୍ଲା: ଗଞ୍ଜାମ, ଏହାର ଚତୁଃପାର୍ଶ୍ୱରେ- ପୂର୍ବ: ଉଲ୍ଲା ନାୟକଙ୍କ ଜମି, ପଶ୍ଚିମ: ଦୟାନିଧି ବିଶୋଇଙ୍କ ଜମି, ଉତ୍ତର: ଉଲ୍ଲା ନାୟକଙ୍କ ଜମି, ଦକ୍ଷିଣ: ରାସ୍ତା / ସମ୍ପତ୍ତି ଆଇଡ଼ି ନଂ.: IDIB6854105838A | ୨୪.୧୦.୨୦୨୪ / ୧୧.୦୨.୨୦୨୫ / ୨୦.୦୧.୨୦୨୬ ସୁଦ୍ଧା ଟ.୧୪,୯୬,୩୧୧.୭୨ + ୨୧.୦୧.୨୦୨୬ ଠାରୁ ସେବାବଦ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଦେୟ ଏବଂ ଆନୁଷଙ୍ଗିକ ଖର୍ଚ୍ଚ | ଟ.୪୧,୦୦,୦୦୦/- / ଟ.୪,୧୦,୦୦୦/- / ଟ.୨୦,୦୦୦/- |
| ୪. | **ନୟାଗଡ଼ ଶାଖା, ମୋ.: ୯୯୯୩୧୬୨୬୨୯** ଋଣଗ୍ରହୀତା ଏବଂ ବନ୍ଧକଦାତା: ଶ୍ରୀ ନିର୍ମାଲ୍ୟ ଭଞ୍ଜ, ପିତା: ୰ ପୂର୍ଣ୍ଣ ଚନ୍ଦ୍ର ଭଞ୍ଜ, ସା/ପୋ: ଖଡିଆ, ଥାନା: ଶରଣକୂଳ, ଜିଲ୍ଲା: ନୟାଗଡ଼, ପିନ୍-୭୫୨୦୭୯ | ନିର୍ମାଲ୍ୟ ଭଞ୍ଜଙ୍କ ନାମରେ ଥିବା ଘରବାରି ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୮୨୨/୬୦୫୨, ଖାତା ନଂ.: ୭୪୨/୯୨୧, କ୍ଷେତ୍ର: ଏକର୦.୦୨୦ ଡିସିମିଲି, ମୌଜା: ଖଡିଆ, ତହସିଲ: ରଣପୁର ନଂ. ୭୪, ଥାନା: ଶରଣକୂଳ ନଂ. ୧୧, ଜିଲ୍ଲା: ନୟାଗଡ଼, ଏହାର ଚତୁଃପାର୍ଶ୍ୱରେ- ପୂର୍ବ: ଜଗନ୍ନାଥ ପ୍ରଧାନ, ପଶ୍ଚିମ: ସୁକାନ୍ତ କୁମାର ଭଞ୍ଜ, ଉତ୍ତର: କ୍ରେତା ଏବଂ ଦକ୍ଷିଣ: ରାସ୍ତା / ସମ୍ପତ୍ତି ଆଇଡ଼ି ନଂ.: IDIB6826739483. | ୧୭.୦୬.୨୦୨୫ / ୨୨.୦୯.୨୦୨୫ / ୨୦.୦୧.୨୦୨୬ ସୁଦ୍ଧା ଟ.୧୧,୨୮,୭୯୬.୬୫ + ୨୧.୦୧.୨୦୨୬ ଠାରୁ ସେବାବଦ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଦେୟ ଏବଂ ଆନୁଷଙ୍ଗିକ ଖର୍ଚ୍ଚ | ଟ.୧୨,୫୦,୦୦୦/- / ଟ.୧,୨୫,୦୦୦/- / ଟ.୧୦,୦୦୦/- |
| ୫. | **କୋର୍ଟପେଟା ଶାଖା, ମୋ.: ୭୦୭୬୯୫୯୦୨୭** ଋଣଗ୍ରହୀତାମାନେ: ୧) ମେସର୍ସ ସାଇ ପ୍ରଡକ୍ଟ ଆଦିଶକ୍ତି, ସତ୍ତ୍ୱାଧିକାରୀ: ଶ୍ରୀ ଶିଶିର କୁମାର ଦାସ, ସା: ଅଙ୍କୁଶପୁର, ପୋ: କୁକୁଡାଖଣ୍ଡି, ଗଞ୍ଜାମ-୭୬୧୧୦୦, ୨) ଶ୍ରୀ ଶିଶିର କୁମାର ଦାସ, ୩) ଶ୍ରୀମତୀ ଶର୍ମିଷ୍ଠା ଦାସ, ଉଭୟଙ୍କ ଠିକଣା: ସା. ଡେଙ୍ଗାପଦର, ବଳିଆରସିଂପୁର, ପୋ: ପାଟପୁର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୧୪୬ | ଶ୍ରୀ ଶିଶିର କୁମାର ଦାସଙ୍କ ନାମରେ ଥିବା ବାସୋପଯୋଗୀ ଗୃହ ଏବଂ ଜମିର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୭୦୩/୩୪୨୯, ପ୍ଲଟ୍ ନଂ.: ୫୮୧/୬୯୬୬, କ୍ଷେତ୍ର: ଏକର୦.୦୨୦ ଡିସିମିଲି, ସମ୍ପତ୍ତିର ଚତୁଃପାର୍ଶ୍ୱରେ- ପୂର୍ବ: ପ୍ଲଟ୍ ନଂ. ୫୫୦ ସମ୍ପର୍କିତ ଜମି, ପଶ୍ଚିମ: କୃଷ୍ଣ ସାହୁ ଏବଂ ଅନ୍ୟମାନଙ୍କର ଜମି, ଉତ୍ତର: ରାସ୍ତା, ଦକ୍ଷିଣ: ପ୍ଲଟ୍ ନଂ.: ୫୯୨ ସମ୍ପର୍କିତ ଜମି ଏବଂ ଖାତା ନଂ.: ୭୦୩/୩୪୩୧, ପ୍ଲଟ୍ ନଂ. ୫୯୨/୬୯୬୮, କ୍ଷେତ୍ର: ଏକର୦.୦୨୧ ଡିସିମିଲି, ସମ୍ପତ୍ତିର ଚର୍ତୁପାର୍ଶ୍ୱରେ: ପୂର୍ବ: ପ୍ଲଟ ନଂ.: ୫୫୦ ସମ୍ପର୍କିତ ଜମି, ପଶ୍ଚିମ: କୃଷ୍ଣ ସାହୁ ଏବଂ ଅନ୍ୟମାନଙ୍କ ଜମି, ଉତ୍ତର: ପ୍ଲଟ୍ ନଂ.: ୫୮୧ ସମ୍ପର୍କିତ ଜମି, ଦକ୍ଷିଣ: ସରକାରୀ ଜମି, ସମୁଦାୟ କ୍ଷେତ୍ର: ଏକର୦.୦୪୧ ଡିସିମିଲି, ମୌଜା: ଅଙ୍କୁଶପୁର, ତହସିଲ: କୁକୁଡାଖଣ୍ଡି, ନଂ.: ୨୬, ଥାନା: ବ୍ରହ୍ମପୁର, ନଂ.: ୩୪, ଜିଲ୍ଲା: ଗଞ୍ଜାମ / ସମ୍ପତ୍ତି ଆଇଡ଼ି ନଂ.: IDIB7067873127 | ୧୪.୧୧.୨୦୨୪ / ୦୪.୦୨.୨୦୨୫ / ୨୦.୦୧.୨୦୨୬ ସୁଦ୍ଧା ଟ.୨୮,୮୬,୯୬୧.୦୦ + ୨୧.୦୧.୨୦୨୬ ଠାରୁ ସେବାବଦ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଦେୟ ଏବଂ ଆନୁଷଙ୍ଗିକ ଖର୍ଚ୍ଚ | ଟ.୪୩,୭୦,୦୦୦/- / ଟ.୪,୩୭,୦୦୦/- / ଟ.୧୦,୦୦୦/- |
| ୬. | **କୋର୍ଟପେଟା ଶାଖା, ମୋ.: ୭୦୭୬୯୫୯୦୨୭** (୧) ଋଣଗ୍ରହୀତା: ମେସର୍ସ ସାଇରାମ ଏଣ୍ଟରପ୍ରାଇଜେସ୍, ସତ୍ତ୍ୱାଧିକାରୀ: ଶ୍ରୀ ହରିହର ମହାନ୍ତି / ସତ୍ତ୍ୱାଧିକାରୀ ଏବଂ ବନ୍ଧକଦାତା: ଶ୍ରୀ ହରିହର ମହାନ୍ତି, ପିତା: ଶ୍ରୀ ବଳରାମ ମହାନ୍ତି / ଜାମିନ୍‌ଦାର ଏବଂ ବନ୍ଧକଦାତାମାନେ: କ) ଶ୍ରୀମତୀ ସଜନୀ ମହାନ୍ତି, ସ୍ୱାମୀ: ଶ୍ରୀ ବଳରାମ ମହାନ୍ତି, ଖ) ଶ୍ରୀ ରାଧେଶ୍ୟାମ ମହାନ୍ତି, ପିତା: ଶ୍ରୀ ବଳରାମ ମହାନ୍ତି, ସମସ୍ତଙ୍କ ଠିକଣା: ସା/ପୋ: ଜମୁନି, ପୁରୁଷୋତ୍ତମପୁର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୧୮, (୨) ଋଣଗ୍ରହୀତା: ମେସର୍ସ କନକ ଦୁର୍ଗା ରାଇସ୍ ମିଲ୍, ସତ୍ତ୍ୱାଧିକାରୀ: ଶ୍ରୀମତୀ ସଜନୀ ମହାନ୍ତି / ସତ୍ତ୍ୱାଧିକାରୀ ଏବଂ ବନ୍ଧକଦାତା: ଶ୍ରୀମତୀ ସଜନୀ ମହାନ୍ତି, ସ୍ୱାମୀ: ଶ୍ରୀ ବଳରାମ ମହାନ୍ତି / ଜାମିନ୍‌ଦାର ଏବଂ ବନ୍ଧକଦାତା: ଶ୍ରୀ ହରିହର ମହାନ୍ତି, ପିତା: ଶ୍ରୀ ବଳରାମ ମହାନ୍ତି, ସମସ୍ତଙ୍କ ଠିକଣା: ସା/ପୋ: ଜମୁନି, ପୁରୁଷୋତ୍ତମପୁର, ଜିଲ୍ଲା: ଗଞ୍ଜାମ, ପିନ୍-୭୬୧୦୧୮ | (୧କ) ଶ୍ରୀ ରାଧେଶ୍ୟାମ ମହାନ୍ତିଙ୍କ ନାମରେ ଥିବା କାରଖାନା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୦୧୩/୭୧୭, ପ୍ଲଟ୍ ନଂ.: ୭୬୫, କ୍ଷେତ୍ର: ଏକର୦.୦୩୦ ଡିସିମିଲି, ସମ୍ପତ୍ତିର ଚତୁଃପାର୍ଶ୍ୱରେ- ପୂର୍ବ: ପ୍ରଶାନ୍ତ ପାଣିଗ୍ରାହୀଙ୍କ ଜମି, ପଶ୍ଚିମ: ରାଧେଶ୍ୟାମ ମହାନ୍ତିଙ୍କ ଜମି, ଉତ୍ତର: ଲକ୍ଷ୍ମୀ ନାରାୟଣ ପାଣିଗ୍ରାହୀଙ୍କ ଜମି, ଦକ୍ଷିଣ: ମହେଶ୍ୱର ମହାନ୍ତି, ଖାତା ନଂ.: ୧୦୧୩/୯୦୭, ପ୍ଲଟ୍ ନଂ.: ୭୬୨, କ୍ଷେତ୍ର: ଏକର୦.୦୫୮ ଡିସିମିଲି, ପ୍ଲଟ୍ ନଂ.: ୭୫୯, କ୍ଷେତ୍ର: ଏକର୦.୦୩୦ ଡିସିମିଲି, ସମ୍ପତ୍ତିର ଚର୍ତୁପାର୍ଶ୍ୱରେ ପୂର୍ବ: ସୁରେନ୍ଦ୍ର ପାଣିଗ୍ରାହୀଙ୍କ ଜମି, ପଶ୍ଚିମ: ରାଧେଶ୍ୟାମ ମହାନ୍ତି ଏବଂ ଅନ୍ୟମାନଙ୍କ ଜମି, ଉତ୍ତର: ପ୍ରକାଶ ପାଣିଗ୍ରାହୀ ଏବଂ ଅନ୍ୟମାନଙ୍କ ଜମି, ଦକ୍ଷିଣ: ପ୍ଲଟ୍ ନଂ.: ୮୦୦, ସମୁଦାୟ କ୍ଷେତ୍ର: ଏକର୦.୧୧୮ ଡିସିମିଲି, ମୌଜା: ଜାମିନି, ତହସିଲ: ପୁରୁଷୋତ୍ତମପୁର, ନଂ.:୬୮, ଥାନା: ପୁରୁଷୋତ୍ତମପୁର, ନଂ.:୧୯୮, ଜିଲ୍ଲା: ଗଞ୍ଜାମ (୧ଖ) ଶ୍ରୀ ରାଧେଶ୍ୟାମ ମହାନ୍ତି ଏବଂ ଶ୍ରୀ ହରିହର ମହାନ୍ତିଙ୍କ ନାମରେ ଥିବା କାରଖାନା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୦୧୩/୯୦୮, ପ୍ଲଟ୍ ନଂ.: ୭୬୩, କ୍ଷେତ୍ର: ଏକର୦.୦୩୦ ଡିସିମିଲି ଏବଂ ପ୍ଲଟ୍ ନଂ.: ୭୬୪, କ୍ଷେତ୍ର: ଏକର୦.୦୩୦ ଡିସିମିଲି, ସମୁଦାୟ କ୍ଷେତ୍ର:ଏକର୦.୦୬୦ ଡିସିମିଲି, ମୌଜା: ଜାମିନି, ତହସିଲ: ପୁରୁଷୋତ୍ତମପୁର, ନଂ.:୬୮, ଥାନା: ପୁରୁଷୋତ୍ତମପୁର, ନଂ.:୧୯୮, ଜିଲ୍ଲା: ଗଞ୍ଜାମ, ସମ୍ପତ୍ତିର ଚାରିପାର୍ଶ୍ୱରେ:- ପୂର୍ବ: ରାମହରି ପାଣିଗ୍ରାହୀ ଏବଂ ମୀନକେତନ ପାଣିଗ୍ରାହୀଙ୍କ ଜମି, ପଶ୍ଚିମ: ବିଶ୍ୱନାଥ ପାଣିଗ୍ରାହୀ ଏବଂ ଅନ୍ୟମାନଙ୍କ ଜମି, ଉତ୍ତର:: ବିଶ୍ୱନାଥ ପାଣିଗ୍ରାହୀ ଏବଂ ଅନ୍ୟମାନଙ୍କ ଜମି, ଦକ୍ଷିଣ: ଲକ୍ଷ୍ମୀନାରାୟଣ ପାଣିଗ୍ରାହୀ ଏବଂ ଅନ୍ୟମାନଙ୍କ ଜମି, | ୧୯.୦୫.୨୦୨୫ / ୧୦.୧୧.୨୦୨୫ / ୨୦.୦୧.୨୦୨୬ ସୁଦ୍ଧା ଟ.୧,୫୨,୧୪,୬୭୬.୦୦ + ୨୧.୦୧.୨୦୨୬ ଠାରୁ ସେବାବଦ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଦେୟ ଏବଂ ଆନୁଷଙ୍ଗିକ ଖର୍ଚ୍ଚ | ଟ.୧,୮୧,୦୦,୦୦୦/- / ଟ.୧୮,୧୦,୦୦୦/- / ଟ.୫୦,୦୦୦/- |
| | | (୨) ଶ୍ରୀମତୀ ସଜନୀ ମହାନ୍ତିଙ୍କ ନାମରେ ଥିବା ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ଖାତା ନଂ.: ୧୦୧୩/୮୭୧, ପ୍ଲଟ୍ ନଂ.: ୭୬୦/୭୦୮୮, କ୍ଷେତ୍ର: ଏକର୦.୦୨୦ ଡିସିମିଲି, ପ୍ଲଟ ନଂ.:୭୬୦, କ୍ଷେତ୍ର: ଏକର୦.୦୧୦ ଡିସିମିଲି, ପ୍ଲଟ୍ ନଂ.:୭୬୧, କ୍ଷେତ୍ର ଏକର୦.୦୪୦ ଡିସିମିଲି ଏବଂ ଖାତା ନଂ.: ୧୦୧୩/୮୪୮, ପ୍ଲଟ୍ ନଂ.:୭୫୩, କ୍ଷେତ୍ର: ଏକର୦.୦୫୫ ଡିସିମିଲି, ପ୍ଲଟ୍ ନଂ.: ୭୫୪, କ୍ଷେତ୍ର: ଏକର୦.୦୪୦ ଡିସିମିଲି, ପ୍ଲଟ୍ ନଂ.: ୭୫୫, କ୍ଷେତ୍ର: ଏକର୦.୦୩୯ ଡିସିମିଲି, ପ୍ଲଟ୍ ନଂ.: ୭୫୬, କ୍ଷେତ୍ର: ଏକର୦.୦୨୦ ଡିସିମିଲି, ପ୍ଲଟ୍ ନଂ.: ୭୫୭, କ୍ଷେତ୍ର: ଏକର୦.୦୨୦ ଡିସିମିଲି, ସମୁଦାୟ କ୍ଷେତ୍ର: ଏକର୦.୨୪୪ ଡିସିମିଲି, ମୌଜା: ଜାମିନି, ତହସିଲ: ପୁରୁଷୋତ୍ତମପୁର, ନଂ.:୬୮, ଥାନା: ପୁରୁଷୋତ୍ତମପୁର, ନଂ.: ୧୯୮, ଜିଲ୍ଲା: ଗଞ୍ଜାମ ସମସ୍ତ ପ୍ଲଟ୍‌ର ସାଧାରଣ ସୀମାର ଚର୍ତୁପାର୍ଶ୍ୱରେ:- ପୂର୍ବ: ପ୍ଲଟ୍ ନଂ.: ୭୬୩ ଏବଂ ୭୬୪ , ପଶ୍ଚିମ: ରାସ୍ତା, ଉତ୍ତର: ପ୍ଲଟ୍ ନଂ.: ୭୪୩ ଏବଂ ୭୪୨, ଦକ୍ଷିଣ: ପ୍ଲଟ୍ ନଂ.: ୮୦୧, ୮୦୨, ୮୦୩ ଏବଂ ଅନ୍ୟମାନେ / ସମ୍ପତ୍ତି ଆଇଡ଼ି ନଂ.: IDIBSAIKANAKJA | ୧୪.୦୮.୨୦୨୫ / ୧୦.୧୧.୨୦୨୫ / ୨୦.୦୧.୨୦୨୬ ସୁଦ୍ଧା ଟ.୨୮,୮୬,୯୬୧.୦୦ + ୨୧.୦୧.୨୦୨୬ ଠାରୁ ସେବାବଦ ପରବର୍ତ୍ତୀ ସୁଧ, ଅନ୍ୟାନ୍ୟ ଦେୟ ଏବଂ ଆନୁଷଙ୍ଗିକ ଖର୍ଚ୍ଚ | |

ଇ-ନିଲାମ ତାରିଖ ଏବଂ ସମୟ : ତା୧୮.୦୨.୨୦୨୬ରିଖ (ବୁଧବାର) (କ୍ର.ନଂ. ୧, ୨, ୩ ଏବଂ ୪ ନିମନ୍ତେ) ଏବଂ ତା୨୦.୦୨.୨୦୨୬ରିଖ (ଶୁକ୍ରବାର) (କ୍ର.ନଂ. ୫ ଏବଂ ୬ ନିମନ୍ତେ), ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ, ଅସିମୀତ ୧୦ ମିନିଟ୍ ବର୍ଦ୍ଧିତ ସମୟ ସହିତ

ଅମାନତ ରାଶି ଓ କାଗଜାତ୍ ଦାଖଲର ଅନ୍ତିମ ତାରିଖ ଏବଂ ସମୟ: ତା୧୭.୦୨.୨୦୨୬ରିଖ (କ୍ର.ନଂ. ୧, ୨, ୩ ଏବଂ ୪ ନିମନ୍ତେ) ଏବଂ ୧୯.୦୨.୨୦୨୬ରିଖ (କ୍ର.ନଂ. ୫ ଏବଂ ୬ ନିମନ୍ତେ) ରାତ୍ର ୧୧.୦୦ ଘଟିକା ସୁଦ୍ଧା (ଅନ୍‌ଲାଇନ୍‌ରେ)

ସମ୍ପତ୍ତି ତନଖି କରିବାର ତାରିଖ ଏବଂ ସମୟ: ତା୨୭.୦୧.୨୦୨୬ରିଖ ଠାରୁ ତା୧୭.୦୨.୨୦୨୬ରିଖ (କ୍ର.ନଂ. ୧, ୨, ୩ ଏବଂ ୪ ନିମନ୍ତେ) ଏବଂ ତା୨୭.୦୧.୨୦୨୬ରିଖ ଠାରୁ ତା୧୯.୦୨.୨୦୨୬ରିଖ (କ୍ର.ନଂ. ୫ ଏବଂ ୬ ନିମନ୍ତେ), ପୂର୍ବାହ୍ନ ୧୦.୦୦ଘଟିକାରୁ ଅପରାହ୍ନ ୪.୦୦ଘଟିକା ମଧ୍ୟରେ (ବ୍ୟାଙ୍କର ପୂର୍ବ ଅନୁମତି ସହିତ) ନିଜ ଖର୍ଚ୍ଚରେ

ରେଜିଷ୍ଟ୍ରେସନ, ଲଗ୍‌ଇନ୍ ଏବଂ ନିଲାମ ଡାକ ନିୟମ ନିମନ୍ତେ https://baanknet.com ଦେଖନ୍ତୁ ଓ ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ଲିଙ୍କ୍: https://baanknet.com ଦେଖନ୍ତୁ। ଅଧିକ ବିବରଣୀ ନିମନ୍ତେ ଯୋଗାଯୋଗ କରନ୍ତୁ: ମୋ: ୮୧୪୪୮୪୯୮୧୦
ନିଲାମଧାରୀମାନଙ୍କୁ ପରାମର୍ଶ କି ୱେବସାଇଟ୍ https://baanknet.com ରେ ସମ୍ପତ୍ତି ଖୋଜିବା ସମୟରେ ଉପରଦର୍ଶିତ ସମ୍ପତ୍ତି ଆଇଡ଼ି (Property ID) ବ୍ୟବହାର କରନ୍ତୁ ।

ଉପରୋକ୍ତ ନୋଟିସ୍‌କୁ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୯(୧) ଅନୁଯାୟୀ ୧୫ ଦିନିଆ ବୈଧାନିକ ନୋଟିସ୍ ବୋଲି ବିବେଚନା କରାଯିବ।

ଋଣଗ୍ରହୀତା/ଜାମିନଦାରମାନଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି କି ସେମାନେ ଇ-ନିଲାମ ପୂର୍ବରୁ ବର୍ତ୍ତମାନ ସୁଦ୍ଧା ସୁଧ ଓ ଖର୍ଚ୍ଚ ସହିତ ମୋଟ ଦେୟ ପୈଠ କରନ୍ତୁ ଅନ୍ୟଥା ସମ୍ପତ୍ତି ନିଲାମ ବିକ୍ରୟ କରାଯିବ ଏବଂ ଯଦି କିଛି ବକେୟା ରହିଯାଏ ତେବେ ସୁଧ ଓ ଖର୍ଚ୍ଚ ସହିତ ଆଦାୟ କରାଯିବ।

ସ୍ଥାନ: ବ୍ରହ୍ମପୁର, ତାରିଖ: ୨୨.୦୧.୨୦୨୬
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ବ୍ୟାଙ୍କ

# ମାହାଙ୍ଗାର ପ୍ରାଣୀଧନ ନିରୀକ୍ଷକଙ୍କୁ ଜିଲାର ଶ୍ରେଷ୍ଠ କୃତ୍ରିମ ପ୍ରଜନନକାରୀ ପୁରସ୍କାର

ମାହାଙ୍ଗା, ୨୨।୧(ଅଜୟ କୁମାର ମହାନ୍ତି)

କଟକ ଜିଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ମଣ୍ଡଳ ପ୍ରାଣୀ ଚିକିତ୍ସାଳୟ ଅଧୀନସ୍ଥ ପ୍ରାଣୀଧନ ସହାୟକ କେନ୍ଦ୍ର, ଖଡ଼ୋଲରେ କାର୍ଯ୍ୟରତ ପ୍ରାଣୀଧନ ନିରୀକ୍ଷକ ଉମାକାନ୍ତ ସିଂହଙ୍କୁ କଟକ ଜିଲାର ଶ୍ରେଷ୍ଠ କୃତ୍ରିମ ପ୍ରଜନନକାରୀ ପୁରସ୍କାରରେ ସମ୍ମାନିତ କରାଯାଇଛି। ଏହି ପୁରସ୍କାର ରାଜ୍ୟସ୍ତରୀୟ ମସ୍ୟପ୍ରାଣୀ ସମ୍ପଦ ସମାବେଶ ଓଡ଼ିଶା ୨୦୨୬ ଅବସରରେ ଭୁବନେଶ୍ୱରର ଜନତା ମଇଦାନରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଦାନ କରାଯାଇଥିଲା। ଉମାକାନ୍ତଙ୍କ କୃତ୍ରିମ ପ୍ରଜନନ କ୍ଷେତ୍ରରେ କାର୍ଯ୍ୟଦକ୍ଷତା ଓ ନିରନ୍ତର ସେବାଦାନକୁ ସ୍ୱୀକୃତି ଦେଇ ଏହି ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଛି ବୋଲି ଜଣାପଡ଼ିଛି। ତାଙ୍କର ନିଷ୍ଠାପୂର୍ଣ୍ଣ ପରିଶ୍ରମ ଦ୍ୱାରା ଦୁଗ୍ଧ ଉତ୍ପାଦନ ବୃଦ୍ଧି ଓ ଚାଷୀମାନଙ୍କ ଆୟ ବୃଦ୍ଧି ସମ୍ଭବ ହୋଇପାରିଛି। ଏହା ଓଡ଼ିଶାର ପ୍ରାଣୀସମ୍ପଦ ବିକାଶ ଲକ୍ଷ୍ୟକୁ ସୁଦୃଢ଼ କରିଛି। ସମ୍ମାନ ପାଇବା ପରେ ଉମାକାନ୍ତ କହିଛନ୍ତି ଯେ, ଏହା ତାଙ୍କୁ ଆଗାମୀ ଦିନରେ ଅଧିକ ଦାୟିତ୍ୱବୋଧ ସହ ପ୍ରାଣୀପାଳକ ଓ ଚାଷୀମାନଙ୍କ ସେବା କରିବାକୁ ପ୍ରେରଣା ଯୋଗାଇବ।

# ବିଳମ୍ବରେ ଆମ୍ବୁଲାନ୍ସ ଆସିବାରୁ ରାସ୍ତା ଅବରୋଧ

## ହାଇୱା ଧକ୍କାରେ ମହିଳା ମୃତ

ବାଙ୍କୀ, ୨୨।୧ (ଶୁଭେନ୍ଦୁ ମହାପାତ୍ର/ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ଥାନା କର୍ଣ୍ଣପୁର ଫାଣ୍ଡି ଅନ୍ତର୍ଗତ ବାଙ୍କୀକଟକ ମୁଖ୍ୟ ରାସ୍ତାର ବାଆଁଶଠାରେ ଏକ ହାଇୱା ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ବାଙ୍କୀ ବ୍ଲକ ଅନ୍ତର୍ଗତ କଳାପଥର ପଞ୍ଚାୟତସ୍ଥିତ ପର୍ଷୋତମପୁର ଗ୍ରାମର ବିଭୂତି ବେହେରାଙ୍କ ସ୍ତ୍ରୀ ବିଜୁଳି ବେହେରା। ତେବେ ଆମ୍ବୁଲାନ୍ସ ଆସିବାରେ ବିଳମ୍ବ ହେବାରୁ ଉତ୍ତେଜିତ ଲୋକେ ରାସ୍ତା ଅବରୋଧ କରିଥିଲେ। ସ୍ତ୍ରୀ ବିଜୁଳି ଓ ପୁଅଙ୍କୁ ସ୍କୁଟିରେ ନେଇ ବିଭୂତି ଭୁବନେଶ୍ୱର ଯାଉଥିବା ସମୟରେ ବିପରୀତ ଦିଗରୁ ଏକ ହାଇୱା ଗାଡ଼ି ଦ୍ରୁତ ଗତିରେ ଆସି ତାଙ୍କୁ ଧକ୍କା ଦେଇଥିଲା। ଫଳରେ ବିଭୂତି ଓ ପୁଅ ଛିଟିକି ପଡ଼ିଥିବାବେଳେ ବିଜୁଳିଙ୍କ ଉପରେ ହାଇୱାଟି ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଛି। ଏହାଦେଖି ସ୍ଥାନୀୟଲୋକେ ଗାଡ଼ିକୁ ଅଟକାଇବା ସହ ପୋଲିସକୁ ଖବର ଦେଇଥିଲେ। ଏଥିସହ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ହାଇୱା ଚାଳକ ଫେରାର ହୋଇଯାଉଥିବା ବେଳେ ସ୍ଥାନୀୟ ଲୋକ ତାକୁ ଅଟକ ରଖିଥିଲେ। ଦୁର୍ଘଟଣା ପରେ ଅଗ୍ନିଶମ ବିଭାଗ ଓ ଆମ୍ବୁଲାନ୍ସକୁ ଖବର ଦିଆଯାଇଥିଲା। ତେବେ ଘଟଣାସ୍ଥଳରେ ଆମ୍ବୁଲାନ୍ସ ପହଞ୍ଚିବାରେ ବିଳମ୍ବ ହେବାରୁ ଉତ୍ତେଜିତ ଲୋକେ ପ୍ରାୟ ୨ ଘଣ୍ଟା ରାସ୍ତା ଅବରୋଧ କରିଥିଲେ। ଫଳରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଖବରପାଇ କର୍ଣ୍ଣପୁର ଫାଣ୍ଡି ପୋଲିସ ସହ ବାଙ୍କୀ ଥାନା ଆଇଆଇସି ଦିଲୀପ କୁମାର ମର୍ଦ୍ଦରାଜ ଭୂୟାଁ ଘଟଣାସ୍ଥଳରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିଥିଲେ। ଆମ୍ବୁଲାନ୍ସ ଆସିବା ପରେ ବାଙ୍କୀ ଉପଖଣ୍ଡ ଚିକିତ୍ସାଳୟରେ ଆହତ ବାପ ଓ ପୁଅଙ୍କ ଚିକିତ୍ସା କରାଯାଉଥିବାବେଳେ ବିଜୁଳିଙ୍କ ମୃତଦେହ ବ୍ୟବଚ୍ଛେଦ କରାଯାଇଛି।

# ବନ୍ଦେ ମାତରମ୍‌ର ୧୫୦ତମ ପୂର୍ତ୍ତି ଉପଲକ୍ଷେ ବ୍ଲକସ୍ତରୀୟ ସମାରୋହ

ବାଙ୍କୀ, ୨୨।୧ (ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବାଙ୍କୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ 'ବନ୍ଦେ ମାତରମ୍'ର ୧୫୦ତମ ପୂର୍ତ୍ତି ଅବସରରେ ଗୁରୁବାର ବ୍ଲକସ୍ତରୀୟ ସମାରୋହ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଏନ୍‌ସିସି ଅଧ୍ୟକ୍ଷ ମାଣିକ ସାହୁ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ କେନ୍ଦ୍ରୀୟ ଜୋନ୍ ଜିଲାପରିଷଦ ସଦସ୍ୟା ମିନତି ମହାପାତ୍ର, ସମ୍ମାନିତ ଅତିଥିଭାବେ ଉପଜିଲାପାଳ ସଚ୍ଚୋଷ କୁମାର ରଣା, ସହଶିକ୍ଷାଧିକାରୀ ପ୍ରଫୁଲ୍ଲ କୁମାର ବେହେରା, ଜୟନ୍ତୀ ବିଶ୍ୱାଳ, ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଜୟନ୍ତୀ ଗୋଚ୍ଛି, କ୍ରେଡିଟ୍ ବ୍ୟାଙ୍କ ସଭାପତି ସମରେନ୍ଦ୍ର ମହାପାତ୍ର ଯୋଗଦେଇ ବନ୍ଦେ ମାତରମ୍ ଜାତୀୟ ସଙ୍ଗୀତ ଭାବେ ସାରା ଭାରତ ବର୍ଷରେ ତାହାର ୧୫୦ତମ ପୂର୍ତ୍ତି ପାଳନ କରିବା ସହ ଶିଶୁଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ଭାରତ ମାତା ପ୍ରତି ଅନୁରକ୍ତ ହେବା ସହ ଭକ୍ତି ପ୍ରଦର୍ଶନ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଶିକ୍ଷା ଅଧିକାରୀ କାମରାଜ ସାହୁ ସଭାପତିତ୍ୱ କରିଥିବା ବେଳେ ସହ ଶିକ୍ଷା ଅଧିକାରୀ କାର୍ତ୍ତିକ ବେହେରା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସିଆରସିସି ମନୋରଞ୍ଜନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଉପଜିଲାପାଳ ଉପସ୍ଥିତରେ ମୁଖ୍ୟ ଅତିଥିଭାବେ ଉପଜିଲାପାଳ ପ୍ରଣବ କୁମାର ବେହେରା, ମୁଖ୍ୟବକ୍ତା ଡମପଡ଼ା ବ୍ଲକ ଉନ୍ନୟନ ଅଧିକାରୀ ଅଂଶୁମାନ ଦାସ, ସମ୍ମାନିତ ଅତିଥି ସହଶିକ୍ଷା ଅଧିକାରୀ ଜୟନ୍ତୀ ବିଶ୍ୱାଳ, ବିଦ୍ୟାଳୟ ପରିଚାଳନା ସମିତି ଅଧ୍ୟକ୍ଷ ବିବେକାନନ୍ଦ ସାମଲ ଯୋଗଦେଇ ବନ୍ଦେ ମାତରମ୍ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ମଣ୍ଡଳ ଶିକ୍ଷାଧିକାରୀ କାମରାଜ ସାହୁ ସହଯୋଗ କରିଥିବା ବେଳେ ସିଆରସିସି ସରୋଜ କୁମାର ସେଠୀ ଅତିଥି ପରିଚୟ ଏବଂ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି ଉପଲକ୍ଷେ ଆୟୋଜିତ ବକ୍ତୃତା ଓ ସଂଗୀତ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀମାନଙ୍କୁ ଉପଜିଲାପାଳ ବେହେରା ପୁରସ୍କାର ପ୍ରଦାନ କରିଥିଲେ। ସିଆରସିସି ମୋନାଲିସା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ନେତାଜୀଙ୍କ ଜୀବନୀ ସମ୍ବନ୍ଧୀୟ ପ୍ରାମାଣିକ ବୃତ୍ତଚିତ୍ର ପ୍ରଦର୍ଶନ କରିବ ଯୁବ-ଛାତ୍ର ବିଜେଡି

ଆଠଗଡ଼, ୨୨।୧(ସତ୍ୟ ପ୍ରସାଦ ରଥ)

## ସୁଭାଷ ବୋଷଙ୍କ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି



ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଳନ ପାଇଁ ଯୁବ-ଛାତ୍ର ବିଜେଡି ଆଠଗଡ଼ ଶାଖା ପକ୍ଷରୁ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ସନ୍ଧ୍ୟାରେ ଆଠଗଡ଼ ସହର ଉପକଣ୍ଠ ଶ୍ରୀ ଅଗ୍ନୀ ଜଗନ୍ନାଥଙ୍କ ମନ୍ଦିର ନିକଟସ୍ଥ ରଥଗଡ଼ା ଛକରୁ ଯୁବ-ଛାତ୍ର ବିଜେଡି ଆଠଗଡ଼ ଶାଖା ପକ୍ଷରୁ ଏକ ବିଶାଳ ମଶାଲ ଶୋଭାଯାତ୍ରା ବାହାରି ସହରର ମୁଖ୍ୟ ରାସ୍ତା ଦେଇ ପୁରୁଣା ବସ୍‌ଷ୍ଟାଣ୍ଡ ଲକ୍ଷ୍ମୀ ବଜାରସ୍ଥିତ ମଣ୍ଡପରେ ପହଞ୍ଚିବ। ଏଠାରେ ନେତାଜୀଙ୍କ ଜୀବନୀ, କାର୍ଯ୍ୟଧାରା, ବିଚାରଧାରା ସମ୍ବନ୍ଧରେ ପ୍ରାମାଣିକ ବୃତ୍ତଚିତ୍ର ପ୍ରଦର୍ଶନ କରାଯିବ। ପରେ ନେତାଜୀ ଜନ୍ମ ଜୟନ୍ତୀ ପାଳନ ଅବସରରେ ସ୍ମୃତିଚାରଣ ପାଇଁ ଏକ ସଚେତନତା ସଭା ଅନୁଷ୍ଠିତ ହେବ। ଏଥିରେ ମୁଖ୍ୟ ଅତିଥିଭାବେ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେବେ ବୋଲି ବୈଠକରେ ନିଷ୍ପତ୍ତି ହୋଇଛି। ଏନେଇ ଆଠଗଡ଼ ଏନ୍‌ଏସି କାର୍ଯ୍ୟାଳୟ ନିକଟସ୍ଥ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରାଯାଇ ଉପରୋକ୍ତ ସୂଚନା ଦିଆଯାଇଥିଲା। ଏଥିରେ ଆଠଗଡ଼ ଛାତ୍ର ବିଜେଡି ସାଧାରଣ ସମ୍ପାଦକ ରିଙ୍କୁ ପତ୍ରୀ, ଟିଗିରିଆ ଛାତ୍ର ବିଜେଡି ସାଧାରଣ ସମ୍ପାଦକ ଚୋଫାନ ସାମଲ, ଆଠଗଡ଼ ଏନ୍‌ଏସି ଛାତ୍ର ବିଜେଡି ସଭାପତି ମହମ୍ମଦ ଖାଲିଦ, କଟକ ଜିଲା ଛାତ୍ର ବିଜେଡି ସମ୍ପାଦକ ଦିନେଶ ପ୍ରଧାନ, ଆଠଗଡ଼ ବ୍ଲକ ଛାତ୍ର ବିଜେଡି ସମ୍ପାଦକ ଗିରିଜା ପ୍ରସାଦ ପରିଡ଼ା, ଯୁବ ବିଜେଡି ସମ୍ପାଦକ ଜନ୍ମେଜୟ ଦାସ ଓ ଟାଙ୍ଗୀ-ଚୌଦ୍ୱାର ଛାତ୍ର ବିଜେଡି ସମ୍ପାଦକ ମନୋଜ ଦଳାଇ ପ୍ରମୁଖ ଯୋଗଦେଇଥିଲେ।

# ଆଠଗଡ଼କୁ ଜିଲା ଦାବିରେ ପୁନର୍ବାର ମୁଖ୍ୟମନ୍ତ୍ରୀଙ୍କୁ ସ୍ମାରକପତ୍ର

ଆଠଗଡ଼, ୨୨।୧(ସତ୍ୟ ପ୍ରସାଦ ରଥ)



ଉପଜିଲାପାଳଙ୍କୁ ସ୍ମାରକପତ୍ର ଦିଆଯାଉଛି।

ଆଠଗଡ଼କୁ ଜିଲା ଦାବିରେ ଆଠଗଡ଼ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଚତୁର୍ଥ ଥର ପାଇଁ ଉପଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। କ୍ରିୟାନୁଷ୍ଠାନ କମିଟିର ସଭାପତି ଫଣୀ ଭୂଷଣ ରଥଙ୍କ ନେତୃତ୍ୱରେ ବରିଷ୍ଠ ଆଇନଜୀବୀ ପ୍ରାଣକୃଷ୍ଣ ଦାଶ, ସ୍ୱେଚ୍ଛାସେବୀ ସଙ୍ଗଠନ ଗଡ଼ଜାତ ପରିକ୍ରମାର ସମ୍ପାଦକ ଲଲାଟେନ୍ଦୁ ସେନାପତି, ଆଠଗଡ଼ ଅଞ୍ଚଳର ବିଭିନ୍ନ ବରିଷ୍ଠ ନାଗରିକ ମଞ୍ଚର କାର୍ଯ୍ୟକର୍ତ୍ତା ଶରତ କୁମାର ସାମନ୍ତ, ଗିରିଶ ମିଶ୍ର, ଶିକ୍ଷକ ନେତା ସୁରେଶ ପରିଡ଼ା, ଦଳିତ ନେତା ବିଚିତ୍ରାନନ୍ଦ ସେଠୀ ପ୍ରମୁଖ ଉପଜିଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମାଙ୍କୁ କାର୍ଯ୍ୟାଳୟରେ ଭେଟି ଦାବିପତ୍ର ପ୍ରଦାନ କରିଥିଲେ।

# ମା' ଚର୍ଚ୍ଚିକା ଛାତ୍ରୀନିବାସର ବାର୍ଷିକ ଉତ୍ସବ କଳାଞ୍ଜଳି

ବାଙ୍କୀ, ୨୨।୧(ଜ୍ଞାନେନ୍ଦ୍ର ମୋହନ ମିଶ୍ର)

ବୁଧବାର ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ମା'ଚର୍ଚ୍ଚିକା ଛାତ୍ରୀ ନିବାସ ଆନୁକୂଲ୍ୟରେ ବାର୍ଷିକ ଉତ୍ସବ 'କଳାଞ୍ଜଳି' ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରାଧ୍ୟାପିକା ଗାୟତ୍ରୀ ନାୟକ ସଭାପତିତ୍ୱ କରି ଛାତ୍ରୀମାନଙ୍କର ଭବିଷ୍ୟତ ଉଜ୍ଜ୍ୱଳମୟ ହେଉ ବୋଲି କହିଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ଅନ୍ତର୍ଜାତୀୟ ମାନବ ଅଧିକାର ରକ୍ଷକ ମାନବେନ୍ଦ୍ର ପଟ୍ଟନାୟକ ଯୋଗଦେଇ ସମସ୍ତ ବ୍ୟକ୍ତି ମାନବ ଅଧିକାରକୁ ମାନି ଚଳିଲେ ଦେଶ ଆଗେଇ ଚାଲିବ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଲେଖିକା ତଥା ଚଳଚ୍ଚିତ୍ର ନିର୍ମାତା ପ୍ରଜ୍ଞା ତ୍ରିପାଠୀ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ୟଙ୍ଗ କବି ତଥା ସମ୍ପାଦକ ବ୍ୟଙ୍ଗଶାଣାର ସତ୍ୟାନାଶ ଯୋଗଦେଇଥିଲେ। ଏହି ତତ୍ତ୍ୱାବଧାରିକା ଡ. ସଙ୍ଗୀତା ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସମ୍ପାଦିକା ପ୍ରତିଶ୍ରୁତି ନାୟକ ବିବରଣୀ ପାଠ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସହ ତତ୍ତ୍ୱାବଧାରିକା ଅଧ୍ୟାପିକା ରୋଜାଲିନ ମହାନ୍ତି ଓ ଲିପ୍ସିତା ସେଠୀ ପରିଚାଳନା କରିଥିଲେ। ଅତିଥିଭାବେ ପରିଚାଳନା କମିଟି ସଦସ୍ୟ ସମରେନ୍ଦ୍ର ମହାପାତ୍ର, ଭାଗୀରଥି ବିଶ୍ୱାଳ, ପୂର୍ବତନ ଉପାଧ୍ୟକ୍ଷ ମନୋଜ କୁମାର ମହାପାତ୍ର, ଡ. ସନ୍ଧ୍ୟାରାଣୀ ମହାନ୍ତି, କିଶୋର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ସହ ତତ୍ତ୍ୱାବଧାରିକା ଅଧ୍ୟାପିକା ଜ୍ୟୋତିର୍ମୟୀ ପାଢ଼ୀ ପୁରସ୍କାର ବିତରଣରେ ସହଯୋଗ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# 'ଉତ୍ତମ ଚରିତ୍ର, ଭକ୍ତିଭାବ ଛାତ୍ରୀଛାତ୍ରଙ୍କୁ ଶୀର୍ଷ ସ୍ଥାନରେ ପହଞ୍ଚାଇଥାଏ'

ବଡ଼ମ୍ବା, ୨୨।୧(ମାୟାଧର ମଲ୍ଲିକ)

ବଡ଼ମ୍ବାସ୍ଥିତ ମୋହନ ସୁବୁଦ୍ଧି ମହାବିଦ୍ୟାଳୟ ଛାତ୍ର ସଂସଦ ଓ +୨ ସାଂସ୍କୃତିକ ପରିଷଦର ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟ ପରିସରରେ ଗୁରୁବାର ବାର୍ଷିକ ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ବିଧାୟକ ବିଜୟ କୁମାର ଦଳବେହେରା ଯୋଗଦେଇ ଉତ୍ତମ ଚରିତ୍ର ଓ ଭକ୍ତିଭାବ ଛାତ୍ରୀଛାତ୍ରଙ୍କୁ ଶୀର୍ଷ ସ୍ଥାନରେ ପହଞ୍ଚାଇଥାଏ ବୋଲି ମତବ୍ୟକ୍ତ କରିଛନ୍ତି। ଅଧ୍ୟକ୍ଷ ମୋହିତ କରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ଗାଳ୍ପିକ, ଗୀତିକାର ତଥା ପତ୍ରକାର ବିଜୟ କୁମାର ମଲ୍ଲ ଯୋଗଦେଇ ବଡ଼ମ୍ବାର ଐତିହ୍ୟ ଓ କଳାକୁ ମନେପକାଇବା ସହିତ ଅଞ୍ଚଳ ମାଟିର ସମ୍ମାନ ବଜାୟ ରଖିବାକୁ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧ୍ୟକ୍ଷ ରଘୁପତି ମହାନ୍ତି ଓ ବିଡିଓ ଡ. ଚିତ୍ତରଞ୍ଜନ ଦାସ ଯୋଗଦେଇଥିଲେ। +୨ ସାଂସ୍କୃତିକ ପରିଷଦ ଉପସଭାପତି ତଥା ଅଧ୍ୟାପିକା ସରିତା ସାହୁ ଅତିଥି ପରିଚୟ ପ୍ରଦାନ କରିବା ସହିତ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସେହିପରି ଛାତ୍ର ସଂସଦ ଉପଦେଷ୍ଟା ତଥା ଅଧ୍ୟାପିକା ଡ. ସୁକାସିନୀ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ଅଭିନେତ୍ରୀ ଶିବାନୀ ସଂଗୀତା ଓ ସୁସ୍ମିତା ମହାପାତ୍ରଙ୍କ ମେଲୋଡି ଗ୍ରୁପ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ।

# ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ: ଫାଇନାଲରେ ଢେଙ୍କାନାଳ

ଟିଗିରିଆ, ୨୨।୧(ଜାଫର ଖାଁ)

ଟିଗିରିଆ ବ୍ଲକ ଅନ୍ତର୍ଗତ ସୋମପଡାସ୍ଥିତ ଖେଳପଡ଼ିଆରେ ଲିଟିଲ ଷ୍ଟାର କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ଆୟୋଜିତ ପ୍ରଥମ ରାଜ୍ୟସ୍ତରୀୟ କ୍ରିକେଟ ଲକ୍ଷ୍ମୀଧର ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲ ମ୍ୟାଚ୍ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ମ୍ୟାଚ୍ ଆଠଗଡ଼ ଷ୍ଟାର କ୍ରିକେଟ କ୍ଲବ ଓ ଢେଙ୍କାନାଳ କିଆଖର ଏକ୍ସ୍‌ଏମ୍‌ସିସି କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଆଠଗଡ଼କୁ ୧୯୪ ରନ୍‌ରେ ପରାସ୍ତ କରି ଢେଙ୍କାନାଳ ଫାଇନାଲରେ ପ୍ରବେଶ କରିଛି। ଢେଙ୍କାନାଳ ପ୍ରଥମେ ବ୍ୟାଟିଂ କରି ୧୭.୫ ଓଭରରେ ୮ଟି ଉଇକେଟ ହରାଇ ୩୨୭ ରନ ସଂଗ୍ରହ କରିଥିଲା। ଦଳ ତରଫରୁ ବ୍ୟାଟିଂରେ ରଜତ କୁମାର ଦାଶ ୨୯ଟି ବଲରୁ ୯୯ ରନ୍ ଓ ସୂର୍ଯ୍ୟକାନ୍ତ ମଲ୍ଲିକ ୨୧ଟି ବଲରୁ ୬୧ ରନ୍ ସଂଗ୍ରହ କରିଥିଲା। ଜବାବରେ ଆଠଗଡ଼ ଦଳ ୧୫.୩ ଓଭରରେ ୯ଟି ଉଇକେଟ ହରାଇ ମାତ୍ର ୧୩୪ ରନ୍ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲେ। ଏଥିରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ତ୍ରିଦିପ ସାମନ୍ତରାୟ ଓ ଯୋଗେଶ କୁମାର ପ୍ରଧାନ ଯୋଗଦେଇ ଉଭୟ ଦଳର ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ସଲିପ ସାମନ୍ତରାୟ ଓ ଶିବଶଙ୍କର ରାଉତରାୟ ମ୍ୟାଚ୍ ପରିଚାଳନା କରିଥିଲେ।

# ସମିତି ଅର୍ଥ ବିନିମୟରେ ଜନ ପ୍ରତିନିଧିଙ୍କ ମତାମତ ନେବାକୁ ଦାବି

## ବିଡିଓଙ୍କୁ ଦାବିପତ୍ର

ଟିଗିରିଆ, ୨୨।୧(ଜାଫର ଖାଁ)



ଜନପ୍ରତିନିଧିମାନେ ବିଡିଓଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି।

ଟିଗିରିଆ ବ୍ଲକର ବିଭିନ୍ନ ପଞ୍ଚାୟତର ଜନପ୍ରତିନିଧିମାନେ ଗୁରୁବାର ବ୍ଲକ କାର୍ଯ୍ୟାଳୟରେ ବିଡିଓ ମନସ୍ୱିନୀ ଦାସଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ଦାବିପତ୍ରରେ ଦର୍ଶାଯାଇଛି ଯେ, ଆଗାମୀ ଦିନରେ ଟିଗିରିଆ ପଞ୍ଚାୟତ ସମିତିକୁ ସରକାରୀସ୍ତରରେ ଆସୁଥିବା ସମସ୍ତ ଉନ୍ନୟନ କାର୍ଯ୍ୟ ବାବଦ ଅର୍ଥକୁ ବିନିଯୋଗ କରିବା ପୂର୍ବରୁ ଉକ୍ତ ପଞ୍ଚାୟତର ଜନପ୍ରତିନିଧିଙ୍କ ଦୃଷ୍ଟିକୁ ଦିଆଯାଉ। ଏଥିସହ ଜନପ୍ରତିନିଧିମାନେ ମତାମତକୁ ଅଗ୍ରାଧିକାର ଦେଇ ଉକ୍ତ କାର୍ଯ୍ୟ ସମ୍ପାଦନ କରିବାକୁ ବିଡିଓ ଦାସଙ୍କୁ ନିବେଦନ କରାଯାଇଛି। ଏହାଦ୍ୱାରା ପଞ୍ଚାୟତରେ ସମସ୍ତ ସରକାରୀ କାର୍ଯ୍ୟ ଶୃଙ୍ଖଳିତଭାବେ ସମ୍ପାଦନ ହୋଇପାରିବ ବୋଲି ଜନପ୍ରତିନିଧିମାନେ କହିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ୨ ଜିଲା ପରିଷଦ ସଭ୍ୟ ସଙ୍ଗିତା ରାଉତ ଓ ସଭ୍ୟ ସଞ୍ଜୟ କୁମାର ମଲ୍ଲିକଙ୍କ ସମେତ ପାଞ୍ଚଗାଁ ପଞ୍ଚାୟତ ସରପଞ୍ଚ ନିରଞ୍ଜନ ଦଳେଇ, ସମିତି ସଭ୍ୟ ପ୍ରକାଶ ବେହେରା, ସୋମପଡା ସରପଞ୍ଚ ପ୍ରଶାନ୍ତ କୁମାର ରାଉତ, ସମିତି ସଭ୍ୟ ବୃନ୍ଦାବନ ପ୍ରଧାନ, ଗବାଧରପୁର ସରପଞ୍ଚ ପୁଷ୍ପିତା ସ୍ୱାଇଁ, ସମିତି ସଭ୍ୟ ବିଜୟ କୁମାର ବେହୁରା, ଭୋଗରା ସରପଞ୍ଚ ଶର୍ମିଳା ନାୟକ, ସମିତି ସଭ୍ୟ ମାମି ବେହୁରା, ଖିଣ୍ଡିମା ସରପଞ୍ଚ ସୁଲତା ସ୍ୱାଇଁ, ସମିତି ସଭ୍ୟ ସୋନାଲି ସେଠ, ବଡ଼ନାଗଡ଼ା ସରପଞ୍ଚ ପ୍ରତିମୟୀ ପଣ୍ଡା, ସମିତି ସଭ୍ୟ ଦମୟନ୍ତୀ ପ୍ରଧାନ, ଅଟଳକୋଟ ସରପଞ୍ଚ ରୋଜାଲିନ ବଳିୟାର ସିଂହ, ସମିତି ସଭ୍ୟ ଓ୍ୱିଡି ସାହୁ, ନୂଆପାଟଣା ସରପଞ୍ଚ ସୋମନାଥ ଦାସ, ପୁରୁଣା ଟିଗିରିଆ ସରପଞ୍ଚ ପ୍ରତାପ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ଏ ବିଷୟରେ ବିଡିଓ ଦାସଙ୍କୁ ପଚାରିବାରେ ଜନପ୍ରତିନିଧିଙ୍କ ଅଭିଯୋଗକୁ ଖତେଇ ଦେଖାଯିବ ବୋଲି କହିଛନ୍ତି।


**ଇଣ୍ଡିଆନ ବ୍ୟାଙ୍କ Indian Bank ALLAHABAD**

**ଆଞ୍ଚଳିକ କାର୍ଯ୍ୟାଳୟ: ବ୍ରହ୍ମପୁର**, ଫୋନ: ୦୬୮୦-୨୪୦୪୦୧୬, ଇ-ମେଲ: zoberhampur@indianbank.co.in

**ଇ-ନିଲାମ ବିକ୍ରୟ ବିଜ୍ଞପ୍ତି**

(ସମ୍ପତ୍ତିଗୁଡ଼ିକର ବିକ୍ରି ନିମନ୍ତେ ସରଫେସି ଆକ୍ଟ, ୨୦୦୨ ରୁଲ୍ ୮(୬) ଏବଂ ୯(୧) ବ୍ୟବସ୍ଥା ଅନୁଯାୟୀ ବିକ୍ରୟ ନୋଟିସ୍)

ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ (ସରଫେସି) ଆକ୍ଟ, ୨୦୦୨ ଅନୁଯାୟୀ ବ୍ୟାଙ୍କ ... https://baanknet.com

| କ୍ର.ନଂ. | ଶାଖା, ଯୋଗାଯୋଗ ନଂ. / ଋଣଗ୍ରହୀତା / ସହ-ଋଣଗ୍ରହୀତା / ଜାମିନ୍‌ଦାର / ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ / ସମ୍ପତ୍ତି ଆଇଡ଼ି ନଂ. | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ନୋଟିସ୍ ତାରିଖ / ବକେୟା ଦେୟ | ସଂରକ୍ଷିତ ମୂଲ୍ୟ / ଅମାନତ ରାଶି / ବିଡ଼ ବୃଦ୍ଧି ପରିମାଣ |
|---|---|---|---|---|
| ୧. | କଣମଣା ଶାଖା, ମୋ.: ୯୭୭୬୮୮୪୮୧୬ ... ସମ୍ପତ୍ତି ଆଇଡ଼ି ନଂ.: IDIB6830870997 | ଶ୍ରୀ କି ଗୌରହରିଙ୍କ ନାମରେ ଥିବା ... | ୧୪.୧୧.୨୦୨୩ / ୩୧.୦୨.୨୦୨୪ / ... | ଟ.୪୦,୧୧,୦୦୦/- / ଟ.୪,୦୧,୧୦୦/- / ଟ.୧୦,୦୦୦/- |
| ୨. | କଣମଣା ଶାଖା, ମୋ.: ୯୭୭୬୮୮୪୮୧୬ ... ସମ୍ପତ୍ତି ଆଇଡ଼ି ନଂ.: IDIB6927410547 | ଶ୍ରୀ ଗଦେଇ ଗୌରହରିଙ୍କ ନାମରେ ଥିବା ... | ୧୦.୦୪.୨୦୨୩ / ୦୭.୦୨.୨୦୨୪ / ... | ଟ.୬୩,୨୦,୦୦୦/- / ଟ.୬,୩୨,୦୦୦/- / ଟ.୨୦,୦୦୦/- |
| ୩. | କଞ୍ଜଣା ଶାଖା, ମୋ.: ୯୭୦୮୭୨୧୧୮୨ ... ସମ୍ପତ୍ତି ଆଇଡ଼ି ନଂ.: IDIB6854105838A | ଶ୍ରୀ ବିଶ୍ୱନାଥ ସାହୁଙ୍କ ନାମରେ ଥିବା ... | ୧୪.୧୦.୨୦୨୪ / ... | ଟ.୪୧,୦୦,୦୦୦/- / ଟ.୪,୧୦,୦୦୦/- / ଟ.୨୦,୦୦୦/- |
| ୪. | ନୟାଗଡ଼ ଶାଖା, ମୋ.: ୯୯୯୩୧୬୭୬୨୯ ... ସମ୍ପତ୍ତି ଆଇଡ଼ି ନଂ.: IDIB6826739483 | ... | ୧୭.୦୬.୨୦୨୪ / ୨୨.୦୮.୨୦୨୪ / ... | ଟ.୧୨,୪୦,୦୦୦/- / ଟ.୧,୨୪,୦୦୦/- / ଟ.୧୦,୦୦୦/- |
| ୫. | କୋର୍ଟପେଟା ଶାଖା, ମୋ.: ୭୦୨୬୭୯୫୦୨୭ ... ସମ୍ପତ୍ତି ଆଇଡ଼ି ନଂ.: IDIB7067873127 | ଶ୍ରୀ ଶିଶିର କୁମାର ଦାସଙ୍କ ନାମରେ ଥିବା ... | ୧୪.୧୧.୨୦୨୪ / ୦୪.୦୨.୨୦୨୪ / ... | ଟ.୪୩,୭୦,୦୦୦/- / ଟ.୪,୩୭,୦୦୦/- / ଟ.୧୦,୦୦୦/- |
| ୬. | କୋର୍ଟପେଟା ଶାଖା, ମୋ.: ୭୦୨୬୭୯୫୦୨୭ ... ସମ୍ପତ୍ତି ଆଇଡ଼ି ନଂ.: IDIBSAIKANAKJA | (୧କ) ଶ୍ରୀ ରାଧେଶ୍ୟାମ ମହାନ୍ତିଙ୍କ ନାମରେ ... (୧ଖ) ... (୨) ଶ୍ରୀମତୀ ସଜନୀ ମହାନ୍ତିଙ୍କ ନାମରେ ... | ୧୯.୦୪.୨୦୨୪ / ୧୦.୧୧.୨୦୨୪ / ... ; ୧୪.୦୮.୨୦୨୪ / ... | ଟ.୮୦,୦୦,୦୦୦/- / ଟ.୮,୦୦,୦୦୦/- / ଟ.୫୦,୦୦୦/- |

ଇ-ନିଲାମ ତାରିଖ ଏବଂ ସମୟ: ତା ୧୮.୦୨.୨୦୨୬ରିଖ (ବୁଧବାର) (କ୍ର.ନଂ. ୧, ୨, ୩ ଏବଂ ୪ ନିମନ୍ତେ) ଏବଂ ତା ୨୦.୦୨.୨୦୨୬ରିଖ (ଶୁକ୍ରବାର) (କ୍ର.ନଂ. ୫ ଏବଂ ୬ ନିମନ୍ତେ), ପୂର୍ବାହ୍ନ ୧୧.୦୦ ଘଟିକା ...

ସ୍ଥାନ: ବ୍ରହ୍ମପୁର, ତାରିଖ: ୨୨.୦୧.୨୦୨୬ — ସ୍ୱା - କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ ବ୍ୟାଙ୍କ

# ‘ଯୁବଶକ୍ତି ଜାଗ୍ରତ ହେଲେ ବିକଶିତ ରାଷ୍ଟ୍ର ସମ୍ଭବ’

**ବେଗୁନିଆ,୨୨।୧(ହର ପ୍ରସନ୍ନ ପଣ୍ଡା)**

## ରମାମଣି ମହାବିଦ୍ୟାଳୟର ବାର୍ଷିକୋତ୍ସବ



ଅତିଥିଙ୍କଠାରୁ ଜଣେ କୃତୀ ପ୍ରତିଯୋଗୀ ପୁରସ୍କାର ଗ୍ରହଣ କରୁଛନ୍ତି।

ବେଗୁନିଆ ବ୍ଲକ ଅନ୍ତର୍ଗତ କଣ୍ଟାବାଡ଼ସ୍ଥିତ ରମାମଣି ମହାବିଦ୍ୟାଳୟ ପରିସରରେ କ୍ରୀଡ଼ା ଓ ବାର୍ଷିକୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ତଥା ସଭାପତି ଭାବେ ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ବକ୍ତା ଭାବେ ପୂର୍ବତନ ସଭାପତି ତଥା ପ୍ରାଧାପକ ପ୍ରଫୁଲ୍ଲ କୁମାର ରଥ ଏବଂ ସମ୍ମାନିତ ଅତିଥିଭାବେ ବେଗୁନିଆ ପଞ୍ଚାୟତ ସମିତି ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମଞ୍ଚାସୀନ ଥିଲେ। ପ୍ରାଧାପକ ତଥା ମହାବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ବନ୍ଧୁ ପଟ୍ଟନାୟକ ଅତିଥିଭାବେ ଉପସ୍ଥିତ ଥିଲେ। ଅଧ୍ୟାପକ ବଟକୃଷ୍ଣ ମହାପାତ୍ର ଅତିଥିଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଅଧ୍ୟାପକ ଶ୍ୟାମାପ୍ରସାଦ ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ। ପିଲାମାନେ ତୁମେ ସଦାସର୍ବଦା ସମୟାନୁବର୍ତ୍ତିତା ହୁଅ, ବିଦ୍ୟାଳୟର ଆବଦ୍ଧ ଭିତରେ ନିଜର ଶାଳୀନତା ରକ୍ଷାକର, ଟେକ୍ନୋଲୋଜିକୁ ଆହୋରଣ କର ଏବଂ ଉଚ୍ଚ ଶିକ୍ଷାକୁ ପ୍ରାଧାନ୍ୟ ଦିଅ। ସେହିପରି ଯୁବଶକ୍ତି ଜାଗ୍ରତ ହେଲେ ବିକଶିତ ରାଷ୍ଟ୍ର ସମ୍ଭବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅଧ୍ୟାପିକା ପ୍ରଜ୍ଞାରାଣୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ବରିଷ୍ଠ କିରାଣି ରାଧାଶ୍ୟାମ ସାହୁ ଏବଂ ଅଭୟ କୁମାର ସାହୁ, ପବିତ୍ର ବେହେରାଙ୍କ ସମେତ ଅନ୍ୟ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ। ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ୩ ବଖରା ବିଶିଷ୍ଟ ନୂତନ ଶ୍ରେଣୀଗୃହକୁ ଅତିଥିମାନେ ଉଦ୍ଘାଟନ କରିଥିଲେ। ଶେଷରେ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।




ଅତିଥିଙ୍କ ଗହଣରେ ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ନେଇଥିବା ବାଲୁଗାଁ ମହାବିଦ୍ୟାଳୟର ଛାତ୍ରୀମାନେ।

# ଆତ୍ମରକ୍ଷା କୌଶଳ ଶିଖିଲେ ଛାତ୍ରୀ

**ବାଲୁଗାଁ,୨୨।୧(ସଂଗ୍ରାମ ପାଇକରାୟ)**

ବାଲୁଗାଁ ମହାବିଦ୍ୟାଳୟ ପରିସରରେ ଆଠଦିନ ଧରି ଚାଲିଥିବା ସ୍ୱାବଲମ୍ବନ ବାଳିକା ଆତ୍ମରକ୍ଷା କୌଶଳ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ପ୍ରୁଷ୍ଟି, ଯୁକ୍ତ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ଶ୍ରୀଚନ୍ଦନ, ପ୍ରଶାସନିକ ଅଧିକାରୀ ଡ.କୈଳାସ ଚନ୍ଦ୍ର ମହାରଣା, ଖୋର୍ଦ୍ଧା କରାଟେ ଆସୋସିଏସନର ସମ୍ପାଦକ ଦୀପକ କୁମାର ସାମନ୍ତରା ପ୍ରମୁଖ ଯୋଗଦେଇ ଆତ୍ମରକ୍ଷା ପ୍ରଶିକ୍ଷଣର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ନାରୀ ସଶକ୍ତିକରଣ ଏବଂ ନାରୀ ଜାଗରଣ ଉପରେ ବକ୍ତବ୍ୟ ରଖିବା ସହ ମାନସିକ ଦୃଢ଼ତା, ପ୍ରତିକ୍ରିୟାଶୀଳତା ଓ ଲଢ଼ୁଆ ମନୋବୃତ୍ତି ଏବଂ ଆତ୍ମବିଶ୍ୱାସ ଦ୍ୱାରା ଯେକୌଣସି ବିପଦକୁ ମୁକାବିଲା କରିବାକୁ ନାରୀମାନେ ସମର୍ଥ ହୋଇପାରିବେ ବୋଲି ମତପ୍ରକାଶ କରିଥିଲେ। ଅଧ୍ୟାପିକା ମୋନାଲିସା ମାନସିଂହ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ଅଧ୍ୟାପିକା ତପସ୍ୱିନୀ ନନ୍ଦ, ସ୍ମିତାରାଣୀ ମୁଦୁଲି, ସ୍ୱାତି ସ୍ୱାଗତିକା ସାହୁ, କାର୍ତ୍ତିକମୟୀ ବାରିକ, ପ୍ରିୟମ୍ବଦା ମହାପାତ୍ରଙ୍କ ସମେତ ସମସ୍ତ ଅଧ୍ୟାପିକାମାନେ ସହଯୋଗ କରିଥିଲେ। ମାଷ୍ଟର ଟ୍ରେନର ଭାବେ ଦୀପଶିଖା ସାମନ୍ତରାୟ, ସଲୋନୀ ପାତ୍ର, ନୀଳମ ସାହୁ ପ୍ରମୁଖ ଯୋଗଦେଇ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ସ୍ନାତକ ୧୪୭ ଜଣ ଛାତ୍ରୀ ତିନୋଟି ଗ୍ରୁପରେ ପ୍ରଶିକ୍ଷଣ ନେଇଥିଲେ। ଭାଗନେଇଥିବା ସମସ୍ତ ଛାତ୍ରୀଙ୍କୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା। ଅଧ୍ୟାପିକା ରୀନା ରାଉତ ଧନ୍ୟବାଦ ଦେଇଥିଲେ।

# ଥାର୍ ଗାଡ଼ି ଦୁର୍ଘଟଣା ଘଟଣା: ମୃତକଙ୍କ ପରିଚୟ ମିଳିଲା

**ଯାଁଳା,୨୨।୧(ବୁଲା ବାରିକ):** ୧୬ ନମ୍ବର ଜାତୀୟ ରାଜପଥର ଗଙ୍ଗପଡ଼ା ପୁରୁଣା ଟୋଲଗେଟ୍ ନିକଟରେ ବୁଧବାର ଏକ ଟ୍ରେଲରକୁ ପଛପଟୁ ଥାର୍ ଗାଡ଼ି ଧକ୍କାଦେବାରୁ ୩ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଜଣେ ଗୁରୁତର ଆହତ ହୋଇଥିଲେ। ଗୁରୁବାର ସେମାନଙ୍କର ପରିଚୟ ମିଳିଛି। ମୃତକମାନେ ହେଲେ ଦେଓଗଡ଼ ଜିଲା ରିଆମାଳ ଥାନା ତାରଙ୍ଗ ଗ୍ରାମର କୋରେଶ୍ୱର ସାହୁଙ୍କ ପୁଅ ଜଗଦେବ ରାକୁଲା (୧୭), ଇନ୍‌ଫୋସିଭାଲି ଥାନା କାଇମାଟିଆ ଜି-ନେଷ୍ଟ ଆପାର୍ଟମେଣ୍ଟରେ ରହୁଥିବା ପ୍ରକାଶ ଚନ୍ଦ୍ର ରଥଙ୍କ ପୁଅ ହର୍ଷ ରଥ (୨୧) ଏବଂ ଖୋର୍ଦ୍ଧା ମଡେଲ ଥାନା ଅନ୍ତର୍ଗତ ମୁକୁନ୍ଦପ୍ରସାଦର ବୀର କିଶୋର ବେହେରାଙ୍କ ପୁଅ କରଣବୀର ବେହେରା (୨୧) ଏବଂ ଗୁରୁତର ଆହତ ହେଲେ ପ୍ରିୟାଂଶୁ (୨୦)। ଏମାନେ ପରସ୍ପର ସାଙ୍ଗ ବୋଲି ଜଣାପଡ଼ିଛି। ସୂଚନା ମୁତାବକ, ଜଗଦେବ ଗତ କିଛିଦିନ ତଳେ ନୂଆ ଥାର ଗାଡ଼ି କିଣିଥିଲେ। ବୁଧବାର ସେ ସାଙ୍ଗମାନଙ୍କୁ ଡାକି ଇନ୍‌ଫୋସିଭାଲି ଥାନା ମଦନପୁର ଅଞ୍ଚଳରେ ଏକ ପାର୍ଟି ଦେଇଥିଲେ। ରାତି ୯ଟାରେ ଯାଁଳା ପେଟ୍ରୋଲ ପମ୍ପରେ ତେଲ ପକାଇ କରଣବୀରଙ୍କୁ ଛାଡ଼ିବା ପାଇଁ ଯାଉଥିଲା ବେଳେ ଦୁର୍ଘଟଣାର ଶିକାର ହୋଇଥିଲେ।

## ଶ୍ରୀରାଧାଗୋବିନ୍ଦ ମହୋତ୍ସବ

# ନଗର ପରିକ୍ରମା କଲେ ସାଧୁସନ୍ଥ



**ନିରାକାରପୁର,୨୨।୧(ମାନସ ଚନ୍ଦ୍ର ପଟ୍ଟନାୟକ)** ଖୋର୍ଦ୍ଧା ଜିଲା ବାଲିପାଟପୁର ଜେବିଜି (ଝାଟି ନୂଆଗାଁ, ଗୋବର୍ଦ୍ଧନପୁର, ବାଲିପାଟପୁର) କଲୋନୀ ଠାରେ ବୁଧବାର ଗ୍ରାମ୍ୟ କମିଟି ପକ୍ଷରୁ ଚାଲିଥିବା ଶ୍ରୀରାଧାଗୋବିନ୍ଦ ମହୋତ୍ସବରେ ଗୁରୁବାର ଦେଢ଼ଶହରୁ ଉର୍ଦ୍ଧ୍ୱ ସାଧୁସନ୍ଥଙ୍କ ନଗର ପରିକ୍ରମା ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ତେନ୍ତୁଳିଆପଡା ଛକସ୍ଥିତ ସାକ୍ଷୀଗୋପୀନାଥ ମନ୍ଦିରଠାରୁ ସାଧୁସନ୍ଥଙ୍କ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରି ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରେ ପହଞ୍ଚିଥିଲେ। ଅନୁଷ୍ଠାନର ଉପଦେଷ୍ଟା ସଞ୍ଜୟ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସାଧୁସନ୍ଥମାନେ ଭକ୍ତମାନଙ୍କୁ ଆଶୀର୍ବଚନ ପ୍ରଦାନ କରିଥିଲେ। ପରେ ସାଧୁସନ୍ଥମାନେ ପ୍ରବଚନ ସ୍ଥଳକୁ ଯିବା ସହିତ ନୂତନ ମନ୍ଦିର ପ୍ରତିଷ୍ଠା ସ୍ଥଳକୁ ଯାଇ ଅନୁଷ୍ଠିତ ହୋମ, ଯଜ୍ଞରେ ଭାଗ ନେଇଥିଲେ। ଅନୁଷ୍ଠାନର ସଭାପତି ସୁଦୀପ୍ତ ମଣ୍ଡଳ, ଉପସଭାପତି ତାପସ ମଣ୍ଡଳ, ଉତ୍ତମ ଦାସ, ବିଶ୍ୱନାଥ ଦାସ, ଶିବପ୍ରସାଦ ବଡ଼ଜେନା, ବାଇଧର ମହାରଣା, କାହ୍ନୁ ପ୍ରସାଦ ପରିଡା, ବଳରାମ ଦାସ, ଅଶ୍ୱିନୀ ମଣ୍ଡଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମତଦାତା ସଂକଳ୍ପ ଦିବସ ପାଳିତ

**ବାଣପୁର,୨୨।୧(ଦିଲୀପ କୁମାର ସ୍ୱାଇଁ)**

AGRICULTURE, ANIMAL HUSBANDRY & CO-OPERATIVE DEPARTMENT
(CO-OPERATIVE DIVISION)
OFFICE OF THE REGISTRAR, CO-OPERATIVE SOCIETIES JHARKHAND, RANCHI
INTEGRATED CO-OPERATIVE DEVELOPMENT PROJECT (I.C.D.P.) CELL, RANCHI

### Short e-Tender Notice

**Tender Notice No:-** ICDP/RANCHI/16/2025-26 **DATE:-** 21.01.2026

| SL No. | | Name of work | No Of Unit | Estimated Value of Work (in Rs) | Cost Of BoQ (in Rs) | Earnest Money (in Rs) | Time Of Completion Of Work |
|---|---|---|---|---|---|---|---|
| 01. | (A) | Construction of 500 MT Capacity Godown in Pacs Of District Giridih. | 09 | 7,18,48,500.00 | 10,000.00 | 7,18,500.00 | 12 Months |
| | (B) | Construction of 500 MT Capacity Godown in Lamps Of Districts Gumla, Simdega & Lohardaga. | 09 | 7,18,48,500.00 | 10,000.00 | 7,18,500.00 | |
| | (C) | Construction of 500 MT Capacity Godown in Lamps Of Districts East Sighbhum (Jamshedpur) And Saraikela-Kharsawan. | 10 | 7,98,31,560.00 | 10,000.00 | 7,98,400.00 | |
| 02. | Date Of Publication of on Website | | 29.01.2026 AT 11:00 AM | | | | |
| 03. | Last Date & Time of Submission of bids | | 06.02.2026 AT 05:00 PM | | | | |
| 04. | Name & Address of Office Inviting Tender | | State Monitoring Officer, ICDP Cell, Ranchi, Pasupalan-Sahkarita Bhawan Singh More, Hatia, Ranchi. 834003 | | | | |
| 05. | Contact No of Procurement Officer | | 7979780612, 7250895727 | | | | |

06. Bid document with details terms and conditions will be available online on e-tendering portal, http:// Jharkhandtenders.gov.in from 29.01.2026 at 11:00 AM to 06.02.2026 up to 05:00 PM. Bids must be Submitted online only at the e- tendering portal http:// Jharkhandtender.gov.in on or before 05:00 PM on 29.01.2026. Tender Fee and EMD Will be received through online mode only. Bidders can use internet banking facility for faster processing of tender fee and EMD. Alternatively, bidders can use NEFT/RTGS challan generated for the tender from jharhandtenders.gov.in portal. Technical Bid received online will be opened at 05:00 PM on 09.02.2026.
07. Estimate Cost May Vary.
08. Corrigendum/Amendment if any will be published only on the above mentioned website.

Sd/-
State monitoring Officer
ICDP Cell, Ranchi

PR 371430 Co-opretive(25-26)D

# ହତ୍ୟା ଅଭିଯୋଗ ଆଣିଲେ ବଡ଼ଭାଇ

## ସ୍କୁଲ ରାତ୍ରି ଜଗୁଆଳି ମୃତ୍ୟୁ ଘଟଣା

ଗୋପ,୨୨।୧ (ଭାରତୀ ଭୂଷଣ ଉପାଧ୍ୟାୟ)

ନିଗମାନନ୍ଦ ସ୍ମାର୍ଟ ସ୍କୁଲର ରାତ୍ରି ଜଗୁଆଳି ନଳିନୀକାନ୍ତ ମଲ୍ଲିକ (୩୮)ଙ୍କ ମୃତ୍ୟୁ ଘଟଣା ଏବେ ଭିନ୍ନ ମୋଡ଼ ନେଇଛି। ବୁଧବାର ରାତ୍ର ୧୦ଟାରେ ଗୋପ-ବାଲିଘାଇ ରାସ୍ତାର ନେତପୁର ନିକଟସ୍ଥ ବେଲପୋଖରୀରେ ବାଇକ୍ ଦୁର୍ଘଟଣାରେ ତାଙ୍କର ମୃତ୍ୟୁ ଘଟିଥିବା କୁହାଯାଉଥିବାବେଳେ ଗୁରୁବାର ତାଙ୍କ ବଡ଼ଭାଇ ବିଜୟ କୁମାର ମଲ୍ଲିକ ଏ ନେଇ ହତ୍ୟା ଅଭିଯୋଗ ଆଣିଛନ୍ତି। ପୋଲିସ ଗୋପ ଥାନାରେ ଏକ ହତ୍ୟା ମାମଲା (ନଂ. ୨୮/୨୬) ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସେହିପରି ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରି ଫେରିଥିବା ଜଣାପଡ଼ିଛି।

ସୂଚନା ଅନୁଯାୟୀ, ନଳିନୀକାନ୍ତ ବିବାହିତ ହୋଇଥିବାବେଳେ ତାଙ୍କର ଗୋଟିଏ ପୁଅ ଓ ଗୋଟିଏ ଝିଅ ଅଛନ୍ତି। ବୁଧବାର ନିଗମାନନ୍ଦ ସ୍ମାର୍ଟ ସ୍କୁଲକୁ ନଳିନୀକାନ୍ତ ଡ୍ୟୁଟି କରିବା ଲାଗି ଘରୁ ଆସିଥିଲେ। ସନ୍ଧ୍ୟାରେ ଗୋପ ଆସି ପୁନରାୟ ଏକ ବିବାହ ଭୋଜିରେ ଯୋଗଦେବା ପାଇଁ ରାତ୍ର ୧୦ଟାରେ ନେତପୁର ନିକଟସ୍ଥ ମଦରଙ୍ଗ ଯିବାବେଳେ କୌଣସି କାରଣରୁ ତାଙ୍କ ବାଇକ୍ ରାସ୍ତାକଡ଼ ବାଲିରେ ଖସିଯିବାରୁ ସେ ଗୁରୁତର ଅବସ୍ଥାରେ ଏକ ବାଲିଗଦା ଉପରେ ପଡ଼ିଥିଲେ। ସ୍ଥାନୀୟ ଲୋକେ ଦେଖି ତାଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସରେ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ତେବେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ସହିତ ଦୁର୍ଘଟଣାଗ୍ରସ୍ତ ବାଇକ୍ ଓ ମୃତଦେହ ଜବତ କରିଥିଲା। ଏ ନେଇ ଗୋପ ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଢ଼ିହାରୀ କହିଛନ୍ତି, ପରିବାର ପକ୍ଷରୁ ହତ୍ୟା ଅଭିଯୋଗ ଆସିବା ପରେ ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଅଧିକ ତଦନ୍ତ ଜାରି ରହିଛି।

# ୭୨ ପ୍ରଧାନ ଶିକ୍ଷୟିତ୍ରୀଶିକ୍ଷକଙ୍କ ୧ ମାସର ଦରମା ବନ୍ଦ

## ସଚେତନତା କାର୍ଯ୍ୟକ୍ରମ ଖର୍ଚ୍ଚର ହିସାବ ଦେଇନାହାନ୍ତି

ପୁରୀ,୨୨।୧(ଅଜିତ୍ କୁମାର ମହାନ୍ତି)

ପୁରୀ ଜିଲାର ୭୨ ଜଣ ପ୍ରଧାନଶିକ୍ଷୟିତ୍ରୀଶିକ୍ଷକଙ୍କ ୧ମାସର ଦରମା ବନ୍ଦ କରିବାକୁ ଚିଠି ଜରିଆରେ ଜିଲା ଶିକ୍ଷା ଅଧିକାରୀ ନିର୍ଦ୍ଦେଶ ଜାରି କରିଛନ୍ତି। ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ ପାଇଁ ମିଳିଥିବା ସରକାରୀ ଅନୁଦାନ ବାବଦ ଖର୍ଚ୍ଚର ହିସାବ ଦେଇ ନ ପାରିବାରୁ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ସୂଚନା ଅନୁଯାୟୀ, ବର୍ଷା ସମୟରେ ବଜ୍ରପାତ ହେଲେ ସେଥିରୁ କିପରି ସୁରକ୍ଷିତ ରହିପାରିବେ ଏବଂ ସାପ କାମୁଡ଼ିଲେ ତୁରନ୍ତ କିଭଳି ପ୍ରାଥମିକ ଚିକିତ୍ସା ହୋଇପାରିବ, ସେନେଇ ଜିଲାର ସମସ୍ତ ସ୍କୁଲରେ ସଚେତନତା କାର୍ଯ୍ୟକ୍ରମ ଜରିଆରେ ଛାତ୍ରଛାତ୍ରୀଙ୍କୁ ଅବଗତ କରିବା ଲାଗି ନିର୍ଦ୍ଦେଶନାମା ଜାରି ହୋଇଥିଲା। ବଜ୍ରପାତଜନିତ ସଚେତନତା ପାଇଁ ପ୍ରତ୍ୟେକ ବିଦ୍ୟାଳୟକୁ ୨୦୦୦ ଟଙ୍କା ଏବଂ ସାପକାମୁଡ଼ାଜନିତ ସଚେତନତା ଲାଗି ୨୫୦୦ ଟଙ୍କା ଲେଖାଏଁ ଦିଆଯାଇଥିଲା। ତେବେ ଏହି କାର୍ଯ୍ୟକ୍ରମ ସଂକ୍ରାନ୍ତ ଖର୍ଚ୍ଚର ହିସାବ ନ ଦେଇପାରିବାରୁ ୭୨ ଜଣ ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ୧ମାସର ଦରମା ବନ୍ଦ ପାଇଁ ଚିଠି ହୋଇଛି। ବଜ୍ରପାତ ସଚେତନତା କାର୍ଯ୍ୟକ୍ରମର ହିସାବ ନ ଦେବାରୁ ୩୮ ବିଦ୍ୟାଳୟ ମଧ୍ୟରେ ବ୍ରହ୍ମଗିରି ବ୍ଲକ୍ର ଗୋଟିଏ, ଡେଲାଙ୍ଗର ୩, ଗୋପର ୭, କଣାସର ୬, କାକଟପୁରର ୨, କୃଷ୍ଣପ୍ରସାଦର ୨, ନିମାପଡ଼ାର ୭, ସତ୍ୟବାଦୀର ଗୋଟିଏ ଏବଂ ପୁରୀ ସଦର ବ୍ଲକ୍ର ୯ ବିଦ୍ୟାଳୟ ରହିଛି। ସେହିପରି ସାପକାମୁଡ଼ା ଲାଗି ସଚେତନତା କାର୍ଯ୍ୟକ୍ରମର ହିସାବ ଦେଇ ନ ଥିବା ୩୪ ବିଦ୍ୟାଳୟ ମଧ୍ୟରେ ପୁରୀ ସଦର ବ୍ଲକ୍ର ୮, ଡେଲାଙ୍ଗର ଗୋଟିଏ, ଗୋପର ୪, କାକଟପୁରର ୫, କଣାସର ୫, କୃଷ୍ଣପ୍ରସାଦର ୩, ନିମାପଡ଼ାର ୭, ପିପିଲିର ଗୋଟିଏ ବିଦ୍ୟାଳୟ ରହିଛି। ଏନେଇ ଜିଲା ଶିକ୍ଷାଧିକାରୀ ଦୀପକ କୁମାର ପାଢ଼ୀ ସୂଚନା ଦେଇ କହିଛନ୍ତି, ଏହା ଏକ ରୁଟିନ ପ୍ରୋସେସ୍। ସଚେତନତା କାର୍ଯ୍ୟକ୍ରମ ପାଇଁ ୨୦୨୫ ମେ ଓ ଜୁନରେ ସ୍କୁଲଗୁଡ଼ିକୁ ଅନୁଦାନ ପ୍ରଦାନ କରାଯାଇଥିଲା। ତେବେ ୭୨ଟି ସ୍କୁଲର ପ୍ରଧାନଶିକ୍ଷୟିତ୍ରୀ ଶିକ୍ଷକ ନିଜ ସ୍କୁଲରେ ସଚେତନତା କାର୍ଯ୍ୟକ୍ରମ ସଂକ୍ରାନ୍ତ ତଥ୍ୟ ଏବଂ ଅନୁଦାନ ଖର୍ଚ୍ଚର ହିସାବ ଦାଖଲ କରିନାହାନ୍ତି। ସେମାନଙ୍କୁ ବାରମ୍ବାର ଅବଗତ କରାଯିବା ସତ୍ତ୍ୱେ କୌଣସି ଉତ୍ତର ନ ମିଳିବାରୁ ସେମାନଙ୍କର ୧ ମାସର ଦରମା ବନ୍ଦ କରାଯାଇଛି। ସେମାନେ ରିପୋର୍ଟ ଦେଲେ ଦରମା ପୁନଃ ପ୍ରଦାନ କରାଯିବ।

# ଖବରକାଗଜ ବିତରକ ଚରଣ ମହାନ୍ତିଙ୍କ ପରଲୋକ



ପୁରୀ,୨୨।୧ (ଅଜିତ୍ କୁମାର ମହାନ୍ତି)

ପୁରୀ ସହରର ବରିଷ୍ଠ ଖବରକାଗଜ ବିତରକ ଚରଣ ମହାନ୍ତିଙ୍କର ଗୁରୁବାର ଅପରାହ୍ନ ୩ଟାରେ ପରଲୋକ ଘଟିଛି। ଏହି ଖବର ପ୍ରଚାର ହେବା ମାତ୍ରେ ସହରର ଖବରକାଗଜ ବିତରକମାନଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ମହାନ୍ତି ତାଙ୍କ କାର୍ଯ୍ୟକୁ ଅତି ନିଷ୍ଠାର ସହିତ କରିବା ସହ ମିଷ୍ଟଭାଷୀ ଥିଲେ। ସେ ଖରା, ବର୍ଷା ଓ ଶୀତକୁ ଖାତିର ନ କରି ପ୍ରତିଦିନ ଗ୍ରାହକମାନଙ୍କ ନିକଟରେ ପହଞ୍ଚାଉଥିଲେ। ତାଙ୍କର ଆଚାର, ବ୍ୟବହାର କାରଣରୁ ସେ ସମସ୍ତଙ୍କ ନିକଟରେ ପ୍ରିୟପାତ୍ର ହୋଇପାରିଥିଲେ। ପୁରୀ ଖବରକାଗଜ ବିକ୍ରେତାମାନେ ତାଙ୍କର ଶେଷଦର୍ଶନ କରିବା ସହ ପ୍ରିୟ ସାଥୀଙ୍କୁ ଶୋଭାଯାତ୍ରାରେ ସ୍ୱର୍ଗଦ୍ୱାରକୁ ନେଇଥିଲେ। ଖବରକାଗଜ ବିତରକମାନେ ସ୍ୱର୍ଗଦ୍ୱାରରେ ପୁଷ୍ପମାଲ୍ୟ ପ୍ରଦାନ କରି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ଅମର ଆତ୍ମାର ସଦ୍ଗତି କାମନା କରିଥିଲେ। ଏହି ଅବସରରେ ଶାନ୍ତନୁ ସାହୁ, ବଳଦେବ ସାହୁ, ଭିକାରୀ ସାହୁ, ବେଣୁଧର ସାହୁ, ବିଜୟ ମହାନ୍ତି, ପ୍ରଦୀପ ମହାନ୍ତି, କପୁର ମହାନ୍ତି, ଭାଗୀରଥି ନାୟକ, ବନମାଳୀ ଦେଓ ଏବଂ ଅଲେଖ ସାମଲଙ୍କ ସହ ଅନ୍ୟମାନେ ଉପସ୍ଥିତ ରହି ସ୍ୱର୍ଗତ ମହାନ୍ତିଙ୍କ ଏକମାତ୍ର ପୁତ୍ର ହରିହର ମହାନ୍ତି ମୁଖାଗ୍ନି ଦେଇଥିଲେ।

# ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ଡ୍ରୋନ୍ ଉଡ଼ାଇ ଯୁବକ ଅଟକ



ଅଟକ ଯୁବକ ଓ ଜବତ ଡ୍ରୋନ ।

ପୁରୀ,୨୨।୧ (ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ଗୁରୁବାର ଏକ ଡ୍ରୋନ ଉଡ଼ିଛି। ପୋଲିସ ଡ୍ରୋନ ଉଡାଉଥିବା ବ୍ୟକ୍ତିଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୂଚନା ଯୋଗ୍ୟ, କିଛିଦିନର ବ୍ୟବଧାନ ପରେ ବୁଧବାର ଶ୍ରୀମନ୍ଦିର ଉପରେ ଏକ ଡ୍ରୋନ ଉଡୁଥିବା ବେଳେ ପୋଲିସ ତାହାକୁ ଜବତ କରିଥିଲା। ୨୪ ଘଣ୍ଟା ନ ପୁରୁଣୁ ଗୁରୁବାର ପୁଣି ଏକ ଡ୍ରୋନ ଶ୍ରୀମନ୍ଦିର ନିଷିଦ୍ଧାଞ୍ଚଳରେ ଉଡ଼ିଥିଲା। ବେଆଇନ ଭାବେ ଶ୍ରୀମନ୍ଦିର ଉପରେ ଏକ ଡ୍ରୋନ ଉଡୁଥିବା ସୂଚନା ମିଳିବା ପରେ ପୋଲିସ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲା। ଏସ୍‌ପି ପ୍ରତୀକ ସିଂଙ୍କ ନିର୍ଦ୍ଦେଶକ୍ରମେ ସିଂହଦ୍ୱାର ଥାନା ପୋଲିସ ସହ ଅନ୍ୟ ଏକ ସ୍ୱତନ୍ତ୍ର ଟିମ୍ ଯୁଗ୍ମଭାବେ ଦୋଳମଣ୍ଡପ ସାହି ନିକଟରୁ ଉକ୍ତ ଡ୍ରୋନକୁ କାବୁ କରିଥିଲେ। ଝାଡ଼ଖଣ୍ଡ ରାଞ୍ଚି ଅଞ୍ଚଳର ଯଶବତ ମାଥୋ (୨୦) ଏହି ଡ୍ରୋନ୍ ଉଡ଼ାଇଥିଲେ ବୋଲି ପୋଲିସ ତଦନ୍ତରୁ ଜଣାପଡ଼ିଛି। ତାଙ୍କୁ ବିରୋଧରେ ଆଇନଗତ ପଦକ୍ଷେପ ଗ୍ରହଣ କରାଯାଉଛି।


**ପୂର୍ବ ତଟ ରେଳପଥ**

ଟେଣ୍ଡର ବିଜ୍ଞପ୍ତି ସଂ.ST-OT-APPROACH WARNING-537, ତା.17.01.2026ରିଖ

**କାର୍ଯ୍ୟର ନାମ :** ଖୋର୍ଦ୍ଧା ରୋଡ଼ ମଣ୍ଡଳରେ ଲେଭେଲ କ୍ରସିଙ୍ଗ୍ ଫାଟକଗୁଡ଼ିକ ଠାରେ ୱାୟରଲେସ୍ IOT ଭିତ୍ତିକ ଆଭିମୁଖ୍ୟ ସତର୍କୀକରଣ ପ୍ରଣାଳୀ (Approach warning system)ର ବ୍ୟବସ୍ଥା ।

**ଟେଣ୍ଡର ମୂଲ୍ୟ(ଟଙ୍କାରେ):** 1,07,66,820/-, EMD (ଟଙ୍କାରେ) : 2,03,800/-।

ବିଡ଼୍ ଆରମ୍ଭ ହେବା ତାରିଖ : ତା.26.01.2026 ରିଖ, **ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.09.02.2026 ରିଖ 1100 ଘଟିକାରେ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି।

ମଣ୍ଡଳ ରେଳ ପ୍ରବନ୍ଧକ(ସଂକେତ ଏବଂ ଦୂରସଂଚାର), ଖୋର୍ଦ୍ଧା ରୋଡ଼

PR-1038/Q/25-26



**PANCHAYAT SAMITI, CHHENDIPADA**

**CORRIGENDUM NOTICE OF IDENTIFICATION No:- CHHB- 02/2025-26**

E-mail address : ori-chendipada@nic.in

The bid notification No. CHHB-02/25-26 of Block Office, Chhendipada published on 09.01.2026 is hereby rectified for Sl. 1 for class of Contractor as "B" & "C" in place of "C" & "D" and the cost of documents amount is rectified as Rs. 6,000.00 in place of Rs. 11,000.00. The details of the Eligibility criteria, enclosures etc. along with the list of project and date and time of sale, receipt and opening of bid documents can be viewed in the office of the undersigned during office hours & downloaded from the District website i.e www.angul.odisha.gov.in.

Sd./- Block Development Officer, Chhendipada



**GRIDCO LIMITED**

(A Govt. of Odisha Undertaking)

Regd. Office : Janpath, Bhubaneswar-751022, ODISHA

GRIDCO Empowering Odisha

**NOTICE INVITING TENDER FOR PURCHASE OF POWER**

CAD-3086 Tender No-CGP-01/2026-27

A tender notice is invited for procurement power of 300 MW RTC April-2026 to June-2026, 200 MW RTC July-2026 & 200 MW as and when required & available basis for the period from April-2026 to July-2026 and 200 MW Peak Power from April-2026 to June-2026 from Intra-state CGPs on Short Term Open Access Basis.

Interested bidders may please refer **www.gridco.co.in** for detailed terms and conditions.

OIPR: CHIEF GENERAL MANAGER (PP)



**NOTIFIED AREA COUNCIL, BUGUDA,GANJAM, ODISHA, PIN-761118**

Ph. : 06818-251135, E-Mail : bugudan.hud@nic.in, bugudanac@rediffmail.com

**NOTICE INVITING BIDS (NIB) THROUGH e-procurement**

**BID IDENTIFICATION NO. : BUGNAC-02/2025-26**

No.C-2164 **NIB No.104/BUGNAC, dtd.20.01.2026**

| Sl. No. | Particulars of the Information & Event | Important/Crtical Information Date & Time |
|---|---|---|
| (i) | Procurement Officer-Publisher/Officer Inviting the Tender/Bids (OIT) | Executive Officer, N.A.C. Buguda |
| (ii) | Bid Identification Number | BUGNAC-02/2025-26 |
| (iii) | Name and Estimated Cost of the Work for which On-Line Bidding is to be done | As mentioned in Annexure - 'A' for each Work |
| (iv) | Period of Availability of the Bid Documents / Tenders for On-Line Bidding | From 11.00 A.M. hrs of dtd.22.01.2026 to 17.00 P.M. hrs of dtd.05.02.2026 |
| (v) | Last Date & Time for Bidding On-Line (Submission of Technical Bids & Financial Bids)) | 17.00 P.M. hrs. of dtd.05.02.2026 |
| (vi) | Last Date & Time for Submission of the Sealed Envelopes through Speed Post/ Regd. Post/directlydrop down at NAC office Tender Box only containing the EMD, Cost of the Bid Documents, ABS (if reqd.) Documents as asked for to fulfill the Eligibility Criteria of the Bidders for each Work. | 17.00 P.M. hrs. of dtd.07.02.2026 |
| (vii) | Date & Time of Opening of the Bids | 11.00 A.M. hrs. Onwards on dtd.09.02.2026 |

N.B. : Further more details can be seen in the DTCN available in the e-Procurement Portal i.e. https://tendersodisha.gov.in

OIPR- Sd./- Executive Officer N.A.C., Buguda, (Ganjam)



**CSB Bank** Trusted Heritage Smart Future

CSB Bhavan, St Mary,s College Road, Thrissur

**PUBLIC NOTICE**

**NOTICE OF SALE / AUCTION OF GOLD ORNAMENTS**

CSB Bank Ltd. hereby issues public notice for sale of pledged ornaments which pertains to borrower/s who have deceased as per Bank's knowledge. The loan dues however remained unpaid and the Bank despite repeated reminders have not disclosed a concrete report pertaining to the deceased borrower/s nor the appropriate legal heir/s (with legitimate certificate ofcourse) hence, leading the account/s been classified as Non Performing Asset. The details are mentioned hereunder:-

| S. No. | Account Number | Name of Deceased Borrower: | Total Weight of Gold Ornaments: [___ grams] | Date of Pledge | Outstanding Amount: as on 21.01.2026 |
|---|---|---|---|---|---|
| | | | BHUBANESWAR | | |
| 1 | 0315100176029 | Sisir Kumar Dash | 67.50 | 29-01-2024 | 3,65,367.20 |

The unavailability of the above has led the Bank to propose sale of the pledged gold ornaments by way of public auction. Anybody whosoever produces the legal heirship certificate within the expiry of 15 (Fifteen) days from the date of publication of this notice shall come forward, failing which it shall be presumed that there is no objection for the sale and the Bank will proceed with the auction without further notice. In the instance case, Bank in order to recover the outstanding dues holds the upper hand to dispose/sell the pledged Gold.

You may get in touch incase you wish to the undersigned. Date of e-auction - 09th February 2026 at 10.30 AM, Website: https://gold.samil.in/

Date : 23.01.2026

Place : Odisha

Sd/- Authorized Officer, CSB Bank



**GOVERNMENT OF JHARKHAND**

AGRICULTURE, ANIMAL HUSBANDRY & CO-OPERATIVE DEPARTMENT (CO-OPERATIVE DIVISION)

OFFICE OF THE REGISTRAR, CO-OPERATIVE SOCIETIES JHARKHAND, RANCHI

INTEGRATED CO-OPERATIVE DEVELOPMENT PROJECT (I.C.D.P.) CELL, RANCHI

**Short e-Tender Notice**

Tender Notice No:- ICDP/RANCHI/16/2025-26 DATE:- 21.01.2026

| SL No. | | Name of work | No Of Unit | Estimated Value of Work (in Rs) | Cost Of BoQ (in Rs) | Earnest Money (in Rs) | Time Of Completion Of Work |
|---|---|---|---|---|---|---|---|
| 01. | (A) | Construction of 500 MT Capacity Godown in Pacs Of District Giridih. | 09 | 7,18,48,500.00 | 10,000.00 | 7,18,500.00 | 12 Months |
| | (B) | Construction of 500 MT Capacity Godown in Lamps Of Districts Gumla, Simdega & Lohardaga. | 09 | 7,18,48,500.00 | 10,000.00 | 7,18,500.00 | |
| | (C) | Construction of 500 MT Capacity Godown in Lamps Of Districts East Sighbhum (Jamshedpur) And Saraikela-Kharsawan. | 10 | 7,98,31,560.00 | 10,000.00 | 7,98,400.00 | |
| 02. | | Date Of Publication of on Website | 29.01.2026 AT 11:00 AM | | | | |
| 03. | | Last Date & Time of Submission of bids | 06.02.2026 AT 05:00 PM | | | | |
| 04. | | Name & Address of Office Inviting Tender | State Monitoring Officer, ICDP Cell, Ranchi, Pasupalan-Sahkarita Bhawan Singh More, Hatia, Ranchi. 834003 | | | | |
| 05. | | Contact No of Procurement Officer | 7979780612, 7250895727 | | | | |

06. Bid document with details terms and conditions will be available online on e-tendering portal, http:// Jharkhandtenders.gov.in from 29.01.2026 at 11:00 AM to 06.02.2026 up to 05:00 PM. Bids must be Submitted online only at the e- tendering portal http:// Jharkhandtender.gov.in on or before 05:00 PM on 29.01.2026. Tender Fee and EMD Will be received through online mode only. Bidders can use internet banking facility for faster processing of tender fee and EMD. Alternatively, bidders can use NEFT/RTGS challan generated for the tender from jharhandtenders.gov.in portal. Technical Bid received online will be opened at 05:00 PM on 09.02.2026.

07. Estimate Cost May Vary.

08. Corrigendum/Amendment if any will be published only on the above mentioned website.

Sd/- State monitoring Officer ICDP Cell, Ranchi

PR 371430 Co-opretive(25-26)D



**ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ**

**ODISHA ELECTRICITY REGULATORY COMMISSION**

BIDYUT NIYAMAK BHAWAN

PLOT NO.4, OERC ROAD, SHAILASHREE VIHAR,

BHUBANESWAR -751021, TEL. No. 2721048, 2721049

E-mail: oerc@odisha.gov.in, Website: www.orierc.org

Together, Let us light up our lives

**PUBLIC NOTICE**

**No.: OERC. -11011(13)/1/2026-ENGG DIV-OERC/106**

**Dated:22.01.2026**

The Commission, in exercise of the powers conferred under Section 181(3) of the Electricity Act, 2003 (36 of 2003), pre-publishes the draft Odisha Electricity Regulatory Commission (Grid Support Charges for Captive Generating Plants) Regulations,2026. The said draft Regulation is available on the Commission's website at **www.orierc.org.**

Interested persons may furnish their valuable views/suggestions to the undersigned on the draft Regulation by **23.02.2026.** After considering the views and suggestions from all the stakeholders, the Commission, in appropriate cases, may bring about modifications to the draft Regulation and finalize it for publication in the official Gazette.

By order of the Commission

Sd/-

SECRETARY



**ଚକ୍ରଧରପୁର ମଣ୍ଡଳରେ ବିଭିନ୍ନ ପରିସମ୍ପତ୍ତି ପାଇଁ ଇ-ନିଲାମ ବିଜ୍ଞପ୍ତି**

ରାଷ୍ଟ୍ରପତି, ଭାରତ ସଂଘଙ୍କ ପାଇଁ ଏବଂ ତରଫରୁ ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଚକ୍ରଧରପୁର ମଣ୍ଡଳ, ଦକ୍ଷିଣ ପୂର୍ବ ରେଳପଥ ଚକ୍ରଧରପୁର ମଣ୍ଡଳରେ ନିମ୍ନଲିଖିତ ପରିସମ୍ପତ୍ତି ବର୍ଗ ନିମନ୍ତେ ଇ-ନିଲାମ ଆହ୍ୱାନ କରୁଛନ୍ତି ଯାହା **https://www.ireps.gov.in/** ୱେବ୍‌ସାଇଟ୍‌ରେ ଅଧିସୂଚିତ ହୋଇଛି । **କ୍ର.ସଂ., ବର୍ଗ, କାଟାଲଗ୍ ନଂ., ନିଲାମ ତାରିଖ, ନିଲାମ ଆରମ୍ଭ ସମୟ ଏବଂ ନିଲାମ ବନ୍ଦ ହେବା ସମୟ ନିମ୍ନ ଅନୁଯାୟୀ ଅଟେ: ୧. ପାର୍କିଂ,** ପାର୍କିଂ-ଆର୍‌ଟି-ଟିଏଟିଏ, ୨୯।୦୧।୨୦୨୬, ୧୧.୪୫ ଘଟିକା, ୧୨.୨୫ ଘଟିକା । **୨. ବିଜ୍ଞାପନ,** ଏଡିଭିଟି-ଓଏଚ୍-ସିକେପି-୨୬, ୨୯।୦୧।୨୦୨୬, ୧୨.୦୦ ଘଟିକା, ୧୩.୫୦ ଘଟିକା । **୩. ବିଜ୍ଞାପନ,** ଏଡିଭିଟି-ଓଏଚ୍-ଆର୍‌ଓୟୁ, ୩୦।୦୧।୨୦୨୬, ୧୨.୦୦ ଘଟିକା, ୧୪.୩୦ ଘଟିକା । **୪. ପାର୍ସଲ,** ପାର୍ସଲ-ସିକେପିଡିଆଇଭି-୨, ୩୦।୦୧।୨୦୨୬, ୧୨.୦୦ ଘଟିକା, ୧୩.୩୦ ଘଟିକା । **୫. ବିଜ୍ଞାପନ,** ଏଡିଭିଟି-ଭିଡବ୍ଲ୍ୟୁ-ଆର୍‌ଓୟୁ-୨ୟ, ୩୧।୦୧।୨୦୨୬, ୧୨.୦୦ ଘଟିକା, ୧୨.୩୦ ଘଟିକା । **୬. ବିଜ୍ଞାପନ,** ଏଡିଭିଟି-ଟିଏଟିଏ୨ଏନ୍‌ଡି-ଭିଡବ୍ଲ୍ୟୁ, ୦୨।୦୨।୨୦୨୬, ୧୨.୦୦ ଘଟିକା, ୧୨.୩୦ ଘଟିକା । **୭. ପେ' ଆଣ୍ଡ ୟୁଜ୍,** ପିଏନ୍‌ୟୁ-ଟିଓଆଇ-ଟିଏଟିଏ-୨୬, ୦୪।୦୨।୨୦୨୬, ୧୨.୦୦ ଘଟିକା, ୧୨.୩୦ ଘଟିକା । **୮. ବିଜ୍ଞାପନ,** ଏଡିଭିଟି-ଲୋକୋ-ଡବ୍ଲ୍ୟୁଏପି୭, ୦୫।୦୨।୨୦୨୬, ୧୨.୦୦ ଘଟିକା, ୧୨.୩୦ ଘଟିକା । **୯. ପେ' ଆଣ୍ଡ ୟୁଜ୍,** ପିଏନ୍‌ୟୁ-ଟିଏଟିଏ-ଡବ୍ଲ୍ୟୁଆର୍‌ଏଲ୍-୨୬, ୦୫।୦୨।୨୦୨୬, ୧୨.୦୦ ଘଟିକା, ୧୨.୩୦ ଘଟିକା । ଆଗ୍ରହୀ ପକ୍ଷମାନେ ଏଥିପ୍ରତି ଧ୍ୟାନ ଦେବା ଏବଂ ସାଇଟ୍‌ର ବିବରଣୀ ତଥା ଇ-ନିଲାମ ବିଜ୍ଞପ୍ତି ବିଷୟରେ ପ୍ରାସଙ୍ଗିକ ସୂଚନା ପାଇଁ ଉପରୋକ୍ତ ୱେବ୍‌ସାଇଟ୍ ଦେଖିବା ଆବଶ୍ୟକ । ଯେକୌଣସି ଅନୁସନ୍ଧାନ/ସ୍ପଷ୍ଟୀକରଣ ପାଇଁ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ସହ ଯୋଗାଯୋଗ କରନ୍ତୁ ।

(PR-1092) ବରିଷ୍ଠ ମଣ୍ଡଳ ବାଣିଜ୍ୟିକ ପ୍ରବନ୍ଧକ, ଚକ୍ରଧରପୁର

ଦକ୍ଷିଣ ପୂର୍ବ ରେଳପଥ

ହର୍ଷର ସହିତ ଆମେ ସେବାରତ



ଓଡ଼ିଶା ବିଦ୍ୟୁତ୍ ଶକ୍ତି ସଂଚାରଣ ନିଗମ ଲିଃ (ଓଡ଼ିଶା ସରକାରଙ୍କ ଏକ ଉପକ୍ରମ)

OPTCL Lifeline of Odisha

**ODISHA POWER TRANSMISSION CORPORATION LIMITED** (A Government of Odisha Undertaking)

Regd. Office: OPTCL Tech Tower, Janpath, Saheed Nagar, Bhubaneswar-751007

**TENDER ALERT**

**1)Tender Call Notice No. 01/2025-26:** Engagement of hired diesel run commercially registered light vehicle (Non-AC Mahindra Bolero, 9 seated) or equivalent on monthly basis with daily hiring rate for use of SDO, E&MR S/D, Nuapada under E&MR Division, Balangir.

**2)Tender Call Notice No. EHTC/RGDA/CLE/OT/03/2025-26:** Supply of two nos. of Industrial inverter (3kVA and 2kVA) for 132/33kV Grid S/s. R.Udayagiri under EHT (P) Division, Berhampur under EHT (Project) Circle, Berhampur.

**3)Tender Call Notice No. 14/2025-26:** Construction of new RCC slabs for replacement of same in place of damaged cable trench slabs & earth pit slabs at 132/33kV Grid S/s Shamuka under EHT (O&M) Division, Puri.

**4)Tender Call Notice No. 13/2025-26:** Supply and installation of 02(two) Ton Air Condition for different grid S/Ss under EHT (O&M) Division, Balangir.

For more details please visit OPTCL's website: **www.optcl.co.in.**

FIPR-91/2025-26

/optcl.odisha /optcl_odisha



**ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ**

**ODISHA ELECTRICITY REGULATORY COMMISSION**

ବିଦ୍ୟୁତ୍ ନିୟାମକ ଭବନ,

ପ୍ଲଟ୍ ନଂ.୪, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୨୧

ଟେଲି. ନଂ.: ୨୭୨୧୦୪୮, ୨୭୨୧୦୪୯

ଇ-ମେଲ୍: oerc@odisha.gov.in / orierc@gmail.com, ୱେବ୍‌ସାଇଟ୍: www.orierc.org

Together, Let us light up our lives

**ସାର୍ବଜନୀନ ବିଜ୍ଞପ୍ତି**

**କେସ୍ ନଂ. ୧୩୬/୨୦୨୫**

**କେସ୍ ନଂ. ୧୩୬/୨୦୨୫ରେ ବିଦ୍ୟୁତ୍ ଅଧିନିୟମ, ୨୦୦୩ର ଧାରା ୬୨ ସହିତ ପଠନପୂର୍ବକ ଓଇଆର୍‌ସି (ହ୍ୱିଲିଂ ଶୁଳ୍କ ଏବଂ ଖୁଚୁରା ଯୋଗାଣ ଶୁଳ୍କ ନିର୍ଦ୍ଧାରଣ ନିମନ୍ତେ ନିୟମ ଓ ସର୍ତ୍ତାବଳୀ) ବିନିୟମ, ୨୦୨୨ ଅଧୀନରେ ଆର୍ଥିକବର୍ଷ ୨୦୨୬-୨୭ ନିମନ୍ତେ ସର୍ବମୋଟ ରାଜସ୍ୱ ଆବଶ୍ୟକତା (ଏଆର୍‌ଆର୍), ହ୍ୱିଲିଂ ଶୁଳ୍କ ଏବଂ ଖୁଚୁରା ଯୋଗାଣ ଶୁଳ୍କ ନିୟମ ପାଇଁ ସର୍ତ୍ତାବଳୀ ସମ୍ପର୍କରେ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍‌ର ଆବେଦନର ଶୁଣାଣି ।**

ଏବଂ

**କେସ୍ ନଂ. ୧୩୭/୨୦୨୫**

**କେସ୍ ନଂ. ୧୩୭/୨୦୨୫ରେ ଆର୍ଥିକବର୍ଷ ୨୦୨୬-୨୭ ନିମନ୍ତେ ଓଡ଼ିଶା ରାଜ୍ୟରେ ଇଏଚ୍‌ଟି/ଏଚ୍‌ଟି ଉପଭୋକ୍ତାଙ୍କ ପାଇଁ ଓପନ୍ ଆକ୍ସେସ୍ ଚାର୍ଜ, ସର୍‌ଚାର୍ଜ ଅନୁମୋଦନ ଲାଗି ଏହାର ଆବେଦନ ।**

ଏବଂ

**କେସ୍ ନଂ. ୧୩୮/୨୦୨୫**

**କେସ୍ ନଂ. ୧୩୮/୨୦୨୫ରେ ଆର୍ଥିକବର୍ଷ ୨୦୨୬-୨୭ ନିମନ୍ତେ ଓଡ଼ିଶା ରାଜ୍ୟରେ ଏଲ୍‌ଟି ଉପଭୋକ୍ତାଙ୍କ ପାଇଁ ଓପନ୍ ଆକ୍ସେସ୍ ଚାର୍ଜ, ସର୍‌ଚାର୍ଜ ଅନୁମୋଦନ ଲାଗି ଏହାର ଆବେଦନ ।**

ଏବଂ

**କେସ୍ ନଂ. ୧୩୯/୨୦୨୫**

**କେସ୍ ନଂ. ୧୩୯/୨୦୨୫ରେ ଆର୍ଥିକବର୍ଷ ୨୦୨୩-୨୪ ନିମନ୍ତେ ଟ୍ରୁଇଂ ଅପ୍ ପୁନଃ ବିବେଚନା/ପୁନଃ ନିର୍ଦ୍ଧାରଣ ସମେତ ଆର୍ଥିକବର୍ଷ ୨୦୨୪-୨୫ ନିମନ୍ତେ ବ୍ୟୟଗୁଡ଼ିକର ଟ୍ରୁଇଂ ଅପ୍ ଅନୁମୋଦନ ଲାଗି ଏହାର ଆବେଦନ ।**

ଟିପିସିଓଡିଏଲ୍ ଦ୍ୱାରା ଇଂରାଜୀ ଓ ଓଡ଼ିଆ ଦୈନିକ ଖବରକାଗଜରେ ତା୨୦।୧୨।୨୦୨୫ରିଖରେ ପ୍ରକାଶିତ ଏହାର ଆର୍ଥିକବର୍ଷ ୨୦୨୬-୨୭ ନିମନ୍ତେ ସର୍ବମୋଟ ରାଜସ୍ୱ ଆବଶ୍ୟକତା, ହ୍ୱିଲିଂ ଶୁଳ୍କ ଏବଂ ଖୁଚୁରା ଯୋଗାଣ ଶୁଳ୍କ ସମ୍ବନ୍ଧରେ, ଏତଦ୍ୱାରା ସୂଚିତ କରାଯାଉଛି ଯେ, ଉପରୋକ୍ତ ଦରଖାସ୍ତଗୁଡ଼ିକୁ ମାମଲା ସଂ.୧୩୭/୨୦୨୫ରେ ଆର୍ଥିକବର୍ଷ ୨୦୨୬-୨୭ ନିମନ୍ତେ ଇଏଚ୍‌ଟି/ଏଚ୍‌ଟି ଉପଭୋକ୍ତାଙ୍କ ପାଇଁ ଓପନ୍ ଆକ୍ସେସ୍ ଶୁଳ୍କ, ସର୍‌ଚାର୍ଜ ଅନୁମୋଦନ ପାଇଁ ଏହାର ଆବେଦନ ଏବଂ ମାମଲା ସଂ.୧୩୮/୨୦୨୫ରେ ଓଡ଼ିଶାର ଏଲ୍‌ଟି ଉପଭୋକ୍ତାଙ୍କ ପାଇଁ ଆର୍ଥିକବର୍ଷ ୨୦୨୬-୨୭ ନିମନ୍ତେ ଓପନ୍ ଆକ୍ସେସ୍ ଶୁଳ୍କ, ସର୍‌ଚାର୍ଜ ଅନୁମୋଦନ ଲାଗି ଏହାର ଆବେଦନ ତଥା ମାମଲା ନଂ.୧୩୯/୨୦୨୫ରେ ଆର୍ଥିକବର୍ଷ ୨୦୨୪-୨୫ର ବ୍ୟୟଗୁଡ଼ିକର ଟ୍ରୁଇଂ ଅପ୍ ଅନୁମୋଦନ ତଥା ଆର୍ଥିକବର୍ଷ ୨୦୨୩-୨୪ ପାଇଁ ଟ୍ରୁଇଂ ଅପ୍ ପୁନଃ ବିବେଚନା/ପୁନଃ ନିର୍ଦ୍ଧାରଣ ଲାଗି ଏହାର ଆବେଦନ ସଂକ୍ରାନ୍ତରେ,

ଏହା ସୂଚିତ କରିଦିଆଯାଉଛି ଯେ, ଅପରୋକ୍ତ ଆବେଦନଗୁଡ଼ିକୁ ମାମଲା ସଂ.୧୩୬/୨୦୨୫ ସହିତ ଅନୁରୂପ ଭାବେ **ତା୦୪।୦୨।୨୦୨୬ରିଖ ପୂର୍ବାହ୍ନ ୧୦.୩୦ ଘଟିକାରେ ହାଇବ୍ରିଡ୍ ପଦ୍ଧତି (ଭର୍ଚୁଆଲ୍ କିମ୍ବା ବାସ୍ତବିକ ଉପସ୍ଥିତି)ରେ ଗୀତ ଗୋବିନ୍ଦ ସଦନ, ୟୁନିଟ୍-II, ଭୁବନେଶ୍ୱର-୭୫୧୦୦୯ (ଆଇଜି ପାର୍କ ପାଖ)ଠାରେ** ବିଚାର ଓ ଶୁଣାଣି କରାଯିବ। **ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍‌**ର ଉପରୋକ୍ତ ଆବେଦନ ବିରୋଧରେ ଏହି ନୋଟିସରେ ଯେଉଁ ସଂଗଠନ/ବ୍ୟକ୍ତିବିଶେଷଙ୍କ ନାମ ଦର୍ଶାଯାଇଛି, ସେମାନଙ୍କ ଦ୍ୱାରା ଦାଖଲ କରାଯାଇଥିବା ଆପତ୍ତି/ମତାମତକୁ ଶୁଣାଣି ଲାଗି ଗ୍ରହଣ କରାଯାଇଛି ।

ଉଭୟ ଆବେଦନକାରୀ **(ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍)**, ଏବଂ ଏହି ନୋଟିସ୍ ସହ ସଂଲଗ୍ନ ଯେଉଁ ସଂଗଠନ/ବ୍ୟକ୍ତିବିଶେଷଙ୍କ ଆପତ୍ତି/ମତାମତକୁ ଆୟୋଗଙ୍କ ଦ୍ୱାରା ଶୁଣାଣି ପାଇଁ ଗ୍ରହଣ କରାଯାଇଛି, ସେମାନଙ୍କୁ ଉପରୋକ୍ତ ତାରିଖ, ସମୟ ଓ ସ୍ଥାନରେ ଆୟୋଗଙ୍କ ସମ୍ମୁଖରେ ବ୍ୟକ୍ତିଗତ ଭାବେ କିମ୍ବା ପ୍ରାଧିକୃତ ପ୍ରତିନିଧି ଅଥବା ବିଧିବଦ୍ଧ ଭାବେ ନିଯୁକ୍ତ ଓକିଲଙ୍କ ଜରିଆରେ ହାଇବ୍ରିଡ୍ ପଦ୍ଧତିରେ (ବାସ୍ତବିକ/ଭର୍ଚୁଆଲ) ହାଜର ହେବା ଲାଗି ଏତଦ୍ୱାରା ନିର୍ଦ୍ଦେଶ ଦିଆଯାଉଛି । ଯେଉଁ ଆପତ୍ତିକାରୀ ଭର୍ଚୁଆଲ୍ ପଦ୍ଧତିରେ ଶୁଣାଣିରେ ଅଂଶଗ୍ରହଣ କରିବା ଲାଗି ଇଚ୍ଛୁକ ଥିବେ, ସେମାନେ ଶୁଣାଣି ନିମନ୍ତେ ଲିଙ୍କ୍ ଉପଲବ୍ଧ କରାଇବାରେ ସୁବିଧା ପାଇଁ ଶୁଣାଣିର ଗୋଟିଏ ଦିନ ପୂର୍ବରୁ ସେମାନଙ୍କର ଇ-ମେଲ୍ ଆଇଡି ଓ ହ୍ୱାଟ୍ସଆପ୍ ନମ୍ବରକୁ **oerc.vc@gmail.com**କୁ ପଠାଇପାରନ୍ତି ।

**ଆୟୋଗଙ୍କ ନିର୍ଦ୍ଦେଶକ୍ରମେ**

**ତାରିଖ: ୨୨।୦୧।୨୦୨୬** **ସ୍ୱା./- ସଚିବ**

ବି.ଦ୍ର.: (i) ଉପରୋକ୍ତ ସର୍ବସାଧାରଣ ବିଜ୍ଞପ୍ତି ତଥା ଆୟୋଗଙ୍କ ଦ୍ୱାରା ଯେଉଁ ସଂଗଠନ/ବ୍ୟକ୍ତିବିଶେଷଙ୍କ ଆପତ୍ତି/ମତାମତକୁ ଶୁଣାଣି ପାଇଁ ଗ୍ରହଣ କରାଯାଇଛି, ସେମାନଙ୍କର ତାଲିକା ଓଇଆର୍‌ସି ୱେବ୍‌ସାଇଟ୍ www.orierc.orgରେ ମଧ୍ୟ ଉପଲବ୍ଧ।

୧. ଶ୍ରୀ ବାସୁଦେବ ଭଞ୍ଜ, ସହ-ଆବାହକ, ଆମ ଜନତା ଅଧିକାର, ୨୨୬, ଖାରବେଳ ନଗର, ୟୁନିଟ୍-୩, ଭୁବନେଶ୍ୱର-୭୫୧୦୦୧ ।
୨. ଶ୍ରୀ ପ୍ରିୟବ୍ରତ ସାହୁ, ପିତା- ସ୍ୱର୍ଗତ ଆଦିକନ୍ଦ ସାହୁ, ସ୍ଥାନ- ବିଜୟ ବିହାର, ୩ୟ ଲେନ୍, ପୋଷ୍ଟ- ବ୍ରହ୍ମପୁର, ଜିଲ୍ଲା- ଗଞ୍ଜାମ-୭୬୦୦୦୪ ।
୩. ବିଜୁଳି କର୍ମଚାରୀ ସଂଘ, ଶ୍ରୀ ପଞ୍ଚାନନ ଜେନା, କାର୍ଯ୍ୟକାରୀ ସଭାପତି, ପିତା- ସ୍ୱର୍ଗତ ବୈରାଗୀ ଜେନା, ଶକ୍ତି ନଗର, ୩ୟ ଲେନ୍, ଇଞ୍ଜିନିୟରିଂ ସ୍କୁଲ୍ ରୋଡ୍, ବ୍ରହ୍ମପୁର-୭୬୦୦୧୦ ।
୪. ଶ୍ରୀ ଉମାକାନ୍ତ ପଣ୍ଡା, VII-ଏମ୍-୫୯, ଶୈଳଶ୍ରୀ ବିହାର, ଭୁବନେଶ୍ୱର - ୭୫୧୦୨୧ ।
୫. ଶ୍ରୀ ବିଜୟ କୁମାର ପଟ୍ଟନାୟକ, ପୂର୍ବତନ ମୁଖ୍ୟ ସଚିବ, ଓଡ଼ିଶା ସରକାର, ପିତା- ସ୍ୱର୍ଗତ ବି.ଜି. ରାଓ ପଟ୍ଟନାୟକ, ପ୍ଲଟ୍ ନଂ.- ୪୯୨, କେ-୧, କଳିଙ୍ଗନଗର, ଭୁବନେଶ୍ୱର - ୭୫୧୦୦୩ ।
୬. ପ୍ରଧାନ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ (ଟିଆରଡି), ପୂର୍ବ ତଟ ରେଳପଥ, ରେଳ ସଦନ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୧୭ ।
୭. ମେସର୍ସ ସିଫୁଡ୍ ଏକ୍ସପୋର୍ଟର୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆ, ଓଡ଼ିଶା ଅଞ୍ଚଳ, ୨୦୪, ଉତ୍କଳ ସିଗ୍ନେଚର୍ ବିଲ୍ଡିଂ, ୨ୟ ମହଲା, ଏନ୍‌ଏଚ୍-୫, ପାହାଳ, ଭୁବନେଶ୍ୱର-୭୫୨୧୦୧ ।
୮. ଶ୍ରୀ ଅକ୍ଷୟ କୁମାର ସାହାଣୀ, ଅବସରପ୍ରାପ୍ତ ବିଦ୍ୟୁତ୍ ନିରୀକ୍ଷକ, ଓଡ଼ିଶା ସରକାର, ବି/ଏଲ୍-୧୦୮, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର-୭୫୧୦୦୭ ।
୯. ଶ୍ରୀ ଲଲାଟେନ୍ଦୁ ଦୀକ୍ଷିତ, ପିତା- କ୍ଷେତ୍ରମୋହନ ଦୀକ୍ଷିତ, ସ୍ଥାନ/ପୋଷ୍ଟ- ସରକଣା, ଥାନା- ବାଲିଅନ୍ତା, ଖୋର୍ଦ୍ଧା-୭୫୨୧୦୦ ।
୧୦. ଶ୍ରୀ ରମେଶ ଚନ୍ଦ୍ର ଶତପଥୀ, ସେକ୍ରେଟାରୀ, ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆନ୍ ଲେବର୍ ଏବଂ ପ୍ରେସିଡେଣ୍ଟ, ଉପଭୋକ୍ତା ମହାସଂଘ, ପ୍ଲଟ୍ ନଂ.୩୦୨ (ବି), ବେହେରାସାହି, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨ ।
୧୧. ଶ୍ରୀ ପ୍ରସନ୍ନ କୁମାର ବିଷୋୟୀ, ସଚିବ, ଉପଭୋକ୍ତା ମହାସଙ୍ଘ, ପିତା- ଅଧିକାରୀ ବିଷୋୟୀ, ସ୍ଥାନ/ପୋଷ୍ଟ- ବେଗୁନିଆ, ଜିଲ୍ଲା- ଖୋର୍ଦ୍ଧା ।
୧୨. ଶ୍ରୀ ମନୋରଞ୍ଜନ ରାଉତରାୟ, ଆଡଭୋକେଟ୍, ତ୍ରିନାଥ ମନ୍ଦିର ଷ୍ଟ୍ରିଟ୍, ପୋଷ୍ଟ- କୋରାପୁଟ, ଜିଲ୍ଲା- କୋରାପୁଟ-୭୬୪୦୨୦ ।
୧୩. ମେସର୍ସ ଜିନ୍ଦଲ ଷ୍ଟିଲ୍ ଲିମିଟେଡ୍, ଛେଣ୍ଡିପଦା ରୋଡ୍, ଏସ୍‌ଏଚ୍-୬୩, ପୋଷ୍ଟ- ଜିନ୍ଦଲ ନଗର, ଅନୁଗୁଳ-୭୫୯୧୧୧ ।
୧୪. ମେସର୍ସ ପାୱାର୍ ଟେକ୍ କନ୍‌ସଲ୍‌ଟାଣ୍ଟସ୍, ସ୍ଥାନ- କେ-୮-୮୨, କଳିଙ୍ଗ ନଗର, ଘାଟିକିଆ, ଭୁବନେଶ୍ୱର- ୭୫୧୦୨୯ ।
୧୫. ମେସର୍ସ ଟାଟା ଷ୍ଟିଲ୍ ଲିମିଟେଡ୍, ଆଠଗଡ଼, ଅନନ୍ତପୁର, ପୋଷ୍ଟ- ଧୁରୁସିଆ, କଟକ- ୭୫୪୦୨୭ ।
୧୬. ଗ୍ରୀଡ୍‌କୋ ଲିମିଟେଡ୍, ଜନପଥ, ଭୁବନେଶ୍ୱର- ୭୫୧୦୨୨ ।
୧୭. ଶ୍ରୀ କେ. ପ୍ରଭାକର ଦୋରା, ପିତା- କେ. ଭାସ୍କର ରାଓ ଦୋରା, ୩ୟ ଲେନ୍, ବିଦ୍ୟା ନଗର, ସ୍ଥାନ/ପୋଷ୍ଟ- ରାୟଗଡ଼ା, ୭୬୫୦୦୧ ।
୧୮. ଶ୍ରୀ ସମିଶ କୁମାର ମହାନ୍ତି, ଆଇଆର୍‌ସି ଭିଲେଜ୍, ଭୁବନେଶ୍ୱର ।
୧୯. ଶ୍ରୀ ବିଜନ ପାଣିଗ୍ରାହୀ, ଘର ନଂ.-୨, କୈଳାଶ ବିହାର, ଲେନ୍-୨, କିଟ୍ ଛକ, ଭୁବନେଶ୍ୱର-୨୧ ।
୨୦. ଶ୍ରୀ ଆନନ୍ଦ କୁମାର ମହାପାତ୍ର, ପିତା- ସ୍ୱର୍ଗତ ଯତିନ୍ଦ୍ରନାଥ ମହାପାତ୍ର, ପ୍ଲଟ୍ ନଂ.- ୭୯୯/୪, କୋଠିତୀର୍ଥ ଲେନ୍, ଓଲ୍ଡ ଟାଉନ୍, ଭୁବନେଶ୍ୱର- ୭୫୧୦୧୨ ।
୨୧. ଦି ଉତ୍କଳ ଚାମ୍ବର୍ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି ଲିଃ (ୟୁସିସିଆଇ), ଏନ୍-୬, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫ ।
୨୨. ଶ୍ରୀ ସୁଧାଂଶୁ ଦାଶ, ଭାରତୀ ଏୟାରଟେଲ୍ ଲିମିଟେଡ୍, ଭାରତୀ ହାଉସ୍, ପ୍ଲଟ୍ ନଂ.-ଇ-୧୩/୧, ଶିଳ୍ପାଞ୍ଚଳ, ଚନ୍ଦକା (ଇନ୍‌ଫୋସିଟି), ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୪ ।
୨୩. ଶ୍ରୀ ଅଶୋକ କୁମାର ଭୁକ୍ତା, ମେନ୍ ରୋଡ୍, ମାଣ୍ଡିଆପଲ୍ଲୀ, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ, ପୋଷ୍ଟ- ରଙ୍ଗେଇଲୁଣ୍ଡା, ଜିଲ୍ଲା- ଗଞ୍ଜାମ- ୭୬୦୦୦୭ ।
୨୪. ଓପିଟିସିଏଲ୍, ଜନପଥ, ଭୁବନେଶ୍ୱର - ୨୨ ।
୨୫. ଇଣ୍ଡିଆନୋ କ୍ରୋମ୍ ପ୍ରାଇଭେଟ୍ ଲିମିଟେଡ୍, ସାରୁଆ, ଶିଳ୍ପାଞ୍ଚଳ, ଇଡ୍‌କୋ ପ୍ଲଟ୍ ନଂ.-୨୦ (ପି), ଏ/୨୧, ଏ/୨୧/ଏ, ଏ/୩୧ (ପି), ଖୋର୍ଦ୍ଧା - ୭୫୨୦୫୭ ।
୨୬. ଅଳି କିଶୋର ପଟ୍ଟନାୟକ, ପିତା- ସ୍ୱର୍ଗତ ଗୋପୀନାଥ ପଟ୍ଟନାୟକ, ପ୍ରେସିଡେଣ୍ଟ, ଟିପିଏସ୍‌ଓଡିଏଲ୍ କନ୍‌ଜ୍ୟୁମର୍ସ ଆସୋସିଏଶନ୍, ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ୍, ହିଲପାଟଣା, ବ୍ରହ୍ମପୁର-୭୬୦୦୦୫।
୨୭. ସରସ୍ୱତୀ ଏଜୁକେଶନାଲ ଆଣ୍ଡ ଚାରିଟେବଲ୍ ଟ୍ରଷ୍ଟ, ସ୍ଥାନ-କେ-୮-୮୨, କଳିଙ୍ଗନଗର, ଘାଟିକିଆ, ଭୁବନେଶ୍ୱର-୨୯ ।
୨୮. ଶ୍ରୀ ପ୍ରସନ୍ନ କୁମାର ଛୋଟରାୟ, ସର୍କିଟ୍ ହାଉସ୍ ସାମ୍ନା, ରେଳ ଷ୍ଟେଶନ ରୋଡ୍, ବ୍ରହ୍ମପୁର-୭୬୦୦୦୫, ଗଞ୍ଜାମ ।
୨୯. ଇଣ୍ଡସ୍ ଟାୱାର୍ସ ଲିମିଟେଡ୍, ୨ୟ ମହଲା, ପ୍ଲଟ୍ ନଂ. ସି-୩/୨, ଚନ୍ଦକା ଇଣ୍ଡଷ୍ଟ୍ରିଆଲ ଏରିଆ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୨୧ ।

ଓଡ଼ିଆ ଭାଷାରେ ପ୍ରକାଶିତ ଏହି ବିଜ୍ଞପ୍ତିରେ ଯଦି କୌଣସି ଅସ୍ପଷ୍ଟତା ପରିଲକ୍ଷିତ ହୁଏ, ତେବେ ଏହାର ସଠିକତା ପାଇଁ ଇଂରାଜୀ ଭାଷାରେ ପ୍ରକାଶିତ ବିଜ୍ଞପ୍ତିକୁ ଆଧାର କରାଯାଇପାରିବ ।

# ଯାତ୍ରୀ ଭିଡ଼: ବହୁ ପୂର୍ବରୁ ଏୟାରପୋର୍ଟରେ ପହଞ୍ଚ

**ଭୁବନେଶ୍ୱର,୨୨।୧ (ବନ୍ଦନା ସେଠୀ)**

## ବିଜୁ ପଟ୍ଟନାୟକ ବିମାନବନ୍ଦର ପକ୍ଷରୁ ଆଡ୍‌ଭାଇଜରି ଜାରି

ଦୀର୍ଘ ସପ୍ତାହାନ୍ତ ଛୁଟି ପରିପ୍ରେକ୍ଷୀରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଯାତ୍ରୀ ସଂଖ୍ୟାରେ ଆଶାତୀତ ବୃଦ୍ଧି ହେବ ବୋଲି ଆଶା କରାଯାଉଛି। ଯାତ୍ରୀଙ୍କ ଅସୁବିଧାକୁ ଏଡାଇବା ଲାଗି ବିମାନବନ୍ଦର କର୍ତ୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ନେଇଛନ୍ତି। ସେହିପରି ଗଣତନ୍ତ୍ର ଦିବସ ପାଇଁ ବର୍ଦ୍ଧିତ ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ଗୁରୁବାର ବିମାନବନ୍ଦର ପକ୍ଷରୁ ଯାତ୍ରୀଙ୍କ ପାଇଁ ଆଡ୍‌ଭାଇଜରୀ ଜାରି କରାଯାଇଛି। ଏୟାରପୋର୍ଟରେ ବହୁ ପୂର୍ବରୁ ପହଞ୍ଚିବା, ଚେକ୍-ଇନ୍ ଓ ସୁରକ୍ଷା ପ୍ରକ୍ରିୟା ପାଇଁ ପର୍ଯ୍ୟାପ୍ତ ସମୟ ଦେବା, ବିମାନବନ୍ଦର ଏବଂ ସୁରକ୍ଷା କର୍ମଚାରୀଙ୍କ ସହିତ ସହଯୋଗ ରକ୍ଷା କରିବା ଏବଂ ଉଡ଼ାଣ ସମ୍ବନ୍ଧୀୟ ସୂଚନା ପାଇଁ ଯାତ୍ରୀମାନେ ସେମାନଙ୍କ ବିମାନ କମ୍ପାନୀ ବା ଏୟାରଲାଇନ୍ ସହିତ ଯୋଗାଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏନେଇ ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ପକ୍ଷରୁ 'ଏକ୍ସ' ଆକାଉଣ୍ଟରେ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ୨୪ ତାରିଖ ମାସର ଚତୁର୍ଥ ଶନିବାର ହୋଇଥିବାରୁ ସରକାରୀ ଛୁଟି ରହିଛି। ତା' ପରଦିନ ରବିବାର ସାପ୍ତାହିକୀ ଛୁଟି ଓ ୨୬ ତାରିଖ ସୋମବାର ସାଧାରଣତନ୍ତ୍ର ଦିବସ ପଡୁଥିବାରୁ ସରକାରୀ ଛୁଟି ଘୋଷଣା ହୋଇଛି। ତେଣୁ ଏହି ସମୟରେ ଅଧିକ ସଂଖ୍ୟକ ଯାତ୍ରୀ ଯାତାୟାତ କରିବାର ଆଶା କରାଯାଇ ଏଭଳି ଆଡ୍‌ଭାଇଜରୀ ଜାରି କରାଯାଇଥିବା ସୂଚନା ଦିଆଯାଇଛି।

# ବାହୁଦା ନଦୀରେ ବୁଡ଼ି ୨ ଛାତ୍ର ମୃତ

**ଦିଗପହଣ୍ଡି/ଚିକିଟି,୨୨।୧(ଅଶେଷ ନାଥ ମିଶ୍ର/ପ୍ରକାଶ ଚନ୍ଦ୍ର ସାହୁ)**

ସ୍କୁଲରେ ସରସ୍ୱତୀ ପୂଜା ସାଜସଜ୍ଜା ଦାୟିତ୍ୱରେ ଥିବା ଛାତ୍ରଙ୍କ ମଧ୍ୟରୁ ୨ ଜଣ ବାହୁଦାନଦୀ ପଠାକୁ ଶୌଚ ହେବାକୁ ଯାଇଥିବାବେଳେ ଗଣ୍ଡରେ ବୁଡି ପ୍ରାଣ ହରାଇଛନ୍ତି। ସମ୍ପୃକ୍ତ ୨ଛାତ୍ର ହେଲେ ଗଞ୍ଜାମ ଜିଲା ଚିକିଟି ବ୍ଲକ କେ. ନୂଆଗାଁ ଥାନା ଅନ୍ତର୍ଗତ ଚାନ୍ଦପୁର ଗ୍ରାମର ୮ମ ଶ୍ରେଣୀ ଛାତ୍ର ଶାଶ୍ୱତ ପାତ୍ର (୧୩) ଏବଂ ବୋମକେଇ ଗ୍ରାମର ୭ମ ଶ୍ରେଣୀ ଛାତ୍ର ବିଶ୍ୱାସ ପ୍ରଧାନ (୧୨)। ସେମାନେ ନୂଆପଡ଼ା ଗ୍ରାମସ୍ଥିତ ମାର୍ଗଦର୍ଶୀ ଶିଶୁ ମନ୍ଦିରରେ ପଢୁଥିଲେ।

# ରାଜ୍ୟ କୃଷି କ୍ଷେତ୍ରରେ ବିପ୍ଳବ ଆଣିବ 'କୃଷି ଓଡ଼ିଶା'

**ଭୁବନେଶ୍ୱର, ୨୨।୧ (ବନ୍ଦନା ସେଠୀ)**

'କୃଷି ଓଡ଼ିଶା' ନବସୃଜନ, ବଜାର ସଂଯୋଗ ଓ ସ୍ଥାୟୀ ଅଭ୍ୟାସ ମାଧ୍ୟମରେ ରାଜ୍ୟର କୃଷି କ୍ଷେତ୍ରରେ ବିପ୍ଳବ ଆଣିବ। ଶ୍ରେଷ୍ଠ ଉତ୍ପାଦର ଉତ୍ପାଦନ, ପ୍ରଦର୍ଶନ, ପ୍ରକ୍ରିୟାକରଣ ଓ କାର୍ଯ୍ୟଶୈଳୀ, ନୂତନ ପ୍ରଯୁକ୍ତିବିଦ୍ୟାର ପ୍ରଦର୍ଶନ ଏବଂ କୃଷକ, ବଜାର ଓ କୃଷି ଉଦ୍ୟୋଗୀଙ୍କ ମଧ୍ୟରେ ସଂଯୋଗ ସ୍ଥାପନ ଏହାର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ଏବଂ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି। ଗୁରୁବାର ବରମୁଣ୍ଡାସ୍ଥିତ ବିଜୁ ପଟ୍ଟନାୟକ ଖେଳପଡ଼ିଆରେ 'କୃଷି ଓଡ଼ିଶା-୨୦୨୬'କୁ ଉଦ୍‌ଘାଟନ କରି ମନ୍ତ୍ରୀ ସିଂଦେଓ କୃଷି କାର୍ଯ୍ୟରୁ କିପରି ଲାଭ ପାଇବା ଓ ଏହାକୁ ଆଗେଇ ନେଉଥିବା ସର୍ବୋତ୍ତମ ଉତ୍ପାଦ, ଅଭ୍ୟାସ ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟାର ପ୍ରଦର୍ଶନ ଉପରେ ଗୁରୁତ୍ୱାରୋପ କରିଥିଲେ। ବିଭାଗୀୟ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢ଼ୀ ଯୋଗଦେଇ କହିଲେ, କୃଷି ଇକୋସିଷ୍ଟମ୍‌କୁ ସୁଦୃଢ଼ କରିବା ପାଇଁ କୃଷି ଓଡ଼ିଶା ସଂସ୍ଥାଗତ ସହଯୋଗ ଓ ପାରସ୍ପରିକ ସହଭାଗିତାର ଅବସର ଆଣି ଦେଇଛି।

ଏହି ଅବସରରେ 'ଓଡ଼ିଶା କୃଷି ମରୁଡ଼ି ପ୍ରଶମନ କାର୍ଯ୍ୟକ୍ରମ (ଓଏଡିଏମ୍‌ପି)' ପାଇଁ ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ



ସଫଳ ମହିଳା ଚାଷୀଙ୍କୁ ଉପମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ସମ୍ବର୍ଦ୍ଧିତ କରୁଛନ୍ତି।

## ଉଦ୍‌ଘାଟନ କଲେ ଉପମୁଖ୍ୟମନ୍ତ୍ରୀ

### ମରୁଡ଼ି ପ୍ରଶମନ ପ୍ରକଳ୍ପ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ

ଏବଂ ଜାତୀୟ ମରୁଡ଼ି ପ୍ରଶମନ ପ୍ରକଳ୍ପ (ଏନ୍‌ଡିଏମ୍‌ପି) ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର ହୋଇଥିଲା। ଏହି ପ୍ରକଳ୍ପରେ ମୋଟ ୧୪୧.୫୦ କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଛି। ଜାତୀୟ ବିପର୍ଯ୍ୟୟ ପ୍ରଶମନ ସଂସ୍ଥା ଏବଂ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ସହଭାଗିତା ଅଂଶଧନରେ ବ୍ୟବସ୍ଥିତ କରାଯାଇଛି। ଏହି ପ୍ରକଳ୍ପରେ ଆ।ଇ ସି ଆ।ର୍ ଆ।ଇ ଏ ସ୍ ଏ ଟି, ଆଇଆର୍‌ଆର୍‌ଆଇ ଏବଂ ଆଇସିଏଆର୍-ସିଆର୍‌ଆଇଡିଏ ଭଳି ଅନ୍ତର୍ଜାତୀୟ ଗବେଷଣା ସଂସ୍ଥା ସହିତ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ଏବଂ କୃଷି ବିଜ୍ଞାନ କେନ୍ଦ୍ର ସହଭାଗିତାରେ କାର୍ଯ୍ୟ କରିବେ। ଏହାଦ୍ୱାରା ଜଳ, ମାଟି, ଫସଲ ଏବଂ ମୂଲ୍ୟଶୃଙ୍ଖଳ ସୁଦୃଢ଼ ହୋଇପାରିବ। ପ୍ରଥମେ ଏହି ପ୍ରକଳ୍ପ କୋମନା ବ୍ଲକ (ନୂଆପଡ଼ା), କୋଷାଗୁମୁଡା ବ୍ଲକ (ନବରଙ୍ଗପୁର) ଏବଂ ରରୁଆଁ ବ୍ଲକ (ମୟୂରଭଞ୍ଜ)ରେ ଆରମ୍ଭ ହେବ ଓ ପ୍ରାୟ ୨୪ ହଜାର ପରିବାର ନିକଟରେ ପହଞ୍ଚିପାରିବ ବୋଲି ଆଶା କରାଯାଉଛି। କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଶୁଭମ୍ ସକ୍ସେନା, ଆ।ଇ ସି ଆ।ର୍ ଆ।ଇ ଏ ସ୍ ଏ ଟି ର ମହାନିର୍ଦ୍ଦେଶକ ଡ. ହିମାଂଶୁ ପାଠକ, ଆଇସିଏଆର-ସିଆର୍‌ଆଇର ନିର୍ଦ୍ଦେଶକ ଡ. ଭି.କେ. ସିଂ, ଆଇଆର୍‌ଆର୍‌ଆଇର ବୈଜ୍ଞାନିକ ତଥା ଦକ୍ଷିଣ ଏସିଆର ବିହନ ପ୍ରଣାଳୀ ଓ ଉତ୍ପାଦ ପରିଚାଳନା ପ୍ରମୁଖ ଡ. ସ୍ୱାତୀ ନାୟକ ଏକ ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ସେହିପରି କାର୍ଯ୍ୟକ୍ରମରେ ଧାନ ଫସଲ ପରବର୍ତ୍ତୀ ପଡ଼ିଆ ଜମିର ପରିଚାଳନା ସମ୍ବନ୍ଧୀୟ ସଫଳ କାହାଣୀ ଉପରେ ଏକ ସଂକଳନ ଓ ସ୍ଥାୟୀ ଉତ୍ପାଦନ ଏବଂ ସୁରକ୍ଷା ପାଇଁ କୃଷି ଇନ୍‌ପୁଟ ସୁପାରିସ ଉପରେ ଏକ ପୁସ୍ତିକା ଉନ୍ମୋଚନ ହୋଇଥିଲା। ଓୟୁଏଟି କୁଳପତି ଡ. ପ୍ରଭାତ କୁମାର ରାଉଳ, ଆଇସିଆରଆଇଏସଏଟିର ଡିଜି ଡ. ହିମାଂଶୁ ପାଠକ, କୃଷି ନିର୍ଦ୍ଦେଶକ ଶୁଭମ୍ ସକ୍ସେନା, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ, ମୃତ୍ତିକା ସଂରକ୍ଷଣ ଓ ଜଳଛାୟା ପରିଚାଳନା ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା ଯୋଗ ଦେଇଥିଲେ। ପରେ ଉପମୁଖ୍ୟମନ୍ତ୍ରୀ ରାଜ୍ୟସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଏବଂ ପ୍ରଦର୍ଶନୀର ଉଦ୍‌ଘାଟନ କରିବା ସହ ସଫଳ ଚାଷୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏଥିସହ ବଜାର ଚାହିଦା ଅନୁଯାୟୀ ସ୍ୱତନ୍ତ୍ର ଓ ସୁଗନ୍ଧିତ କିସମର ଧାନଚାଷ ଏବଂ ନିରନ୍ତର ବିହନ ଉତ୍ପାଦନ ପାଇଁ ବିହନ ଉଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା ଲାଗି ଦୁଇଟି ବୈଷୟିକ ଅଧିବେଶନ ଅନୁଷ୍ଠିତ ହୋଇଥିଲା।

# ପ୍ରତି ଜିଲା ହେବ ଅଭିବୃଦ୍ଧି ଇଞ୍ଜିନ: ମୁଖ୍ୟ ସଚିବ

**ଭୁବନେଶ୍ୱର,୨୨।୧ (ରବିନାରାୟଣ ଜେନା)**

ରାଜ୍ୟର ସମସ୍ତ ଜିଲା ଯେପରି ରାଜ୍ୟ ବିକାଶ ଭିଜନର ଅଭିବୃଦ୍ଧି ଇଞ୍ଜିନ ହୋଇପାରିବ ସେଥିପ୍ରତି ଗୁରୁତ୍ୱ ଦେବାକୁ ମୁଖ୍ୟଶାସନ ସଚିବ ଅନୁ ଗର୍ଗ କହିଛନ୍ତି। ଲୋକସେବା ଭବନରେ ଗୁରୁବାର ସମସ୍ତ ଜିଲାପାଳଙ୍କ ସହିତ ଅନୁଷ୍ଠିତ ଆଭାସୀ ବୈଠକରେ ମୁଖ୍ୟସଚିବ କହିଛନ୍ତି, ଜିଲାପାଳମାନେ ଜିଲାର ନିୟମିତ କାର୍ଯ୍ୟ କରନ୍ତୁ। କିନ୍ତୁ ଯେଉଁ ସବୁ ଉନ୍ନୟନମୂଳକ ବୃହତ୍ ପ୍ରକଳ୍ପ କାର୍ଯ୍ୟକାରୀ ହେଉଛି, ସେସବୁ କାର୍ଯ୍ୟ ଅଗ୍ରଗତି ତଦାରଖ କରନ୍ତୁ। 'ଓଡ଼ିଶାଭିଜନ'କୁ ଦୃଷ୍ଟିରେ ରଖି ପ୍ରତି ଜିଲାକୁ ଅର୍ଥନୈତିକ ଅଞ୍ଚଳ ଭାବେ ପ୍ରସ୍ତୁତ କରିବାକୁ ହେବ। ଏହି ଅବସରରେ ମୁଖ୍ୟସଚିବ ବିଭିନ୍ନ ଯୋଜନା ଓ କାର୍ଯ୍ୟକ୍ରମର କାର୍ଯ୍ୟକାରିତାକୁ ତଦାରଖ କରିବା ସହିତ ଜିଲାର ପ୍ରମୁଖ ୨୫ଟି ପ୍ରକଳ୍ପକୁ ଚିହ୍ନଟ କରି ତାହାର କାର୍ଯ୍ୟ ଅଗ୍ରଗତି ସମୀକ୍ଷା କରିବାକୁ ପରାମର୍ଶ ଦେଇଛନ୍ତି । ପୂର୍ବ ନିର୍ଦ୍ଦେଶିତ ଅନୁଯାୟୀ, ଏଣିକି ମାସର ପ୍ରତି ୧୬ ତାରିଖରେ ଜିଲାପାଳମାନଙ୍କ ସହିତ ବୈଠକ ହେବ। ସୋମବାର କିମ୍ବା ଛୁଟିଦିବସ ହୋଇଥିଲେ ପରବର୍ତ୍ତୀ ଦିନ ୧୭ତାରିଖରେ ବୈଠକ କରିବାକୁ ଜିଲାପାଳମାନଙ୍କୁ କୁହାଯାଇଛି। ବୈଠକରେ ଉନ୍ନୟନ କମିଶନର ଦେଓ ରଞ୍ଜନ କୁମାର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ଏନ୍‌ଏଲ୍‌ସିଆଇ କମ୍ପାନୀକୁ ଜମି ଛଡ଼ାଯିବ ନାହିଁ

**ଛେଣ୍ଡିପଦା,୨୨।୧ (ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକର ଶିମିଳିପାଳ ପଞ୍ଚାୟତରେ କୋଇଲା ଖଣି ପାଇଁ ଜମି ଅଧିଗ୍ରହଣ ପ୍ରକ୍ରିଆ ଆରମ୍ଭ କରିବାକୁ ଯାଉଥିବା ନୈଭାଲି ଲିଗ୍‌ନାଇଟ କର୍ପୋରେଶନ ଇଣ୍ଡିଆ (ଏନ୍‌ଏଲ୍‌ସିଆଇ) ଲିମିଟେଡକୁ ଗୁରୁବାର ସ୍ୱତନ୍ତ୍ର ଗ୍ରାମସଭାରେ ବିରୋଧ କରାଯାଇଛି। କମ୍ପାନୀକୁ ଜମି ଛଡ଼ାଯିବ ନାହିଁ ବୋଲି ପଞ୍ଚାୟତ ପକ୍ଷରୁ ଅନୁଷ୍ଠିତ ସ୍ୱତନ୍ତ୍ର ଗ୍ରାମସଭାରେ ନିଷ୍ପତ୍ତି ନିଆଯାଇଛି। ସୂଚନା ଅନୁଯାୟୀ, ଛେଣ୍ଡିପଦା ବ୍ଲକର ପାତ୍ରପଡ଼ା, ଶିମିଳିପାଳ, ବାଗଡ଼ିଆ, ମାଛକୁଟା, ବାସନ୍ତପୁର ଓ ଟି. କୋଡ଼ାସାହି ପଞ୍ଚାୟତ ଅଞ୍ଚଳରେ କୋଇଲା ଖଣି କରିବା ପାଇଁ ଏନ୍‌ଏଲ୍‌ସିଆଇ ପ୍ରକ୍ରିୟା ଆରମ୍ଭ କରିଛି। ଏହି କୋଇଲା ଖଣି ପାଇଁ ଗ୍ରାମସଭା କରିବାକୁ ଏନ୍‌ଏଲ୍‌ସିଆଇ ପକ୍ଷରୁ ଚିଠି କରାଯାଇଥିବା ବେଳେ ଶିମିଳିପାଳ ସରପଞ୍ଚ ଗିରିଶ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଗ୍ରାମସଭା ଅନୁଷ୍ଠିତ ହୋଇଥିଲା। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପୁଷ୍ପିତା ପ୍ରଧାନଙ୍କ ତତ୍ତ୍ୱାବଧାନରେ ସରକାରୀ ନିୟମ ଅନୁଯାୟୀ ଏହି ସଭା ଅନୁଷ୍ଠିତ ହୋଇଥିଲା। ଏହାକୁ ପରିଚାଳନା କରିବା ପାଇଁ ସଭାପତି ଭାବେ ମହାଦେବ ସାହୁଙ୍କୁ ମନୋନୀତ କରାଯାଇଥିଲା। ଏହି ସ୍ୱତନ୍ତ୍ର ଗ୍ରାମସଭାରେ ଉପସ୍ଥିତ ଥିବା ଶିମିଳିପାଳ ପଞ୍ଚାୟତର ୧୨ଟି ୱାର୍ଡର ବାସିନ୍ଦା କମ୍ପାନୀକୁ ଜମି ଦେବୁନାହିଁ କି ଭିଟାମାଟି ଛଡ଼ାଯିବ ନାହିଁ ବୋଲି ପ୍ରକାଶ କରିଥିଲେ। ଆଗାମୀ ଦିନରେ ଅଞ୍ଚଳରେ କମ୍ପାନୀର ସମସ୍ତ କାର୍ଯ୍ୟକଳାପ ଏବଂ ଜମି ଅଧିଗ୍ରହଣକୁ ବିରୋଧ କରାଯିବ ବୋଲି ଗ୍ରାମବାସୀ ପ୍ରକାଶ କରିଥିବା ସଭାପତି ସାହୁ ଘୋଷଣା କରିଥିଲେ। ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଧାନ କହିଛନ୍ତି, ଗ୍ରାମସଭା ଶୃଙ୍ଖଳାର ସହ ସମାପନ ହୋଇଛି। କମ୍ପାନୀକୁ ଜମି ଦେବେ ନାହିଁ ବୋଲି ପଞ୍ଚାୟତବାସୀ ମତ ଦେଇଥିଲେ। ସରପଞ୍ଚ ପ୍ରଧାନ କହିଛନ୍ତି, କମ୍ପାନୀର ଚିଠି ଆଧାରରେ ଗ୍ରାମସଭା କରାଯାଇଥିଲା। କମ୍ପାନୀକୁ ଜମି ଦିଆଯିବ ନାହିଁ ବୋଲି ପଞ୍ଚାୟତବାସୀ ନିଷ୍ପତ୍ତି ନେଇଥିବାରୁ ଏ ନେଇ ଜିଲାପାଳଙ୍କୁ ଅବଗତ କରାଯିବ।



ସ୍ୱତନ୍ତ୍ର ଗ୍ରାମ ସଭାରେ ଉପସ୍ଥିତ ଶିମିଳିପାଳ ପଞ୍ଚାୟତବାସୀ।

## ସ୍ୱତନ୍ତ୍ର ଗ୍ରାମସଭାରେ ପଞ୍ଚାୟତବାସୀଙ୍କ ନିଷ୍ପତ୍ତି

# ଛାତ୍ରୀଙ୍କ ମେରୁଦଣ୍ଡରୁ ବାହାରିଲା ଟ୍ୟୁମର

## ଏମ୍‌କେସିଜିରେ ବିରଳ ଅସ୍ତ୍ରୋପଚାର

**ବ୍ରହ୍ମପୁର,୨୨।୧ (ସୁବାସ ଚନ୍ଦ୍ର ପାଢ଼ୀ)**

ବ୍ରହ୍ମପୁରସ୍ଥିତ ଏମ୍‌କେସିଜି ମେଡିକାଲରେ ପୁଣି ଏକ ବିରଳ ଅସ୍ତ୍ରୋପଚାର ହୋଇଛି। ଜଣେ ଛାତ୍ରୀଙ୍କ ମେରୁଦଣ୍ଡରୁ ଟ୍ୟୁମର ବାହାର କରାଯାଇଛି। ଗଞ୍ଜାମ ଜିଲା କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଡେଙ୍ଗାପଦର ଗ୍ରାମର ମନୀଷା ଜେନା(୧୮)ଙ୍କ ମେରୁଦଣ୍ଡରେ ଟ୍ୟୁମର ହୋଇଥିବାରୁ ମାସାଧିକ କାଳ ସେ ଯନ୍ତ୍ରଣା ଭୋଗୁଥିଲେ। ଘରୋଇ ଡାକ୍ତରଖାନାଠାରୁ ଆରମ୍ଭ କରି ଭୁବନେଶ୍ୱର ଏମ୍ସରେ ଚିକିତ୍ସା ପରେ ମଧ୍ୟ ସୁଫଳ ମିଳିନଥିଲା। ଏମ୍‌କେସିଜି ଅସ୍ଥିଶଲ୍ୟ ବିଭାଗର ମୁଖ୍ୟ ଡ. ସୁଧୀର ମହାପାତ୍ରଙ୍କ ନେତୃତ୍ୱରେ ଅସ୍ତ୍ରୋପଚାର କରାଯାଇ ଟ୍ୟୁମର ବାହାର କରାଯାଇଛି।

# ୫ ବର୍ଷରେ ୧୫ଲକ୍ଷ ହେକ୍ଟର ଜମିକୁ ଜଳସେଚନ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୨୨।୧(ସୁନିତ୍ ମିଶ୍ର)**

ଜଳର ସୁପରିଚାଳନା ବିନା କୃଷି, ଅର୍ଥନୈତିକ ଉନ୍ନତି ଓ ରାଜ୍ୟର ପ୍ରଗତି ଅସମ୍ଭବ। ପାଣି ପଞ୍ଚାୟତ ବ୍ୟବସ୍ଥା ଓଡ଼ିଶାର କୃଷି ଓ କୃଷକଙ୍କ ଜୀବନରେ ଏକ ବିରାଟ ପରିବର୍ତ୍ତନ ଆଣିଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଲୋକସେବା ଭବନ କନ୍‌ଭେନସନ ସେଣ୍ଟରଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପାଣି ପଞ୍ଚାୟତ ପକ୍ଷ-୨୦୨୬ ଅବସରରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଆସନ୍ତା ୫ ବର୍ଷ ମଧ୍ୟରେ ବୃହତ୍, ମଧ୍ୟମ ଓ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ, ଲିଫ୍ଟ ଇରିଗେଶନ, ମେଗା ଲିଫ୍ଟ ଓ ଆଡିବନ୍ଧ ନିର୍ମାଣ ମାଧ୍ୟମରେ ୧୫ ଲକ୍ଷ ହେକ୍ଟର ଅତିରିକ୍ତ ଜମିକୁ ଜଳସେଚନ ଅନ୍ତର୍ଭୁକ୍ତ କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ, ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ୪୦,୩୮୦ ଗୋଟି ପାଣି ପଞ୍ଚାୟତ ସକ୍ରିୟ ଭାବେ କାର୍ଯ୍ୟ କରୁଥିବା ବେଳେ ସେଗୁଡ଼ିକ ମାଧ୍ୟମରେ ୨୪.୧୨ ଲକ୍ଷ ହେକ୍ଟର ଜମିର ଜଳସେଚନ ସଫଳତାର ସହିତ ପରିଚାଳିତ ହେଉଛି। ଓଡ଼ିଶା ପାଣି ପଞ୍ଚାୟତ ଆଇନ-୨୦୦୨ ଓ ତା'ର ସଂଶୋଧନ ମାଧ୍ୟମରେ ମହିଳା, ମତ୍ସ୍ୟଜୀବୀ ଓ ଜଳ ବ୍ୟବହାରକାରୀଙ୍କୁ ସମାନ ଅଧିକାର ଓ ସୁଯୋଗ ଦିଆଯାଇଛି। ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି, ପ୍ରାଚୀନ ଜଳସେଚନ ପଦ୍ଧତିରେ ଜଳର ଅପଚୟ ହେଉଥିବାବେଳେ ପାଣି ପଞ୍ଚାୟତ ମାଧ୍ୟମରେ ସମତାମୂଳକ ଓ ଦକ୍ଷ ଜଳ ବଣ୍ଟନ ସମ୍ଭବ ହୋଇପାରିଛି। ୨୦୩୬ ସୁଦ୍ଧା ରାଜ୍ୟର ୯୦ ପ୍ରତିଶତରୁ ଅଧିକ ଚାଷ ଜମିକୁ ଜଳସେଚନ ସୁବିଧା ଯୋଗାଇବା ପାଇଁ ସରକାର ପ୍ରତିବଦ୍ଧ ହୋଇ କାର୍ଯ୍ୟ କରୁଛନ୍ତି। କୃଷକଙ୍କୁ ସ୍ୱାବଲମ୍ବୀ କରିବା ପାଇଁ ସରକାର ଅନେକ ଯୋଜନା ଓ କାର୍ଯ୍ୟକ୍ରମ ଗ୍ରହଣ କରୁଛନ୍ତି। ଜଳସେଚନ କ୍ଷେତ୍ରରେ ପ୍ରଯୁକ୍ତିବିଦ୍ୟାକୁ ଆପଣାଇବା ପାଇଁ ଆଇଓଟି ସକ୍ଷମ ଡିଜିଟାଲ ଜଳମାପ ଏବଂ ମୃତ୍ତିକାର ଆର୍ଦ୍ରତା ଜାଣିବା ପାଇଁ ସେନ୍‌ସ୍ ସିଷ୍ଟମ ନିମନ୍ତେ ଇନ୍‌ଷ୍ଟିଚ୍ୟୁଟ୍ ଅଫ ୱାଟର ମ୍ୟାନେଜମେଣ୍ଟକୁ ଅନୁବନ୍ଧିତ କରାଯାଇଛି। ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି, ଚାଷୀମାନଙ୍କୁ କିପରି ଉତ୍ତମ ବଜାର ବ୍ୟବସ୍ଥା ଯୋଗାଇଦେବା ସହ ସେମାନଙ୍କ ଉତ୍ପାଦିତ ଫସଲକୁ ବାହାରକୁ ରପ୍ତାନି କରାଯାଇ ସେମାନଙ୍କୁ ଉତ୍ତମ ମୂଲ୍ୟ ଦିଆଯାଇପାରିବ ସେ ଦିଗରେ ସରକାର ଯୋଜନା କରୁଛନ୍ତି। ଚାଷୀଙ୍କ ଆୟ କିପରି ଦ୍ୱିଗୁଣିତ ହୋଇପାରିବ ତାହା ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ ବୋଲି ସିଂଦେଓ କହିଛନ୍ତି। ଏହି ଅବସରରେ କୃଷି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅରବିନ୍ଦ ପାଢ଼ୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ୩୦ଜିଲାରୁ ଉଠିଲା ୩୦.୪୯ଲକ୍ଷ ମେଟ୍ରିକ୍ ଟନ୍ ଧାନ

**ଭୁବନେଶ୍ୱର,୨୨।୧ (ରବିନାରାୟଣ ଜେନା)**

## ୭ ଲକ୍ଷ ଚାଷୀଙ୍କୁ ୭୯୧୪ କୋଟିର ସହାୟତା

ରାଜ୍ୟ ସରକାରଙ୍କ ପକ୍ଷରୁ ଚଳିତବର୍ଷ ଧାନ ସଂଗ୍ରହ ପ୍ରକ୍ରିୟାରେ ୩୦ଜିଲାରୁ ଗୁରୁବାର ସୁଦ୍ଧା ୩୦ଲକ୍ଷ ୪୯ହଜାର ୫୬୦ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଛି ବୋଲି ସରକାରଙ୍କ ପକ୍ଷରୁ କୁହାଯାଇଛି। ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ପକ୍ଷରୁ କୁହାଯାଇଛି, ଗୁରୁବାର ସୁଦ୍ଧା ରାଜ୍ୟର ୬ ଲକ୍ଷ ୯୩ ହଜାର ୯୭ ଚାଷୀଙ୍କଠାରୁ ୩୦ ଲକ୍ଷ ୪୯ ହଜାର ୫୬୦ ମେଟ୍ରିକ ଟନ ଧାନ ସଂଗ୍ରହ କରାଯାଇଛି। ସମ୍ବଲପୁରରେ ୯୬ ପ୍ରତିଶତ ଧାର୍ଯ୍ୟ ଲକ୍ଷ୍ୟର ଧାନ ସଂଗ୍ରହ କରାଯାଇଛି। ଏହି ଜିଲାରେ ଏବେ ସୁଦ୍ଧା ୬୧ ହଜାର ୬୫୦ ଚାଷୀଙ୍କଠାରୁ ଧାନ ସଂଗ୍ରହ ଶେଷ ହୋଇଛି, ଯାହା ଗତବର୍ଷ ଆଜିସୁଦ୍ଧା ୫୬ ହଜାର ୮୩୧ ଚାଷୀ ସେମାନଙ୍କ ଧାନ ବିକ୍ରୟ କରିଥିଲେ। ସେହିପରି, ସୁବର୍ଣ୍ଣପୁରରେ ଧାର୍ଯ୍ୟ ଲକ୍ଷ୍ୟର ୭୭ ପ୍ରତିଶତ ଧାନ ସଂଗ୍ରହ ହୋଇଛି ଏବଂ ଗତବର୍ଷ ଏହି ଅବଧି ମଧ୍ୟରେ ୫୧ ହଜାର ୫ ଶହ ଚାଷୀ ଧାନ ବିକ୍ରୟ କରିଥିବା ବେଳେ ଚଳିତବର୍ଷ ୫୭ ହଜାର ୨୧୭ ଚାଷୀ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହୋଇଛନ୍ତି। ଅନ୍ୟପକ୍ଷରେ ଗଞ୍ଜାମରେ ମୋଟ ୪୭୬ଟି ମଣ୍ଡି କାର୍ଯ୍ୟକ୍ଷମ ଅଛି; ଯେଉଁଥିରେ ୪୫,୨୫୫ ଚାଷୀ ଧାନ ବିକ୍ରୟ କରିଛନ୍ତି। ଆଜି ପର୍ଯ୍ୟନ୍ତ ରାଜ୍ୟ ସରକାର ସର୍ବନିମ୍ନ ସହାୟକ ମୂଲ୍ୟ ଏବଂ ଇନ୍‌ପୁଟ୍ ସହାୟତା ପାଇଁ ୭,୯୧୪.୧୫ କୋଟି ଟଙ୍କା ପ୍ରଦାନ କରିଛନ୍ତି। ବାଲେଶ୍ୱର, ଭଦ୍ରକ, ଜଗତ୍‌ସିଂହପୁର, ପୁରୀ, ଯାଜପୁର ଏବଂ କେନ୍ଦ୍ରାପଡ଼ାରେ ଧାନ ସଂଗ୍ରହ ଆରମ୍ଭ ହୋଇଯାଇଛି। ଧାନ ସଂଗ୍ରହ ଉପରେ କଡ଼ା ନଜର ରଖିବା, ଧାନ ଉଠାଣ ସମୟସୂଚୀର ଯୋଜନାକୁ ସହଜ କରିବା ଏବଂ ମଣ୍ଡିରୁ ମିଲକୁ ଧାନ ନେବାର ସୁନିଶ୍ଚିତ କରିବା ପାଇଁ ରାଜ୍ୟ ଯୋଗାଣ ନିଗମରେ ଏକ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ କରାଯାଇଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

# ପୋଲିସ ଏସ୍‌ଆଇ ପରୀକ୍ଷା ଜାଲିଆତି: ୯ ଜଣଙ୍କ ଜାମିନ ଆବେଦନ ଶୁଣାଣି ଘୁଞ୍ଚିଲା

**କଟକ,୨୨।୧(କାର୍ତ୍ତିକ ସାହୁ)**

ଓଡ଼ିଶା ପୋଲିସ ନିଯୁକ୍ତି ବୋର୍ଡ (ଓପିଆର୍‌ବି)ର ଏସ୍‌ଆଇ ପରୀକ୍ଷା ଜାଲିଆତିରେ ଗିରଫ ୯ଜଣ ଅଭିଯୁକ୍ତଙ୍କ ଜାମିନ ଆବେଦନର ଶୁଣାଣି ଘୁଞ୍ଚିଛି। ହାଇକୋର୍ଟ ବିଚାରପତି ଗୌରୀ ଶଙ୍କର ଶତପଥୀ ମାମଲାର ଶୁଣାଣି ବେଳେ ସିବିଆଇ ପକ୍ଷରୁ ଆବଶ୍ୟକ ତଥ୍ୟ ଦାଖଲ ହୋଇ ପାରି ନ ଥିଲା। ଫେବୃଆରୀ ୧୬ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ଅଭିଯୁକ୍ତ ଆବେଦନକାରୀମାନଙ୍କ ପକ୍ଷରୁ ପୃଥକ ଭାବେ ଦାଏର ଆବେଦନଗୁଡ଼ିକର ଏକତ୍ର ଶୁଣାଣି ହୋଇଥିଲା। ଆବେଦନକାରୀମାନେ ହେଲେ ମୁନା ମହାନ୍ତି, ପ୍ରିୟଦର୍ଶିନୀ ସାମଲ, ଟି. ଅଭିମନ୍ୟୁ ଦୋରା, ଶ୍ରୀକାନ୍ତ ମହାରଣା, ଲୋକନାଥ ସାହୁ, ବିଶ୍ୱଜିତ ହରିଚନ୍ଦନ, ସାଗର କୁମାର ଗୌଡ଼, ତଫିମ୍ ଅହମ୍ମଦ ଖାନ ଓ ସୁରେଶ ଚନ୍ଦ୍ର ନାୟକ। ସିବିଆଇ ପକ୍ଷରୁ ତଦନ୍ତ ଜାରି ରହିଥିବାରୁ ଆବଶ୍ୟକ ତଥ୍ୟ ଦାଖଲ ପାଇଁ ସମୟ ମଗାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ, ବ୍ରହ୍ମପୁର ଅତିରିକ୍ତ ଦୌରା ଜଜ୍ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ଅଦାଲତଙ୍କ ଜାମିନ ଖାରଜ ନିର୍ଦ୍ଦେଶକୁ ଚାଲେଞ୍ଜ କରି ଅଭିଯୁକ୍ତମାନେ ପୃଥକ ଜାମିନ ଆବେଦନ ହାଇକୋର୍ଟରେ ଦାଏର କରିଛନ୍ତି।

# ଉଡ଼ାବାଲିରେ ଉଡ଼ିଲା ତ୍ରିରଙ୍ଗା

## ଉପକୂଳ ସୁରକ୍ଷା ପାଇଁ ଖର୍ଚ୍ଚ ହେବ ୧୪୯ କୋଟି: ଡିଜିପି



ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଜାତୀୟ ପତାକାକୁ ସାଲ୍ୟୁଟ୍ କରୁଛନ୍ତି।

**ଭଦ୍ରକ,୨୨।୧(ସନାତନ ରାଉତ)**

୭୭ତମ ସାଧାରଣତନ୍ତ୍ର ଦିବସ ପୂର୍ବରୁ ଭଦ୍ରକ ଜିଲା ଧାମରା ବନ୍ଦର ନିକଟସ୍ଥ ଉଡ଼ାବାଲି ଦ୍ୱୀପରେ ତ୍ରିରଙ୍ଗା ଉଡ଼ାଯାଇଛି। ଉପକୂଳ ସୁରକ୍ଷା ଓ ଉପକୂଳରେ ଶହୀଦଙ୍କ ଲାଗି ଶ୍ରଦ୍ଧାଞ୍ଜଳି ଉଦ୍ଦେଶ୍ୟରେ ଗୁରୁବାର ପୂର୍ବାହ୍ନ ୧୧ଟା ୩୦ରେ ଡିଜିପି ଯୋଗେଶ ବାହାଦୁର ଖୁରାନିଆ ଜାତୀୟ ପତାକା ଉତ୍ତୋଳନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି, ଭାରତ ସରକାରଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟର ୧୩ଟି ବାଲି ଦ୍ୱୀପରେ ଜାତୀୟ ପତାକା ଉତ୍ତୋଳନ କରାଯାଇ ଓଡ଼ିଶାର ଏସବୁ ଅବିଚ୍ଛେଦ୍ୟ ଅଙ୍ଗ ବୋଲି ସନ୍ଦେଶ ଦିଆଯାଉଛି। ଉପକୂଳ ସୁରକ୍ଷା ପାଇଁ ସରକାର ଗତ ଆର୍ଥିକ ବର୍ଷରେ ଅତିରିକ୍ତ ବଜେଟରେ ଉଡ଼ାବାଲି ଦ୍ୱୀପ ଲାଗି ୨୨ କୋଟି ଟଙ୍କା ମଞ୍ଜୁର କରିଥିଲେ। ସାମୁଦ୍ରିକ ପୋଲିସର କ୍ଷମତା ବଢ଼ାଇବା ଓ ଉପକୂଳ ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ଚଳିତବର୍ଷ ଅତିରିକ୍ତ ବଜେଟରେ ୧୪୯ କୋଟି ଟଙ୍କା ବରାଦ କରାଯାଇଛି। ସାମୁଦ୍ରିକ ପାଟ୍ରୋଲିଂ ସକାଶେ ଯନ୍ତ୍ରଚାଳିତ ସ୍ପିଡ୍‌ବୋଟ୍, ଟ୍ରଲର, ଡ୍ରୋନ୍, ନୌସେନା ବିଶେଷଜ୍ଞ ଓ ବୈଷୟିକ ପରାମର୍ଶଦାତା ନିୟୋଜନ, ମାଛଧରା ଅବତରଣ କେନ୍ଦ୍ରରେ ସ୍ୱତନ୍ତ୍ର ସାମୁଦ୍ରିକ ପୋଲିସ ନିୟୋଜନ ଏବଂ ସିସି କ୍ୟାମେରା ସ୍ଥାପନ ଏବଂ ସମସ୍ତ ସାମୁଦ୍ରିକ ଥାନାରେ କଣ୍ଟ୍ରୋଲ ସେଣ୍ଟର ପ୍ରତିଷ୍ଠା କରାଯିବ। ଏହାକୁ ଭୁବନେଶ୍ୱରର ଏକ ଅତ୍ୟାଧୁନିକ କମାଣ୍ଡୋ କଣ୍ଟ୍ରୋଲ ସେଣ୍ଟର ସହ ଯୋଡ଼ାଯିବ ବୋଲି ଡିଜିପି ସୂଚନା ଦେଇଛନ୍ତି। ଆଗାମୀ ୩ଦିନ ମଧ୍ୟରେ କନିକା ସ୍ୟାଣ୍ଡ୍‌ସ, ଲଙ୍ଗ୍ ହୁଇଲର୍, କୋକୋନଟ୍ ହୁଇଲର, ସ୍ମଲ୍ ହୁଇଲର, ନୟା ଟାପୁ, ବୁଦ୍ଧିଆବାଲି, ହୁକିଟୋଲା, କାଦୁଆପାଳ, ଧାନିଛଡ଼ା, ପାରିକୁଦ, ନଳବଣ ଏବଂ କାଳିଜାଇ ଦ୍ୱୀପରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ଏହାସହ ଅନୁପ୍ରବେଶ ଉପରେ କଡ଼ା ନଜର ରଖାଯିବ। ସେହିପରି ମତ୍ସ୍ୟଜୀବୀମାନେ ସମୁଦ୍ର ଭିତରକୁ ଯିବାବେଳେ ଲାଇଫ୍ ଜ୍ୟାକେଟ୍ ବ୍ୟବହାର କରିବା, ଅନୁପ୍ରବେଶକାରୀଙ୍କ ବିଷୟରେ ସୂଚନା ଦେବା ସହ ସତର୍କ ରହିବାକୁ ଡିଜିପି ପରାମର୍ଶ ଦେଇଛନ୍ତି। ଏହି ଅବସରରେ ସପ୍ତମ ଓଡ଼ିଶା ଏନ୍‌ସିସି ବାଟାଲିୟନର କମାଣ୍ଡାଣ୍ଟ ଏସ୍.ଏସ୍. ରଘୁବଂଶୀଙ୍କୁ ସମ୍ମାନିତ କରାଯାଇଛି। ମତ୍ସ୍ୟଜୀବୀ ରମାକାନ୍ତ ଭୂୟାଁ, ସୁଧୀର ପାତ୍ର ଓ ପିଣ୍ଟୁ ମଣ୍ଡଳଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା। ସେଠାରେ ଚାରାରୋପଣ ମଧ୍ୟ କରାଯାଇଥିଲା। କାର୍ଯ୍ୟକ୍ରମରେ ରେଲୱେ ତଥା ଉପକୂଳ ସୁରକ୍ଷା ଅତିରିକ୍ତ ନିର୍ଦ୍ଦେଶକ ଅରୁଣ ବୋଥ୍ରା, ପୂର୍ବାଞ୍ଚଳ ଡିଆଇଜି ପିନାକ ମିଶ୍ର ଓ ଭଦ୍ରକ ଏସ୍‌ପି ମନୋଜ ରାଉତ ଯୋଗ ଦେଇଥିଲେ। ଅତିରିକ୍ତ ଏସ୍‌ପି ଅଂଶୁମାନ ଦ୍ୱିବେଦୀ, ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁ, ରିଜର୍ଭ ଇନ୍ସପେକ୍ଟର ଦେବାଶିଷ ଭୂୟାଁ, ବାସୁଦେବପୁର ଥାନାଧିକାରୀ ଲୋପାମୁଦ୍ରା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

ଗତବର୍ଷ ଜାନୁଆରୀ ୨୨ରେ ଏଠାରେ ଅନୁରୂପ ଭାବେ ଜାତୀୟ ପତାକା ଉତ୍ତୋଳନ କରାଯାଇଥିଲା। ପ୍ରକାଶଥାଉ କି, ଏହି ଦ୍ୱୀପର ନାମ କନିକା ଥିଲା। ଉକ୍ତ ଦ୍ୱୀପରେ ସରୁ ବାଲି ଉଡ଼ିବା ଯୋଗୁ ମତ୍ସ୍ୟଜୀବୀମାନେ ପରବର୍ତ୍ତୀ ସମୟରେ ତାହାର ନାମ ଉଡ଼ାବାଲି ଦେଇଥିଲେ। ଧାମରା ବନ୍ଦରରୁ ସାମୁଦ୍ରିକ ପଥରେ ୮ କିଲୋମିଟର ଦୂରରେ ଏହା ଅବସ୍ଥିତ। ପଶ୍ଚିମବଙ୍ଗ ଏହି ଦ୍ୱୀପକୁ ନିଜର ବୋଲି ଦାବି କରିଥିଲା। ଏହାକୁ ନେଇ ଦୁଇ ରାଜ୍ୟ ମଧ୍ୟରେ ବିବାଦ ଲାଗିରହିଛି।

# ଗ୍ରାହକ ସେବାକେନ୍ଦ୍ର ପରିଚାଳକଙ୍କୁ ବାନ୍ଧି ନିସ୍ତୁକ ମାଡ଼

**ବାଲିଆପାଳ (ଗୋପାଳ ଚନ୍ଦ୍ର ସାହୁ)/ ଲଙ୍ଗଳେଶ୍ୱର(କମଳାକାନ୍ତ ଦାସ)/ କାଳିପଦା (ରାଜଶ୍ରୀ ପାଣିଗ୍ରାହୀ), ୨୨।୧**

## ଜମାକାରୀଙ୍କ ଟଙ୍କା ଆତ୍ମସାତ୍ ଅଭିଯୋଗ

ବ୍ୟାଙ୍କ ଜମାକାରୀଙ୍କ ୫୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଆତ୍ମସାତ୍ କରିଥିବା ଅଭିଯୋଗରେ ଏସ୍‌ବିଆଇ ଗ୍ରାହକ ସେବା କେନ୍ଦ୍ର ପରିଚାଳକ ବାଲିଆପାଳ ଥାନା ଦେଉଳା ଗ୍ରାମର ରଞ୍ଜନ ରଣା (୩୫)ଙ୍କୁ ଗୁରୁବାର ଉତ୍ତ୍ୟକ୍ତ ଜମାକାରୀମାନେ ବିଦ୍ୟୁତ୍ ଖୁଣ୍ଟରେ ବାନ୍ଧି ନିସ୍ତୁକ ମାଡ଼ ମାରିଛନ୍ତି। ଘଟଣାସ୍ଥଳରେ ପୋଲିସ ପହଞ୍ଚି ରଞ୍ଜନଙ୍କୁ ଉଦ୍ଧାର କରି ଥାନାକୁ ନେଇଥିଲା। ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ହେଁ ଜମାକାରୀମାନେ ଦେଉଳା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖ ବାଲିଆପାଳ-ଲଙ୍ଗଳେଶ୍ୱର ମୁଖ୍ୟ ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲେ। ପୋଲିସ ଭ୍ୟାନ୍‌କୁ ଅଟକ ରଖି ପରିଚାଳକ ରଞ୍ଜନଙ୍କୁ ଘଟଣାସ୍ଥଳକୁ ଆଣିବା ପାଇଁ



ଜିଦ୍ ଧରିଥିଲେ। ବାଲିଆପାଳ ଆଇଆଇସି ସାଲଖାନ ମୁର୍ମୁ, ସିଂଲା ଆଇଆଇସି ସୁଚନ୍ଦ୍ର ମହାଳିକ ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଜମାକାରୀଙ୍କ ସହ ଆଲୋଚନା ଜାରି ରଖିଥିଲେ। ସନ୍ଧ୍ୟାରେ ବସ୍ତା ଏସ୍‌ଡିପିଓ ମାନସ କୁମାର ଦେଓ ୧ ପ୍ଲାଟୁନ ପୋଲିସଫୋର୍ସ ସହ ସେଠାରେ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ହେଲେ ଉତ୍ତେଜନା ପ୍ରଶମିତ ନ ହେବାରୁ ପୋଲିସ ବାଧ୍ୟ ହୋଇ ଲାଠିଚାର୍ଜ କରିଥିଲା। ଏହାପରେ ସ୍ଥିତି ସାମାନ୍ୟ ଶାନ୍ତ ହେବାରୁ ପୋଲିସ ବୁଝାଶୁଝା କରି ସ୍ୱାଭାବିକ ଅବସ୍ଥାକୁ ଆଣିଥିଲା।

## ବିବାହ ପୂର୍ବଦିନ ଯୁବକ ଗିରଫ

ଅନୁଗୋଳ,(ଜ୍ୟୋତିରଞ୍ଜନ ସାହୁ)- ପ୍ରେମିକାଙ୍କ ସହ ପ୍ରତାରଣା କରିଥିବା ଅଭିଯୋଗ ଆଧାରରେ ଅନୁଗୋଳ ଟାଉନ ଥାନା ପୋଲିସ ଜଣେ ଯୁବକଙ୍କୁ ତାଙ୍କ ବିବାହର ଦିନକ ପୂର୍ବରୁ ଗିରଫ କରିଛି । ଅଭିଯୁକ୍ତ ହେଲେ ରାଜକିଶୋରପଡ଼ା ଅଞ୍ଚଳର ବାସିନ୍ଦା ତଥା ପୁରୁଣା ବସ୍‌ଷ୍ଟାଣ୍ଡ ଅଞ୍ଚଳର ଯୁବ ବ୍ୟବସାୟୀ ଲିପୁନ ସାହୁ (୨୮)। ଅଭିଯୋଗ ଅନୁସାରେ, ଲିପୁନ ବିବାହର ପ୍ରତିଶ୍ରୁତି ଦେଇ ପୀଡ଼ିତଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏପରି କି ଦୁହେଁ ସ୍ୱାମୀ-ସ୍ତ୍ରୀ ଭଳି ମଧ ରହୁଥିଲେ। ହେଲେ ଲିପୁନ ଅନ୍ୟତ୍ର ବିବାହ କରିବାକୁ ଯାଉଥିବା ଖବରପାଇ ପ୍ରେମିକା ଜଣକ ଅନୁଗୋଳ ଟାଉନ ଥାନାର ଆଶ୍ରୟ ନେଇଥିଲେ।

# ଅତ୍ୟାଧୁନିକ ବନ୍ଧୁକ ବ୍ୟବହାର କରୁଛନ୍ତି ମାଓବାଦୀ

**କନ୍ଧମାଳ-କଳାହାଣ୍ଡି ସୀମାନ୍ତରେ କୋମ୍ବିଂ ଜୋର୍‌ଦାର**

**ବନ୍ଧୁକ ସହ ବହୁ ସାମଗ୍ରୀ ଜବତ**



ଜଙ୍ଗଲରୁ ଜବତ ହୋଇଥିବା ବନ୍ଧୁକ।

ଫୁଲବାଣୀ/ବାଲିଗୁଡ଼ା, ୨୨।୧(ରାକେଶ କୁମାର ରାଉତ/ସଞ୍ଜୟ କୁମାର ପ୍ରାଣିଗ୍ରାହୀ)

କନ୍ଧମାଳ-କଳାହାଣ୍ଡି ଜିଲା ସୀମାନ୍ତ ଜଙ୍ଗଲରେ ପୋଲିସ ଜୋର୍‌ଦାର କୋମ୍ବିଂ ଅପରେଶନ ଚଳାଇଛି। ଗାଙ୍ଗେଲ ଜଙ୍ଗଲରେ ଏକ ମାଓବାଦୀ କ୍ୟାମ୍ପ ଠାବ କରାଯାଇଛି। ସେଠାରୁ ଅତ୍ୟାଧୁନିକ ବନ୍ଧୁକ ସମେତ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। ଏଥିରୁ ମାଓବାଦୀମାନେ ଅତ୍ୟାଧୁନିକ ବନ୍ଧୁକ ବ୍ୟବହାର କରୁଥିବା ଜଣାପଡିଛି। ମାର୍ଚ୍ଚ ଶେଷ ସୁଦ୍ଧା ଦେଶ ମାଓବାଦୀ ମୁକ୍ତ ହେବାକୁ ସରକାର ଲକ୍ଷ୍ୟ ରଖିଛନ୍ତି। ସେହି ଅନୁସାରେ ମାଓବାଦୀ ପ୍ରବଣ ଜିଲାଗୁଡ଼ିକରେ ପୋଲିସ କୋମ୍ବିଂ ଅପରେଶନ ଜୋର୍‌ଦାର କରିଛି। ଗୁରୁବାର ସକାଳୁ ଜିଲା ପୋଲିସର ଏସ୍‌ଓଜି, ଡିଭିଏଫ୍ ଏବଂ ସିଆର୍‌ପିଏଫ୍ ଫୋର୍ସ ମିଳିତ ଭାବେ ଏହି କୋମ୍ବିଂ ଅପରେଶନ କରିଛନ୍ତି। ଏହି ଟିମ୍ ଜଙ୍ଗଲ ଭିତରୁ ଏକ ମାଓବାଦୀ କ୍ୟାମ୍ପ ଠାବ କରିଛି। ସେଠାରୁ ଅତ୍ୟାଧୁନିକ ୧୩ ବନ୍ଧୁକ, ବହୁ ୱାକିଟକି, ସୋଲାର ପ୍ୟାନେଲ, ବିଦ୍ୟୁତ୍ ତାର, ମେଡିସିନ ଓ ଅନ୍ୟାନ୍ୟ ସାମଗ୍ରୀ ଜବତ କରାଯାଇଛି। କୌଣସି ମାଓବାଦୀ ଧରାପଡ଼ି ନାହାନ୍ତି। ବହୁ ହାର୍ଡକୋର ମାଓବାଦୀ ଜଙ୍ଗଲ ଏବଂ ଆଖପାଖ ଅଞ୍ଚଳରେ ଥିବା ଅନୁମାନ କରାଯାଉଛି। କୋମ୍ବିଂ ଅପରେଶନକୁ ଜୋର୍‌ଦାର କରାଯାଉଛି ।

ସୂଚନାଯୋଗ୍ୟ, ଗତ ୨୫ ତାରିଖରେ କନ୍ଧମାଳ ଜିଲାର ତୁମୁଡ଼ିବନ୍ଧ ଥାନା, ଚକାପାଦ ଥାନା ଅଞ୍ଚଳରେ ସୁରକ୍ଷାକର୍ମୀ ଏବଂ ମାଓବାଦୀଙ୍କ ମଧ୍ୟରେ ପ୍ରବଳ ଗୁଳି ବିନିମୟ ହୋଇଥିଲା। ଏଥିରେ ୬ ଜଣ କ୍ୟାଡର ମାଓବାଦୀଙ୍କ ମୃତ୍ୟୁ ହୋଇଥିଲା। ତୁମୁଡ଼ିବନ୍ଧ ବ୍ଲକ୍ ବେଲଘର ଥାନା ପେଡମ୍ ଜଙ୍ଗଲରେ ୨ ଜଣ ଏବଂ ଚକାପାଦ ଥାନା କନ୍ଧମାଳ-ଗଞ୍ଜାମ ସୀମାନ୍ତ ରମ୍ଭା ଜଙ୍ଗଲରେ ୪ ଜଣ ମାଓବାଦୀଙ୍କ ମୃତଦେହ ମିଳିଥିଲା। ଯେଉଁଥିରେ ଓଡ଼ିଶା ମୁଖ୍ୟ ଗଣେଶ ଉଇକେ ଥିଲେ।

## ୧୦ ହଜାର ଟଙ୍କା ଲାଞ୍ଚ ନେଇ ଆର୍‌ଆଇ ଗିରଫ

କଟକ,୨୨।୧(କାର୍ତ୍ତିକ ସାହୁ)

କଟକ ଜିଲା ସଦର ତହସିଲ ଅନ୍ତର୍ଗତ କଖଡ଼ି ସର୍କଲ ରେଭେନ୍ୟୁ ଇନ୍ସପେକ୍ଟର (ଆର୍‌ଆଇ) ଜାନକୀ ରଞ୍ଜନ ମଲ୍ଲିକ ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ଗୁରୁବାର ଗିରଫ ହୋଇଛନ୍ତି। ସେ ଏକ ମ୍ୟୁଟେଶନ କେଶ୍‌ରେ ଅଭିଯୋଗକାରୀଙ୍କ ସପକ୍ଷରେ ରିପୋର୍ଟ ପ୍ରଦାନ ପାଇଁ ୧୦ ହଜାର ଟଙ୍କା ଲାଞ୍ଚ ନେବାବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କ ନିକଟରୁ ଲାଞ୍ଚ ଟଙ୍କା ଜବତ କରିଛନ୍ତି।

ସୂଚନାନୁସାରେ, ଅଭିଯୋଗକାରୀ ତହସିଲ୍‌ରେ ଏକ ମ୍ୟୁଟେଶନ କେଶ ଅନ୍‌ଲାଇନ୍‌ରେ ଆବେଦନ କରିଥିଲେ। ଉକ୍ତ ମ୍ୟୁଟେଶନକେଶର ଶୁଣାଣିନିମନ୍ତେ ଆର୍‌ଆଇ ଜାନୁଆରୀ ୨୭ ତାରିଖକୁ ସ୍ଥିର କରିଥିଲେ। ହେଲେ ଜମି ମାଲିକଙ୍କୁ ୨୦ ତାରିଖରେ ଡକାଇ ୧୦ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ଜମି ମାଲିକ ଏତେ ଟଙ୍କା ଦେବାକୁ ଅକ୍ଷମତା ପ୍ରକାଶ କରିଥିଲେ ସୁଦ୍ଧା ଆର୍‌ଆଇ କିଛି ଶୁଣି ନ ଥିଲେ। ଶେଷରେ ଜମି ମାଲିକ ଏ ବାବଦରେ ଭିଜିଲାନ୍ସରେ ଜଣାଇଥିଲେ। ଆର୍‌ଆଇଙ୍କ ତିନିଟି ଜାଗାରେ ଆୟବହିର୍ଭୂତ ସମ୍ପତ୍ତି ଠୁଳ ଆଧାରରେ ତଲାସି କରାଯାଉଛି।

## ଚନ୍ଦକାରୁ ବେଆଇନ ଖୋଳା ଚାଲିଛି ଲାଟେରାଇଟ୍ ମାଟି

- ହାର୍ଡକୋର ଅପରାଧୀ, ମାଫିଆଙ୍କ ପଡ଼ିଛି ନଜର
- ରାତି ଅଧରେ ଖନନ ଚାଲିଥିବାବେଳେ ଚଢ଼ାଉ କଲା ପୋଲିସ
- ୨ ଡ୍ରାଇଭର ଗିରଫ, ୨ ହାଇୱା, ଏକ ସ୍କର୍ପିଓ ଜବତ

ଭୁବନେଶ୍ୱର,୨୨।୧(ତ୍ରିନାଥ ମହାନ୍ତି)

ଚନ୍ଦକା ଥାନା ଜଙ୍ଗଲ ଭିତରେ ବେଆଇନ ଭାବେ ଲାଟେରାଇଟ୍ ମାଟି ଖନନ କରାଯାଇ ଚୋରାଚାଲାଣ କରାଯାଉଛି। ସ୍ଥାନୀୟ କେତେଜଣ ଚୋରା ବ୍ୟବସାୟୀ ଏହି ମାଟି ଖୋଳି ନେଉଥିବାବେଳେ ରାତିରେ ସେମାନଙ୍କୁ ହାର୍ଡକୋର ଅପରାଧୀ ସୁରକ୍ଷା ଦେଉଛନ୍ତି। ସେମାନଙ୍କ ଅଣ୍ଟାରେ ବନ୍ଧୁକ ଏବଂ ଅନ୍ୟ ମାରଣାସ୍ତ୍ର ରହୁଛି। ଯଦି ପୋଲିସ କିମ୍ବା ଅନ୍ୟ କେହି ଏହାକୁ ବିରୋଧ କରନ୍ତି ସେମାନଙ୍କୁ ଆକ୍ରମଣ କରୁଛନ୍ତି। ପୋଲିସ ଏହି ମାଫିଆଙ୍କ ହାତବାରିସି ସାଜି ଖନନରେ ପରୋକ୍ଷରେ ସହଯୋଗ କରୁଥିବା ଅଭିଯୋଗ ହୋଇଛି। ବୁଧବାର ରାତିରେ ଏଭଳି ବେଆଇନ ଭାବେ ଖନନ ଚାଲିଥିବାବେଳେ ଗ୍ରାମର କେତେଜଣ ଲୋକ ଥାନା ଏବଂ ଉଚ୍ଚ ଅଧିକାରୀଙ୍କୁ ଫୋନ୍ କରି ଜଣାଇଥିଲେ। ଫଳରେ ବାଧ ହୋଇ ପୋଲିସ ବୁଧବାର ରାତିରେ ଅତର୍କିତ ଚଢ଼ାଉ କରି ୨ଜଣଙ୍କୁ ଗିରଫ କରିବା ସହ ୨ ହାଇୱା ଏବଂ ଗାଡ଼ିକୁ ଏସ୍କର୍ଟ ଦେଉଥିବା ସ୍କର୍ପିଓକୁ ଜବତ କରିଛି। ଗିରଫ ଡ୍ରାଇଭର ହେଲେ ଇଟାମାଟିର ଆର୍ତ୍ତତ୍ରାଣ ଭଞ୍ଜ ଏବଂ ବାଙ୍କୀର କାହ୍ନା ସେଠୀ। ଗୋଠପାଟଣା ଜଙ୍ଗଲ ଜମିରୁ କୌଣସି ବୈଧ ଲାଇସେନ୍ସ କିମ୍ବା କର୍ତ୍ତୃପକ୍ଷଙ୍କ ଅନୁମତି ବିନା ରାଜ୍ୟ ରାଜକୋଷକୁ କ୍ଷତି ପହଞ୍ଚାଇ ବେଆଇନ ଭାବରେ ଲାଟେରାଇଟ ମାଟି ଖନନ ଏବଂ ପରିବହନ ହେଉଥିବା ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି। ଉଭୟ ଗାଡ଼ି ଗୋଠପାଟଣା ଜଙ୍ଗଲ ଜମିରୁ ଖନନ କରାଯାଇଥିବା ଲାଟେରାଇଟ ମାଟିର ବେଆଇନ ପରିବହନରେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ଏହି ର୍‍ୟାକେଟ୍ ପଛରେ ବଡ଼ ବଡ଼ ମାଫିଆଙ୍କ ହାତ ଥିବାରୁ ସେମାନେ ଧରାପଡୁ ନାହାନ୍ତି। କେବଳ ଡ୍ରାଇଭର ଧରା ପଡ଼ିବା ପରେ ଖସିବା ପାଇଁ ନିଜ ସ୍ୱାର୍ଥ ପାଇଁ ସେ ମାଟି ଖୋଳି ଚାଲାଣ କରୁଥିବା ସ୍ୱୀକାର କରିଛନ୍ତି। କିନ୍ତୁ ପୋଲିସ ଏହି ମାଟି ମାଫିଆଙ୍କ ନିକଟରେ ପହଞ୍ଚି ପାରୁନି।

## ବ୍ରାଉନ୍‌ସୁଗାର ବେପାରୀ ବାପିଙ୍କୁ ୧୦ ବର୍ଷ ଜେଲ

ଭୁବନେଶ୍ୱର,୨୨।୧(ତ୍ରିନାଥ ମହାନ୍ତି)

ବ୍ରାଉନ୍ ସୁଗାର ବେପାରୀ ବାପି ଓରଫ ଅଶୋକ ବେହେରାଙ୍କୁ ଜେଲଦଣ୍ଡ ମିଳିଛି। ବାଲେଶ୍ୱର ଓପିଆଇଡି କୋର୍ଟ ତଥା ସ୍ପେଶାଲ ଜଜ୍ ଅଭିଯୁକ୍ତ ବାପିଙ୍କୁ ୧୦ ବର୍ଷର ଜେଲଦଣ୍ଡ ଶୁଣାଇବା ସହ ୧ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୧ବର୍ଷ ଜେଲଦଣ୍ଡ ଭୋଗିବାକୁ କୁହାଯାଇଛି। ଅଭିଯୁକ୍ତ ବାପିଙ୍କଠାରୁ ଜବତ ହୋଇଥିବା ନିଶାଦ୍ରବ୍ୟକୁ ପରୀକ୍ଷା ପାଇଁ ରାଜ୍ୟ ଫୋରେନ୍‌ସିକ୍ ଲାବ୍‌କୁ ପଠାଯାଇଥିଲା। ସେଠାରୁ ପରୀକ୍ଷା ରିପୋର୍ଟ ଆସିବା ପରେ କୋର୍ଟରେ ଦାଖଲ କରାଯାଇଥିଲା। ବିଚାରପତି ୨୭ଟି ଦସ୍ତାବିଜ୍ ଏବଂ ୮ଜଣ ସାକ୍ଷୀ ଆଧାରରେ ଏହି ଦଣ୍ଡାଦେଶ ଶୁଣାଇଛନ୍ତି।

ଅଭିଯୁକ୍ତ ବାପି ପଶ୍ଚିମବଙ୍ଗରୁ ଜଳପଥରେ ବ୍ରାଉନ୍‌ସୁଗାର ବାଲେଶ୍ୱର, ଜଳେଶ୍ୱରକୁ ଆଣନ୍ତି। ଜଳେଶ୍ୱର ପନିପରିବା ମାର୍କେଟରେ ବ୍ରାଉନ୍‌ସୁଗାର କାରବାର କରୁଥିଲେ। ଗ୍ରାହକ ପରିବା କିଣିବା ବାହାନାରେ ବଜାର ଭିତରକୁ ଯାଇ ବାପିଙ୍କଠାରୁ ବ୍ରାଉନ୍ ସୁଗାର ଆଣୁଥିଲେ। ଏନେଇ ଏସ୍‌ଟିଏଫ ନିକଟରେ ଖବର ପହଞ୍ଚିଥିଲା। ୨୦୨୧ ନଭେମ୍ବର ୭ରେ ଏସ୍‌ଟିଏଫ୍ ଟିମ୍ ସେଠାରେ ଅତର୍କିତ ଚଢ଼ାଉ କରି ବାପିଙ୍କୁ କାବୁ କରିବା ସହ ତାଙ୍କ ନିକଟରୁ ୧୦୫୨ ଗ୍ରାମ୍‌ର ବ୍ରାଉନ୍‌ସୁଗାର ଜବତ କରିଥିଲା। ତଦନ୍ତ ସମୟରେ ବାପିଙ୍କ ପଛରେ ଆନ୍ତଃରାଜ୍ୟ ଲିଙ୍କ୍ ଥିବା ସ୍ପଷ୍ଟ ହୋଇଥିଲା। ଏସ୍‌ଟିଏଫ୍ ରାଜ୍ୟ ବାହାରେ ଚଢ଼ାଉ କରିଥିଲେ ମଧ୍ୟ ଏହାର ମାଷ୍ଟରମାଇଣ୍ଡ ନିକଟରେ ପହଞ୍ଚିବାରେ ବିଫଳ ହୋଇଥିଲା। ତଦନ୍ତ ଅଧିକାରୀ କୋର୍ଟରେ ୩ଶହ ପୃଷ୍ଠାର ଚାର୍ଜଶିଟ୍ ଦାଖଲ କରିବା ପରେ ଚାର୍ଜଫ୍ରେମ୍ ହୋଇ ମାମଲାର ଶୁଣାଣି ଆରମ୍ଭ ହୋଇଥିଲା।

## ସିଜ୍ ହେଲା ଗୋମାଫିଆଙ୍କ ବ୍ୟାଙ୍କ ଆକାଉଣ୍ଟ

ଢେଙ୍କାନାଳ,୨୨।୧(ନୀଳମଣି ମଣ୍ଡଳ)

କେନ୍ଦୁଝର ଏସିପିଙ୍କ ନିର୍ଦ୍ଦେଶରେ ପୋଲିସର ୪୬ଟି ଟିମ୍ କେନ୍ଦୁଝର ସମେତ ୫ ଜିଲାରେ ଗୋମାଫିଆଙ୍କ ଘରେ ଏକକାଳୀନ ଚଢ଼ାଉ କରିଥିଲା। ଏଥିରେ ଢେଙ୍କିକୋଟ ପୋଲିସ ବିଟ୍ ହାଉସ୍ ଅନ୍ତର୍ଗତ ସାନ୍ତରାପୁର ପଞ୍ଚାୟତ ସାନ୍ତରାପୁର ମୁସଲିମ ବସ୍ତିରେ ରହୁଥିବା ଗୋମାଫିଆ ଟିପୁ ସୁଲତାନଙ୍କ ଘରେ ଚଢ଼ାଉ ସମୟରେ ପୁଳା ପୁଳା ଟଙ୍କା, ସୁନା, ରୁପା ଅଳଙ୍କାର, ଗାଡ଼ି ଓ ବ୍ୟାଙ୍କ ପାସବୁକ୍ ଜବତ ହୋଇଥିଲା। ଘଟଣାରେ ପୋଲିସ ଗୁରୁବାର ଅଭିଯୁକ୍ତ ଟିପୁ ସୁଲତାନ ଓ ତାଙ୍କ ସମ୍ପର୍କୀୟଙ୍କ ବ୍ୟାଙ୍କ ଆକାଉଣ୍ଟକୁ ସିଜ୍ କରିଛି। ଘଟଗାଁ ଥାନା ଆଇଆଇସି ଶୁଭ୍ରାନ୍ତ ଜେନା ଢେଙ୍କିକୋଟ ବଜାରସ୍ଥିତ ବ୍ୟାଙ୍କ ଅଫ୍ ଇଣ୍ଡିଆ, ୟୁନିୟନ ବ୍ୟାଙ୍କ ଶାଖାରେ ଥିବା ଖାତାକୁ ସିଜ୍ କରିବା ସହ ଗିରଫ ଗୋ ମାଫିଆଙ୍କ ସମ୍ପର୍କୀୟଙ୍କ ସ୍ୱାମପାଟଣା ଷ୍ଟେଟ୍ ବ୍ୟାଙ୍କର ଏକ ଖାତାକୁ ସିଜ କରିଛନ୍ତି। ଏଥିରେ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ମୋଟ ୪ଟା, ୟୁନିୟନ ବ୍ୟାଙ୍କରେ ୨ଟା ଏବଂ ଷ୍ଟେଟ୍ ବ୍ୟାଙ୍କରେ ୨ ଟା ମୋଟ ୮ ବ୍ୟାଙ୍କ ଖାତା ସିଜ୍ ହୋଇଥିବା ଆଇଆଇସି ଶୁଭ୍ରାନ୍ତ କୁମାର ଜେନା ପ୍ରକାଶ କରିଛନ୍ତି।



ଥାନା ଅଧିକାରୀ ଶୁଭ୍ରାନ୍ତ ଜେନା ବ୍ୟାଙ୍କ କର୍ମଚାରୀଙ୍କ ସହ ଆଲୋଚନା କରୁଛନ୍ତି।

## ଗଳାକାଟି ବୃଦ୍ଧଙ୍କୁ ହତ୍ୟା

ଯାଜପୁର,୨୨।୧(ହର୍ଷବର୍ଦ୍ଧନ ବେହେରା)

ଯାଜପୁର ଜିଲା ସୁକିନ୍ଦା ଥାନା ଅନ୍ତର୍ଗତ ଲେମ୍ବୋ ପଞ୍ଚାୟତ ମାଟିଗାଡ଼ିଆ ଗାଁର ବୃଦ୍ଧ ଦଶରଥ ବେହେରା(୬୦)ଙ୍କୁ ଗଳାକାଟି ହତ୍ୟା କରାଯାଇଛି। ଗୁରୁବାର ରାସ୍ତାକଡ଼ରୁ ପୋଲିସ ତାଙ୍କ ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ଦଶରଥଙ୍କୁ ଗଳାକାଟି ବୀଭତ୍ସ ଭାବେ ହତ୍ୟା କରାଯାଇ ମୃତଦେହକୁ ରାସ୍ତାକଡ଼ରେ ପିଙ୍ଗି ଦିଆଯାଇଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ଏସ୍‌ପି ଯଶପ୍ରତାପ ଶ୍ରୀମାଳଙ୍କ ନିର୍ଦ୍ଦେଶରେ କଳିଙ୍ଗନଗର ଏଏସ୍‌ପି ସୁପ୍ରସନ୍ନ ମଲ୍ଲିକ ଓ ଥାନା ଅଧିକାରୀ ବିଲ୍ବମଙ୍ଗଳ ସେଠୀ ସଦଳବଳ ସନ୍ଧାନୀ କୁକୁର ସହାୟତାରେ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିବାକୁ ଉଦ୍ୟମ ଜାରି ରଖିଛନ୍ତି। ସେହିପରି ଯାଜପୁର ଫରେନ୍ସିକ ଟିମ ପହଞ୍ଚି ତଦନ୍ତ କରିଛି। ମୃତଦେହ ପାଖରୁ ଏକ ଗାମୁଛା ମିଳିଛି।

ଦଶରଥ ଏକ ସାଇକେଲ ମରାମତି ଦୋକାନ କରି ଚଳୁଥିଲେ। କିଛିବର୍ଷ ପୂର୍ବରୁ ତାଙ୍କ ସ୍ତ୍ରୀଙ୍କ ମୃତ୍ୟୁ ହୋଇଥିଲା। ଦୋକାନ ଓ ଘର ଚଳାଇବାରେ ୨ ପୁଅ ଅଶୋକ ଓ ଅବିନାଶ ତାଙ୍କୁ ସହାୟତା କରୁଥିଲେ। ସେ ଏକ ନୂଆ ଘର କରୁଥିଲେ। ସକାଳୁ ଉଠି ନିର୍ମାଣାଧୀନ ଘରେ ପାଣି ଦେବାପାଇଁ ଯାଉଥିଲେ। ଏହି ସମୟରେ କେହି ତାଙ୍କୁ ହତ୍ୟା କରିଥାଇପାରନ୍ତି ବୋଲି ତାଙ୍କ ୨ ପୁଅ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଗାଁରେ କିମ୍ବା ଆଖପାଖରେ ତାଙ୍କର କେହି ଶତ୍ରୁ ନ ଥିବା ୨ ପୁଅ ଓ ପଡ଼ୋଶୀ କହିଛନ୍ତି।

**Business**

# ପଶ୍ଚିମ ଓଡ଼ିଶା ହେବ ରାଜ୍ୟର ପରବର୍ତ୍ତୀ ବିକାଶ ଇଞ୍ଜିନ: ମୁଖ୍ୟମନ୍ତ୍ରୀ

- ରାଉରକେଲାରେ ଏଣ୍ଟରପ୍ରାଇଜ ଓଡ଼ିଶା ୨୦୨୬ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ
- ୨୦ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ
- ୩୦,୦୦୦ କୋଟିର ନିବେଶ, ୧୦ ହଜାର ନିଯୁକ୍ତି ସମ୍ଭାବନା

ଭୁବନେଶ୍ୱର,୨୨।୧(ଅନୁରାଧା ମହାରଣା)

ହାଇଦ୍ରାବାଦ ଓ କୋଲକାତାରେ ସଫଳ ନିବେଶକ ସମ୍ମିଳନୀ ରୋଡ୍ ଶୋ’ ପରେ ଏବେ ପଶ୍ଚିମ ଓଡ଼ିଶାରେ ବୃହତ୍ ଶିଳ୍ପ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ ଓ ଶିଳାନ୍ୟାସ ହେବାକୁ ଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨୭ ଓ ୨୮ ତାରିଖରେ ସମ୍ବଲପୁର ଜିଲାର ଲପଙ୍ଗା ଓ ରାଉରକେଲା ଗସ୍ତ କରିବେ। ଏହି ଗସ୍ତ ସମୟରେ ସେ ହିଣ୍ଡାଲ୍‌କୋରେ ଦେଶର ପ୍ରଥମ ଏଫ୍‌ଆର୍‌ବି ୟୁନିଟ୍ ଉଦ୍‌ଘାଟନ କରିବେ। ଏହା ସହ ୨୦ଟି ଶିଳ୍ପ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ ହେବ, ଯାହାର ମୋଟ ନିବେଶ ୩୦,୦୦୦ କୋଟି ଟଙ୍କାରୁ ଅଧିକ ଏବଂ ଏହା ଦ୍ୱାରା ୧୦,୦୦୦ରୁ ଉର୍ଦ୍ଧ୍ୱ ନିଯୁକ୍ତି ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ବ୍ୟତୀତ ମୁଖ୍ୟମନ୍ତ୍ରୀ ସିଆଇଆଇ ସହଯୋଗରେ ରାଉରକେଲାରେ ଏଣ୍ଟରପ୍ରାଇଜ ଓଡ଼ିଶା ୨୦୨୬ ଉଦ୍‌ଘାଟନ କରିବେ। ଏହି ଫ୍ଲାଗସିପ କାର୍ଯ୍ୟକ୍ରମ ପଶ୍ଚିମ ଓଡ଼ିଶାରେ ଶିଳ୍ପ ବିକାଶକୁ ତ୍ୱରାନ୍ୱିତ କରିବା, ନିବେଶ ସୁବିଧା ସୁଦୃଢ଼ କରିବା ଏବଂ ନିଯୁକ୍ତି ସୃଷ୍ଟିକୁ ବୃଦ୍ଧି କରିବା ଲକ୍ଷ୍ୟ ରଖିଛି। ନୂତନ ଓଡ଼ିଶା ସରକାର ଗଠନ ପରେ ପଶ୍ଚିମାଞ୍ଚଳରେ ବିପୁଳ ଗତି ଆସିଛି। ଏଠାରେ ୧,୨୮,୪୭୨ କୋଟି ଟଙ୍କାର ନିବେଶ ଅନୁମୋଦିତ ହୋଇଛି, ଯାହା ଦ୍ୱାରା ୬୯,୩୩୮ ନିଯୁକ୍ତି ସୃଷ୍ଟିର ସମ୍ଭାବନା ରହିଛି। ହାଇଦ୍ରାବାଦ ଓ କୋଲକାତାରେ ହୋଇଥିବା ନିବେଶକ ସମ୍ମିଳନୀ ରୋଡ଼ଶୋ ମାଧ୍ୟମରେ ଶିଳ୍ପପତିମାନଙ୍କର ଆଗ୍ରହ ଆହୁରି ବଢ଼ିଛି। ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଛନ୍ତି, ପଶ୍ଚିମ ଓଡ଼ିଶା ଏବେ ଓଡ଼ିଶାର ଶିଳ୍ପ ପରିବର୍ତ୍ତନର ଅଗ୍ରଭାଗରେ ରହିଛି। ଏଣ୍ଟରପ୍ରାଇଜ ଓଡ଼ିଶା ନିବେଶକମାନଙ୍କୁ ସ୍ଥାନୀୟ ସୁଯୋଗ ସହ ସଂଯୋଗ କରିବାର ଏକ ଶକ୍ତିଶାଳୀ ମଞ୍ଚ ହେବ ଏବଂ ଶିଳ୍ପ ସମ୍ଭାବନାକୁ ନିଯୁକ୍ତି ଓ ସମୃଦ୍ଧିରେ ପରିଣତ କରିବ। ଏହି ଉଦ୍ୟମ ଓଡ଼ିଶାର ସମାବେଶୀ ବିକାଶ ପ୍ରତିବଦ୍ଧତାକୁ ସମର୍ଥନ କରୁଛି ଏବଂ ୨୦୩୬ ସୁଦ୍ଧା ସମୃଦ୍ଧ ଓଡ଼ିଶା ଗଠନର ବୃହତ୍ତର ଦୃଷ୍ଟିକୋଣକୁ ମଜଭୁତ କରୁଛି।

## ବିଶାଖାପାଟଣା ରେଳଷ୍ଟେଶନରେ ହ୍ୟୁମାନଏଡ୍ ରୋବୋଟ

ଭୁବନେଶ୍ୱର,୨୨।୧(ଅନୁରାଧା ମହାରଣା)



ଯାତ୍ରୀ ସୁରକ୍ଷା, ସୁରକ୍ଷା ଏବଂ ସେବା ପ୍ରଦାନକୁ ବୃଦ୍ଧିକରିବା ପାଇଁ ଉନ୍ନତ ପ୍ରଯୁକ୍ତିବିଦ୍ୟାର ଉପଯୋଗ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ପୂର୍ବତଟ ରେଳପଥ ରେଳ ସୁରକ୍ଷା ବଳ (ଆର୍‌ପିଏଫ୍)ର ତତ୍ତ୍ୱାବଧାନରେ ବିଶାଖାପାଟଣା ରେଳଷ୍ଟେଶନରେ ଏକ ହ୍ୟୁମାନଏଡ୍ ରୋବୋଟ ‘ଏଏସସି ଅର୍ଜୁନ’ ପ୍ରଚଳନ କରିଛି। ପ୍ରଥମଥର ପାଇଁ ଭାରତୀୟ ରେଳପଥ ଏହି ପ୍ରକାର ପ୍ରଯୁକ୍ତିବିଦ୍ୟା ବ୍ୟବହାର କରିଛି। ବିଶାଖାପାଟଣା ରେଳ ଷ୍ଟେଶନରେ ବରିଷ୍ଠ ମଣ୍ଡଳ ସୁରକ୍ଷା ଆୟୁକ୍ତ ଏକେ ଦୁବେଙ୍କ ଉପସ୍ଥିତିରେ ପ୍ରମୁଖ ମୁଖ୍ୟ ସୁରକ୍ଷା ଆୟୁକ୍ତ ଆଲୋକ ବୋହରା ଏବଂ ଡିଭିଜନାଲ ରେଲୱେ ମ୍ୟାନେଜର ଲଳିତ ବୋହରା ଏହି ହ୍ୟୁମାନଏଡ ରୋବୋଟକୁ ଉନ୍ମୋଚନ କରିଥିଲେ। ରେଳ ସୁରକ୍ଷା ବଳର ଆଧୁନିକୀକରଣ ଏବଂ ଡିଜିଟାଲ ରୂପାନ୍ତରଣ ପଦକ୍ଷେପର ଅଂଶ ଭାବରେ ନିୟୋଜିତ ଏହି ହ୍ୟୁମାନଏଡ୍ ରୋବୋଟ ବିଭିନ୍ନ ରେଳ କାର୍ଯ୍ୟକୁ ଠିକ୍ ଭାବରେ କରିବା ପାଇଁ ଡିଜାଇନ କରାଯାଇଛି। ବିଶେଷକରି ସୁରକ୍ଷା, ଯାତ୍ରୀ ସହାୟତା, ଭିଡ଼ ପରିଚାଳନା, ସ୍ୱଚ୍ଛତା ତଦାରଖ ଏବଂ ସୁରକ୍ଷା ସଚେତନତା କ୍ଷେତ୍ରରେ ଏହାକୁ ବ୍ୟବହାର କରାଯାଇପାରିବ। ଏହି ରୋବୋଟଟି ସମ୍ପୂର୍ଣ୍ଣ ଭାବରେ ବିଶାଖାପାଟଣାରେ ଡିଜାଇନ ଏବଂ ବିକଶିତ ହୋଇଛି, ଯେଉଁଥିରେ ସ୍ୱଦେଶୀ ଜ୍ଞାନକୌଶଳ ମାଧ୍ୟମରେ ଅତ୍ୟାଧୁନିକ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରାଯାଇଛି। ପ୍ରମୁଖ ମୁଖ୍ୟ ସୁରକ୍ଷା ଆୟୁକ୍ତ ଆଲୋକ ବୋହରା ଏବଂ ବରିଷ୍ଠ ମଣ୍ଡଳ ସୁରକ୍ଷା ଆୟୁକ୍ତ ଏକେ ଦୁବେଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଦଳ ଏହି ଉନ୍ନତ ପ୍ରଯୁକ୍ତିବିଦ୍ୟାକୁ ସଫଳତାର ସହିତ ବିକଶିତ କରିବା ପାଇଁ ୧ ବର୍ଷରୁ ଅଧିକ ସମୟ ଧରି କଠିନ ପରିଶ୍ରମ କରିଛି। ରୋବୋଟ ମୁହଁ ପରିଚୟ ପ୍ରଣାଳୀ (ଏଫ୍‌ଆର୍‌ଏସ୍) ବ୍ୟବହାର କରି ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିପାରିବ ଏବଂ ଆଇଓଟି-ସକ୍ଷମ ଆଲର୍ଟ ମାଧ୍ୟମରେ ତୁରନ୍ତ ଆର୍‌ପିଏଫ୍ କର୍ମଚାରୀଙ୍କୁ ସତର୍କ କରିପାରିବ। ଏଆଇ-ଆଧାରିତ ଯାତ୍ରୀ ଭିଡ଼କୁ ବିଶ୍ଳେଷଣକରି ଏହାକୁ ରୋକିବାରେ ସାହାଯ୍ୟ କରେ ଏବଂ ପିକ୍ ଆୱାରରେ ସକ୍ରିୟ ଭିଡ଼ ନିୟନ୍ତ୍ରଣ ପଦକ୍ଷେପକୁ ସକ୍ଷମକରେ। ରୋବୋଟ ନିୟନ୍ତ୍ରଣ କକ୍ଷକୁ ବାର୍ତ୍ତା ପଠାଇବ ଏବଂ ଶୀଘ୍ର ପ୍ରତିକ୍ରିୟା ପାଇଁ ସୁରକ୍ଷା କର୍ମୀଙ୍କୁ ସତର୍କ କରିବ। ସ୍ୱୟଂଚାଳିତ ସୁରକ୍ଷା ଏବଂ ସୂଚନା ଘୋଷଣା ଇଂରାଜୀ, ହିନ୍ଦୀ ଏବଂ ତେଲୁଗୁ ଭାଷାରେ ପ୍ରଦାନ କରାଯିବ, ଯାହା ଯାତ୍ରୀ ସଚେତନତା ଏବଂ ଅନୁପାଳନକୁ ଉନ୍ନତ କରିବ। ଏହା ପିକ୍ ଆୱାରରେ ପ୍ରଭାବଶାଳୀ ଭାବରେ ମାର୍ଗଦର୍ଶନ କରିବାକୁ ଜନସାଧାରଣଙ୍କୁ ସକ୍ଷମ କରିବ। ଏଏସ୍‌ସି ଅର୍ଜୁନ ବନ୍ଧୁତ୍ୱପୂର୍ଣ୍ଣ ଅଙ୍ଗଭଙ୍ଗୀ ଏବଂ ସୂଚନା ସହାୟତା ମାଧ୍ୟମରେ ଯାତ୍ରୀମାନଙ୍କ ସହ ଭାବିନିମୟ କରିଥାଏ, ଯାହା ଜନସାଧାରଣଙ୍କ ବିଶ୍ୱାସ ଏବଂ ଆର୍‌ପିଏଫ କର୍ତ୍ତୃପକ୍ଷଙ୍କ ଧାରଣାକୁ ବୃଦ୍ଧି କରିଥାଏ । ଏହା ତୁରନ୍ତ ଆଲର୍ଟ ସହ ନିଆଁ ଏବଂ ଧୂଆଁର ଶୀଘ୍ର ଚିହ୍ନଟ ଦ୍ରୁତ ଜରୁରିକାଳୀନ ପ୍ରତିକ୍ରିୟା ଏବଂ ଯାତ୍ରୀ ସୁରକ୍ଷାକୁ ଉନ୍ନତ କରିବ ।

## ଟିପିସିଓଡିଏଲ୍‌କୁ ଏଡିକନ ୨୦୨୬ରେ ଗୋଲ୍ଡ ଆୱାର୍ଡ

ଭୁବନେଶ୍ୱର,୨୨।୧(ଅନୁରାଧା ମହାରଣା)




ନୂଆଦିଲ୍ଲୀରେ ଅନୁଷ୍ଠିତ ଏଡିକନ ୨୦୨୬ ଅବସରରେ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ (ଟିପିସିଓଡିଏଲ୍)କୁ ଗ୍ରାମାଞ୍ଚଳରେ ଉନ୍ନତ ରାଜସ୍ୱ ଆଦାୟ ପାଇଁ ଏଆଇଡିଏ ଗୋଲ୍ଡ ଆୱାର୍ଡ’ ପ୍ରଦାନ କରାଯାଇଛି। ଅଲ ଇଣ୍ଡିଆ ଡିସକମ ଆସୋସିଏଶନ (ଏଆଇଡିଏ)ର ବାର୍ଷିକ ସମ୍ମିଳନୀରେ କେନ୍ଦ୍ର ଶକ୍ତି ଏବଂ ଗୃହ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହର ଲାଲ ଖଟ୍ଟରଙ୍କ ଦ୍ୱାରା ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି ସଫଳତା ସମ୍ପର୍କରେ ମତ ରଖି ଟିପିସିଓଡିଏଲ୍‌ର ସିଇଓ ଅରବିନ୍ଦ ସିଂ କହିଛନ୍ତି ଯେ, ଏଆଇଡିଏର ଏହି ପୁରସ୍କାର ସେଣ୍ଟ୍ରାଲ ଓଡ଼ିଶାର ଗ୍ରାମାଞ୍ଚଳରେ କାର୍ଯ୍ୟ କରୁଥିବା ଆମର ଟିମ୍‌ଗୁଡ଼ିକର ନିଷ୍ଠାକୁ ପ୍ରତିଫଳିତ କରୁଛି। କାର୍ଯ୍ୟକ୍ଷେତ୍ରରେ ଶୃଙ୍ଖଳା, ପ୍ରଯୁକ୍ତିବିଦ୍ୟାର ବ୍ୟବହାର ଏବଂ ସକ୍ରିୟ ଗ୍ରାହକ ସମ୍ପର୍କ ମାଧ୍ୟମରେ ଆମେ ବିଦ୍ୟୁତ୍ ବିତରଣ ବ୍ୟବସ୍ଥାକୁ ସୁଦୃଢ଼ କରୁଛୁ ଏବଂ ସମାଜ ପାଇଁ ଭରସାଯୋଗ୍ୟ ତଥା ନିରନ୍ତର ବିଦ୍ୟୁତ ସେବା ନିଶ୍ଚିତ କରୁଛୁ। ଏହି ଏଆଇଡିଏ ପୁରସ୍କାର ପାଇଁ ସମଗ୍ର ଭାରତରୁ ୨୯ଟି ବିଦ୍ୟୁତ ବିତରଣ କମ୍ପାନୀ ଅଂଶଗ୍ରହଣ କରିଥିଲେ, ଯେଉଁଥିରେ ବିଶେଷଜ୍ଞଙ୍କୁ ନେଇ ଗଠିତ ଏକ ସ୍ୱାଧୀନ ଜୁରୀ ମୋଟ ୭୮ଟି ନାମାଙ୍କନର ଯାଞ୍ଚ କରିଥିଲେ। ଏଥିରେ ଉଭୟ ସରକାରୀ ଏବଂ ବେସରକାରୀ କ୍ଷେତ୍ରର ବିଦ୍ୟୁତ ସଂସ୍ଥାଗୁଡ଼ିକୁ ବିଭିନ୍ନ ବର୍ଗରେ ସମ୍ମାନିତ କରାଯାଇଥିଲା।

## ଏଆଇପିଏଚ୍ ୟୁନିଭର୍ସିଟି, ଆପୋଲୋ ମଧ୍ୟରେ ଚୁକ୍ତି

ଭୁବନେଶ୍ୱର,୨୨।୧(ଅନୁରାଧା ମହାରଣା)

ଭୁବନେଶ୍ୱରର ଏଆଇପିଏଚ୍ ୟୁନିଭର୍ସିଟି, ଭୁବନେଶ୍ୱର ଆଲାଏଡ୍ ହେଲ୍‌ଥ ସାଇନ୍ସେସ୍‌ରେ ବ୍ୟାଚଲର୍ସ ପାଠ୍ୟକ୍ରମ ଆରମ୍ଭ କରିବାକୁ ଆପୋଲୋ ହେଲ୍‌ଥକେୟାର ଏକାଡେମୀ ସହ ଏକ ବୁଝାମଣାପତ୍ରରେ ସ୍ୱାକ୍ଷର କରିଛି। ଏହି ପାଠ୍ୟକ୍ରମ ଆନାସ୍ଥେସିଆ ଏବଂ ଅପରେଶନ ଥିଏଟର ପ୍ରଯୁକ୍ତି, ମେଡିକାଲ ଲାବରେଟୋରି ପ୍ରଯୁକ୍ତି, କ୍ରିଟିକାଲ କେୟାର ପ୍ରଯୁକ୍ତି ଏବଂ ଅନ୍ୟ ଆନୁଷଙ୍ଗିକ ସ୍ୱାସ୍ଥ୍ୟ ଶୃଙ୍ଖଳାର ଗୁରୁତ୍ୱପୂର୍ଣ୍ଣରୁ ନେଇ ଆଧୁନିକ ସ୍ୱାସ୍ଥ୍ୟ ଯତ୍ନ ବ୍ୟବସ୍ଥାଗୁଡ଼ିକ ସମେତ ଅଧିକ ଚାହିଦା ରହିଥିବା ସ୍ପେଶିଆଲାଇଜେଶନ ଉପରେ ଦୃଷ୍ଟିନିବଦ୍ଧ କରିବ। ଏହି ଏଆଇପିଏଚ୍ ୟୁନିଭର୍ସିଟିର କୁଳପତି ଡା.ଉଷା ଅଗ୍ରୱାଲ କହିଥିଲେ, ‘ଏହି ସହଯୋଗିତା ଉଚ୍ଚ କୁଶଳୀ ସ୍ୱାସ୍ଥ୍ୟସେବା ଯୋଗାଣକାରୀ ବୃତ୍ତିଧାରୀଙ୍କୁ ପ୍ରସ୍ତୁତ କରିବାକୁ ଆମର ସହଭାଗୀ ଦୃଷ୍ଟିକୋଣକୁ ପ୍ରତିଫଳିତ କରୁଛି। ଆପୋଲୋ ହେଲ୍‌ଥ କେୟାରର ସିଇଓ ଶିବରାମକ୍ରିଷ୍ଣନ ଭେଙ୍କଟେଶ୍ୱରନ କହିଥିଲେ, ଏହି ସହଭାଗିତା ଛାତ୍ରୀଛାତ୍ରଙ୍କୁ ଭାରତ ସହିତ ସମଗ୍ର ବିଶ୍ୱର ସ୍ୱାସ୍ଥ୍ୟସେବା ଯୋଗାଣ ବ୍ୟବସ୍ଥାକୁ ଆଗେଇନେବା ନିମନ୍ତେ ଆବଶ୍ୟକ ଆତ୍ମବିଶ୍ୱାସ, ସୁଯୋଗ ଏବଂ ଦକ୍ଷତାରେ ସଶକ୍ତ କରିବ।

## ୨୭ରେ ବ୍ୟାଙ୍କ ଧର୍ମଘଟ

ଭୁବନେଶ୍ୱର,୨୨।୧(ଅନୁରାଧା ମହାରଣା)

ବ୍ୟାଙ୍କିଙ୍ଗ୍ ଶିଳ୍ପରେ ୫-ଦିନିଆ କାର୍ଯ୍ୟ ସପ୍ତାହ କାର୍ଯ୍ୟକାରୀ କରିବା ଏବଂ ଅନ୍ୟ ସବୁ ଶନିବାରଗୁଡ଼ିକୁ ଛୁଟିଦିନ ଭାବରେ ଘୋଷଣା କରିବା ପାଇଁ ୟୁନାଇଟେଡ୍ ଫୋରମ୍ ଅଫ୍ ବ୍ୟାଙ୍କ ୟୁନିଅନ(ୟୁଏଫ୍‌ବିୟୁ) ପକ୍ଷରୁ ଦାବି କରାଯାଇ ୨୭ ତାରିଖରେ ଧର୍ମଘଟର ଡାକରା ଦେଇଛି। ପ୍ରତି ମାସର ୨ୟ ଏବଂ ୪ର୍ଥ ଶନିବାର ଛୁଟି ଘୋଷିତ ହୋଇଛି, ମାତ୍ର ଅନ୍ୟ ଶନିବାରଗୁଡ଼ିକ ଅଧା ଦିନ କାର୍ଯ୍ୟ ବଦଳରେ ସମ୍ପୂର୍ଣ୍ଣ କାର୍ଯ୍ୟ ଦିବସ ଭାବରେ ପାଳନ କରାଯାଉଛି। ୨୦୨୩ରେ ଆଲୋଚନା ପରେ ଏହା ସହମତି ହୋଇଥିଲା ଯେ ସୋମବାରରୁ ଶୁକ୍ରବାର ପର୍ଯ୍ୟନ୍ତ ଦୈନିକ କାର୍ଯ୍ୟ ସମୟ ୪୦ ମିନିଟ୍ ବୃଦ୍ଧି କରାଯିବ ଏବଂ ବାକି ଶନିବାରଗୁଡ଼ିକୁ ଛୁଟିଦିନ ଘୋଷଣା କରାଯିବ। ଏହା ସରକାରଙ୍କୁ ବିଧିବଦ୍ଧ ଭାବେ ସୁପାରିସ କରାଯାଇଥିଲା ଏହା ଦୁଇ ବର୍ଷ ଧରି ସରକାରଙ୍କ ଅନୁମୋଦନ ପାଇଁ ପଡ଼ି ରହିଛି।

## କିଆ ସେଲଟୋସର ସ୍ୱତନ୍ତ୍ର ପ୍ରିଭ୍ୟୁ

ଭୁବନେଶ୍ୱର,୨୨।୧(ଅନୁରାଧା ମହାରଣା)




ଏମ୍ପ୍ରିଓ କିଆ ପ୍ରିମିୟମ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ଭୁବନେଶ୍ୱରସ୍ଥିତ ପଟିଆ କିଆ ଶୋ’ ରୁମଠାରେ ନୂତନ କିଆ ସେଲଟୋସର ଏକ ସ୍ୱତନ୍ତ୍ର ପ୍ରିଭ୍ୟୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ନୂତନ କିଆ ସେଲଟୋସର ବୋଲ୍ଡ ଡିଜାଇନ, ଅତ୍ୟାଧୁନିକ ଜ୍ଞାନକୌଶଳ, ପ୍ରିମିୟମ ଆରାମ ଏବଂ ଉନ୍ନତ ସୁରକ୍ଷା ବୈଶିଷ୍ଟ୍ୟଗୁଡ଼ିକୁ ପ୍ରଦର୍ଶିତ କରାଯାଇଥିଲା। ଅତିଥିମାନେ ଗାଡ଼ିର ଆଧୁନିକ ଶୈଳୀ, ଟ୍ରିନିଟି ପାନୋରାମିକ ଡିସପ୍ଲେ ଏବଂ ଅତ୍ୟାଧୁନିକ ଡ୍ରାଇଭର-ଆସିଷ୍ଟାନ୍ସ ଫିଚରଗୁଡ଼ିକୁ ବହୁତ ପସନ୍ଦ କରିଥିଲେ, ଯାହା ଦୈନନ୍ଦିନ ଡ୍ରାଇଭିଂ ପାଇଁ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି। ଏମ୍ପ୍ରିଓ କିଆର ସିଇଓ ସନ୍ଦୀପ ଓଝା, ଏମ୍ପ୍ରିଓ ଏମ୍‌ଜିର ସିଇଓ ପାର୍ଥସାରଥି ଗୁରୁ, ରି-ୱାୟାରରୁ ଅପୂର୍ବା ରୀତ, ସ୍କୋଡାର ଜିଏମ ରଘୁବୀର ବର୍ମା ଏବଂ ରି-ୱାୟାରର ସିଇଓ ମହମ୍ମଦ ଅଜହର ଉପସ୍ଥିତ ଥିଲେ। ଏମ୍ପ୍ରିଓ କିଆର ସିଇଓ ସନ୍ଦୀପ ଓଝା କହିଥିଲେ ଯେ, ନୂତନ କିଆ ସେଲଟୋସକୁ ଦେଖିବା ମାତ୍ରେ ହିଁ ଏହା ଆପଣଙ୍କୁ ପ୍ରଭାବିତ କରିବା ପାଇଁ ଡିଜାଇନ କରାଯାଇଛି। ଏହାର ସ୍ପୋର୍ଟି ଆଲୟ ହୁଇଲ୍ସ, ଅଟୋ-ଫୋଲ୍ଡିଂ ମିରର୍, ଫ୍ଲଶ ଡୋର ହ୍ୟାଣ୍ଡେଲ ଏବଂ ରୁଫ ରାକ ଏହି ଏସୟୁଭିର ଆକର୍ଷଣକୁ ଆହୁରି ବଢ଼ାଇଛି । ପଛ ପାର୍ଶ୍ୱରେ ଥିବା ଷ୍ଟାଇଲିସ ଏଲଇଡି ଟେଲ ଲ୍ୟାମ୍ପ, ରିୟର ୱାଇପର ଏବଂ ଏକ ବଡ଼ ବୁଟ ସ୍ପେସ (ଡିକି), ରାତ୍ରି କାଳୀନ ଡ୍ରାଇଭିଂ ଏବଂ ଦୂର ଯାତ୍ରା ପାଇଁ ସୁବିଧା, ସୁରକ୍ଷା ଓ ଆତ୍ମବିଶ୍ୱାସ ପ୍ରଦାନ କରେ।

## ସଂକ୍ଷେପରେ

### ବାଲୁଗାଁରୁ ନିଖୋଜ ନାବାଳକ ଭୋପାଳରୁ ଉଦ୍ଧାର

**ବାଲୁଗାଁ,୨୨।୧(ସଂଗ୍ରାମ ପାଇକରାୟ):** ତିନି ମାସ ପୂର୍ବେ ବାଲୁଗାଁରୁ ନିଖୋଜ ଜଣେ ନାବାଳକଙ୍କୁ ବାଲୁଗାଁ ଥାନା ପୋଲିସ ଭୋପାଳରୁ ଉଦ୍ଧାର କରିଛି । ସୂଚନା ମୁତାବକ, ବାଲୁଗାଁ ଅଞ୍ଚଳରେ ଫେରି ବ୍ୟବସାୟ କରୁଥିବା ଜଣେ ବ୍ୟକ୍ତିଙ୍କ ୧୨ ବର୍ଷର ବାଳକ ଗତ ଅକ୍ଟୋବରରେ ହଠାତ୍ କେଉଁଆଡ଼େ ନିଖୋଜ ହୋଇଯାଇଥିଲେ। ଏନେଇ ଅଭିଯୋଗ ପରେ ବାଲୁଗାଁ ପୋଲିସ ଏକ ମାମଲା (ନଂ.୩୪୮/୨୫) ରୁଜୁକରି ଅନୁସନ୍ଧାନ ଜାରି ରହିଥିଲା। ଆଇଆଇସି ଜୟ ପ୍ରକାଶ ପରିଡ଼ାଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ତଦନ୍ତ କରି ଭୋପାଳସ୍ଥିତ ସମ୍ପର୍କୀୟଙ୍କ ଘରୁ ନାବାଳକଙ୍କୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ୪ ଚୋରା ବାଇକ୍ ଜବତ, ୨ ଗିରଫ

**ନିରାକାରପୁର,୨୨।୧ (ମାନସ ଚନ୍ଦ୍ର ପଟ୍ଟନାୟକ):** ନିରାକାରପୁର ଥାନା ପୋଲିସ ଦୁଇ ବାଇକ୍ ଲୁଟେରାଙ୍କୁ ଗିରଫ କରି ଗୁରୁବାର କୋର୍ଟଚାଲାଣ କରିଛି। ଲୁଟେରାଦ୍ୱୟ ହେଲେ ଏହି ଥାନା ଅଧୀନ ବୋଡ଼ଙ୍ଗରାପାଟଣା ଗ୍ରାମର ଅଭିଜିତ ଚମ୍ପତି ଓରଫ ଓମ୍ ଏବଂ ବିଶ୍ୱଜିତ ଚମ୍ପତି ଓରଫ ସିଟୁ। ଏହି ଘଟଣାରେ ୪ଟି ଚୋରା ବାଇକ୍ ଜବତ କରାଯାଇଛି। ଏନେଇ ଥାନାରେ ଏକ ମାମଲା(ନଂ.୨୧/୨୬)ରୁଜୁ ହୋଇଛି। ସୂଚନା ମୁତାବକ, ଗତ ମାସରେ ବୋଡ଼ଙ୍ଗରା ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘରୁ ବାଇକ୍ ଚୋରି ହୋଇଥିଲା। ଏନେଇ ଅଭିଯୋଗ ପରେ ପୋଲିସ ତଦନ୍ତ ଚଳାଇଥିଲା। ପୋଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଉପରୋକ୍ତ ଲୁଟେରାଦ୍ୱୟଙ୍କୁ ଗିରଫ କରିଥିଲା। ପଚରାଉଚୁରା ବେଳେ ସେ ଚୋରିରେ ସାମିଲ ଥିବା ମାନିବା ପରେ ସ୍ଥାନୀୟ ପୋଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ଟିମ୍ ଗଠନ ହୋଇଥିଲା। ଲୁଟେରାଦ୍ୱୟଙ୍କ କହିବାନୁସାରେ ପୋଲିସ ଚଢ଼ାଉ କରି ୪ଟି ଚୋରା ବାଇକ୍ (ଓଡି୦୨ ୱାଇ ୫୭୧୬, ଓଡି୦୨ ବିଜେ ୪୮୬୪, ଓଡି୦୫ ଏବି ୧୪୯୧ ଏବଂ ଓଡି୦୨ ବି ୬୬୯୫) ଜବତ କରିଛି। ଏହି ବାଇକ୍‌ଗୁଡ଼ିକ ବିଭିନ୍ନ ସ୍ଥାନରୁ ଚୋରି ହୋଇଥିବା ବେଳେ ବିଭିନ୍ନ ଥାନାରେ ପୃଥକ୍ ଭାବେ ମାମଲା ରୁଜୁ ହୋଇଥିବା ପୋଲିସ ସୂଚନା ଦେଇଛି।

### ମାର୍ଚ୍ଚ ୨୬ରେ ଆମ ଗାଁ ମହୋତ୍ସବ

**ବେଗୁନିଆ,୨୨।୧(ସନ୍ଧ୍ୟାରାଣୀ ମିଶ୍ର):** ବେଗୁନିଆ ବ୍ଲକ କଣ୍ଟାବାଡ଼ ପଞ୍ଚାୟତ ଅନ୍ତର୍ଗତ ମଲ୍ଲୀପଦର ଗ୍ରାମର ପାରିଜାତ କ୍ଲବ ପରିସରରେ ଆମ ଗାଁ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ମାର୍ଚ୍ଚ ୨୬ରୁ ମହୋତ୍ସବ ଆରମ୍ଭ ହୋଇ ୨୯ତାରିଖରେ ଉଦ୍‌ଯାପିତ ହେବ ବୋଲି ବୈଠକରେ ସ୍ଥିର ହୋଇଛି। ଅମିୟ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠାନର ସମ୍ପାଦକ ଡ.ଶିଶିର କୁମାର ଆଚାର୍ଯ୍ୟ, ସହ ସମ୍ପାଦକ ସ୍ୱାଧୀନ ପଣ୍ଡା, ସଭ୍ୟ କୁଞ୍ଜ ବିହାରୀ ମହାପାତ୍ର, ରବୀନ୍ଦ୍ର ବାରିକ, ଦିବାକର ପଣ୍ଡା, ମାଗୁଣି ସାମନ୍ତରାୟ, ହରେକୃଷ୍ଣ ଦାଶ, ଭଗବାନ ଦାସ, ଶରତ ମହାପାତ୍ର, ପ୍ରମୋଦ ବାରିକ, ଧ୍ରୁବ ଚରଣ ସେଠୀ, ଚିତ୍ତ ରଞ୍ଜନ ହୋତା, ତୋଫାନ ତ୍ରିପାଠୀ ପ୍ରମୁଖ ଯୋଗଦେଇ ମହୋତ୍ସବ ଶୃଙ୍ଖଳିତ ଭାବେ କରିବା ପାଇଁ ମତବ୍ୟକ୍ତ କରିଥିଲେ।

# ପ୍ରସ୍ତାବିତ ଧାର୍ମିକସଭା ଇଜେତମା ବନ୍ଦ ନିର୍ଦ୍ଦେଶ

**ଖୋର୍ଦ୍ଧା,୨୨।୧(ପ୍ରଭାତ ପାଣିଗ୍ରାହୀ)**

- ଡିସିପିଙ୍କ କାର୍ଯ୍ୟାଳୟ ପକ୍ଷରୁ ଆବେଦନକାରୀଙ୍କୁ ନୋଟିସ
- ଏକାଧିକ ଅନୁଷ୍ଠାନ କରିଥିଲେ ଅଭିଯୋଗ
- ସନ୍ତୋଷଜନକ ନ ଥିଲା ସ୍ପଷ୍ଟୀକରଣ, ଅନୁମତି ଅଗ୍ରାହ୍ୟ

ଜଟଣୀ ବେଣାପଞ୍ଜରୀଠାରେ ଆସନ୍ତା ୩୧ତାରିଖରୁ ଫେବୃଆରୀ ୨ତାରିଖ ପର୍ଯ୍ୟନ୍ତ ପ୍ରସ୍ତାବିତ ଇଜେତମା (ମୁସଲମାନଙ୍କ ଧାର୍ମିକ ସଭା) ଆୟୋଜକ ଆବେଦନକାରୀଙ୍କୁ ଭୁବନେଶ୍ୱର କମିଶନରେଟ ପୋଲିସ ପକ୍ଷରୁ ନୋଟିସ ଜାରି କରାଯାଇଛି। ବୁଧବାର କମିଶନରେଟ ପୋଲିସ ଏହି ଧାର୍ମିକ ସଭା ଆୟୋଜନ ପାଇଁ ମଗାଯାଇଥିବା ଅନୁମତିପତ୍ର ଅଗ୍ରାହ୍ୟ କରିବା ସହ କୌଣସି ସଭା ଆୟୋଜନ ନ କରିବାକୁ ନିର୍ଦ୍ଦେଶ ଦେଇଛି। ସାମାଜିକ ସ୍ଥିତି, ଆଇନଶୃଙ୍ଖଳା, ସାମ୍ପ୍ରଦାୟିକତା ଦୃଷ୍ଟିରୁ ଆବେଦନକାରୀଙ୍କ ଆବେଦନକୁ ଅଗ୍ରାହ୍ୟ କରାଯାଇଥିବା ଡିସିପିଙ୍କ କାର୍ଯ୍ୟାଳୟ ପକ୍ଷରୁ ଜାରି ନୋଟିସରେ ଉଲ୍ଲେଖ ରହିଛି।

ନୋଟିସରେ ଦର୍ଶାଯାଇଛି, ଉକ୍ତ ସ୍ଥାନରେ ଏହି ସଭା ଆୟୋଜନ ଉପରେ ସମାଜର ବିଭିନ୍ନ ବର୍ଗର ଲୋକଙ୍କ ପକ୍ଷରୁ ବିରୋଧ କରାଯାଇଛି। ପ୍ରସ୍ତାବିତ ସମାବେଶ ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟି କରିପାରେ। ଯାହା ସମ୍ଭାବ୍ୟ ଭାବେ ହିଂସାରେ ପରିଣତ ହୋଇପାରେ ବୋଲି ଆଶଙ୍କା କରିଛନ୍ତି। ବେଣାପଞ୍ଜରୀ ଗ୍ରାମ ଏକ ସମ୍ବେଦନଶୀଳ ଅଞ୍ଚଳ। ଏହି ଗ୍ରାମରେ ପୂର୍ବରୁ ସାମ୍ପ୍ରଦାୟିକ ହିଂସା ଘଟିଥିବା ନଜିର ରହିଛି। ଭାରତୀୟ ସମ୍ବିଧାନ ଧାରା-୨୫ ଅନୁଯାୟୀ ଧାର୍ମିକ ସଭା ଆୟୋଜନ, ପ୍ରଚାର ସମସ୍ତ ନାଗରିକଙ୍କ ମୌଳିକ ଅଧିକାର। ଗୋଇନ୍ଦା ସୂଚନା ଏବଂ ପୂର୍ବାପର ଘଟଣା, ସାମାଜିକ ଅନୁଷ୍ଠାନର ଅଭିଯୋଗକୁ ଆଧାରକରି ବେଣାପଞ୍ଜରୀ ଗ୍ରାମରେ ସମାବେଶ କରିବା ପାଇଁ କରିଥିବା ଆବେଦନକୁ କାହିଁକି ପ୍ରତ୍ୟାଖ୍ୟାନ କରାଯିବ ନାହିଁ କରାଯାଇଥିବା ନୋଟିସର ପ୍ରତ୍ୟୁତ୍ତରରେ ଦାଖଲ କରାଯାଇଥିବା ସ୍ପଷ୍ଟୀକରଣ ସନ୍ତୋଷଜନକ ନୁହେଁ। ସାମ୍ପ୍ରଦାୟିକ ଉତ୍ତେଜନା, ହିଂସା ଏବଂ ସାର୍ବଜନୀନ ଶୃଙ୍ଖଳା ବିପର୍ଯ୍ୟସ୍ତ ହେବାର ଯୁକ୍ତିଯୁକ୍ତ ଆଶଙ୍କାକୁ ମଧ୍ୟ ନିଷ୍କ୍ରିୟ କରୁନାହିଁ। ତେଣୁ ପ୍ରସ୍ତାବିତ ଇଜେତମା ଆୟୋଜନ କରିବାକୁ ଡିସିପି କାର୍ଯ୍ୟାଳୟ ପକ୍ଷରୁ କୌଣସି ଅନୁମତି ଦିଆଯାଇନାହିଁ। ଏହି ସମୟରେ କୌଣସି ସମାବେଶ ନ କରିବାକୁ ନିର୍ଦ୍ଦେଶ ରହିଛି।

ପ୍ରକାଶ ଯେ, ବେଣାପଞ୍ଜରୀଠାରେ ଏହି ଧାର୍ମିକ ସଭା ଆୟୋଜନ ଉପରେ ତରବୋଇ ଗ୍ରାମବାସୀ, ରେଙ୍ଗଳ ଗାଁ କମିଟି, ନବଜ୍ୟୋତି ସେବା ସଙ୍ଗଠନ, ହିନ୍ଦୁରାଜ ସେବା ସଙ୍ଗଠନ, ବଜରଙ୍ଗ ଦଳ, ହିନ୍ଦୁ ଜାଗରଣ ମଞ୍ଚ ପ୍ରମୁଖ ଅଭିଯୋଗ ଉଠାଇ ଗତ ୧୨ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ଦେଇଥିଲେ। ତବଲିଗ୍ ଜମାତ ପକ୍ଷରୁ ଏଠାରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜନ କରାଗଲେ ସ୍ଥାନୀୟ ଅଞ୍ଚଳରେ ହିଂସା, ଉତ୍ତେଜନା ଓ ଶାନ୍ତିଭଙ୍ଗ ହେବା ସମ୍ଭାବନା ରହିଥିବା ଦାବିପତ୍ରରେ ଉଲ୍ଲେଖ କରିଥିଲେ। ଆଇନଶୃଙ୍ଖଳା ଦୃଷ୍ଟିରୁ ତିରିମଲ୍ଲ-ବେଣାପଞ୍ଜରୀ ଅଞ୍ଚଳକୁ ପୂର୍ବରୁ ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇଛି। ଏପରିକି ସେହି ସ୍ଥାନରେ ପୂର୍ବରୁ ଏକ ଗୀତାଭବନ ନିର୍ମାଣକୁ ନେଇ ଜଣେ ହିନ୍ଦୁ ଯୁବକଙ୍କ ହତ୍ୟା ଘଟିଥିଲା। ସେବେଠାରୁ ଉକ୍ତ ଅଞ୍ଚଳରେ ସାମ୍ପ୍ରଦାୟିକ ଉତ୍ତେଜନା ରହିଛି। ଏହି ପୂର୍ବ ପ୍ରସଙ୍ଗକୁ ଦୃଷ୍ଟିରେ ରଖି ଏବଂ ଜନସାଧାରଣଙ୍କ ସୁରକ୍ଷା ଦୃଷ୍ଟିରୁ ଏଠାରେ ଏହି କାର୍ଯ୍ୟକ୍ରମ ଅନୁମତି ନ ଦେବା ଲାଗି ଦାବିପତ୍ରରେ ଉଲ୍ଲେଖ କରିଥିଲେ। ପଶ୍ଚିମବଙ୍ଗରେ ଏସ୍ଆଇଆର୍ ଲାଗୁହେବା ପରଠାରୁ ସେଠାରେ ବେଆଇନ ଭାବେ ରହୁଥିବା ବାଂଲାଦେଶୀ ପଡୋଶୀ ରାଜ୍ୟକୁ ପଳାୟନ କରୁଛନ୍ତି ବୋଲି କେନ୍ଦ୍ର ସରକାର ଓଡ଼ିଶା ସରକାରଙ୍କୁ ସତର୍କ କରିଛନ୍ତି। ତେଣୁ ଓଡ଼ିଶାରେ ଏଭଳି କାର୍ଯ୍ୟକ୍ରମ ଷଡ଼ଯନ୍ତ୍ର ହୋଇପାରେ ବୋଲି ଉପରୋକ୍ତ ସଙ୍ଗଠନ ଗୁଡ଼ିକ ଉକ୍ତ କାର୍ଯ୍ୟକ୍ରମ ବନ୍ଦ ପାଇଁ ଦାବି କରିଥିଲେ।



ଖୋର୍ଦ୍ଧା ବିଡିଏ ପଡ଼ିଆରେ ଅନୁଷ୍ଠିତ ଜିଲାସ୍ତରୀୟ ପଲ୍ଲିଶ୍ରୀ ମେଳାର ୬ଷ୍ଠ ସନ୍ଧ୍ୟାରେ ଗୁରୁବାର ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମ।

## ସଙ୍ଗୀତରେ ଝୁମାଇଲେ ଅନ୍ତରା

**ଜିଲାସ୍ତରୀୟ ପଲ୍ଲିଶ୍ରୀ ମେଳାର ଷଷ୍ଠ ସନ୍ଧ୍ୟା**

**ଖୋର୍ଦ୍ଧା,୨୨।୧(ପ୍ରଭାତ ପାଣିଗ୍ରାହୀ)**

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ, ଓର୍‌ମାସ ଏବଂ ଜିଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ବିଡିଏ ପଡ଼ିଆରେ ଚାଲିଥିବା ଜିଲାସ୍ତରୀୟ ପଲ୍ଲିଶ୍ରୀ ମେଳା ଓ ସୁଭଦ୍ରା ଶକ୍ତିମେଳାର ଗୁରୁବାର ଥିଲା ଷଷ୍ଠ ସନ୍ଧ୍ୟା। କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ମୁଖ୍ୟ ଆକର୍ଷଣ ଥିଲେ। ସେ ଗୋଟିଏ ପରେ ଗୋଟିଏ ଓଡ଼ିଆ ଏବଂ ହିନ୍ଦୀ ସଙ୍ଗୀତ ପରିବେଷଣ କରିଥିଲେ। ତାଙ୍କ ସଙ୍ଗୀତରେ ଉପସ୍ଥିତ ଦର୍ଶକ ଝୁମିଥିଲେ। ସେହିପରି ସ୍ଥାନୀୟ କଳା ଅନୁଷ୍ଠାନ ନୃତ୍ୟାୟନ, ପାଇକ ଆଖଡା, ଭୁବନେଶ୍ୱରର ନୃତ୍ୟ ପ୍ରଣାମ ଅନୁଷ୍ଠାନ କଳାକାରମାନେ



କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ ସଙ୍ଗୀତ ପରିବେଷଣ କରୁଛନ୍ତି।

ଚିତ୍ତାକର୍ଷକ ନୃତ୍ୟ ପରିବେଷଣ କରିଥିଲେ। ମୁଭସ ଲାଇକ କଲଚରାଲ ଏକାଡେମୀ ଏବଂ କଳାହାଣ୍ଡି ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ଆୟୋଜିତ ଲୋକନୃତ୍ୟ ଦର୍ଶକଙ୍କ ମନମୋହିଥିଲା। ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ସମ୍ମାନିତ ଅତିଥିଭାବେ ମୁଖ୍ୟ କାର୍ଯ୍ୟ ନିର୍ବାହୀ ଓର୍‌ମାସର ନୀଳକଣ୍ଠ ରଥ, ଉପନିର୍ଦ୍ଦେଶକ ଅଶୋକ କୁମାର ବେହେରା, ଜିଲା ମୁଖ୍ୟ କୃଷି ଅଧିକାରୀ ରବିନାରାୟଣ ସେନାପତି ଯୋଗଦେଇ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକୁ ସମ୍ମାନିତ କରିଥିଲେ। ଜିଲା ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ ପରିଚାଳନା କରିଥିଲେ।

ସେହିପରି ବୁଧବାର ପଞ୍ଚମ ସନ୍ଧ୍ୟାରେ କଣ୍ଠଶିଳ୍ପୀ ଇରା ମହାନ୍ତି ଶ୍ରୀଜଗନ୍ନାଥଙ୍କ ଭକ୍ତି ସଙ୍ଗୀତରୁ ଆରମ୍ଭ କରିଥିଲେ ସଙ୍ଗୀତ ସମାରୋହ। ଗୋଟିଏ ପରେ ଗୋଟିଏ ଓଡ଼ିଆ ଓ ହିନ୍ଦୀ ଚଳଚ୍ଚିତ୍ରର ମନଛୁଆଁ ଗୀତ ଗାଇଥିଲେ। ପରେ ଅନ୍ୟ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଓଡ଼ିଶାର ଲୋକପ୍ରିୟ ଲୋକକଳା ପଶୁମୁଖା ନୃତ୍ୟରେ କଳାକାରମାନେ ପ୍ରକୃତିର ସୁରକ୍ଷା, ବନ୍ୟଜନ୍ତୁଙ୍କ ପ୍ରତି ସହନଶୀଳତା ବାର୍ତ୍ତା ଦେଇଥିଲେ।

## ଚକ୍ଷୁଦାନ ସଂକ୍ରାନ୍ତୀୟ ସଚେତନତା କାର୍ଯ୍ୟକ୍ରମ

**ଖୋର୍ଦ୍ଧା,୨୨।୧(ପ୍ରଭାତ ପାଣିଗ୍ରାହୀ)**

ବରିଷ୍ଠ ନାଗରିକ ମଞ୍ଚ ଖୋର୍ଦ୍ଧା ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର ଏବଂ ଚକ୍ଷୁଦାନ ସଂକ୍ରାନ୍ତୀୟ ସଚେତନତା କାର୍ଯ୍ୟକ୍ରମ କାର୍ଯ୍ୟାଳୟ ପରିସରରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଭୁବନେଶ୍ୱରର ଏକ ଘରୋଇ ମେଡିକାଲ ସହଯୋଗରେ ଏହି ଶିବିର ହୋଇଥିବା ବେଳେ ଏକାଧିକ ବରିଷ୍ଠ ନାଗରିକ ଚକ୍ଷୁ ପରୀକ୍ଷା କରିଥିଲେ। ଉକ୍ତ ମେଡିକାଲର ସୂର୍ଯ୍ୟକାନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଚିରଞ୍ଜୀବୀ ଦାସ, ଆରୟନ୍ କୁମାର ସାହୁ, ଡାଲିଆ ମାଇତି, ରାଜଶ୍ରୀ ପ୍ରଧାନ ଏବଂ ସ୍ମୃତି ଶୁଭାଙ୍ଗୀ ମହାପାତ୍ର ଚକ୍ଷୁ ପରୀକ୍ଷା କରିଥିଲେ। ଜଣେ ମୃତବ୍ୟକ୍ତିଙ୍କ ଚକ୍ଷୁଦାନ ଦ୍ୱାରା ୨ ଜଣ ଦୃଷ୍ଟିବାଧିତ ବ୍ୟକ୍ତି ଏ ଦୁନିଆକୁ ଦେଖିବାର ସୁଯୋଗ ଲାଭ କରିବେ। ଜୀବଦ୍ଦଶାରେ ପରିବାରବର୍ଗଙ୍କ ସମ୍ମତିରେ ପଞ୍ଜୀକୃତ ଚକ୍ଷୁବ୍ୟାଙ୍କକୁ ଚକ୍ଷୁଦାନ କରି 'ଡୋନର କାର୍ଡ' ପାଇପାରିବେ। ଚକ୍ଷୁଦାନ କରିଥିବା ବ୍ୟକ୍ତି ଓ ଯାହାଙ୍କ ଠାରେ ପ୍ରତିରୋପଣ କରାଯାଏ ଉଭୟଙ୍କ ନାମ ଗୋପନ ରଖାଯାଏ । ଯେକୌଣସ ବ୍ୟକ୍ତି ଚକ୍ଷୁଦାନ କରିପାରିବେ। ଏହି ଦିଗରେ ଜନସଚେତନତାର ଆବଶ୍ୟକ ରହିଛି ବୋଲି ମତପ୍ରକାଶ ପାଇଥିଲା। ଅନୁଷ୍ଠାନର ସଭାପତି ବିଧାନଚନ୍ଦ୍ର ମହାନ୍ତିଙ୍କ ପୌରୋହିତ୍ୟରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିବା ବେଳେ ସମ୍ପାଦକ ରାମଶଙ୍କର ସଂଯୋଜନା କରିଥିଲେ। ହରମୋହନ ମହାପାତ୍ର, ବିପିନ ବିହାରୀ ମିଶ୍ର, ଜୟକୃଷ୍ଣ ନାୟକ, ରବିନାରାୟଣ ପାଇକରାୟ, ଗଦାଧର ଗୋଚ୍ଛି ପ୍ରମୁଖ ଶିବିର ପ୍ରରିଚାଳନା କରିଥିଲେ। ଯୁଗ୍ମ ସମ୍ପାଦକ ସନ୍ତୋଷ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ବରୁଣେଇ ପୀଠରେ ପ୍ଲାଷ୍ଟିକ୍, ପଲିଥିନ୍‌ମୁକ୍ତ ସଚେତନତା କାର୍ଯ୍ୟକ୍ରମ

**ଖୋର୍ଦ୍ଧା,୨୨।୧(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଜିଲାର ପ୍ରମୁଖ ପର୍ଯ୍ୟଟନସ୍ଥଳ ବରୁଣେଇ ପୀଠରେ ଖୋର୍ଦ୍ଧା ବନାଞ୍ଚଳ ବିଭାଗ ପକ୍ଷରୁ ପ୍ଲାଷ୍ଟିକମୁକ୍ତ ସଚେତନତା କାର୍ଯ୍ୟକ୍ରମ, ସ୍ୱଚ୍ଛତା ଅଭିଯାନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପର୍ଯ୍ୟଟନସ୍ଥଳ ପ୍ଲାଷ୍ଟିକ, ପଲିଥିନ ମୁକ୍ତ ଲାଗି ରାଜ୍ୟ ସରକାର, ପ୍ରଦୂଷଣ ବୋର୍ଡ ପକ୍ଷରୁ ଆହ୍ୱାନ କରାଯାଇଛି। ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳ ସ୍ୱଚ୍ଛତାକୁ ସରକାର ପ୍ରାଥମିକତା ଦେଉଛନ୍ତି। ନିଜ ଅଞ୍ଚଳର ଐତିହ୍ୟ ସ୍ଥଳ, କୀର୍ତ୍ତିରାଜୀର ସୁରକ୍ଷା ସମସ୍ତଙ୍କ ନୈତିକ ଦାୟିତ୍ୱ ବୋଲି ବନ ଅଧିକାରୀ ଜୟକୃଷ୍ଣ ପଣ୍ଡା କହିଛନ୍ତି। ଜଙ୍ଗଲ ଘେରି ରହିଥିବା ପର୍ଯ୍ୟଟନସ୍ଥଳରେ ବଣଭୋଜି ଦ୍ୱାରା ପ୍ରାକୃତିକ ପରିବେଶ ପ୍ରଭାବିତ ହେଉଛି। ବଣଭୋଜି ସ୍ଥାନରେ କୁଢ଼ କୁଢ଼ ଆବର୍ଜନା ଏବେ ବନ୍ୟଜନ୍ତୁ ଏବଂ ସାଧାରଣ ଲୋକଙ୍କ ପାଇଁ ବିପଦ ସୃଷ୍ଟି କରିଛି। ବଣଭୋଜି କରିବାକୁ ଆସୁଥିବା ଲୋକେ ପଲିଥିନ ଓ ପ୍ଲାଷ୍ଟିକ ବ୍ୟବହାର କରି ପରିବେଶକୁ ପ୍ରଦୂଷିତ କରୁଛନ୍ତି। ଏହାକୁ ନଜରରେ ରଖି ଖୋର୍ଦ୍ଧା ବନାଞ୍ଚଳ ଅଧୀନ ବରୁଣେଇ ପର୍ଯ୍ୟଟନସ୍ଥଳରେ ପ୍ଲାଷ୍ଟିକ ମୁକ୍ତ ବଣଭୋଜି ସ୍ଥଳଭାବେ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଲୋକେ, ସ୍ୱେଚ୍ଛାସେବୀ, ସାମାଜିକ କର୍ମୀ ଓ କଲେଜ ଛାତ୍ର ଅଂଶଗ୍ରହଣ କରିଥିଲେ। 'ପ୍ଲାଷ୍ଟିକକୁ ନା' ସ୍ଲୋଗାନ ଦେଇଥିଲେ। ସାମାଜିକ କର୍ମୀ ଗୋପାଳ କୃଷ୍ଣ ପ୍ରଧାନ ପ୍ଲାଷ୍ଟିକ ବହୁଳ ବ୍ୟବହାର ଦ୍ୱାରା ପରିବେଶ ନଷ୍ଟ ହେଉଛି ବୋଲି କହିଥିଲେ। ଫରେଷ୍ଟର ସାଧୁ ଚରଣ ମହାପାତ୍ର ସଭା ପରିଚାଳନା କରିଥିଲେ। ଫରେଷ୍ଟର କଳ୍ପନା ବେହେରା ଏବଂ ସମସ୍ତ ବନ ବିଭାଗ କର୍ମଚାରୀ, ସ୍ୱେଚ୍ଛାସେବୀ ସହଯୋଗ କରିଥିଲେ।

## ପତନିବରକୁ ହରାଇ ବାଙ୍କୀ ଫାଇନାଲରେ

**ବାଘମାରୀ,୨୨।୧(ମିହିର ରଞ୍ଜନ ମହାପାତ୍ର)**

ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଗ୍ରାମ ଖେଳ ପଡ଼ିଆରେ ମା'ଗମେହିଁ କ୍ରିକେଟ କ୍ଲବର ପଞ୍ଚମ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟର ସେମିଫାଇନାଲ ମ୍ୟାଚ ଗୁରୁବାର ରେନ୍‌ବୋ କ୍ରିକେଟ କ୍ଲବ ପତନିବର ଏବଂ ବାଙ୍କୀ କ୍ରିକେଟ କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିତି ବାଙ୍କୀ ଟିମ୍ ପ୍ରଥମେ ବ୍ୟାଟିଂକରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ବିନିମୟରେ ୧୮୩ ରନ ସଂଗ୍ରହ କରିଥିଲା। ଜବାବରେ ରେନ୍‌ବୋ କ୍ରିକେଟ କ୍ଲବ ୧୮.୪ ଓଭରରେ ସମସ୍ତ ଉଇକେଟ ବିନିମୟରେ ୧୩୦ ରନ ସଂଗ୍ରହ କରି ପରାଜିତ ହୋଇଥଲା। ବିଜୟୀ ଟିମର ବିଶ୍ୱରଞ୍ଜନ ୬୨ ରନ ଏବଂ ୨ଟି ଉଇକେଟ ନେଇ ମ୍ୟାନ ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଜିଲା ପରିଷଦ ସଭ୍ୟ ପ୍ରକାଶ ସାହୁ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ମ୍ୟାନ ଅଫ୍ ଦି ମ୍ୟାଚ ଟ୍ରଫି ପ୍ରଦାନ କରିଥିଲେ। ନରେଶ ଜେନା ଏବଂ ଦୀପ୍ତିରଞ୍ଜନ ମହାନ୍ତି ମ୍ୟାଚ ପରିଚାଳନା କରିଥିଲେ। ବିଶ୍ୱଜିତ୍ ଓ ଦେବାଶିଷ ସ୍କୋର ଦାୟିତ୍ୱ ତୁଲାଇଥିଲେ। ରୁଦ୍ର ନାରାୟଣ ମହାପାତ୍ର ଏବଂ ପ୍ରକାଶ ମାର୍ଥା ମ୍ୟାଚର ଧାରା ବିବରଣୀ ପ୍ରଦାନ କରିଥିଲେ।



## ଫୁଟ୍‌ବଲ ଟୁର୍ନାମେଣ୍ଟ: ଗଡ଼ମାଣିତ୍ରୀ ସେମିଫାଇନାଲରେ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳିମାନେ।

**ଖୋର୍ଦ୍ଧା,୨୨।୧(ପ୍ରଭାତ ପାଣିଗ୍ରାହୀ)**

ଖୋର୍ଦ୍ଧା ଉପକଣ୍ଠ କାଠଖୁଣ୍ଟିଆ ପଡ଼ିଆରେ ଚାଲିଥିବା ୨୬ତମ କାଠଖୁଣ୍ଟିଆ ବିବେକାନନ୍ଦ ୟୁଥ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଗୁରୁବାର କାଠଖୁଣ୍ଟିଆ ଏବଂ ଗଡ଼ମାଣିତ୍ରୀ ମଧ୍ୟରେ ମ୍ୟାଚ୍ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ଉଭୟ ଟିମ୍ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଦ୍ୱିତୀୟାର୍ଦ୍ଧରେ ଗଡମାଣିତ୍ରୀ ଟିମର ମନୋଜ ନାୟକ ଏକ ଗୋଲ ଦେଇଥିଲେ। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ କାଠଖୁଣ୍ଟିଆ ଟିମ୍ କୌଣସି ଗୋଲଦେଇ ନ ପାରିବାର ଗଡମାଣିତ୍ରୀ ଟିମ୍ ବିଜୟୀ ହେବା ସହ ସେମିଫାଇନାଲରେ ପ୍ରବେଶ କରିଛି। ସଗିର ଅହମ୍ମଦ ମ୍ୟାଚ୍ ପରିଚାଳନା କରିଥିବା ବେଳେ ବିଦେଶୀ ନାୟକ ଏବଂ ପ୍ରଫୁଲ୍ଲ କୁମାର ବେହେରା ଲାଇନରେ ସହଯୋଗ କରିଥିଲେ। ଅମଜାଦ ଖାଁ ଚତୁର୍ଥ ରେଫେରି ଭାବେ ଦାୟିତ୍ୱ ତୁଲାଇଥିଲେ। ମୁଖ୍ୟ ଅତିଥିଭାବେ ପୂର୍ବତନ ସରପଞ୍ଚ ବିଜୟ କୁମାର ଦାସ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ମହମ୍ମଦ ଇଦ୍ରିସ, କ୍ରୀଡାବିତ୍ ସେକ୍ ରଶିଦ ଏବଂ ଶୁକଦେବ ନାୟକ ଯୋଗଦେଇଥିଲେ। ଶୁକ୍ରବାର ପ୍ରଥମ ସେମିଫାଇନାଲ ମ୍ୟାଚ୍ କୁମ୍ଭିଲୋ ଏବଂ ଭାଲିଆବାଡି ଟିମ୍ ମଧ୍ୟରେ ହେବ ବୋଲି ଆୟୋଜକ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୂର୍ଯ୍ୟମଣି



@ ମନିକା



@ ରାଜକୁମାର



@ ଅଭିଷେକ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ । ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଗୋସେବାର ନିଆରା ଉଦାହରଣ: ବାଛୁରୀ ଏକୋଇଶିଆ ଭୋଜି ଦେଲେ ପ୍ରଭାକର

**ଖୋର୍ଦ୍ଧା,୨୨।୧ (ପ୍ରଭାତ ପାଣିଗ୍ରାହୀ)**



ବୋଲଗଡ଼ ବ୍ଲକ ଅଧୀନ କଡ଼ବ ଗ୍ରାମରେ ଗୁରୁବାର ଏକ ନିଆରା କାର୍ଯ୍ୟକ୍ରମ ଦେଖିବାକୁ ମିଳିଛି। ଗ୍ରାମର ପ୍ରଭାକର ବାହୁବଳେନ୍ଦ୍ର ପେସାରେ ଜଣେ ରାଜମିସ୍ତ୍ରି ହୋଇଥିବା ବେଳେ ସେ ପାଳିଥିବା ଗାଈ ଏକ ବାଛୁରୀ ଜନ୍ମ ଦେବା ପରେ ଏକୋଇଶିଆ ଭୋଜି ଦେଇଛନ୍ତି। ସକାଳେ ଗୋମାତା ଓ ବାଛୁରୀରେ ବୈଦିକ ରୀତିରେ ଅକ୍ଷତ ଚାଉଳ, ଚନ୍ଦନ ଲଗାଇ ପୂଜା କରିଥିଲେ। ବାଛୁରୀର ନାମ ଲକି ଦେଇଛନ୍ତି। ପରେ ଆରମ୍ଭ ହୋଇଥିଲା ଭୋଜି। ଗ୍ରାମର ପିଲାଠାରୁ ବୃଦ୍ଧ ପର୍ଯ୍ୟନ୍ତ ଏକାଠି ବସି ଭୋଜି ଖାଉଥିବା ଦେଖିବାକୁ ମିଳିଥିଲା। ପ୍ରଭାକର କହିଛନ୍ତି, ସେ ଅଧିକ ପାଠ ପଢ଼ିନାହାନ୍ତି। ପିଲାବେଳୁ ଗୋସେବା ପ୍ରତି ଆଗ୍ରହ ରହିଥିଲା। ବୟସ ବଢ଼ିବା ସହ ଗୋମାତାର ସେବାକୁ ବ୍ରତ ଭାବେ ଗ୍ରହଣ କରିନେଇଥିଲି। ଘରେ କାଳି ଗାଈ ଥିବା ବେଳେ ବାଛୁରୀଟିଏ ଜନ୍ମ ଦେବା ପାଇଁ ଆଶା କରିଥିବା ବେଳେ ୨ବର୍ଷ ଭିତରେ ୨ଟି ଛଡ଼ା ଜନ୍ମ ଦେଇଥିଲା। ତେଣୁ ସେ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଥିଲେ ବାଛୁରୀଟିଏ ଜନ୍ମ ନେଉ। ଏବେ ଠାକୁରଙ୍କ ଆଶୀର୍ବାଦରୁ ବାଛୁରୀଟିଏ ଜନ୍ମ ନେଇଛି। ଗୋମାତା ହେଉଛନ୍ତି ଭାରତୀୟ ସଂସ୍କୃତି, ପରମ୍ପରାର ଅଭିନ୍ନ ଅଙ୍ଗ। ଗୋମାତାଙ୍କ ଦେହରେ ସମସ୍ତ ଦେବୀଦେବବାସ କରନ୍ତି। ପ୍ରତ୍ୟେକ ପରିବାର ଘରେ ଗୋଟିଏ ଗୋମାତା ପାଳନ କରିବା ଆବଶ୍ୟକ। ଏହା ପରିବାର ପାଇଁ ସୁଖସମୃଦ୍ଧି ଆଣିଥାଏ। ସେହିପରି ସାମାଜିକ କର୍ମୀ ଗୋବିନ୍ଦ ଚନ୍ଦ୍ର ପଣ୍ଡା କହିଛନ୍ତି, ଗ୍ରାମାଞ୍ଚଳରେ ଗୋବଂଶ ସଂଖ୍ୟା କମିବାରେ ଲାଗିଛି। ଲୋକେ ଆଉ ଆଗଭଳି ଗୋରୁ ରଖି ପାଳନ କରିବାକୁ ପସନ୍ଦ କରୁ ନ ଥିବା ବେଳେ ପ୍ରଭାକର ଏମାନଙ୍କ ଠାରୁ ଭିନ୍ନ। ବାଛୁରୀ ଏକୋଇଶିଆ ଭୋଜି ଆୟୋଜନ କରି ନିଆରା ପରିଚୟ ସୃଷ୍ଟି କରିଛନ୍ତି।

# ଆରମ୍ଭ ହେଲା ଭାରତୀୟ ଫିଲ୍ମ ଫେଷ୍ଟିଭାଲ ଅଫ୍ ଭୁବନେଶ୍ୱର

ଭୁବନେଶ୍ୱର,୨୨।୧(ସୌମ୍ୟରଞ୍ଜନ ରାଉତ)


ଫିଲ୍ମ ଫେଷ୍ଟିଭାଲର ଉଦ୍‌ଘାଟନ ଅବସରରେ ପ୍ରଦର୍ଶିତ ଚଳଚ୍ଚିତ୍ରକୁ ଲୋକେ ଦେଖୁଛନ୍ତି।

ଭୁବନେଶ୍ୱର ଫିଲ୍ମ ସୋସାଇଟି ପକ୍ଷରୁ ୧୫ତମ ଭାରତୀୟ ଫିଲ୍ମ ଫେଷ୍ଟିଭାଲ ଅଫ୍ ଭୁବନେଶ୍ୱର ଗୁରୁବାର ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରଠାରେ ଆରମ୍ଭ ହୋଇଛି। ଉତ୍ସବରେ ଚଳଚ୍ଚିତ୍ର ନିର୍ମାତା, ଅଭିନେତା, ଚଳଚ୍ଚିତ୍ର ଗବେଷକ, ସମାଲୋଚକ ଓ ସିନେପ୍ରେମୀଙ୍କ ସମେତ ବିର୍ଲା ଗ୍ଲୋବାଲ ୟୁନିଭର୍ସିଟି ଓ ସେଞ୍ଚୁରିଅନ ୟୁନିଭର୍ସିଟି ଛାତ୍ରୀଛାତ୍ର ଯୋଗଦେଇଥିଲେ। ଏହି ଅବସରରେ ଚଳଚ୍ଚିତ୍ର 'ମାଲ୍ୱା ଖୁଶାନ୍', 'ଏଭରି ନାଉ ଆଣ୍ଡ୍ ଦେନ୍ ଗର୍ଲ୍ସ' ଓ 'ବାଲାଡ୍ ଅଫ୍ ଦ ମାଉଣ୍ଟେନ' ପ୍ରଦର୍ଶିତ ହୋଇଥିଲା। ପ୍ରଖ୍ୟାତ ମାଲାୟାଲମ୍ ଚଳଚ୍ଚିତ୍ର ନିର୍ଦ୍ଦେଶକ ଅଦୂର୍ ଗୋପାଳକୃଷ୍ଣନ୍‌ଙ୍କ ଏକ ରେଟ୍ରୋସ୍ପେକ୍ଟିଭ ଆରମ୍ଭ ହୋଇଥିଲା, ଯେଉଁଠାରେ ପ୍ରଥମ ଚଳଚ୍ଚିତ୍ରଟି ଥିଲା 'ସ୍ୱୟମ୍ବରମ୍'। ୧୯୭୨ରେ ମୁକ୍ତିଲାଭ କରିଥିବା ଏହି ଚଳଚ୍ଚିତ୍ରଟି ଗୋପାଳକୃଷ୍ଣନଙ୍କ ନିର୍ଦ୍ଦେଶନାର ପ୍ରଥମ ପ୍ରୟାସ ଥିଲା। ତା'ପରେ ଅଭିଲାଷ ଶର୍ମାଙ୍କ 'ସ୍ୱାହା' ପ୍ରଦର୍ଶିତ ହୋଇଥିଲା, ଯାହା ମଗହି ଭାଷାର ପ୍ରଥମ ଚଳଚ୍ଚିତ୍ର। ଏହି ଚଳଚ୍ଚିତ୍ରର ମୁଖ୍ୟ ଭୂମିକାରେ ଓଡ଼ିଶାର ସତ୍ୟରଞ୍ଜନ ଓ ସୋନାଲି ଶର୍ମିଷ୍ଠା ଅଭିନୟ କରିଛନ୍ତି। ପରେ ସିଭ୍‌ରଞ୍ଜିନୀଙ୍କ 'ଭିକ୍ଟୋରିଆ' ପ୍ରଦର୍ଶିତ ହୋଇଥିଲା। ଏହାପରେ ଶୈଳେନ୍ଦ୍ର ସାହୁଙ୍କ 'ବୈଲାଡିଲା' ଓ ଶେଷରେ ପ୍ରଭାସଙ୍କ 'ଆଲାଭ' ପ୍ରଦର୍ଶିତ ହୋଇଥିଲା।

ଭୁବନେଶ୍ୱର ଫିଲ୍ମ ସୋସାଇଟି ସଚିବ ସଙ୍କଳ୍ପ ମହାନ୍ତି କହିଲେ, ଭାରତୀୟ ଫିଲ୍ମ ଫେଷ୍ଟିଭାଲ୍ ଅଫ୍ ଭୁବନେଶ୍ୱରର ୧୫ତମ ସଂସ୍କରଣ ସେହି କାହାଣୀମାନଙ୍କର ଉତ୍ସବ ଯାହା ଆମ ସମାଜର ବିଭିନ୍ନ ବାସ୍ତବତାକୁ ଦର୍ଶାଏ। ଯୁବ ଚଳଚ୍ଚିତ୍ର ନିର୍ମାତାଙ୍କ ପ୍ରତିଭାକୁ ପ୍ରୋତ୍ସାହନ ଦେବା ପାଇଁ ଆମେ ଆଗାମୀ ଦିନରେ ମଧ୍ୟ ଏକ ମଞ୍ଚ ପ୍ରଦାନ କରିବାକୁ ଆଶା କରୁଛୁ। ଚଳିତବର୍ଷ ଋତ୍ୱିକ ଘଟକଙ୍କ ଜନ୍ମଶତବାର୍ଷିକୀ ଅବସରରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ସ୍ୱରୂପ ୨ଟି ପ୍ରମୁଖ ଚଳଚ୍ଚିତ୍ର 'ମେଘେ ଢାକା ତାରା' ଓ 'ତିତାସ ଏକ୍‌ଟି ନଦୀର୍ ନାମ' ପ୍ରଦର୍ଶିତ ହେବ। ଏହା ଆସନ୍ତା ୨୮ ପର୍ଯ୍ୟନ୍ତ ଓଡ଼ିଶୀ ରିସର୍ଚ୍ଚ ସେଣ୍ଟରଠାରେ ଚାଲିବ। 'ଧରିତ୍ରୀ ଏବଂ 'ଓଡ଼ିଶା ପୋଷ୍ଟ'ଏହାର ମିଡିଆ ପାର୍ଟନର୍ ରହିଛି।

# ସତ୍ୟପାଠ ଦାଖଲକଲେ ଉଚ୍ଚଶିକ୍ଷା, ଗଣଶିକ୍ଷା ସଚିବ

**ହାଇକୋର୍ଟ ଆଦେଶ ଅବମାନନା ମାମଲାର ଅନ୍ତ**

କଟକ,୨୨।୧
(କାର୍ତ୍ତିକ ସାହୁ)

ହାଇକୋର୍ଟଙ୍କ ଆଦେଶ ଅବମାନନା ମାମଲାରେ ଉଚ୍ଚଶିକ୍ଷା ବିଭାଗ କମିଶନର ତଥା ସଚିବ ଅରବିନ୍ଦ ଅଗ୍ରୱାଲ ଓ ରାଜ୍ୟ ଗଣଶିକ୍ଷା ସଚିବ ଡ. ଏମ୍. ଥିରୁମାଲା ନାଏକ ହାଇକୋର୍ଟଙ୍କ ଆଦେଶ ପାଳନ କରିଥିବା ନେଇ ସତ୍ୟପାଠ ଦାଖଲ କରିଛନ୍ତି। ହାଇକୋର୍ଟ ବିଚାରପତି ଦୀକ୍ଷିତ କୃଷ୍ଣ ଶ୍ରୀପଦ ଏ ସଂକ୍ରାନ୍ତୀୟ ମାମଲାର ଶୁଣାଣି କରି ମାମଲାର ଅନ୍ତ ଘଟାଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ଆବେଦନକାରୀ ତପନ କୁମାର ପଟ୍ଟନାୟକଙ୍କ ଦ୍ୱାରା ରୁଜୁ ମାମଲାର ଶୁଣାଣି କରି ହାଇକୋର୍ଟ ୨୦୨୫ ଜୁଲାଇ ୩୦ରେ ଉଚ୍ଚଶିକ୍ଷା ବିଭାଗ ସଚିବଙ୍କୁ ଏକ ନିର୍ଦ୍ଦେଶ ଦେଇଥିଲେ। ଆଗାମୀ ୮ ସପ୍ତାହ ମଧ୍ୟରେ ନିଷ୍ପତ୍ତି ନେବାକୁ ଉକ୍ତ ନିର୍ଦ୍ଦେଶରେ କୁହାଯାଇଥିଲା। କିନ୍ତୁ ହାଇକୋର୍ଟଙ୍କ ଦ୍ୱାରା ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ଫଳରେ ଆବେଦନକାରୀ ଅଦାଲତ ଅବମାନନା ମାମଲା ରୁଜୁ କରିଥିଲେ। ପୂର୍ବ ଶୁଣାଣି ସମୟରେ ସରକାରୀ ଓକିଲ ଅଦାଲତଙ୍କୁ ପ୍ରତିଶ୍ରୁତି ଦେଇଥିଲେ ଯେ ପରବର୍ତ୍ତୀ ଶୁଣାଣି ସୁଦ୍ଧା ଅନୁପାଳନ ରିପୋର୍ଟ ଦାଖଲ କରାଯିବ। ମାତ୍ର ବାରମ୍ବାର ସମୟ ଦିଆଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଇ ନ ଥିଲା। ସେହିପରି ବେଣୁଧର ଦାସଙ୍କ ପକ୍ଷରୁ ଦାଏର ଅଦାଲତ ଅବମାମନା ମାମଲାରେ ରାଜ୍ୟ ଗଣଶିକ୍ଷା ସଚିବ ଡ. ଏମ. ଥିରୁମାଲା ନାଏକଙ୍କ ବିରୋଧରେ ମଧ୍ୟ ହାଇକୋର୍ଟ ଅନୁରୂପ ଆଦେଶ ଦେଇଥିଲେ। ଜାନୁଆରୀ ୨୨ ସୁଦ୍ଧା ଉଭୟଙ୍କୁ ଅଦାଲତରେ ହାଜର କରିବା ପାଇଁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷରେ ଅଦାଲତ ଏହା ମଧ୍ୟ ସ୍ପଷ୍ଟ କରିଥିଲେ ଯେ, ଯଦି ଜାନୁଆରୀ ୨୨ ତାରିଖ ପୂର୍ବରୁ ଅଦାଲତଙ୍କ ନିର୍ଦ୍ଦେଶ ଅନୁପାଳନ କରାଯାଇ ରିପୋର୍ଟ ଦିଆଯାଏ, ତେବେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ନାହିଁ।

# ଓଡ଼ିଶା, ଲଣ୍ଡନରେ ବର୍ଷବ୍ୟାପୀ ପାଳନହେବ ଓଡ଼ିଶୀଗୁରୁ କେଳୁଚରଣଙ୍କ ଜନ୍ମ ଶତବାର୍ଷିକୀ


ଖବରଦାତା ସମ୍ମିଳନୀରେ ନୃତ୍ୟଶିଳ୍ପୀ ସୁସ୍ମିତା ପତି ଉତ୍ସବ ପାଳନ ସମ୍ପର୍କରେ ସୂଚନା ଦେଉଛନ୍ତି।

ଭୁବନେଶ୍ୱର,୨୨।୧(ସୌମ୍ୟରଞ୍ଜନ ରାଉତ)

ଓଡ଼ିଶୀଗୁରୁ ପଦ୍ମବିଭୂଷଣ କେଳୁ ଚରଣ ମହାପାତ୍ରଙ୍କ ଜନ୍ମଶତବାର୍ଷିକୀ ପାଳନ କରିବ ଲଣ୍ଡନର 'କଳା ଦି ଆର୍ଟସ୍ ଚାରିଟି'। ଏଥିପାଇଁ ଓଡ଼ିଶା ଓ ଲଣ୍ଡନରେ ବର୍ଷବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ ବୋଲି ଗୁରୁବାର ପ୍ରେସ୍ କ୍ଲବ୍ ଅଫ୍ ଓଡ଼ିଶାଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ପ୍ରତିଷ୍ଠାତା ନୃତ୍ୟଶିଳ୍ପୀ ସୁସ୍ମିତା ପତି ସୂଚନା ଦେଇଛନ୍ତି। ରାଜ୍ୟ ସଂଗ୍ରହାଳୟ ସହଯୋଗରେ ଏହି ଉତ୍ସବ ପାଳନ ହେବ ବୋଲି ସେ କହିଛନ୍ତି। ୧୯୯୬ ମସିହାରୁ ଲଣ୍ଡନରେ ଓଡ଼ିଶୀ ନୃତ୍ୟର ପ୍ରଚାର ପ୍ରସାର କରି ଆସୁଛନ୍ତି ସୁସ୍ମିତା। ଇଂଲଣ୍ଡରେ ରହୁଥିବା ସୁସ୍ମିତାଙ୍କ ଓଡ଼ିଶୀ ଶିଷ୍ୟାଶିଷ୍ୟମାନେ ଓଡ଼ିଶା ଆସି ନୃତ୍ୟ ପରିବେଷଣ କରିବେ। ଦେଶବିଦେଶରେ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାରର ଲକ୍ଷ୍ୟ ନେଇ ସେ ଏହି ଉଦ୍ୟମ ଆରମ୍ଭ କରିଛନ୍ତି। ସୁସ୍ମିତା କହିଛନ୍ତି, ଶ୍ରୀଜଗନ୍ନାଥ ସଂସ୍କୃତି ସହିତ ଗୀତଗୋବିନ୍ଦ ଏବଂ ଓଡ଼ିଶୀ ନୃତ୍ୟର ଘନିଷ୍ଠ ସମ୍ପର୍କ ରହିଛି। ଦ୍ୱାଦଶ ଶତାବ୍ଦୀରୁ ଶ୍ରୀମନ୍ଦିରରେ ଗୀତଗୋବିନ୍ଦ ଆଧାରରେ ଓଡ଼ିଶୀ ନୃତ୍ୟର ପରମ୍ପରା ଚଳି ଆସିଛି। ଦେଶର ୭ଟି ଶାସ୍ତ୍ରୀୟ ନୃତ୍ୟ ମଧ୍ୟରୁ ଓଡ଼ିଶୀ ଅନ୍ୟତମ ହୋଇଥିବା ବେଳେ ବିଦେଶରେ ଏହାର ଲୋକପ୍ରିୟତା ବଢୁଛି।

# ପତଞ୍ଜଳି ଇମର୍ଜେନ୍ସି ଆଣ୍ଡ କ୍ରିଟିକାଲ କେୟାର ହସ୍ପିଟାଲ ଉଦ୍‌ଘାଟନକଲେ ଅମିତ ଶାହା


ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ପତଞ୍ଜଳି ହସ୍ପିଟାଲକୁ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୨୨।୧
(ଅନୁରାଧା ମହାରଣା)

ଉତ୍ତରାଖଣ୍ଡର ହରିଦ୍ୱାରସ୍ଥିତ ପତଞ୍ଜଳି ଯୋଗପୀଠରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ପତଞ୍ଜଳି ଇମର୍ଜେନ୍ସି ଆଣ୍ଡ୍ କ୍ରିଟିକାଲ କେୟାର ହସ୍ପିଟାଲ ଉଦଘାଟନ କରିଛନ୍ତି। ଏହାକୁ ବିଶ୍ୱର ପ୍ରଥମ ହାଇବ୍ରିଡ ହସ୍ପିଟାଲ କୁହାଯାଉଥିବାବେଳେ ଏଠାରେ ଆଧୁନିକ ଔଷଧ ବିଜ୍ଞାନ ସହ ଯୋଗ, ଆୟୁର୍ବେଦ, ପ୍ରାକୃତିକ ଚିକିତ୍ସା ଓ ପଞ୍ଚକର୍ମ ଭଳି ପାରମ୍ପରିକ ଚିକିତ୍ସାର ସମନ୍ୱୟ ରହିଛି। ଉଦଘାଟନୀ ଉତ୍ସବରେ ଯୋଗଗୁରୁ ରାମଦେବ, ଆଚାର୍ଯ୍ୟ ବାଳକୃଷ୍ଣ, ଉତ୍ତରାଖଣ୍ଡ ମୁଖ୍ୟମନ୍ତ୍ରୀ ପୁଷ୍କର ସିଂ ଧାମି ପ୍ରମୁଖ ଉପସ୍ଥିତ ଥିଲେ। ହସ୍ପିଟାଲ ପରିଦର୍ଶନ କରି ଅମିତ ଶାହା ଏହି ଇଣ୍ଟିଗ୍ରେଟେଡ ମେଡିସିନ ପଦ୍ଧତିକୁ ପ୍ରଶଂସା କରି ବ୍ୟାପକ ସ୍ୱାସ୍ଥ୍ୟସେବାର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି କହିଛନ୍ତି। ହସ୍ପିଟାଲରେ ୯୦ରୁ ୯୯ ପ୍ରତିଶତ ରୋଗୀଙ୍କୁ ନନ-ଇନ୍‌ଭେସିଭ ପାରମ୍ପରିକ ଚିକିତ୍ସା ଦିଆଯିବ ଏବଂ ଜରୁରୀ କ୍ଷେତ୍ରରେ ହିଁ ଆଧୁନିକ ଚିକିତ୍ସା ବ୍ୟବହାର କରାଯିବ। ଏଥିରେ ହୃଦରୋଗ, ମସ୍ତିଷ୍କ, ମେରୁଦଣ୍ଡ ସର୍ଜରୀ, ଆଇସିୟୁ, ଏମ୍‌ଆରଆଇ, ଡାୟାଲିସିସ୍ ଭଳି ସୁବିଧା ରହିଛି। ୨୫୦ ଶଯ୍ୟା ବିଶିଷ୍ଟ ଏହି ହସ୍ପିଟାଲ ଅର୍ଥନୈତିକ ଭାବେ ଦୁର୍ବଳ ରୋଗୀଙ୍କ ପାଇଁ ସୁବିଧା ଯୋଗାଇ ଦେବ ଓ ସମଗ୍ର ଦେଶରେ ଏହି ମଡେଲବ୍ୟାପ୍ତ କରିବାକୁ ଲକ୍ଷ୍ୟ ରଖିଛି। ଯୋଗଗୁରୁ ରାମଦେବ କହିଛନ୍ତି, ଏଠାରେ ରୋଗର ମୂଳ କାରଣ ଚିହ୍ନଟ ପରେ ଚିକିତ୍ସା କରାଯାଉଥିବାବେଳେ ଏହା ଭବିଷ୍ୟତରେ ହସ୍ପିଟାଲଗୁଡ଼ିକ ପାଇଁ ଏକ ଆଦର୍ଶ ହେବ ବୋଲି ପତଞ୍ଜଳି ପକ୍ଷରୁ କୁହାଯାଇଛି।

# ମତ୍ସ୍ୟ ଚାଷ, ପ୍ରାଣୀପାଳନ କ୍ଷେତ୍ରର ବିକାଶରେ ବିକଶିତ ଓଡ଼ିଶା ଗଠନର ସ୍ୱପ୍ନ ସାକାର ହେବ: ବିଭୂତି ଭୂଷଣ

ଭୁବନେଶ୍ୱର,୨୨।୧(ଅନୁରାଧା ମହାରଣା)

**ଆଜି ଶେଷ ହେବ ମତ୍ସ୍ୟ-ପ୍ରାଣୀ ସମାବେଶ**

ଭୁବନେଶ୍ୱର ଜନତା ମଇଦାନରେ ଚାଲିଥିବା ମତ୍ସ୍ୟ-ପ୍ରାଣୀ ସମାବେଶରେ ସମଗ୍ର ରାଜ୍ୟରୁ ଲୋକଙ୍କ ସୁଅ ଛୁଟିବାରେ ଲାଗିଛି। ଗୁରୁବାର ଦ୍ୱିତୀୟ ଦିବସରେ ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ଏହି ସମାବେଶ ସଚେତନତା ଓ ଜ୍ଞାନ ବିନିମୟର ଏକ ମହାକୁମ୍ଭ ସାଜିଛି। ମତ୍ସ୍ୟ ଚାଷ ଓ ପ୍ରାଣୀ ପାଳନ କ୍ଷେତ୍ରରେ ଆମ ରାଜ୍ୟରେ ଅପାର ସମ୍ଭାବନା ରହିଛି। ଏହି କ୍ଷେତ୍ରର ବିକାଶରେ ବିକଶିତ ଓଡ଼ିଶା ଗଠନର ସ୍ୱପ୍ନ ସାକାର ହୋଇପାରିବ ବୋଲି ସେ ଆଶାବ୍ୟକ୍ତ କରିଥିଲେ।

ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ କହିଲେ, ତୃଣମୂଳ ସ୍ତରରେ ଯୋଜନାକୁ ପହଞ୍ଚାଇବା ପାଇଁ ଚଳିତ ଆର୍ଥିକ ବର୍ଷରେ ପ୍ରଥମଥର ପାଇଁ ଆମ ସରକାର ବ୍ଲକ ସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଆୟୋଜନ କରିଛନ୍ତି। ଏବେ ରାଜ୍ୟସ୍ତରୀୟ ମତ୍ସ୍ୟ-ପ୍ରାଣୀ ସମାବେଶ ପ୍ରାଣିପାଳକ ଓ ମତ୍ସ୍ୟ ଚାଷୀଙ୍କ ଜ୍ଞାନ ଓ ଦକ୍ଷତା ବୃଦ୍ଧି ସହ ଆଗାମୀ ଦିନରେ ମାଛ-ଦୁଗ୍ଧ-ଅଣ୍ଡା ଓ ମାଂସ ଉତ୍ପାଦନରେ ସ୍ୱାବଲମ୍ବୀ ହେବା ଦିଗରେ ସହାୟକ ହେବ ବୋଲି ସେ କହିଛନ୍ତି। ଆମ ଯୋଜନାର ଟାର୍ଗେଟ ଅସୀମିତ ରହିଛି। ଏହାର ସୁଫଳ ନେବାକୁ ମତ୍ସ୍ୟଚାଷୀ ଓ ପ୍ରାଣିପାଳକଙ୍କୁ ମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଭୁବନେଶ୍ୱର ମେୟର ସୁଲୋଚନା ଦାସ ଯୋଗଦେଇ କହିଲେ, ମତ୍ସ୍ୟ-ପ୍ରାଣୀ ସମାବେଶରେ ପ୍ରଦର୍ଶିତ ଉନ୍ନତ ଜ୍ଞାନ କୌଶଳ ଓ ଆଧୁନିକ ଚାଷ ପଦ୍ଧତି ମତ୍ସ୍ୟଚାଷୀ ଓ ପ୍ରାଣିପାଳକଙ୍କ ଉତ୍ପାଦନ ଓ ରୋଜଗାର ବୃଦ୍ଧିରେ ସହାୟକ ହୋଇଛି। ଏହି ଅବସରରେ ଉତ୍କର୍ଷ ହାସଲ କରିଥିବା ଅଗ୍ରଣୀ ମତ୍ସ୍ୟଚାଷୀ, ପ୍ରାଣିପାଳକ, କର୍ତ୍ତବ୍ୟନିଷ୍ଠ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭାଗୀୟ ପ୍ରମୁଖ ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସାଦ୍ଦିକ ଆଲାମ, ପ୍ରାଣିପାଳନ ଓ ପ୍ରାଣୀଚିକିତ୍ସା ନିର୍ଦ୍ଦେଶକ ବିଜୟ ଅମୃତା କୁଲାଙ୍ଗେ ପ୍ରମୁଖ ଉପସ୍ଥିତ ଥିଲେ।

# ଡବ୍‌ଲିନରେ ଡ. ରୋଜାଲିନ ପାଟଶାଣୀ ମିଶ୍ର ସମ୍ମାନିତ

ଭୁବନେଶ୍ୱର,୨୨।୧(ବନ୍ଦନା ସେଠୀ)

ଆୟର୍ଲାଣ୍ଡର ଡବଲିନ୍ ସହରସ୍ଥିତ ଭାରତୀୟ ଦୂତାବାସ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ପରିଚୟ ଫାଉଣ୍ଡେଶନର ପ୍ରତିଷ୍ଠାତା ସଭାପତି ଡ. ରୋଜାଲିନ ପାଟଶାଣୀ ମିଶ୍ର ସମ୍ମାନିତ ହୋଇଛନ୍ତି। ଭାରତରେ ରହୁଥିବା ବୁଣାକାରମାନଙ୍କ ଜୀବନ ଜୀବିକା ତଥା ସେମାନଙ୍କୁ ଅର୍ଥନୈତିକ ସ୍ୱାବଲମ୍ବୀ କରିବା ପାଇଁ ରୋଜାଲିନ 'ପରିଣୀତି' ସଂସ୍ଥା ଜରିଆରେ ଉଲ୍ଲେଖନୀୟ କାର୍ଯ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି ବିଶେଷ ଅବଦାନ ପାଇଁ ତାଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଭାରତର ରାଷ୍ଟ୍ରଦୂତ ଅଖିଳେଶ ମିଶ୍ର ଏବଂ ତାଙ୍କ ସହଧର୍ମିଣୀ ରୀତି ମିଶ୍ର, ପଦ୍ମଶ୍ରୀ ରଟଗର କୋଟେନ ହଷ୍ଟ, ଶ୍ରୀମାରାଣୀ ଦାସ ଏବଂ ଭାରତୀୟ ବଂଶୋଦ୍ଭବମାନେ ଯୋଗଦେଇଥିଲେ।

# ଫର୍ନିଚର, ଇଣ୍ଟେରିୟର ଆଣ୍ଡ ଲାଇଫଷ୍ଟାଇଲ ଏକ୍ସପୋରେ ଜମୁଛି ଭିଡ଼

ଭୁବନେଶ୍ୱର,୨୨।୧(ଅନୁରାଧା ମହାରଣା)


ଏକ୍ସପୋରେ ଲୋକେ ବିଭିନ୍ନ ସାମଗ୍ରୀ କିଣାକିଣି କରୁଛନ୍ତି।

ଡମଣା ଛକ ନିକଟ କ୍ଲବ ଟାଉନ ପଡିଆରେ ଚାଲିଥିବା ୨ୟ ଫର୍ନିଚର, ଇଣ୍ଟେରିୟର ଆଣ୍ଡ ଲାଇଫଷ୍ଟାଇଲ ଏକ୍ସପୋ-୨୦୨୬ରେ ଗ୍ରାହକଙ୍କ ପ୍ରବଳ ଭିଡ଼ ଦେଖିବାକୁ ମିଳୁଛି। ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟ ପ୍ରାଇଭେଟ୍ ଲିମିଟେଡ୍ ଦ୍ୱାରା ଆୟୋଜିତ ଏହି ୧୧ ଦିନିଆ ମେଳା ରାଜଧାନୀବାସୀଙ୍କ ପାଇଁ ନୂଆ ବର୍ଷର ଏକ ପ୍ରମୁଖ ଆକର୍ଷଣ ସାଜିଛି। ଗୋଟିଏ ସ୍ଥାନରେ ବିଶ୍ୱର ବଛା ବଛା ଉତ୍ପାଦ ସ୍ଥାନ ପାଇଛି। ଏକ୍ସପୋରେ ଭାରତର ୨୨ଟି ରାଜ୍ୟ ଏବଂ ୧୦ଟି ବିଦେଶୀ ରାଷ୍ଟ୍ରର ପ୍ରତିନିଧି ଅଂଶଗ୍ରହଣ କରିଛନ୍ତି। ସମ୍ପୂର୍ଣ୍ଣ ଶୀତତାପ ନିୟନ୍ତ୍ରିତ ହ୍ୟାଙ୍ଗର ମଧ୍ୟରେ ପାରମ୍ପରିକ ହସ୍ତଶିଳ୍ପ ଓ ଆଧୁନିକ ଜୀବନଶୈଳୀ ସାମଗ୍ରୀର ଏକ ସୁନ୍ଦର ସମ୍ମିଶ୍ରଣ ଦେଖିବାକୁ ମିଳୁଛି। ସହରୀ ଜୀବନ ଶୈଳୀକୁ ଖାପ ଖୁଆଇ ଓ ପକେଟକୁ ସୁହାଇଲା ଭଳି ଦରରେ ଫର୍ନିଚର ପ୍ରଦର୍ଶିତ ହୋଇଛି। 'ଦ ଇଣ୍ଟେରିଅର୍ ପାର୍କ' ଏବଂ ଗୋଦ୍ରେଜ ଇଣ୍ଟେରିଓ ଏହିସବୁ ସାମଗ୍ରୀ ରିହାତି ମୂଲ୍ୟରେ ଉପଲବ୍ଧ କରୁଛନ୍ତି। କାଶ୍ମୀରୀ କାରୁକାର୍ଯ୍ୟ ଫର୍ନିଚର, ଆଣ୍ଟିକା ପିସ୍, ସୋଫା ସେଟ୍ ଏବଂ ପାରମ୍ପରିକ ଝୁଲା ଗ୍ରାହକଙ୍କୁ ଆକୃଷ୍ଟ କରୁଛି। ଆଫଗାନିସ୍ତାନର ୧୦୦ ପ୍ରକାରର ଡ୍ରାଏ ଫ୍ରୁଟସ୍, ଜର୍ମାନୀ ଲ୍ୟାମ୍ପ, ଇରାନର ଖଜୁରି ଓ ଅତର, ଥାଇଲାଣ୍ଡର ଅଳଙ୍କାର ଏବଂ କୋରିଆର ଲେଡିଜ ଆକ୍ସେସୋରିଜର ମଧ୍ୟ ଖୁବ୍ ଚାହିଦା ରହୁଛି। ବାଂଲାଦେଶର ଜାମଦାନୀ ଶାଢ଼ି, ଭାଗଲପୁରୀ ସିଲ୍କ, ବନାରସୀ ଓ ଜୟପୁରୀ ପୋଷାକ ସହିତ ଓଡ଼ିଶାର ହସ୍ତତନ୍ତକୁ ମହିଳାମାନେ ପସନ୍ଦ କରୁଛନ୍ତି। ଇରାନୀ ଓ ପର୍ସିଆନ କାର୍ପେଟ, ମାଲେସିଆନ ଫାଉଣ୍ଟେନ, ସିଙ୍ଗାପୁରର ସାମଗ୍ରୀ ଏବଂ ପିତ୍ତଳ ଓ ତମ୍ବା ନିର୍ମିତ ସାମଗ୍ରୀ, ଇରାନୀ ଗାଲିଚା, କାଶ୍ମୀରୀ ଫର୍ଣ୍ଣିଚର ଏବଂ ଆଣ୍ଟିକ ପିତ୍ତଳ କାରୁକାର୍ଯ୍ୟ ବେଶ୍ ଆକର୍ଷଣୀୟ ହୋଇଛି। ଭୁବନେଶ୍ୱରରେ ପ୍ରଥମଥର 'ଜଳପରୀ ଶୋ' ଅନୁଷ୍ଠିତ ହେଉଥିବାରୁ ଏହା ରାଜଧାନୀବାସୀଙ୍କୁ ଆକୃଷ୍ଟ କରୁଛି। ଶପିଂ ସହ ସୁଆଦିଆ ଖାଦ୍ୟ ପାଇଁ ଏଠାରେ ଏକ ସ୍ୱତନ୍ତ୍ର 'ଫୁଡ୍ ଜୋନ' ରହିଛି। ବିଶ୍ୱସ୍ତରୀୟ ବ୍ୟବସାୟୀ ଏବଂ ସ୍ଥାନୀୟ ଗ୍ରାହକଙ୍କ ମଧ୍ୟରେ ଏକ ଦୃଢ ସମ୍ପର୍କ ସ୍ଥାପନ କରିବା ଲକ୍ଷ୍ୟ ରଖିଥିବା ଗୁପ୍ତା ଇଭେଣ୍ଟ ମ୍ୟାନେଜମେଣ୍ଟର ପରିଚାଳନା ନିର୍ଦ୍ଦେଶକ ସୁଜିତ ଗୁପ୍ତା କହିଛନ୍ତି। ନିର୍ଦ୍ଦେଶିକା ପାୟଲ ଆଚାର୍ଯ୍ୟ କହିଛନ୍ତି, ୨୬ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଏକ୍ସପୋକୁ ୨ ଲକ୍ଷରୁ ଅଧିକ ଦର୍ଶକ ପରିଦର୍ଶନ କରିବେ ଓ ପାଖାପାଖି ୫କୋଟି ଟଙ୍କାରୁ ଊର୍ଦ୍ଧ୍ୱବ୍ୟବସାୟ ହେବ ବୋଲି ଆଶା କରାଯାଉଛି।

ସେଲ୍ଫି କର୍ନର ଧରିତ୍ରୀ
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ସୂର୍ଯ୍ୟମଣି


@ ମନିକା


@ ରାଜକୁମାର


@ ଅଭିଷେକ


@ ବରୋଦା

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ୫ଦିନ ବଦଳିବନି ରାତି ତାପମାତ୍ରା

ଭୁବନେଶ୍ୱର, ୨୨।୧ (ବନ୍ଦନା ସେଠୀ)

ରାଜ୍ୟରେ ଶୀତର ପ୍ରକୋପ କମିବା ସହିତ ଏବେ ତାପମାତ୍ରା ଧୀରେ ଧୀରେ ବଢି ଚାଲିଛି। ତେବେ ଆସନ୍ତା ୪ରୁ ୫ଦିନ ପର୍ଯ୍ୟନ୍ତ ରାତି ତାପମାତ୍ରାରେ କୌଣସି ପରିବର୍ତ୍ତନ ହେବ ନାହିଁ ବୋଲି ଆଞ୍ଚଳିକ ପାଣିପାଗ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ଗତ ୨୪ଘଣ୍ଟା ମଧ୍ୟରେ ରାଜ୍ୟର ୩ଟି ସହରର ତାପମାତ୍ରା ୧୦ ଡିଗ୍ରୀ ତଳେ ଥିବାବେଳେ ୧୫ ଡିଗ୍ରୀ ତଳେ ୨୮ଟି ସହର ରହିଥିଲା। ଜି.ଉଦୟଗିରିରେ ସର୍ବନିମ୍ନ ତାପମାତ୍ରା ୬.୨ ଡିଗ୍ରୀ ରେକର୍ଡ କରାଯାଇଥିବାବେଳେ ସେମିଳିଗୁଡା ୭.୧ ଡିଗ୍ରୀ, ଝାରସୁଗୁଡା ୯.୩ ଡିଗ୍ରୀ, କିରେଇ ୧୦.୩ ଡିଗ୍ରୀ, ନବରଙ୍ଗପୁର ୧୦.୫ ଡିଗ୍ରୀ, ସୁନ୍ଦରଗଡ଼ ୧୧.୨ ଡିଗ୍ରୀ, ଢେଙ୍କାନାଳ ୧୨ ଡିଗ୍ରୀ, ରାୟଗଡ଼ା ୧୨ ଡିଗ୍ରୀ, ମାଲକାନଗିରି ୧୨.୨ ଡିଗ୍ରୀ, କୋରାପୁଟ ୧୨.୨ ଡିଗ୍ରୀ, ଚିପିଲିମା ୧୨.୫ ଡିଗ୍ରୀ, ବଲାଙ୍ଗୀର ୧୨.୬ ଡିଗ୍ରୀ, ନୂଆପଡା ୧୨.୮ ଡିଗ୍ରୀ, ପାରଳାଖେମୁଣ୍ଡି ୧୨.୮ ଡିଗ୍ରୀ, କଟକ ୧୨.୮ ଡିଗ୍ରୀ, କେନ୍ଦ୍ରାପଡା ୧୨.୮ ଡିଗ୍ରୀ, ରାଉରକେଲା, ବରଗଡ଼, କେନ୍ଦୁଝର ଏବଂ ଅନୁଗୋଳରେ ୧୩ ଡିଗ୍ରୀ, ଯାଜପୁର, ଦେବଗଡ଼ ଓ ମହିଷାପାଟରେ ୧୩.୬ ଡିଗ୍ରୀ, ଭୁବନେଶ୍ୱର ଓ ସୋନପୁରରେ ୧୪ ଡିଗ୍ରୀ, ରାଣିତାଲ ୧୪.୪ ଡିଗ୍ରୀ, ବାରିପଦା ୧୪.୬ ଡିଗ୍ରୀ ଏବଂ ହୀରାକୁଦରେ ୧୪.୮ ଡିଗ୍ରୀ ରହିଥିଲା। ସେହିପରି ୨୯ ତାରିଖ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଜିଲାରେ ହାଲୁକାରୁ ମଧ୍ୟମ ଧରଣର କୁହୁଡି ହେବା ନେଇ ସତର୍କତା ଜାରି କରାଯାଇଛି।

## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୨୨।୧।୨୦୨୬

| | |
|---|---|
| ୫,୪୯,୩୨୧ ଟଙ୍କା | |
| ସୁନା | ୧.୫୦ ଗ୍ରାମ୍ |
| ରୁପା | ୪୮ ଗ୍ରାମ୍ |

## ସଂକ୍ଷେପରେ

### ଆଜି ରଥକାଠ ଅନୁକୂଳ

ପୁରୀ,୨୨।୧(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ଘୋଷଯାତ୍ରାର ଆଦ୍ୟପର୍ବ ବସନ୍ତ ପଞ୍ଚମୀ ବା ସରସ୍ୱତୀ ପୂଜାଠାରୁ ଆରମ୍ଭ ହୋଇଥାଏ। ପରମ୍ପରା ଅନୁଯାୟୀ, ବସନ୍ତ ପଞ୍ଚମୀ ତଥା ସରସ୍ୱତୀ ପୂଜା ଅବସରରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ନିକଟ ରଥଖଳାରେ ବିଧିବିଧାନ ଅନୁଯାୟୀ ରଥକାଠ ଅନୁକୂଳ ପୂଜା ହୋଇଥାଏ। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ବସନ୍ତ ପଞ୍ଚମୀରେ ରଥକାଠ ଅନୁକୂଳ ହେବ। ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ସମ୍ମୁଖରେ ୧୨ଫୁଟିଆ ୩ ଖଣ୍ଡ ଧଉରା କାଠ ପୂଜା କରାଯିବ। ରାଜଗୁରୁ ଏବଂ ଅନ୍ୟ ଶୋତ୍ରିୟ ବ୍ରାହ୍ମଣମାନଙ୍କ ଦ୍ୱାରା ପୂଜାର୍ଚ୍ଚନା କରାଯିବ। ବୈଦିକ ଶାସ୍ତ୍ରୀୟ ମତରେ ୩ଟି କାଠକୁ ପ୍ରଥମେ ଜଳ, ପଞ୍ଚାମୃତ, ଶୁଦ୍ଧଜଳ, ଚନ୍ଦନ, ସିନ୍ଦୂର, ଫୁଲ, ଶ୍ରୀଫଳ, ଧୂପ, ଦୀପ ଦେଇ ସଂସ୍କାର କରିବା ପରେ ମହାପ୍ରସାଦ ସମର୍ପଣ କରାଯିବ। ପରେ ପୁଷ୍ପାଞ୍ଜଳି ଅର୍ପଣ କରାଯିବ। ଅନୁକୂଳ ପୂଜା ହୋଇଥିବା ତିନୋଟି କାଠରେ ତିନି ରଥର ଗୁଜ କାର୍ଯ୍ୟ କରାଯିବ। ସେହିପରି ସରସ୍ୱତୀ ପୂଜା ଅବସରରେ ଶ୍ରୀମନ୍ଦିରରେ ବିଶେଷ ନୀତି ସହ ଶ୍ରୀବିଗ୍ରହମାନଙ୍କ ଚାଚେରୀ ବେଶ ଅନୁଷ୍ଠିତ ହେବ। ଆସନ୍ତା ରାମନବମୀ ତିଥିରେ କଟକ ଖପୁରିଆସ୍ଥିତ ଶ' ମିଲ୍‌ରେ ରଥକାଠ ଚିରଟ କରାଯିବ। ଅକ୍ଷୟ ତୃତୀୟାରେ ମହାପ୍ରଭୁଙ୍କ ତିନିରଥ ନିର୍ମାଣ କାର୍ଯ୍ୟ ରଥଖଳାରେ ଆରମ୍ଭ ହେବ।

### ସଂକଳ୍ପ ଦିବସରେ ଶପଥପାଠ

ପୁରୀ,୨୨।୧(ଅଜିତ୍ କୁମାର ମହାନ୍ତି)

୧୬ତମ ଜାତୀୟ ମତଦାତା ଦିବସ-୨୦୨୬ ଉପଲକ୍ଷେ ଗୁରୁବାର ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ସଂକଳ୍ପ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା ଜିଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ। ୨୫ ତାରିଖରେ ଭୋଟରମାନଙ୍କୁ ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସଚେତନତା କରାଇ ଶୋଭାଯାତ୍ରା ଆୟୋଜନ କରାଯିବ। ଉକ୍ତ ଶପଥ ପାଠ ଉତ୍ସବରେ ଅତିରିକ୍ତ ଜିଲାପାଳ (ପ୍ରୋଟକଲ୍) ନୀଳମାଧବ ଭୋଇ, ଡେପୁଟି କଲେକ୍ଟର ପ୍ରିୟଦର୍ଶିନୀ ମଲ୍ଲିକ, ଜିଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ବେହେରା, କ୍ରୀଡ଼ା ଅଧିକାରୀ ଚନ୍ଦନ ସାହୁ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରଦୀପ୍ତ କୁମାର ସେନାପତି ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ ଉପରେ ଗୁରୁତ୍ୱ

ପୁରୀ,୨୨।୧(ଅଜିତ୍ କୁମାର ମହାନ୍ତି)





ଦିଶା ବୈଠକରେ ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ରଙ୍କ ସମେତ ବିଭିନ୍ନ ଲୋକ ପ୍ରତିନିଧି ଏବଂ ଅଧିକାରୀମାନେ।

## ଦିଶା ବୈଠକରେ ଅନୁପସ୍ଥିତ ଅଧିକାରୀଙ୍କ ବିରୋଧରେ ଏମ୍‌ପିଙ୍କ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ

ପୁରୀ ଜିଲା ତୃତୀୟ ଉନ୍ନୟନ ସମନ୍ୱୟ ଓ ପରିଚାଳନା କମିଟି ବା ଦିଶା ବୈଠକ ଗୁରୁବାର ଜିଲା ପରିଷଦ ସମ୍ମିଳନୀ ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଏମ୍‌ପି ଡା. ସମ୍ବିତ ପାତ୍ର ଅଧ୍ୟକ୍ଷତା କରି କହିଥିଲେ, ସମସ୍ତ ସରକାରୀ ଯୋଜନା ଜନସାଧାରଣଙ୍କ ହିତ ପାଇଁ ଉଦ୍ଦିଷ୍ଟ। ସାଧାରଣ ଲୋକଙ୍କୁ ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇବା ଆମ କର୍ତ୍ତବ୍ୟ। ତେଣୁ ପ୍ରତ୍ୟେକ ବିଭାଗ ନିଷ୍ଠାର ସହ କାର୍ଯ୍ୟ କରି ଲୋକଙ୍କୁ ତାହାର ସୁଫଳ ପ୍ରଦାନ କରିବାକୁ ସେ ପରାମର୍ଶ ଦେଇଥିଲେ। ଅଧ୍ୟକ୍ଷ ଏବଂ ଅନ୍ୟ ସଦସ୍ୟମାନେ ବିଭିନ୍ନ ବିଭାଗ ଉପରେ ଯେଉଁ ମତାମତ ଦେଇ ସମସ୍ୟା ଉପସ୍ଥାପନ କରୁଛନ୍ତି, ତାହାର ସମାଧାନ ପାଇଁ ତ୍ୱରାନ୍ୱିତ ପ୍ରକ୍ରିୟାରେ କାର୍ଯ୍ୟ କରିବାକୁ ଡା. ପାତ୍ର କହିଥିଲେ। ଜିଲାର ବିକାଶ ସକାଶେ ଉଦ୍ଦିଷ୍ଟ ଏହି ବୈଠକରେ ଯଦି କୌଣସି ଅଧିକାରୀ ବିନା ସୂଚନାରେ ଅନୁପସ୍ଥିତ ରହୁଛନ୍ତି, ତେବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପାତ୍ର ନିର୍ଦ୍ଦେଶ ଦେଇଥିଲେ। ବୈଠକରେ କାକଟପୁର ବିଧାୟକ ତୁଷାରକାନ୍ତି ବେହେରା, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପୁରୀ ବିଧାୟକ ସୁନୀଲ କୁମାର ମହାନ୍ତି, ଜିଲା ପରିଷଦ ଅଧ୍ୟକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଗ୍ରୀଷ୍ମଋତୁ ଆସୁଥିବାରୁ ପାନୀୟଜଳ ସଂକଟର ମୁକାବିଲା ନିମନ୍ତେ ପ୍ରସ୍ତୁତ ରହିବାକୁ ବିଭାଗୀୟ ଅଧୀକ୍ଷଣ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ଗ୍ରାମ୍ୟ ପାନୀୟଜଳ ଯୋଗାଣର ପ୍ରକଳ୍ପ ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇ ସମସ୍ତ ଲୋକପ୍ରତିନିଧିଙ୍କ ସହ ଯୋଗାଯୋଗ ରଖି କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ କୁହାଯାଇଥିଲା। ବିଭିନ୍ନ ବିଭାଗର ଯୋଜନା ସମ୍ପର୍କରେ ଆଲୋଚନା କରାଯାଇ ପ୍ରକଳ୍ପ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ଏମ୍‌ପି ପାତ୍ର କହିଥିଲେ। ପ୍ରାରମ୍ଭରେ ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ସମସ୍ତଙ୍କୁ ସ୍ୱାଗତ କରିବା ସହ ବିଭିନ୍ନ ଯୋଜନାର ଜିଲା ସ୍ଥିତି ସମ୍ପର୍କରେ ସୂଚନା ଦେଇଥିଲେ। ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି ବୈଠକ ପରିଚାଳନାରେ ସହଯୋଗ କରିଥିଲେ। ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ସମସ୍ତଙ୍କୁ ଜାତୀୟ ମତଦାତା ଦିବସର ଶପଥ ପାଠ କରାଇଥିଲେ। ବିଭିନ୍ନ ପଞ୍ଚାୟତ ସମିତି ଅଧ୍ୟକ୍ଷା ଅଧ୍ୟକ୍ଷ, ଏନ୍‌ଏସିର ଅଧ୍ୟକ୍ଷା ଅଧ୍ୟକ୍ଷ, ବିଭିନ୍ନ ବିଭାଗର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ଚନ୍ଦ୍ରମଣି ତ୍ରିପାଠୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଲେ ମୁଖ୍ୟମନ୍ତ୍ରୀ



ଚନ୍ଦ୍ରମଣି ତ୍ରିପାଠୀଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ଏବଂ ଅନ୍ୟ ବିଶିଷ୍ଟ ବ୍ୟକ୍ତି।

ବ୍ରହ୍ମଗିରି,୨୨।୧(ସ୍ୱାଧୀନ ଚମ୍ପତିରାୟ)

ରାଜ୍ୟ ଭାଜପାର ସାଧାରଣ ସମ୍ପାଦକ ବିରଞ୍ଚି ନାରାୟଣ ତ୍ରିପାଠୀଙ୍କ ମା' ଚନ୍ଦ୍ରମଣି ତ୍ରିପାଠୀଙ୍କ ଦ୍ୱାଦଶାହ କାର୍ଯ୍ୟକ୍ରମରେ ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂଦେଓ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କ ପରିବାରଙ୍କୁ ସମବେଦନା ଜଣାଇଛନ୍ତି। ପୁରୀ ଜିଲା ବ୍ରହ୍ମଗିରି ବ୍ଲକ୍ ଅନ୍ତର୍ଗତ କଲେଜ ଛକସ୍ଥିତ ବିରଞ୍ଚିଙ୍କ ବାସଭବନରେ ସନ୍ଧ୍ୟା ପ୍ରାୟ ୭ଟାରେ ମୁଖ୍ୟମନ୍ତ୍ରୀ ଓ ଉପମୁଖ୍ୟମନ୍ତ୍ରୀ ପହଞ୍ଚିଥିଲେ। ସେମାନେ ଚନ୍ଦ୍ରମଣିଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନକରିବା ପରେ କିଛି ସମୟ ସେଠାରେ ରହିଥିଲେ। ସେହିପରି ଉକ୍ତ କାର୍ଯ୍ୟକ୍ରମରେ ଆଡ୍‌ଭୋକେଟ ଜେନେରାଲ ପୀତାମ୍ବର ଆଚାର୍ଯ୍ୟ, ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ପୂର୍ବତନ ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ସମେତ ଭାଜପାର ବହୁ ନେତା ଓ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ ନେଇ ଜିଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ସହ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କୁ ଅତି ନିକଟରୁ ଦେଖିବା ପାଇଁ ସାଧାରଣ ଲୋକଙ୍କର ଭିଡ଼ ଲାଗିଥିଲା।

# 'ହରିହର ମିଶ୍ରଙ୍କ ସାହିତ୍ୟ କୃତି ଅନନ୍ୟ'

ପୁରୀ,୨୨।୧(ଅଜିତ୍ କୁମାର ମହାନ୍ତି)



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ସାହିତ୍ୟିକ ତଥା ନାଟ୍ୟକାର ସ୍ୱର୍ଗତ ହରିହର ମିଶ୍ରଙ୍କ ସାହିତ୍ୟ କୃତି ଅନନ୍ୟ ଓ ଅବିସ୍ମରଣୀୟ। ତାଙ୍କର ପ୍ରତିଟି ଲେଖା ଯେପରି ମନଛୁଆଁ, ସେମିତି ଜୀବନ୍ତ ବୋଲି ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ସ୍ୱତନ୍ତ୍ର ସଚିବ ଦେବପ୍ରସାଦ ଦାଶ କହିଛନ୍ତି। ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ରଙ୍ଗଶାଳା ଅନୁଷ୍ଠାନ ସହଯୋଗରେ ସ୍ୱର୍ଗତ ମିଶ୍ରଙ୍କ ୮୫ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ୱତନ୍ତ୍ର ସଚିବ ଦାଶ ଯୋଗଦେଇ ସ୍ୱର୍ଗତ ମିଶ୍ର ନିଜ ଲେଖା ମାଧ୍ୟମରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଯାଇଛନ୍ତି ବୋଲି କହିଥିଲେ। ଭାଷା ପ୍ରତିଷ୍ଠାନର ପ୍ରାକ୍ତନ ନିର୍ଦ୍ଦେଶକ କୈଳାସ ଚନ୍ଦ୍ର ଟିକାୟତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, କଳାକାର ଦିଲୀପ କୁମାର ଦାସ, ମୁକୁନ୍ଦ ଶତପଥୀ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ଶ୍ୟାମପ୍ରକାଶ ସେନାପତି ମଞ୍ଚ ସଞ୍ଚାଳନ କରିଥିଲେ। ଏହି ଅବସରରେ ସ୍ୱର୍ଗତ ମିଶ୍ରଙ୍କ ରଚିତ ନାଟକ 'ସୁଖି ବାସୀ' ରଙ୍ଗଶାଳା ପକ୍ଷରୁ ମଞ୍ଚସ୍ଥ ହୋଇଥିଲା। କଳାହାଣ୍ଡି ଜିଲାର ଜନଜାତିଙ୍କ ଜୀବନୀ, ଚଳଣି, ବିଶ୍ୱାସ, ଅନ୍ଧବିଶ୍ୱାସ ସମ୍ପର୍କରେ ରଚିତ ଏହି ନାଟକଟି ଦର୍ଶକଙ୍କୁ ଅଭିଭୂତ କରିଥିଲା। ବିକ୍ରମ କୁମାର ସାହୁଙ୍କ ନିର୍ଦ୍ଦେଶନାରେ ରୂପକଳ୍ପ ମିଶ୍ର, ବିଦ୍ୟାଧର ମହାରଣା, ବିକାଶ ଦତ୍ତ, ଗିରିଶ ମିଶ୍ର, ଗୋପୀନାଥ ପୂଜାପଣ୍ଡା, ବାଳକୃଷ୍ଣ ବେହେରା, ଦୟାନନ୍ଦ ମହାନ୍ତି, ମନୋରଞ୍ଜନ ଜେନା, ଆତ୍ରେୟ ମଲ୍ଲିକ, ରଞ୍ଜନ ପାଢ଼ୀ, ମମତା ଦାସ ଓ ସ୍ୱାତିଶ୍ରୀ ପରିଡାଙ୍କ ଅଭିନୟ ମନଛୁଆଁ ହୋଇଥିଲା।

## ନିଷ୍ପତ୍ତି ପ୍ରତ୍ୟାହାର କରାଯିବାକୁ ଦାବି

### ଶ୍ରୀଗୁଣ୍ଡିଚା ମନ୍ଦିରକୁ ପ୍ରବେଶ ଅର୍ଥ ୧୦ ଟଙ୍କା ଆଦାୟ ପ୍ରସଙ୍ଗ

ପୁରୀ,୨୨।୧(ଅଜିତ୍ କୁମାର ମହାନ୍ତି)

ଶ୍ରୀଗୁଣ୍ଡିଚା ମନ୍ଦିର ପ୍ରବେଶ ପାଇଁ ଭକ୍ତଙ୍କଠାରୁ ୧୦ ଟଙ୍କା ଆଦାୟ ନିଷ୍ପତ୍ତିର ପରିବର୍ତ୍ତନ କରାଯିବାକୁ ଆଇନଜୀବୀ ଦିଲୀପ କୁମାର ବରାଳ ଗୁରୁବାର ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ବରାଳ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି, ଶ୍ରୀଗୁଣ୍ଡିଚା ମନ୍ଦିରରେ ଭକ୍ତ ପ୍ରବେଶ କରିବା ପାଇଁ ୧୦ ଟଙ୍କା ଆଦାୟ ନିଷ୍ପତ୍ତି ସ୍ୱାଗତଯୋଗ୍ୟ ପଦକ୍ଷେପ ନୁହେଁ। ରାଜ୍ୟ ସରକାର ଲୋକଙ୍କୁ ଚାଉଳ, ଗହମ ଆଦି ମାଗଣାରେ ଯୋଗାଉଥିବାବେଳେ ଭକ୍ତଙ୍କଠାରୁ ମୁଣ୍ଡ ପିଛା ୧୦ ଟଙ୍କା ଆଦାୟ କରାଯିବା ଏକ ପ୍ରକାର ଶୋଷଣ। ଶ୍ରୀମନ୍ଦିର ପ୍ରଶାସନ ଏପର୍ଯ୍ୟନ୍ତ ମହାପ୍ରଭୁଙ୍କର ୨୨,୦୦୦ ଏକର ସମ୍ପତ୍ତି ଠାବ କରିପାରିନାହିଁ। ଅପରପକ୍ଷରେ ଯେଉଁ ୩୮ ହଜାର ଏକର ଜମି ଠାବ ହୋଇଛି, ସେଥିରୁ ଠିକ୍ ଭାବେ ରାଜସ୍ୱ ଆଦାୟ କରାଯାଉନାହିଁ। ସେହିପରି ମହାପ୍ରଭୁଙ୍କ ହୁଣ୍ଡିରୁ ଦୈନିକ ୩ଲକ୍ଷରୁ ଅଧିକ ଟଙ୍କା ଆୟ ହେଉଥିବାବେଳେ ଗୁଣ୍ଡିଚା ମନ୍ଦିର ପ୍ରବେଶ ପାଇଁ ଭକ୍ତଙ୍କଠାରୁ ମୁଣ୍ଡ ପିଛା ୧୦ ଟଙ୍କା ଆଦାୟ ପାଇଁ ହୋଇଥିବା ନିଷ୍ପତ୍ତି ପ୍ରତ୍ୟାହାର କରାଯାଉ ବୋଲି ବରାଳ ଦାବି କରିଛନ୍ତି।

## ସୁଆବରାଇରେ ଧାନମଣ୍ଡି ଖୋଲିଲା

ପିପିଲି,୨୨।୧(ଦୁର୍ଗାମାଧବ ମିଶ୍ର)

ପିପିଲି ବ୍ଲକ ଅନ୍ତର୍ଗତ ସୁଆବରାଇ ପ୍ରାଥମିକ ସେବା ସମବାୟ ସମିତି ପରିସରରେ ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ପୁରୀ-ନିମାପଡ଼ା ସମ୍ମିଳିତ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି କିଶୋର ଛୋଟରାୟ ଓ କୃଷକ ନେତା ଅଜୟ ପ୍ରଧାନ ଅତିଥି ଭାବେ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନ ମଣ୍ଡିରେ ୬ଜଣ ଚାଷୀଙ୍କଠାରୁ ୨୪୫ କୁଇଣ୍ଟାଲ ଧାନ କିଣାଯାଇଥିବା ନେଇ ସମବାୟ ସମିତିର ସମ୍ପାଦକ ଦିଲ୍ଲୀପ କୁମାର ନାୟକ ସୂଚନା ଦେଇଛନ୍ତି। ମିଲର ଭାବେ ଗୋପାଳଜୀଉ ରାଇସ ମିଲ୍ ଏହି ଧାନ କ୍ରୟ କରିଥିଲେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ସୂର୍ଯ୍ୟମଣି



@ ମନିକା





@ ରାଜକୁମାର



@ ଅଭିଷେକ





@ ବରୋଦା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଶହୀଦ ବେଙ୍ଗପାଣିଆଙ୍କ ୭୦ତମ ସ୍ମୃତି ଦିବସ ପାଳିତ

ପୁରୀ,୨୨।୧(ଅଜିତ କୁମାର ମହାନ୍ତି)

ଶହୀଦ ବେଙ୍ଗପାଣିଆ ସ୍ମୃତି କମିଟି ଏବଂ ଆପଣଙ୍କ ସେବାରେ ଅନୁଷ୍ଠାନ ପକ୍ଷରୁ ପୁରୀ ଲୋକନାଥ ରୋଡ଼ସ୍ଥିତ ଗଦାଧର ସ୍କୁଲ ପରିସରରେ ଶ୍ରୀମନ୍ଦିର ସେବାୟତ ଶହୀଦ ବେଙ୍ଗପାଣିଆ ଓରଫ ହରିହର ପଣ୍ଡାଙ୍କ ୭୦ତମ ସ୍ମୃତି ଦିବସ ପାଳିତ ହୋଇଯାଇଛି। ସ୍ମୃତି ସମିତିର ସଭାପତି ଦାମୋଦର ଦାଶଙ୍କ ନେତୃତ୍ୱରେ ବିଦ୍ୟାଳୟ ପରିସରସ୍ଥ ଶହୀଦ ବେଙ୍ଗପାଣିଆଙ୍କ ସ୍ମୃତିସ୍ତମ୍ଭରେ ମୁଖ୍ୟ ଅତିଥି ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମାଲ୍ୟାର୍ପଣ କରି ତାଙ୍କ ସ୍ମୃତିଚାରଣ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ମିଶ୍ର, ଶିକ୍ଷାବିତ୍ ନାରାୟଣ ଦାଶ, ଭାଜପା ରାଷ୍ଟ୍ରୀୟ ଶରଧାବାଲି ମଣ୍ଡଳ ସଭାପତି ବିରଞ୍ଚି ନାରାୟଣ ମିଶ୍ର, କବୟିତ୍ରୀ ମଞ୍ଜୁଳା ଦେବୀ, ଉତ୍କଳ ବିଦ୍ୱତ ପରିଷଦ ସଭାପତି ମନୋଜ କୁମାର ରଥ, ଆପଣଙ୍କ ସେବାରେ ଅନୁଷ୍ଠାନର ରାଜ୍ୟ ମୁଖପାତ୍ର ଜଗଦୀଶ ପ୍ରଧାନ, ସଭାପତି ବିଜୟକୃଷ୍ଣ ବ୍ରହ୍ମା, ବରିଷ୍ଠ ଶିକ୍ଷୟିତ୍ରୀ ଯମୁନା ପୂଜାପଣ୍ଡା, ଆଇନଜୀବୀ ସ୍ମୃତିରଞ୍ଜନ ପତି, ସ୍ମୃତି ସାଂସଦ ସମ୍ପାଦିକା ମଧୁମତି ଦାଶ, ବେଙ୍ଗପାଣିଆଙ୍କ ନାତି ଗୋବିନ୍ଦ ପଣ୍ଡା, କୃଷ୍ଣଚନ୍ଦ୍ର ପଣ୍ଡା ପ୍ରମୁଖ ଯୋଗଦେଇ କହିଥିଲେ, ବେଙ୍ଗପାଣିଆ ଷଢେଇକଳା-ଖରସୁଆଁ ସୀମା ଆନ୍ଦୋଳନରେ ସାମିଲ ହୋଇ ପୁରୀ ରେଳଷ୍ଟେଶନରେ ପୋଲିସ ଗୁଳିରେ ଶହୀଦ ହୋଇଥିଲେ। ବେଙ୍ଗପାଣିଆଙ୍କ ତ୍ୟାଗକୁ ଛାତ୍ର ଓ ଯୁବ ସମାଜ ଆଦର୍ଶ ଭାବେ ଗ୍ରହଣ କରିବା ପାଇଁ ଅତିଥିମାନେ ମତ ପୋଷଣ କରିଥିଲେ। ସ୍ମୃତି ସମିତି କୋଷାଧ୍ୟକ୍ଷା ତଥା ଶିକ୍ଷୟିତ୍ରୀ ମୀରାରାଣୀ ଦେବୀ ଏବଂ ସାମ୍ବାଦିକ ବିଷ୍ଣୁଦତ୍ତ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ସ୍ମୃତି ଦିବସ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ଏବଂ ଅନ୍ୟମାନେ।

# ସଂସ୍କୃତ ଭାଷା ହେଉଛି ବିଶ୍ୱ ଜ୍ଞାନଭଣ୍ଡାର

ପୁରୀ,୨୨।୧(ଅଜିତ୍ କୁମାର ମହାନ୍ତି)



କାର୍ଯ୍ୟକ୍ରମରେ କୃତୀ ବିଦ୍ୟାର୍ଥୀଙ୍କୁ ପୁରସ୍କୃତ କରାଯାଉଛି।

## ରାଜ୍ୟସ୍ତରୀୟ ଶାସ୍ତ୍ରୀୟ ସ୍ପର୍ଦ୍ଧା କାର୍ଯ୍ୟକ୍ରମ ଉଦ୍‌ଯାପିତ

ଶ୍ରୀସଦାଶିବ ପରିସରରେ ଦୁଇଦିନିଆ ୬୩ତମ ରାଜ୍ୟସ୍ତରୀୟ ଶାସ୍ତ୍ରୀୟ ସ୍ପର୍ଦ୍ଧା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶ୍ରୀନିବାସ ବରଖେଡ଼ିଙ୍କ ସଂରକ୍ଷଣରେ ଏବଂ ଶ୍ରୀସଦାଶିବ ପରିସର ନିର୍ଦ୍ଦେଶକ ପ୍ରଫେସର ପ୍ରଭାତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ରାଜ୍ୟର ବିଭିନ୍ନ ସଂସ୍କୃତ ବିଶ୍ୱବିଦ୍ୟାଳୟ, ମହାବିଦ୍ୟାଳୟ ଏବଂ ଗୁରୁକୁଳ ସଂସ୍କୃତ ମହାବିଦ୍ୟାଳୟର ଛାତ୍ରୀଛାତ୍ର ଭାଗନେଇଥିଲେ। ସମାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟର ସାହିତ୍ୟ ବିଭାଗାଧ୍ୟକ୍ଷ ତଥା ପରୀକ୍ଷା ନିୟନ୍ତ୍ରକ ପ୍ରଫେସର ବସନ୍ତ କୁମାର ମିଶ୍ର, ସମ୍ମାନିତ ଅତିଥି ଭାବେ ଶ୍ରୀସଦାଶିବ ପରିସର ସହନିର୍ଦ୍ଦେଶକ ପ୍ରଫେସର ବିଜୟପାଲ କଚ୍ଛୱାହ ଏବଂ ବିଶିଷ୍ଟ ଅତିଥିଭାବେ ସଦାଶିବ ପରିସର ପ୍ରାକ୍ତନ ନିର୍ଦ୍ଦେଶକ ପ୍ରଫେସର ଖଗେଶ୍ୱର ମିଶ୍ର ଯୋଗଦେଇ ସଂସ୍କୃତ ଭାଷାକୁ ବିଶ୍ୱର ଜ୍ଞାନଭଣ୍ଡାର ଭାବେ ବର୍ଣ୍ଣନା କରିବା ସହ ଶାସ୍ତ୍ରୀୟ ସ୍ପର୍ଦ୍ଧା ମାଧ୍ୟମରେ ହିଁ ଭାରତୀୟ ସଂସ୍କୃତି ଓ ପରମ୍ପରା ସୁରକ୍ଷିତ ରହିପାରିବ ବୋଲି କହିଥିଲେ। ପରିସର ନିର୍ଦ୍ଦେଶକ ପ୍ରଫେସର ମହାପାତ୍ର କହିଥିଲେ, 'ଶାସ୍ତ୍ରୀୟ ସ୍ପର୍ଦ୍ଧା ହେଉଛି ଆମର ବୌଦ୍ଧିକ ପରମ୍ପରାର ଏକ ଅନନ୍ୟ ଉତ୍ସବ। ଏଭଳି ପ୍ରତିଯୋଗିତା ମାଧ୍ୟମରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଥିବା ସଂସ୍କୃତ ଜ୍ଞାନର ପରୀକ୍ଷା ହେବ ସହ ଏହା ସେମାନଙ୍କୁ ଭବିଷ୍ୟତରେ ଶ୍ରେଷ୍ଠ ଶାସ୍ତ୍ରୀ ଓ ବିଦ୍ୱାନ ଭାବେ ଗଢ଼ିବାରେ ସହାୟକ ହେବ। କାର୍ଯ୍ୟକ୍ରମ ସଂଯୋଜକ ଡ. ନୀଳମାଧବ ଦାଶ ପ୍ରାରମ୍ଭିକ ସୂଚନା, ସହସଂଯୋଜକ ଡ. ନନ୍ଦିଘୋଷ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ଡ. ମହେଶ କୁମାର ପାଣିଗ୍ରାହୀ କୃତୀ ପ୍ରତିଯୋଗୀମାନଙ୍କ ନାମ ଘୋଷଣା କରିଥିବାବେଳେ ସେମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଡ. ଜ୍ୟୋତିପ୍ରସାଦ ଦାଶ କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମର ସମନ୍ୱୟକ ପ୍ରଫେସର ଗୌରୀପ୍ରିୟା ଦାଶ ଧନ୍ୟବାଦ ଦେଇଥିଲେ।

**ମଧୁରକୁଳ ସମାଜର ବାର୍ଷିକୋତ୍ସବ**

ଚୌଦ୍ୱାର,(ଆଶୁତୋଷ ଦାସ): ଚୌଦ୍ୱାର ମଧୁରକୁଳ ସମାଜର ଇଷ୍ଟଦେବା ଶ୍ରୀ ଗଣେଶ ମହାପ୍ରଭୁଙ୍କ ୪୫ତମ ବାର୍ଷିକୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମଧୁରକୁଳ ସମାଜ ସଭାପତି ଉଦୟନାଥ ସାହୁଙ୍କ ପୌରୋହିତ୍ୟରେ ଚୌଦ୍ୱାର ପୌରପାଳିକା ୪ ନଂ. ୱାର୍ଡସ୍ଥିତ ରାମଲୀଳା ମଣ୍ଡପରେ ଆୟୋଜିତ କାର୍ଯ୍ୟକ୍ରମରେ କଟକ ନିଖିଳ ଉତ୍କଳ ମଧୁବୈଶ୍ୟ ସମାଜ ସଭାପତି ଦେବେନ୍ଦ୍ରନାଥ ସାହୁ ଓ ସମ୍ପାଦକ ପ୍ରସନ୍ନ ସାହୁଙ୍କ ସମେତ ସମାଜର ବହୁ କର୍ମକର୍ତ୍ତା ଯୋଗଦେଇ ମଧୁବୈଶ୍ୟ ସମାଜର ବିକାଶ ଓ କଲ୍ୟାଣ ଦିଗରେ ସମସ୍ତ ପ୍ରଚେଷ୍ଟା କରାଯିବ ବୋଲି ଘୋଷଣା କରିଥିଲେ। ଏହି ଅବସରରେ ଶ୍ରୀଗଣେଶଙ୍କ ଉପଚାର ପୂଜା ଅନୁଷ୍ଠିତ ହୋଇଥିଲା। ଚୌଦ୍ୱାର ସମାଜର ବସନ୍ତ କୁମାର ସାହୁ, ପ୍ରମୋଦ ସାହୁ, ଲୋକନାଥ ସାହୁ, ଜିବେଶ ସାହୁ, ଅଜୟ ସାହୁ, ଜୟନ୍ତ ସାହୁଙ୍କ ସମେତ ସମସ୍ତ ସଦସ୍ୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ଉପରାଷ୍ଟ୍ରପତିଙ୍କ ଓଡ଼ିଆ ବଜାରସ୍ଥିତ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ଗସ୍ତକୁ ନେଇ ଗୁରୁବାର ଭୁବନେଶ୍ୱରରୁ ନେତାଜୀ ସଂଗ୍ରହାଳୟକୁ କାରକେଡ୍ ରିହରସାଲ।


ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ପରିସରରେ ଉପରାଷ୍ଟ୍ରପତିଙ୍କ ସୁରକ୍ଷା ନେଇ ଅଧିକାରୀମାନେ ଯାଞ୍ଚ କରୁଛନ୍ତି। (ଫଟୋ: ରାଜକିଶୋର ମହାନ୍ତି)।

# ଯୋଗଦେବେ ଉପରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ

**କଟକ,୨୨।୧(ଶିଳ୍ପା ପ୍ରିୟଦର୍ଶିନୀ)**

■ଉଦ୍‌ଘାଟନ ହେବ ସଂସ୍କୃତି ଭବନ, ପୋଷ୍ଟାଲ ଗ୍ୟାଲେରି
■କାରକେଡ୍ ଅଭ୍ୟାସ, ଜେଡ୍‌ପ୍ଲସ ସୁରକ୍ଷା ସହ ୩୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ
■ନିୟୋଜିତ ରହିବେ ଅଗ୍ନିଶମ ବିଭାଗର ୬ ଟିମ୍





ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ପାଇଁ ଓଡ଼ିଆ ବଜାରସ୍ଥିତ ନେତାଜୀ ସଂଗ୍ରହାଳୟ ଓ ବ୍ୟାଖ୍ୟାନ କେନ୍ଦ୍ରରେ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜୟନ୍ତୀ ସମାରୋହରେ ଉପରାଷ୍ଟ୍ରପତି, ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀ ଯୋଗଦେବାକୁ ଥିବାବେଳେ ବରିଷ୍ଠ ଅଧିକାରୀମାନେ ଏହାର ସମୀକ୍ଷା କରିଛନ୍ତି। ଉପରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ଗୁରୁବାର ସକାଳେ କାରକେଡ୍ ଅଭ୍ୟାସ କରାଯାଇଥିଲା। ଭୁବନେଶ୍ୱରରୁ କାରକେଡ୍ ବାହାରି କଟକ ନେତାଜୀ ସଂଗ୍ରହାଳୟରେ ପହଞ୍ଚିଥିଲା। ପରେ ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ ଏବଂ କଟକ ଡିସିପି ଖିଲାରୀ ଋଷିକେଶ ଦ୍ୟାନ୍‌ଦେଓ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି ଭାବେ ଯାଞ୍ଚ କରିଥିଲେ। ଉପରାଷ୍ଟ୍ରପତିଙ୍କ ଗସ୍ତକୁ ନଜରରେ ରଖି ସଂଗ୍ରହାଳୟରେ ପ୍ରବେଶ କଟକଣା ଲାଗୁ କରାଯାଇଛି। ଜୟନ୍ତୀ ଦିନ ବିଭିନ୍ନ ସାମାଜିକ ସଙ୍ଗଠନଠାରୁ ଆରମ୍ଭ କରି ସାଧାରଣ ଲୋକଙ୍କ ସମାଗମ ହୋଇଥାଏ, କିନ୍ତୁ ଚଳିତଥର ସକାଳ ୭ଟାରୁ ଅପରାହ୍ନ ୧ଟା ପର୍ଯ୍ୟନ୍ତ ଜନସାଧାରଣ ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟକୁ ପ୍ରବେଶ କରିପାରିବେ ନାହିଁ। ପର୍ଯ୍ୟଟକମାନେ ସକାଳ ୭ଟା ପର୍ଯ୍ୟନ୍ତ ଏବଂ ଅପରାହ୍ନ ୧ଟା ପରଠାରୁ ପ୍ରବେଶ କରିବେ ବୋଲି ନେତାଜୀ ଜନ୍ମସ୍ଥାନ ସଂଗ୍ରହାଳୟ ଟ୍ରଷ୍ଟ ପକ୍ଷରୁ ସୂଚନା ମିଳିଛି। ଉପରାଷ୍ଟ୍ରପତିଙ୍କ ଗସ୍ତକୁ ନଜରରେ ରଖି ସୁରକ୍ଷା କଡ଼ାକଡ଼ି କରାଯାଇଥିବାବେଳେ ଜେଡ୍‌ପ୍ଲସ୍ ସୁରକ୍ଷା ବ୍ୟବସ୍ଥା ସହ ୩୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ। ଏହାସହ ୧୫୦ରୁ ଅଧିକ ଅଫିସର ଦାୟିତ୍ୱରେ ରହିବେ। କଟକ ସହରର ବିଭିନ୍ନ ଥାନା ସହିତ ଜିଲା ବାହାରୁ ଅଧିକାରୀ ସୁରକ୍ଷା ଦାୟିତ୍ୱରେ ରହିବେ। ନେତାଜୀ ସଂଗ୍ରହାଳୟ, ସଂସ୍କୃତି ଭବନ ଓ କଟକ-ଭୁବନେଶ୍ୱର ରାସ୍ତାରେ ରୁଟ୍ ଲାଇନିଂ ପାଇଁ ଏହି ପୋଲିସ କର୍ମୀ ଓ ଅଧିକାରୀ ନିୟୋଜିତ ରହିବେ। ପୋଲିସ କମିଶନର ଓ ଡିସିପି କାର୍ଯ୍ୟକ୍ରମ ସ୍ଥାନରେ ଉପସ୍ଥିତ ରହିବେ ବୋଲି ସୂଚନା ମିଳିଛି।

**ଆଜି ନେତାଜୀ ଜୟନ୍ତୀ**

ଜୟନ୍ତୀ ଅବସରରେ ସଂଗ୍ରହାଳୟରେ ନୂତନ କରି ଡାକ ବିଭାଗ ପକ୍ଷରୁ କରାଯାଇଥିବା ଫିଲାଟେଲିକ୍ ଗ୍ୟାଲେରି ବା ପୋଷ୍ଟାଲ ଗ୍ୟାଲେରି ଉଦ୍‌ଘାଟନ କରାଯିବ। ଏହାସହ ନବନିର୍ମିତ ସଂସ୍କୃତି ଭବନ ଲୋକାର୍ପଣ କରାଯିବ। ପ୍ରାୟ ୬ କୋଟି ଟଙ୍କା ବ୍ୟୟରେ ନିର୍ମିତ ଏହି ଭବନକୁ ନେତାଜୀଙ୍କ ନାମରେ ନାମିତ କରାଯାଇଛି। ଏଥିରେ ୩୦୦ଜଣ ବସିବାର କ୍ଷମତା ରହିଛି। ଉପରାଷ୍ଟ୍ରପତି ଏହାକୁ ଉଦ୍‌ଘାଟନ କରିବା ପରେ ସେଠାରେ ପରାକ୍ରମ ଦିବସ ସଭା କାର୍ଯ୍ୟକ୍ରମରେ ଯୋଗଦେବେ ବୋଲି ସୂଚନା ମିଳିଛି।

ଏନେଇ ଡିସିପି ଦ୍ୟାନ୍‌ଦେଓ କହିଛନ୍ତି, ଉପରାଷ୍ଟ୍ରପତିଙ୍କ ଗସ୍ତକୁ ନଜରରେ ରଖି ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଶୃଙ୍ଖଳିତ ଭାବେ କାର୍ଯ୍ୟ ସମାପାନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହାସହ ସମସ୍ତ କଟକଣାକୁ ଜନସାଧାରଣ ପାଳନ କରିବାକୁ ସେ ଅନୁରୋଧ କରିଛନ୍ତି। ସେହିପରି ଅଗ୍ନିଶମ ବିଭାଗ ପକ୍ଷରୁ ସମସ୍ତ ପ୍ରସ୍ତୁତି କରାଯାଇଛି। ପ୍ରାୟ ୩ ସ୍ଥାନରେ ଅଗ୍ନିଶମ ବାହିନୀ ସଜାଗ ରହିବେ। ୩ଟି ଗାଡ଼ି ସହ ୬ଟି ଟିମ୍ ଆରମ୍ଭରୁ ଶେଷଯାଏ ମୁତୟନ ରହିବେ।

## ସଡ଼କ ସୁରକ୍ଷା ସଚେତନତା ଦିବସ ପାଳିତ

**କଣ୍ଟାପଡ଼ା,୨୨।୧(ସୁରନାରାୟଣ ସାହୁ)**

କଣ୍ଟାପଡ଼ା ବ୍ଲକ ଅନ୍ତର୍ଗତ ଦେଉଳି (ସୁନ୍ଦରଗ୍ରାମସ୍ଥିତ) ଦଧୀଚି ସମୂହ ଅନୁଷ୍ଠାନ ପକ୍ଷରୁ ୨୦ ତାରିଖରେ ସଡକ ସୁରକ୍ଷା ସଚେତନତା ଦିବସ ପାଳିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ୩୦୦ ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀ ଶିକ୍ଷକ ହାତରେ ପ୍ଲାକାର୍ଡ ଧରି ସୁନ୍ଦର ଗ୍ରାମ ବଜାରଠାରୁ ସଡ଼କ ସୁରକ୍ଷା ସଚେତନତାର ସ୍ଲୋଗାନ ଦେଇ ବାଗଲପୁର ପଞ୍ଚାୟତ ପର୍ଯ୍ୟନ୍ତ ଆସିଥିଲେ। ଦାଧୀଚି ଅନୁଷ୍ଠାନ ଚେୟାରମ୍ୟାନ ଡ ମନୋଜ କୁମାର ଦାଶ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଶାସନ ବିଭାଗର ଅଧକ୍ଷ ସୀମାଞ୍ଚଳ ପଣ୍ଡା, କଟକ ଟ୍ରାଫିକର ଅତିରିକ୍ତ ପୋଲିସ ନିରୀକ୍ଷକ ମୀନାକ୍ଷୀ ଠାକୁର, ଓଲଟପୁର ଥାନା ଆଇଆଇସି କାଦମ୍ବିନୀ ପରିଡ଼ା ଓ ସ୍ଥାନୀୟ ସରପଞ୍ଚ ଜ୍ୟୋତ୍ସ୍ନା ରାଣୀ ସେଠୀ ଯୋଗଦେଇଥିଲେ। ହରେକୃଷ୍ଣ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଜୟ ଶ୍ରୀରାମ ନାରାରେ ପ୍ରକମ୍ପିତ ହେଲା ସହର

**କଟକ,୨୨।୧(ଶିଳ୍ପା ପ୍ରିୟଦର୍ଶିନୀ)**


କଟକ ଜିଲା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ବାହାରିଥିବା ଧ୍ୱଜାଯାତ୍ରା।

ଅଯୋଧ୍ୟାରେ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଦିବସକୁ ଭାରତ ବର୍ଷରେ ଉତ୍ସବ ରୂପେ ପାଳନ କରାଯାଉଥିବାବେଳେ କଟକ ଜିଲା ଭାଜପା ଯୁବ ମୋର୍ଚ୍ଚା ପକ୍ଷରୁ ଏକ ବିଶାଳ ଧ୍ୱଜା ଯାତ୍ରା କରାଯାଇଥିଲା। ଆଧ୍ୟାତ୍ମିକ ବାତାବରଣ ସହ ପାରମ୍ପରିକ ବାଦ୍ୟରେ ଏହି ଯାତ୍ରା ଗୁରୁବାର ଅପରାହ୍ନରେ ମା' କଟକ ଚଣ୍ଡୀଙ୍କ ମନ୍ଦିର ସମ୍ମୁଖରୁ ବାହାରି ସେଖ ବଜାର, ମହମ୍ମଦିଆ ବଜାର, ଚାନ୍ଦିନୀଚୌକ, ନିମଚୌଡ଼ି, ବାଲୁବଜାର, ଚୌଧୁରୀ ବଜାର, ସିଏମ୍‌ସି ଓ ଶେଷରେ ମାରୁତୀ ମଣ୍ଡପରେ ସମାପନ କରାଯାଇଥିଲା। ଏଥିରେ ସହରର ମୁରବି, ବୁଦ୍ଧୀଜୀବୀ, ଯୁବ ଓ ଛାତ୍ରଙ୍କ ସମେତ ପୂଜା କମିଟି, ବଜାର କମିଟର ସଦସ୍ୟ ତଥା ବିଭିନ୍ନ ହିନ୍ଦୁ ସଙ୍ଗଠନ ଯୋଗଦେଇଥିଲେ। ଜିଲା ସଭାପତି ସୁକାନ୍ତ ବିଶ୍ୱାଳଙ୍କ ଉପସ୍ଥିତିରେ ଶୋଭାଯାତ୍ରାରେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇଥିଲେ। ଭାଜପା ଯୁବମୋର୍ଚ୍ଚା କାର୍ଯ୍ୟକର୍ତ୍ତା ଆଶିଷକାନ୍ତ ମହାନ୍ତି, ସୁରଜ ଦାସ, ଦେବିଦତ୍ତ ଦାସ, ଅବିନାଶ ନାୟକ, ସୁଶାନ୍ତ ନାୟକଙ୍କ ସଂଯୋଜନାରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ସାଧାରଣ ସମ୍ପାଦକ ସ୍ମୃତି ରଞ୍ଜନ ମିଶ୍ର, ଅଶୋକ ସାହୁ, ଜିଲା ଉପସଭାପତି ବିଶ୍ୱ ରଞ୍ଜନ ମିଶ୍ର, ସୁନୀଲ ଦିବେଦୀ, ଜଗନ୍ନାଥ ପରିଡା, ସୁରେଶ ଜେନା, ସ୍ୱାଧୀନ ମହାନ୍ତି, ପ୍ରଶାନ୍ତ ଦାସ, ଶୁଭମ ସ୍ୱାଇଁ, ସୁଶାନ୍ତ ପାତ୍ର, ହରିଚନ୍ଦନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଜାତୀୟ ମତଦାତା ଦିବସ

**ଚୌଦ୍ୱାର,୨୨।୧(ଆଶୁତୋଷ ଦାସ)**

ଚୌଦ୍ୱାର ପୌରପାଳିକା ପକ୍ଷରୁ ୧୬ତମ ଜାତୀୟ ମତଦାତା ଦିବସ ଗୁରୁବାର ପାଳିତ ହୋଇଯାଇଛି। ପୌର ନିର୍ବାହୀ ଅଧିକାରୀ ସୌମ୍ୟରଞ୍ଜନ ମିଶ୍ରଙ୍କ ପରିଚାଳନାରେ ପୌର କାର୍ଯ୍ୟାଳୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୌରପାଳିକାର ଅଧିକାରୀ ବୃନ୍ଦ ଓ କର୍ମଚାରୀ ଅଂଶ ଗ୍ରହଣ କରି 'ମତଦାନ ଅଟେ ଅତୁଳନୀୟ, ନିର୍ବାଚନ ବେଳେ ଆମ ମତଦାନ ହେବ ନିଶ୍ଚୟ' ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା କରିଥିଲେ। ସେହପରି ଚୌଦ୍ୱାର ମହାବିଦ୍ୟାଳୟରେ ଅଧକ୍ଷା ରଶ୍ମି ରାଉତରାୟଙ୍କ ପୌରୋହିତ୍ୟରେ ମହାବିଦ୍ୟାଳୟ ପରିସରରେ ଆୟୋଜିତ ମତଦାତା ଦିବସ କାର୍ଯ୍ୟକ୍ରମରେ ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ର ତଥା କର୍ମଚାରୀମାନେ ଯୋଗଦେଇ ମତଦାନ ଅଧିକାର ଓ ମତଦାତାଙ୍କ ଦାୟିତ୍ୱ ସମ୍ପର୍କରେ ଆଲୋଚନା କରିବା ସହ ଶପଥପାଠ କରିଥିଲେ।

**ସେଲ୍‌ଫି କର୍ଣ୍ଣର ଧରିତ୍ରୀ**
**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**
metroselfie@gmail.com


@ ସୂର୍ଯ୍ୟମଣି


@ ମନିକା


@ ରାଜକୁମାର


@ ଅଭିଷେକ


@ ବରୋଦା

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ବଡ଼ ମଣିଷ ହେବା ପାଇଁ ସ୍ୱପ୍ନ ଦେଖ



୪୨ମୌଜା ସୁଦର୍ଶନ ମହାବିଦ୍ୟାଳୟର ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

**କଟକ ସଦର,୨୨।୧(ସୁଶାନ୍ତ କୁମାର ଜେନା)**

**ସୁଦର୍ଶନ ମହାବିଦ୍ୟାଳୟର ବାର୍ଷିକୋତ୍ସବ**

୪୨ ମୌଜା ଅନ୍ତର୍ଗତ ସୁଦର୍ଶନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟର ବାର୍ଷିକ ଉତ୍ସବ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ଯୋଗଦେଇ ଜୀବନରେ ବଡ଼ ମଣିଷ ହେବା ପାଇଁ ସ୍ୱପ୍ନ ଦେଖିବାକୁ ଛାତ୍ରୀଛାତ୍ରମାନଙ୍କୁ ପରାମର୍ଶ ଦେଇଥିଲେ। ଜୀବନରେ ସଫଳ ହେବାକୁ ହେଲେ ଅଧିକରୁ ଅଧିକ ଜ୍ଞାନ ଆହରଣ କରିବାକୁ ପଡ଼ିବ ବୋଲି ବିଧାୟକ ସେଠୀ କହିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ପ୍ରଶାସକ ଡ. ପାର୍ଥ ସାରଥି ମିଶ୍ର, ଅବସରପ୍ରାପ୍ତ ଅଧକ୍ଷ ଇଂ. ଦୁର୍ଗା ଚରଣ ବେହେରା, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ବିନୟ କୁମାର ଭୂୟାଁ, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. କିଶୋର ଚନ୍ଦ୍ର ଦାସ, ଯୁକ୍ତ ୩ ମହାବିଦ୍ୟାଳୟ ଅଧକ୍ଷ ଗଣେଶ୍ୱର ଦାଶ ଓ ଚଳଚ୍ଚିତ୍ର ଅଭିନେତ୍ରୀ ଅଳକା ସାରଙ୍ଗି ମଞ୍ଚାସୀନ ହୋଇଥିଲେ। ଜ୍ଞାନ ହେଉଛି ଶକ୍ତି, ଜ୍ଞାନକୁ ଠିକ ଭାବେ ବ୍ୟବହାର ନ କଲେ ତାହା ମୂଲ୍ୟହୀନ ହୋଇ ପଡ଼ିବ ବୋଲି ବରିଷ୍ଠ ପ୍ରଶାସକ ଡ. ମିଶ୍ର କହିଥିଲେ। କେବଳ ପୁସ୍ତକରୁ ଜ୍ଞାନ ଆହରଣ ସମ୍ଭବ ହେବନାହିଁ, ବାହ୍ୟ ଜ୍ଞାନ ଆହରଣ ଆବଶ୍ୟକ ବୋଲି ଅନ୍ୟତମ ଅତିଥି ଭୂୟାଁ କହିଥିଲେ। ଜୀବନରେ ଆଗକୁ କ'ଣ କରିବ ତା'ର ଲକ୍ଷ୍ୟ ସ୍ଥିର ଏବେଠୁ କରିବା ଆବଶ୍ୟକ ବୋଲି ଅତିଥି ଇଂ. ବେହେରା କହିଥିଲେ। ଯିଏ ଯେଉଁ କ୍ଷେତ୍ରରେ ଅଛ ସେହି କ୍ଷେତ୍ରରେ କାର୍ଯ୍ୟ ନିଷ୍ଠାପର ଭାବେ ତୁଲାଅ ବୋଲି ମୁଖ୍ୟବକ୍ତା ଡ. ଦାସ କହିଥିଲେ। ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଶିବଶଙ୍କର ସେଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଡ.ସୁଶାନ୍ତ କୁମାର କର ସ୍ୱାଗତ ଭାଷଣ ଦେଇଥିବା ବେଳେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ବିବରଣୀ ଅଧ୍ୟାପକ ସତ୍ୟ ରଞ୍ଜନ ରାୟ ଓ ମହାବିଦ୍ୟାଳୟର ବିବରଣୀ ଡ. ସଂଘମିତ୍ରା ବିଶ୍ୱାଳ ପାଠ କରିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଡ. ମିଶ୍ରଙ୍କ ରଚିତ ପୁସ୍ତକ ୟୁଥ ଆଣ୍ଡ ଗ୍ରୁଥକୁ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ। ଏହି ପରିପ୍ରେକ୍ଷୀରେ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ପିଲାମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଅଧ୍ୟାପିକା ରୂପାନନ୍ଦା କାନୁନଗୋ ଧନ୍ୟବାଦ ଅର୍ପଣ କରିଥିଲେ।

## ଜଙ୍ଗଲ ନିଆଁଲିଭା ପ୍ରଶିକ୍ଷଣ ନେଲେ ବନ କର୍ମଚାରୀ

**ଖୁଣ୍ଟୁଣୀ,୨୨।୧(ସଚ୍ଚିଦାନନ୍ଦ ପଣ୍ଡା)**



ପ୍ରଶିକ୍ଷଣ ଶିବିରରେ ଯୋଗଦେଇଥିବା ବନ ବିଭାଗ ଅଧିକାରୀ ଏବଂ ଅନ୍ୟମାନେ।

**ଢେଙ୍କାନାଳ, ଆଠଗଡ଼ ଡିଭିଜନର ବନଖଣ୍ଡ ଅଧିକାରୀ, କର୍ମଚାରୀ ସାମିଲ**

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଓଡ଼ିଶା ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଓ ଆଠଗଡ଼ ବନଖଣ୍ଡ ଦ୍ୱାରା ପରିଚାଳିତ ଜଙ୍ଗଲ ନିଆଁ ପ୍ରତିରୋଧ ପ୍ରଶିକ୍ଷଣ ସଚେତନତା ଶିବିର-୨୦୨୬ ଗୁରୁବାର ଖୁଣ୍ଟୁଣୀ ବନାଞ୍ଚଳ ଅଧୀନ ଓରନ୍ଦା ଗ୍ରାମ ୱାଚ ଟାୱାରଠାରେ ଅନୁଷ୍ଠିତ ହୋଇଯାଇଛି। ଶିବିରକୁ ଆଠଗଡ଼ ଡିଏଫ୍‌ଓ ଚିଲିଚିଲି ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ଶିବିରରେ କଟକ, ଢେଙ୍କାନାଳ ଓ ଆଠଗଡ଼ ବନ ଖଣ୍ଡର ସମସ୍ତ ଡିଏଫ୍‌ଓଙ୍କ ସମେତ ବାଙ୍କୀ, ବଡମ୍ବା, ନରସିଂହପୁର-୧, ନରସିଂହପୁର-୨, ଆଠଗଡ଼ ଓ ଖୁଣ୍ଟୁଣୀ ବନାଞ୍ଚଳର ସମସ୍ତ ଏସିଏଫ୍, ରେଞ୍ଜର, ଆଠଗଡ଼ ଅଗ୍ନିଶମ ବିଭାଗ, ଫରେଷ୍ଟର, ଫରେଷ୍ଟ ଗାର୍ଡ, ପାରା କର୍ମଚାରୀ, ହାତୀ ଟ୍ରାକର ଏବଂ ସମସ୍ତ ଗ୍ରାମର ବନ ସୁରକ୍ଷା ସମିତି ସଦସ୍ୟ ଉପସ୍ଥିତ ଥିଲେ। ଆଗକୁ ଗ୍ରୀଷ୍ମ ଋତୁ ଆସୁଥିବା ବେଳେ ଜଙ୍ଗଲରେ ଅନେକ କାରଣରୁ ଅଗ୍ନିକାଣ୍ଡ ଘଟି କୋଟି କୋଟି ଟଙ୍କାର ଜଙ୍ଗଲ ସମ୍ପଦ ନଷ୍ଟ ହେବା ସହିତ ନିରୀହ ପଶୁପକ୍ଷୀ ଓ ବିଭିନ୍ନ ପ୍ରଜାତିର ବନ୍ୟଜନ୍ତୁଙ୍କ ଜୀବନ ଚାଲିଯିବା ଆଶଙ୍କା ରହିଛି। ଏପରି ସ୍ଥଳେ ଏହି ବନାଗ୍ନିକୁ କିଭଳି ଦୃଢତା ଓ ଦକ୍ଷତାର ସହିତ ଜଙ୍ଗଲ ବିଭାଗ ମୁକାବିଲା କରି ବନ୍ୟପ୍ରାଣୀମାନଙ୍କ ଜୀବନ ସୁରକ୍ଷା କରିପାରିବ ସେଥିପାଇଁ ବନ କର୍ମଚାରୀଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଆଠଗଡ ଡିଏଫ୍‌ଓ ଚିଲିଚିଲି ବିଶ୍ୱାଳ କହିଛନ୍ତି, ଜଙ୍ଗଲରେ ନିଆଁ ଲାଗିବା କ୍ଷଣି ତୁରନ୍ତ ଦମକଳ ବିଭାଗକୁ ଖବର ଦେବା ସହିତ ପାଖରେ ଥିବା ଜଙ୍ଗଲ କର୍ମଚାରୀମାନେ ତୁରନ୍ତ ପହଞ୍ଚି ନିଆଁ ଲିଭା ମେଶିନ (ବ୍ଲୋର ଯନ୍ତ୍ର) ସାହାଯ୍ୟରେ ନିଆଁକୁ ଆୟତ୍ତ କରିବାକୁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ନିଆଁ ଲାଗିଲେ ପ୍ରଥମେ ତଳେ ପଡିଥିବା ଶୁଖିଲା ପତ୍ରରେ ନିଆଁ ଲାଗି ବ୍ୟାପକ ରୂପ ଧାରଣ କରିଥାଏ। ନିରୀହ ଜୀବଜନ୍ତୁ ଭୟଭୀତ ହୋଇ ଜୀବନ ରକ୍ଷା ପାଇଁ ଏଣେତେଣେ ଧାଁଧଉଡ଼ କରିଥାନ୍ତି। ଏପରିସ୍ଥିତିରେ ସେମାନଙ୍କ ପାଖରେ ଜଙ୍ଗଲ ବିଭାଗ କର୍ମଚାରୀମାନେ ପହଞ୍ଚି ସେମାନଙ୍କୁ ସୁରକ୍ଷା ଦେବା ଜରୁରୀ ବୋଲି ବିଭିନ୍ନ ବରିଷ୍ଠ ବନ ଅଧିକାରୀମାନେ ସଚେତନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଟକ, ଚୌଦ୍ୱାର ମଙ୍ଗରାଜପୁର, ଢେଙ୍କାନାଳ ବଲଦିଆବନ୍ଧର ସେକ୍ସନ ଅଧିକାରୀମାନେ ଯୋଗଦେଇ ସେମାନଙ୍କ ମତ ଦେଇଥିଲେ। ଏସିଏଫ ସାହୁ ଧନ୍ୟବାଦ ଦେଇଥିଲେ।

## ଦିଲ୍ଲୀରେ ଆଜି




ସାଧାରଣତନ୍ତ୍ର ଦିବସ ପରେଡ୍‌ରେ ସାମିଲ ହେବାକୁ ଥିବା ଓଡ଼ିଶାର ପ୍ରଜ୍ଞାପନ ମେଢ଼। (ଫଟୋ: ତମନ ଗୌତମ)

# ମୁମ୍ବାଇ, ପୁଣେରେ ମହିଳା ହେବେ ମେୟର

ମୁମ୍ବାଇ,୨୨।୧: ବୃହନ୍ମୁମ୍ବାଇ ମହାନଗର ନିଗମର ପରବର୍ତ୍ତୀ ମେୟର ସାଧାରଣ ବର୍ଗର ଜଣେ ମହିଳା ହେବେ। ଗୁରୁବାର ଲଟେରି ଉଠାଣ ପରେ ଏହା ସ୍ପଷ୍ଟ ହୋଇଛି। ତେବେ ଶାସକ ଭାଜପା ଏବଂ ଶିବସେନା (ଶିନ୍ଦେ ଗୋଷ୍ଠୀ)କୁ ସୁହାଇବା ପାଇଁ ଲଟେରି ପ୍ରକ୍ରିୟାରେ ଏପରି ଫିକ୍ସିଂ କରାଯାଇଥିବା ବିରୋଧୀ ଅଭିଯୋଗ ଆଣିଛନ୍ତି। ଏସିଆର ସବୁଠୁ ଧନୀ ମହାନଗର ନିଗମ ବିଏମ୍‌ସି ନିର୍ବାଚନ ଜାନୁଆରୀ ୧୫ରେ ଅନୁଷ୍ଠିତ ହୋଇଥିଲା। ୨୨୭ ଆସନ ବିଶିଷ୍ଟ ବିଏମ୍‌ସି ଦଖଲ ପାଇଁ ମ୍ୟାଜିକ୍ ନମ୍ବର ହେଉଛି ୧୧୪। ଭାଜପାକୁ ୮୯ ଆସନରେ ସଫଳତା ମିଳିଥିବାବେଳେ ଉପମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେଙ୍କ ନେତୃତ୍ୱାଧୀନ ଶିବସେନା ୨୯ ଆସନରେ ବିଜୟୀ ହୋଇଛି। ଉଦ୍ଧବ ଠାକରେଙ୍କ ଶିବସେନା (ୟୁବିଟି) ୬୫ ଆସନରେ ସୀମିତ ରହିଛି। ତଫସିଲଭୁକ୍ତ ଜନଜାତି (ଏସ୍‌ଟି) ବର୍ଗର ଜଣେ ମହିଳା ମେୟର ହେବେ ବୋଲି ଉଦ୍ଧବଙ୍କ ଦଳ ଆଶା କରିଥିଲା। କିନ୍ତୁ ଲଟେରି ଉଠାଣ ପରେ ମୁମ୍ବାଇର ମେୟର ପଦ ମଣ୍ଡନ କରିବା ନେଇ ଶିବସେନା (ୟୁବିଟି)ର ସ୍ୱପ୍ନ ଧୂଳିସାତ୍ ହୋଇଯାଇଛି। ଲଟେରି ଫଳାଫଳ ଅନୁସାରେ ମହାରାଷ୍ଟ୍ରର ଅନ୍ୟ ୮ ମହାନଗର ନିଗମ ପୁଣେ, ଧୂଳେ, ନାନ୍ଦେଡ୍-ୱାଘଲା, ନବି ମୁମ୍ବାଇ, ମାଲେଗାଓଁ, ମୀରା-ଭୟନ୍ଦର, ନାଗପୁର ଓ ନାଶିକରେ ମଧ୍ୟ ସାଧାରଣ ବର୍ଗର ମହିଳା ମେୟର ହେବେ। ମେୟରମାନେ କର୍ପୋରେଟରଙ୍କ ଦ୍ୱାରା ନିର୍ବାଚିତ ହୁଅନ୍ତି। କିନ୍ତୁ ସାଧାରଣ ବର୍ଗ କିମ୍ବା ମହିଳା, ତଫସିଲଭୁକ୍ତ ଜାତି (ଏସ୍‌ସି), ତଫସିଲଭୁକ୍ତ ଜନଜାତି (ଏସ୍‌ଟି) ଅଥବା ଅନ୍ୟ ପଛୁଆ ବର୍ଗ (ଓବିସି)ରୁ ମେୟର କରାଯିବା ନେଇ ପ୍ରଥମେ ଲଟେରି କରାଯାଇଥାଏ। ଏହି କାଟାଗୋରି ନିର୍ଦ୍ଧାରିତ ହେବା ପରେ ଯୋଗ୍ୟ କର୍ପୋରେଟରମାନେ ନିଜ ନାମାଙ୍କନପତ୍ର ଦାଖଲ କରନ୍ତି। ନାମାଙ୍କନ ଶେଷ ହେବା ପରେ ମ୍ୟୁନିସିପାଲ କର୍ପୋରେଶନ୍‌ର ଏକ ସ୍ୱତନ୍ତ୍ର ବୈଠକରେ ମେୟର ନିର୍ବାଚନ କରାଯାଇଥାଏ। ସମ୍ବିଧାନର ୭୪ତମ ସଂଶୋଧନ ଅନୁଯାୟୀ ରୋଟେସନ୍‌ଭିତ୍ତିରେ ବିଭିନ୍ନ ବର୍ଗକୁ ସୁଯୋଗ ମିଳିଥାଏ। ଏନେଇ ଶିବସେନା (ୟୁବିଟି)ର ପୂର୍ବତନ ବିଏମ୍‌ସି ମେୟର କିଶୋରୀ ପେଡ୍‌ନେକର କହିଛନ୍ତି, ଶାସକ ମେଣ୍ଟକୁ ସୁବିଧା ଦେବା ପାଇଁ ସରକାର ପ୍ରକ୍ରିୟାରେ ଜାଲିଆତି କରାଯାଇଛି। ଏସ୍‌ଟି ବର୍ଗ ପାଇଁ ଏହି ଆସନ ସଂରକ୍ଷିତ ଥିବାବେଳେ ସରକାର ନିୟମକୁ ବଦଳାଇଦେଇଛନ୍ତି। ଯାହା ଦଳରେ ଏସ୍‌ଟି ବର୍ଗର ୨ କର୍ପୋରେଟର ଥିବାରୁ ଜାଣିଶୁଣି ଏପରି କରାଯାଇଛି ବୋଲି ସେ ସମାଲୋଚନା କରିଛନ୍ତି।

## ବଜେଟ ଅଧିବେଶନରେ ଉଠିବ ଏମ୍‌ଜିଏନ୍‌ଆରଇଜିଏ ପ୍ରସଙ୍ଗ: ଖାର୍ଗେ

ନୂଆଦିଲ୍ଲୀ,୨୨।୧: ଆସନ୍ତା ୨୮ରେ ଆରମ୍ଭ ହେବାକୁ ଥିବା ସଂସଦର ବଜେଟ ଅଧିବେଶନରେ କଂଗ୍ରେସ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ (ଏମ୍‌ଜିଏନ୍‌ଆରଇଜିଏ) ପ୍ରସଙ୍ଗ ଉଠାଇବ ବୋଲି ଦଳର ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଗୁରୁବାର ସ୍ପଷ୍ଟ କରିଛନ୍ତି। ନୂଆଦିଲ୍ଲୀର ଜବାହରଭବନରେ ରଚନାତ୍ମକ କଂଗ୍ରେସ ପକ୍ଷରୁ ଆୟୋଜିତ ଏମ୍‌ଜିଏନ୍‌ଆରଇଜିଏ ଶ୍ରମିକ ସମ୍ମିଳନୀକୁ ସମ୍ବୋଧିତ କରି ଖାର୍ଗେ କହିଛନ୍ତି, ଉକ୍ତ ଯୋଜନାରୁ ମହାତ୍ମା ଗାନ୍ଧୀଙ୍କ ନାମ ହଟାଇବା ପଛର ଉଦ୍ଦେଶ୍ୟ ହେଉଛି ଜନମାନସରୁ ତାଙ୍କ ନାମକୁ ଲିଭାଇବା ଏବଂ ଗ୍ରାମ ସ୍ୱରାଜର ଧାରଣାକୁ ଦୁର୍ବଳ କରିବା। କେନ୍ଦ୍ର ସରକାର ଯେପରି ନୂଆ ଆଇନକୁ କାର୍ଯ୍ୟକାରୀ କରିପାରିବେ ନାହିଁ ସେଥିଲାଗି ଲୋକେ ଏକଜୁଟ ହେବା ଜରୁରୀ ବୋଲି ଖାର୍ଗେ ଆହ୍ୱାନ ଦେଇଛନ୍ତି। ଭିବି-ଜି ରାମ ଜି ଆଇନକୁ ତୁରନ୍ତ ପ୍ରତ୍ୟାହାର କରାଯାଉ ବୋଲି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଦାବି କରିଛନ୍ତି।



କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ସହ ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ।

# ଆଜିଠୁ ଆମେରିକା, ୟୁକ୍ରେନ୍, ରୁଷିଆ ତ୍ରିପାକ୍ଷିକ ବୈଠକ

**ଡାଭୋସ୍‌ରେ ଘୋଷଣା କଲେ ଜେଲେନ୍‌ସ୍କି**

ଡାଭୋସ୍,୨୨।୧: ସୁଇଜରଲାଣ୍ଡର ଡାଭୋସ୍‌ରେ ଚାଲିଥିବା ୱାର୍ଲ୍ଡ ଇକୋନୋମିକ ଫୋରମ୍‌ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଅନ୍ତର୍ଜାତୀୟ 'ବୋର୍ଡ ଅଫ୍ ପିସ୍' ଗଠନ ନେଇ ଘୋଷଣା କରିଥିବାବେଳେ ତାଙ୍କ ଅନେକ ଦେଶର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ସାକ୍ଷାତ୍ କରିଛନ୍ତି। ଏହି ଅବସରରେ ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଡିମିର ଜେଲେନ୍‌ସ୍କି ଟ୍ରମ୍ପଙ୍କ ସହ ଆଲୋଚନା ପରେ ବିଶ୍ୱନେତାମାନଙ୍କୁ ସମ୍ବୋଧିତ କରିଛନ୍ତି। ସେ କହିଛନ୍ତି, ଟ୍ରମ୍ପଙ୍କ ସହ ସାକ୍ଷାତ୍ ଫଳପ୍ରଦ ହୋଇଛି। ମସ୍କୋ ଯାତ୍ରା କରିବା ପାଇଁ ଆମେରିକାର ପ୍ରତିନିଧି ଦଳକୁ ସେ ଅପେକ୍ଷା କରିଛନ୍ତି। ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ)ରେ ଶୁକ୍ରବାରଠାରୁ ଆମେରିକା, ରୁଷିଆ ଓ ୟୁକ୍ରେନ୍ ମଧ୍ୟରେ ତ୍ରିପାକ୍ଷିକ ବୈଠକ ଆରମ୍ଭ ହେବ ଏବଂ ଶନିବାର ପର୍ଯ୍ୟନ୍ତ ଚାଲିବ। ୨୦୨୨ରୁ ଚାଲିଥିବା ରୁଷିଆ-ୟୁକ୍ରେନ୍ ଯୁଦ୍ଧର ଅବସାନ ଦିଗରେ ଏହା ସହାୟକ ହେବ ବୋଲି ଜେଲେନ୍‌ସ୍କି ଆଶାବାଦୀ ଥିବା କହିଛନ୍ତି। ତେବେ ଏଥିଲାଗି ରୁଷିଆକୁ ମଧ୍ୟ ସାଲିସ କରିବାକୁ ପଡ଼ିବ ବୋଲି ସେ କହିଛନ୍ତି।



ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଓ ୟୁକ୍ରେନ ପ୍ରତିପକ୍ଷ ଭୋଲୋଡିମିର ଜେଲେନ୍‌ସ୍କି।

## ଭୋଜଶାଳାରେ ହିନ୍ଦୁ, ମୁସଲିମଙ୍କୁ ପୂଜା ଅନୁମତି ଦେଲେ ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୨୨।୧: ମଧ୍ୟପ୍ରଦେଶର ଧାରସ୍ଥିତ ବିବାଦୀୟ ଭୋଜଶାଳା-କମାଲ ମୌଲା ମସ୍‌ଜିଦରେ ସରସ୍ୱତୀ ପୂଜା ଦିନ ଉଭୟ ହିନ୍ଦୁ ଓ ମୁସଲମାନମାନେ ପୂଜକ ଭାବେ ପୂଜାର୍ଚ୍ଚନା କରିପାରିବେ ବୋଲି ଗୁରୁବାର ସୁପ୍ରିମକୋର୍ଟ ସ୍ପଷ୍ଟ କରିଛନ୍ତି। ତଦନୁସାରେ ସେଠାରେ ଅପରାହ୍ନ ୧ଟାରୁ ୩ଟା ପର୍ଯ୍ୟନ୍ତ ମୁସଲିମମାନେ ପ୍ରାର୍ଥନା କରିପାରିବେ। ନମାଜପାଠ କରିବା ପାଇଁ ଆସିବାକୁ ଥିବା ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକଙ୍କ ଏକ ତାଲିକା ଜିଲ୍ଲା ପ୍ରଶାସନକୁ ପ୍ରଦାନ କରିବା ପାଇଁ ସିଜେଆଇ ସୂର୍ଯ୍ୟ କାନ୍ତଙ୍କ ଅଧ୍ୟକ୍ଷତାରେ ଗଠିତ ୩ ଜଣିଆ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି।


**ZILLA PARISHAD, PURI**
**ODISHA RURAL DEVELOPMENT & MARKETING SOCIETY, PURI** ORMAS PURI
Panchayati Raj & D.W. Deptt. Govt. of Odisha)
Letter No.885/ ORMAS Date 21.01.2026
**Advertisement Material**
No.CAD-3084:Chief Development Officer-cum-Executive Officer, Zilla Parishad, Puri invites sealed bids from reputed, registered/sole proprietor suppliers/ Firms for tentage & allied Services for **Atmanirvar Bharat and Swadeshi Mela**-2026 from dated 11.02.2026 to dt 15.02.2026 at Talabania, Puri. Bidders fulfilling the prescribed eligibility criteria of the tender can access and download the complete Tender Documents and other details from http://puri.odisha.gov.in. The sealed documents should reach to office of the Zilla Parishad, Puri latest by **dt 31.01.2026 by 5.00 PM** through Speed/ Regd. Post only and Technical bid shall be opened on **dt. 02.02.2026 at 11.00 AM** and Financial Bid shall be opened on **dt 03.02.2026 at 11.00 AM.**
OIPR- Sd./- CDO-cum-EO, Zilla Parishad, Puri

GOVERNMENT OF ODISHA No. O-2122
**OFFICE OF THE SUPERINTENDING ENGINEER, RURAL WORKS DIVISION, NIMAPARA**
Mail ID: ee_nimapara@yahoo.co.in
No.: Tender Online-Divn. NPR-16/2025-26 Date: 17.01.2026
**e-Procurement NOTICE**

| | | |
|---|---|---|
| 1. | Name of the Work | Road works for the year 2025-26 |
| 2. | Total No. of Projects | 01 (One) No. of Projects |
| 3. | Estimated cost of Projects | To Rs.27.10 lakh |
| 4. | Class of Contractor | |
| | a) Estimated cost above Rs.20.00 lakhs and upto Rs.300.00 Lakhs | "B" Class (of Odisha PWD) or relevant class of other licensing authorities |
| | b) Estimated cost more than Rs.20.00 lakhs and upto Rs.40.00 Lakhs | "C" Class & "B" Class (of Odisha PWD) or relevant class of other licensing authorities |
| | c) Estimated cost upto Rs.20.00 lakh | "D" Class & "C" Class (of Odisha PWD) or relevant class of other licensing authorities |
| 5. | Mode of Submission of Tender | Tender should be submitted online only in website: www.tendersorissa.gov.in |
| 6. | Period of Completion | As per TCN |
| 7. | Other Details | |

| Procurement Officer | Bid Identification No. | Availability of Tender Online for Bidding From | To | Last date & time of seeking tender clarification | Date, Time & Venue of Opening of Tender |
|---|---|---|---|---|---|
| 1 | 2 | 3 | 4 | 5 | 6 |
| Superintending Engineer, Rural Works Division, Nimapara | Tender Online - Divn. NPR - 16/2025-26 | 22.01.2026 at 11.00 A.M. | 29.01.2026 upto 5.00 P.M. | 29.01.2026 upto 1.00 P.M. | 30.01.2026 at 11.00 A.M. Office of the S.E.R.W. Division, Nimapara |

Further details can be seen from the website www.tendersorissa.gov.in
OIPR- Sd/- Superintending Engineer, Rural Works Divn., Nimapara

ସମଗ୍ର ଶିକ୍ଷା Samagra Shiksha
**DISTRICT PROJECT OFFICE, SAMAGRA SHIKSHA, JAJPUR**
(Dept. of School and Mass Education, Govt. of Odisha)
AT/PO-Baidyarajpur, Jajpur, Odisha, PIN-755001, Email:dpcjajpurssa.opepa@od.gov.in
No.342/Ped/2026 Dated 21.01.2026
**NOTICE INVITING TENDER**
No.n-245: Sealed tenders are invited from the reputed & credible printers/firms/ agencies for Printing & Supply of "Question cum Answer Sheets, Answer Key & Oral questions" for SA-II for Clas-I to IV and VI, VII & Annual Examination for Class-V & VIII 2026 Students in two bid systems (Technical & Commercial Bid) as detailed below.

| Name of the Tender | Bid Processing fees | Amount of EMD | Last Date & Time of receipt of Bid | Date & time of opening of Technical Bid |
|---|---|---|---|---|
| Printing & Supply of Question cum Answer Sheets, Answer Key & Oral questions" for SA-II for Class-I to IV and VI, VII and Annual Examination for Class-V & VIII 2026 Students | Rs.2000/- (Two thousand) only | Rs.60,000/- | 04/02/2026 by 5.30 PM | 05/02/2026 at 11.30 AM |

The detailed BID document is available in the website www.jajpur.odisha.gov.in & www.osepa.odisha.gov.in. Interested and eligible agency/firm may download BID DOCUMENT from the above website and apply accordingly. Corrigendum/addendum, if required, will be uploaded in the above website. Hence potential bidders are requested to be in continuous touch with the above website.
The Tender Inviting Authority (TIA) reserves the right to accept/ reject any full or part/ all BID/ cancel the entire selection process at any stage without assigning any reason thereof.
By order of Collector-cum-Chairman, SS, Jajpur
OIPR- Sd./- District Project Coordinator, Samagra Shiksha, Jajpur

ସମଗ୍ର ଶିକ୍ଷା Samagra Shiksha
**DISTRICT PROJECT OFFICE, SAMAGRA SHIKSHA, KEONJHAR**
PWD Road, Infront of Govt. Press, Keonjhar - 758001, Ph. No.: 06766-254103, Fax: 256420, Email Id: dpckeonjharssa.opepa@nic.in
Letter No. 207/Pedagogy Dated: 22.01.2026
**NOTICE INVITING TENDER (NIT)**
No. n-246: Sealed tenders are invited from the reputed & credible printers/firms/ agencies for printing & supply of "Question cum Answer Sheets, Answer Key & Oral questions" for SA-II-2025-26 for Class-I to IV & VI, VII and Annual Examination - 2025-26 for Class-V & VIII Students in two bid systems (Technical & financial Bid) as detailed below.

| Name of the Tender | Bid Processing Fees | Amount of EMD | Last date & time of receipt of Bid | Date & time of opening of Technical Bid |
|---|---|---|---|---|
| Printing & supply of "Question cum Answer Sheets, Answer Key & Oral questions" for SA-II-2025-26 for Class-I to IV & VI, VII and Annual Examination - 2025-26 for Class-V & VIII | Rs.7,000/- (Seven thousand) only | Rs.1,00,000/- (One lakh) only | 03.02.2026 by 5.30 P.M. | 04.02.2026 at 03.30 P.M. |

The detailed BID document is available in the website **www.kendujhar.odisha.gov.in, www.osepa.odisha.gov.in.** Interested and eligible agency/firm may download BID DOCUMENT from the above website and apply accordingly. Corrigendum/addendum, if required, will be uploaded in the above website. Hence potential interested bidders are requested to be in continuous touch with the above websites. The Tender Inviting Authority (TIA) reserves the right to accept/reject any full or part/ all BID/cancel the entire selection process at any stage without assigning any reason thereof.
By the orders of Collector-cum-Chairman, Keonjhar
OIPR- Sd./- DEO-cum-DPC, Samagra Shiksha, Keonjhar

**OFFICE OF THE EXECUTIVE ENGINEER, MECHANICAL DIVISION**
**AT/PO-KHATIGUDA, DIST:NABARANGPUR, PIN-764085**
E-mail: exengeer123@gmail.com
**TENDER CALL NOTICE NO.EE-MDK-07/2025-26, DATED: 19.01.2026**
No.A-1321: Bid Documents consisting of work, Estimated Cost, time of completion, Class of Contractors, the set of terms & conditions of contract & other necessary documents can be seen at Office of The Executive Engineer, Mechanical Division, Khatiguda.

| | | |
|---|---|---|
| 1. | Name of the Work | Deployment of one light Commercial Vehicle (Bolero/TUV-300/SUMO Gold/ Ertiga) on hire basis to be engaged for official use of the Executive Engineer, Mechanical Division, UIDC, Khatiguda for one year / 12 Calendar Months. |
| 2. | Number of Works | One |
| 3. | Estimated Cost | Rs.4,46,400/- (Excluding GST) |
| 4. | Eligibility of the bidders | Registered Travel Agency/ Tour Operators/ Private individuals Light Vehicle owners authorized to use the vehicle for commercial purpose having commercial registration certificate, GST Registration No. & PAN. |
| 5. | Period of Contract | 12 (Twelve) Calendar Months |
| 6. | Date & Time of availability of bid document at the office | 22.01.2026 (11.00 AM) to 02.02.2026 upto (01.00 PM) |
| 7. | Last Date and Time for receipt of bid at the office | 02.02.2026 upto (01.00 PM) |
| 8. | Date of Opening of the bids | 03.02.2026 (12.00 PM) |
| 9. | Name & address of the Office Inviting Bid | Office of the Executive Engineer, Mechanical Division, At/Po: Khatiguda, Dist: Nabarangpur, PIN-764085 |

Further details can be seen at the office of The Executive Engineer, Mechanical Division, Khatiguda. Any Addendum/Corrigendum/Cancellation, if required, will be published on the Notice Board only.
OIPR- Sd./- Executive Engineer, Mechanical Division, Khatiguda

**ODISHA PUBLIC SERVICE COMMISSION**
19, DR. P. K. PARIJA ROAD, CUTTACK
No. 541/PSC, Dt. 22.01.2026
**QUOTATION CALL NOTICE**
No.-12001/2/2526 : Sealed Quotations for following items are invited from the intending Authorized Agencies/ Dealers having valid GST registration. They should submit their applications along with copies of GST Registration Certificate & PAN Card.

| | | |
|---|---|---|
| 1. | Office Computer Table | 10 Nos. |
| 2. | Adjustable Arm Rest Chair | 10 Nos. |

The Sealed Quotation should reach the undersigned at 11 A.M. on or before 09.02.2026 and shall be opened on the same day at 3:30 P.M. in the Office Chamber of Secretary, O.P.S.C. The undersigned reserves the right to cancel/reject any or all the quotations without assigning any reason thereof.
OIPR-12001/12002/1/25-26/0002 Sd./- Secretary

**OFFICE OF THE NABARANGPUR MUNICIPALITY**
**NABARANGPUR (ODISHA), PIN-764059**
Web-www.nawarangpurm.in, E-mail:muncipalityngpr@gmail.com
TEL./FAX NO. 06858-222031
**"e" PROCUREMENT NOTICE**
Bid Identification No.NM-02/2025-26
No.C-2157: Bid documents consisting of work, Estimated Cost, Cost of Tender Paper, EMD and time of completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in & www.nawarangpurm.in.

| | | |
|---|---|---|
| 1. | Name of the Work | Civil Work |
| 2. | No. of Works | 13 Nos. |
| 3. | Estimated Cost | Rs.2.00 Lakhs to Rs.15.00 Lakhs |
| 4. | Period of Completion | As per DTCN |
| 5. | Date & Time of Bidding | From 11.00 A.M. of 22.01.2026 to 31.01.2026 upto 5.00 PM. |
| 6. | Last date & time for receipt of Bids in Portal | 31.01.2026 at 5.00 P.M. |
| 7. | Bids received online shall be opened on | 11.00 AM hours of Dt.02.02.2026 |
| 8. | Name and address of the Officer Inviting Bid | Executive Officer, Nabarangpur Municipality |
| | Further details can be seen from the procurement portal | www.tenderorissa.gov.in & www.nawarangpurm.in |

OIPR- Sd./- Executive Officer, Nabarangpur Municipality

**OFFICE OF THE COLLECTOR & DISTRICT MAGISTRATE, BALASORE DISTRICT (DISTRICT SOCIAL WELFARE OFFICE)**
No- 280 Date : 22.01.2026
**TENDER CALL NOTICE**
No.19001/2/2526 : Sealed tenders are invited from intending registered Printing Press/ registered Firms/ Supplying agencies for printing & supply of Arunima Work Book-I & II Child Assessment (CA) card, Picture/numeracy books (6 to 8 nos., Colorful pictorial books demonstrating stories/working with numbers). Details of the tender documents are available with the website (https://balasore.odisha.gov.in). The same can be purchased from the office of the DSWO, Balasore on any working Day till 06.02.2026 on payment of Rs 10000/- only.
Last date of submission of tender on or before 06.02.2026 at 5:30 PM.
OIPR-19001/19257/1/25-26/0002 Sd./- District Social Welfare Officer, Balasore

**OFFICE OF THE NOTIFIED AREA COUNCIL, KHARIAR**
AT/PO-KHARIAR, Dist- NUAPADA, PIN-766107
e-mail- khariarn.hud@ori.nic.in, khariarnac@gmail.com
Letter No. 245/NAC KHR Dated : 22/01/26
**2nd Corrigendum**
No.C-2162 : Due to some typographical error the following changes have been made to Tender Call Notice No. 134 Dt. 13.01.2026.
1. The last date of online submission is extended up to 5.30 pm of Dt. 30.01.2026 instead of Dtd.27.01.2026. 5.30 p.m.
2. Offline submission of Bid at 10.00 am of Dtd. 31.01.2026 to Dtd.03.02.2026 at 5.30 pm instead of 10.00 am Dtd. 28.01.2026 to 30.01.2026 at 5.30 p.m.
3. Online opening of Bid at 11.00 am of Dtd. 04.02.2026 instead of 31.01.2026 at 11.00 a.m.
All other terms & condition of above Tender Call Notice are remain unaltered.
OIPR- Sd./- Executive Officer, Notified Area Council, Khariar

**SADHU GOURESWAR (DEGREE) COLLEGE**
At/Po: Kanikapada, Dist-Jajpur
Ph:06728-258262, 299957
NAAC ACCREDITATED- "B+"
Website: sgckanikapada.in/ E-mail: sgckanikapada@gmail.com
**OFFICE OF THE PRINCIPAL, SADHU GOURESWAR COLLEGE**
At/Po- Kanikapada, Dist-Jajpur- 755011
E-mail: sgckanikapada@gmail.com Website: sgckanikapada.in
**QUOTATION CALL NOTICE**
No.N-254:Sealed Quotations are invited from interested firms/ suppliers/ dealers with valid GST registration for supply of furnitures/ equipments/ Text Books for Degree Classes at college premises to be procured out of RUSA grant. The detailed specifications of the items will be available in the college website and college office. The sealed quotations complete in all respect must reach to the undersigned by Speed Post within 7 days from the date of publications of this notice.
The college reserves the right to reject/ cancel the quotations without assigning any reason thereof.
OIPR- Sd./- Principal, Sadhu Goureswar College

**ODISHA STATE CIVIL SUPPLIES CORPORATION LTD., BALANGIR**
Email ID- csobalangir@gmail.com
**QUOTATION/TENDER CALL NOTICE FOR HIRING OF PRIVATE VEHICLES**
No.441, Dated 21.01.26
No.CAD-3082:Sealed quotations/tenders are invited from interested reputed Travel Agencies/ Tour Operators/ Individuals for providing various class/types of private vehicles (AC) on monthly rented basis for the Office of Chief CSO-cum-District Manager, OSCSC Ltd., Balangir. The details of terms and conditions can be obtained from this Office or downloaded from District website https://balangir.odisha.gov.in.
Any corrigendum/addendum etc. can be viewed in the District website. The undersigned reserves the right to reject any or all the tenders/ quotations without assigning any reason thereof.
OIPR- Sd./- Chief CSO-cum-District Manager, OSCSC Ltd., Balangir

ପଞ୍ଚାୟତ ସମିତି କାର୍ଯ୍ୟାଳୟ, ହିଞ୍ଜିଳିକାଟୁ
**OFFICE OF THE PANCHAYAT SAMITI HINJILICUT, GANJAM**
No.i-487
L.No.196 Dt.13.01.26
**TENDER CANCELLATION NOTICE**
Sub:- Cancellation of e-Tender due to technical login problem and non-publication in media.
Ref.:- Notice No.95 Dated 06.01.2026.
Tender issued vide Bid Notice No.HIN-PS-01/25-26 for "Construction of office building and one 50MT Godown at Sapuapali and Samarjhola of Hinjili Block" are hereby cancellation of e-Tender due to technical login problem and non-publication in media. The e-Tender could not be uploaded/published within the stipulated time. As a result, the tender notice was also not published in the prescribed media (newspaper), which is a mandatory requirement as per tender guidelines.
In view of the above circumstances, the e-Tender has been cancelled to maintain transparency and to avoid any procedural irregularity. It is therefore requested to kindly accord approval for cancellation of the said e-Tender and allow re-invitation of the e-Tender following due procedure, including proper publication in media.
This is submitted for your kind consideration and necessary approval.
OIPR- Sd./- Block Development Officer, Hinjilicut

GOVERNMENT OF ODISHA
DEPARTMENT OF WATER RESOURCES
**OFFICE OF THE SUPERINTENDING ENGINEER, HEAD WORKS DIVISION, SAMAL**
INVITATION FOR BIDS (IFB)
Email ID - ee.hwd.samal@gmail.com
**'e'-Procurement Notice No. SE_HWD-10/2025-26**
No.A-1322 : The Superintending Engineer, Head Works Division, Samal on behalf of Governor of Odisha invites Percentage Rate bid in Single cover system to be received in ONLINE MODE from eligible contractors registered with the State Government, contractors of equivalent Grade / Class Registered with Central Government/ MES/ Railways/CPWD for execution of Civil works mentioned as detailed below :

| | | |
|---|---|---|
| 1 | No. of works | One No of work |
| 2 | Name of the work | Improvement of upper colony road of Samal Barrage Township |
| 3 | Estimated Cost | Approximately Rs.9.66 lakhs |
| 4 | Cost of tender paper | Rs.4000.00 (Non-refundable) |
| 5 | EMD/Bid Security | Rs.9,700.00 (Refundable) |
| 6 | Class of Contractor | 'D' & 'C' class |
| 7 | Period of Completion of work | 1 month |
| 8 | Date and time of availability of bid document in the website | From 11.00 A.M. of Dt.27.01.2026 to 5.00 P.M. of Dt.05.02.2026 in the website (www.tendersodisha.gov.in) |
| 9 | Date, time and place of opening of online tender | Dt.06.02.2026 at 11.00 A.M. in O/o the Superintending Engineer, Head Works Division, Samal |
| 10 | Date, time and place for finalization of tender through Transparent Lottery System (if required) | Intimated later |
| 11 | Digital Signature Certificate (DSC) | The bidders must posses compatible Digital Signature Certificate (DSC) of Class II or Class III |
| 12 | Name and Address of Officer inviting Tender | Superintending Engineer, Head Works Division, Samal, AT/PO. Samal Barrage Township Dist : Angul, Odisha, PIN-759037 Email ID - ee.hwd.samal@gmail.com |

The bidders have to participate in ONLINE biding only further details can be seen from the e-Procurement Portal : www.tendersodisha.gov.in. Any addendum / corrigendum / cancellation of tender can also be seen in the said website.
OIPR- Sd./- Superintending Engineer (C), Head Works Division, Samal

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଜିସି-ତୁଫାନ୍ସ ଏଲିମିନେଟର




ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବ ଓ ଏସ୍‌ଜି ପାଇପର୍ସ ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍‌ର ଏକ ଉତ୍କଣ୍ଠାପୂର୍ଣ୍ଣ ମୁହୂର୍ତ୍ତ। (ଫଟୋ: ବିକାଶ ନାୟକ)

### ହକି ଇଣ୍ଡିଆ ଲିଗ୍

**ଭୁବନେଶ୍ୱର, ୨୨।୧ (ଅନାଦି କର)**

ଐତିହାସିକ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ହକି ଇଣ୍ଡିଆ ଲିଗ୍ (ଏଚ୍‌ଆଇଏଲ୍)ରେ ଗୁରୁବାର ଖେଳାଯାଇଥିବା ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଜେଏସ୍‌ଡବ୍ଲ୍ୟୁ ସୁରମା ହକି କ୍ଲବ ୬-୧ ଗୋଲରେ ଏସ୍‌ଜି ପାଇପର୍ସକୁ ପରାସ୍ତ କରିଛି। ଏହି ବଡ଼ ବିଜୟ ସତ୍ତ୍ୱେ ସୁରମା ଦଳ ନକ୍‌ଆଉଟ୍ ରାଉଣ୍ଡରେ ପ୍ରବେଶ କରିବାରେ ବିଫଳ ହୋଇଛି। ସୁରମା ଦଳକୁ ଏଲିମିନେଟରରେ ପ୍ରବେଶ କରିବା ପାଇଁ ଏହି ମ୍ୟାଚ୍‌କୁ ୭ ଗୋଲର ବ୍ୟବଧାନରେ ଜିତିବାର ଆବଶ୍ୟକତା ଥିଲା। ଲିଗ୍‌ର ଅନ୍ତିମ ମ୍ୟାଚ୍‌ର ଏଭଳି ଫଳାଫଳ ଯୋଗୁ ଶୁକ୍ରବାର ଖେଳାଯିବାକୁ ଥିବା ଏଲିନେଟର ମ୍ୟାଚ୍‌ରେ ହାଇଦ୍ରାବାଦ୍ ତୁଫାନ୍ସ ଓ ଏଚ୍‌ଆଇଏଲ୍ ଜିସି ପରସ୍ପରକୁ ଭେଟିବେ। ସେହିଭଳି ବେଦାନ୍ତ କଳିଙ୍ଗ ଲାନ୍ସର୍ସ ଓ ରାଞ୍ଚି ରୟାଲ୍ସ ମଧ୍ୟରେ କ୍ୱାଲିଫାୟର-୧ ମ୍ୟାଚ୍ ଖେଳାଯିବ।

ଅତିଥି ଭାବେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଯୁବ ସେବା ଓ କ୍ରୀଡ଼ା ବିଭାଗର କମିଶନର କମ୍ ସଚିବ ସଚିନ ରାମଚନ୍ଦ୍ର ଯାଦବ, ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳୀ ସାମନ୍ତରାୟ, ହକି ଅଲିମ୍ପିଆନ ନମିତା ଟପ୍ପୋ, ହକି ଇଣ୍ଡିଆ ନିର୍ଦ୍ଦେଶକ ବି ଏନ ଭୂଷଣ ଉଭୟ ଦଳର ଖେଳାଳିଙ୍କ ସହ ହାତ ମିଳାଇଥିଲେ। ମ୍ୟାଚ୍ ଆରମ୍ଭରୁ ସୁରମା ଦଳ ଆକ୍ରମଣାତ୍ମକ ରଣନୀତି ସହ ଖେଳିଥିଲା। ଫଳରେ ପ୍ରଥମ ୧୦ ମିନିଟ୍ ମଧ୍ୟରେ ୩ ଗୋଲ ସ୍କୋର କରିଥିଲା। ଜେରେମି ହେଓ୍ୱାର୍ଡ (ଦ୍ୱିତୀୟ ଓ ସପ୍ତମ) ପେନାଲ୍ଟି କର୍ନର (ପିସି)ରୁ ଦୁଇଟି ଗୋଲ କରିଥିବା ବେଳେ ମାର୍ଟିନେଜ ଲୁକାସ (୧୧ତମ) ଫିଲ୍ଡ ଗୋଲ କରିଥିଲେ। ଏହି ସ୍କୋର ଲାଇନ୍ ପ୍ରଥମାର୍ଦ୍ଧ ପର୍ଯ୍ୟନ୍ତ ଜାରି ରହିଥିଲା। ତୃତୀୟ କ୍ୱାର୍ଟରର ୩୪ତମ ମିନିଟ୍‌ରେ ଦଳକୁ ମିଳିଥିବା ପିସିକୁ ଜେରେମି ହେଓ୍ୱାର୍ଡ ଗୋଲରେ ପରିଣତ କରି ହ୍ୟାଟ୍ରିକ ପୂରଣ କରିଥିଲେ। ଏହାର ୯ ମିନିଟ୍ ପରେ ପାଇପର୍ସ ଦଳକୁ ମିଳିଥିବା ପିସିକୁ ଟୋମାସ ଡୋମେନ (୪୩ତମ) ଗୋଲରେ କନଭର୍ଟ କରି ଗୋଟିଏ ଗୋଲ ପରିଶୋଧ କରିଥିଲେ। ଚତୁର୍ଥ ତଥା ଅନ୍ତିମ କ୍ୱାର୍ଟରରେ ଜେରେମି (୪୫ତମ) ଓ ନିକୋଲାସ କିନାନ (୪୭ତମ) ଗୋଲ ସ୍କୋର କରିଥିଲେ।

# ପିଭିଏସ୍ ପୂର୍ବାଞ୍ଚଳ ଚାମ୍ପିୟନ




ଅତିଥି ଓ କର୍ମକର୍ତ୍ତାଙ୍କ ସହ ଚାମ୍ପିୟନ ପିଭିଏସ୍ ପୂର୍ବାଞ୍ଚଳ ଦଳ। (ଫଟୋ: ରାଜକିଶୋର ମହାନ୍ତି)

### ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ୍

**ଭୁବନେଶ୍ୱର, ୨୨।୧ (ଅନାଦି କର)**

ପୂର୍ବାଞ୍ଚଳ ଆନ୍ତଃ ବିଶ୍ୱବିଦ୍ୟାଳୟ କ୍ରିକେଟ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। କଟକସ୍ଥିତ ରେଭେନ୍ସା-୨ ଗ୍ରାଉଣ୍ଡରେ ଅନୁଷ୍ଠିତ ଫାଇନାଲରେ ପିଭିଏସ୍ ପୂର୍ବାଞ୍ଚଳ ୟୁନିଭର୍ସିଟି ୭ ଉଇକେଟରେ ପାଟଳିପୁତ୍ର ୟୁନିଭର୍ସିଟିକୁ ହରାଇ ଚାମ୍ପିୟନ ହୋଇଛି। ସେହିଭଳି ବନାରସ ହିନ୍ଦୁ ୟୁନିଭର୍ସିଟି ତୃତୀୟ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ଚତୁର୍ଥ ସ୍ଥାନ ଅଧିକାର କରିଛି। ଫାଇନାଲ ମ୍ୟାଚ୍‌ରେ ପାଟଳିପୁତ୍ର ପ୍ରଥମେ ବ୍ୟାଟିଂ କରି ୨୪.୧ ଓଭରରେ ୧୬୧ ରନରେ ଅଲଆଉଟ୍ ହୋଇଥିଲା। ଦଳ ୟୁନିଭର୍ସିଟି ପାଇଁ ଅନିମେଶ କୁମାର ୬୮ (୯ଚୌକା ଓ ୧ ଛକା) ରନ କରିଥିଲେ। ଜବାବରେ ପିଭିଏସ୍ ୟୁନିଭର୍ସିଟି ୨୩.୨ ଓଭରରେ ୩ ଉଇକେଟ ହରାଇ ୧୬୪ ରନ କରି ମ୍ୟାଚ୍ ଜିତି ନେଇଥିଲା। ଦଳ ପକ୍ଷରୁ ଅଜିତ ବର୍ମା ୫୬ (୪ ଚୌକା ଓ ୨ ଛକା) ଓ ଅମନ ଅଲୀ ୪୭ (୩ ଲେଖାଏ ଚୌକା ଓ ଛକା) ରନ କରିଥିଲେ। ତୃତୀୟ ସ୍ଥାନ ପାଇ ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ବନାରସ ହିନ୍ଦୁ ୟୁନିଭର୍ସିଟି ନିର୍ଦ୍ଧାରିତ ୨୫ ଓଭରରେ ୮ ଉଇକେଟ ହରାଇ ୧୮୨ ରନ କରିଥିଲା। ଦଳ ପାଇଁ ଦିବ୍ୟାଂଶ କୁଶୱାହା ୮୧ ଓ ସିଦ୍ଧାନ୍ତ ପାଠକ ୩୪ ରନ କରିଥିଲେ। ଜବାବରେ ୨୩.୫ ଓଭରରେ ଉତ୍କଳ ୟୁନିଭର୍ସିଟି ଦଳ ୧୩୨ ରନରେ ଅଲଆଉଟ୍ ହୋଇଯାଇଥିଲା। ବିଜୟୀ ଦଳ ପାଇଁ ବାତ୍ସଲ୍ୟ ଯାଦବ ୪ ଉଇକେଟ ନେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ରେଭେନ୍ସା ୟୁନିଭର୍ସିଟି ଭାଇସ ଚାନ୍ସେଲର ପ୍ରଫେସର ଧର୍ମବ୍ରତ ମହାପାତ୍ର, ପୂର୍ବତନ ରଣଜୀ ଖେଳାଳି ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର, ବିଶ୍ୱଜିତ ମହାନ୍ତି, ଓସିଏ ସଭାପତି ପଙ୍କଜ ଲୋଚନ ମହାନ୍ତି ଯୋଗ ଦେଇଥିଲେ।

### ଜାତୀୟ ଦୃଷ୍ଟି ବାଧିତ ମହିଳା କ୍ରିକେଟ

# ମଧ୍ୟ ପ୍ରଦେଶକୁ ହରାଇ ଓଡ଼ିଶା ବିଜେତା

**ଭୁବନେଶ୍ୱର, ୨୨।୧ (ବିଜୟ ରଣା)**

ଓଡ଼ିଶା ମହିଳା ଦଳ ଚମତ୍କାର ପ୍ରଦର୍ଶନ ସହ ଫାଇନାଲରେ ମଧ୍ୟ ପ୍ରଦେଶକୁ ୩୨ ରନରେ ପରାସ୍ତ କରି ସ୍ଥାନୀୟ ହାଇଟେକ୍ କ୍ରିକେଟ ଷ୍ଟାଡିୟମରେ ଚାଲିଥିବା ଇଣ୍ଡସଇଣ୍ଡ ବ୍ୟାଙ୍କ ଜାତୀୟ ଦୃଷ୍ଟିବାଧିତ ମହିଳା କ୍ରିକେଟ ଟୁର୍ନାମେଣ୍ଟରେ ଚାମ୍ପିୟନ ହୋଇଛି। ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ନିର୍ଦ୍ଧାରିତ ୨୦ ଓଭରରେ ୪ଉଇକେଟ ବିନିମୟରେ ୧୭୩ ରନ କରିଥିଲା। ଜବାବରେ ମଧ୍ୟ ପ୍ରଦେଶ ନିର୍ଦ୍ଧାରିତ ଓଭରରେ ୫ ଉଇକେଟ ହରାଇ ୧୪୧ ରନ କରି ମ୍ୟାଚରେ ପରାଜିତ ହୋଇଥିଲା। ସୂଚନାଯୋଗ୍ୟ, ଇଣ୍ଡସଇଣ୍ଡ ବ୍ୟାଙ୍କ ସହଯୋଗରେ କ୍ରିକେଟ ଆସୋସିଏଶନ ଫର ବ୍ଲାଇଣ୍ଡ ଇନ୍ ଇଣ୍ଡିଆ (କାବି) ଅନୁକୂଲ୍ୟରେ ଏହି ଟୁର୍ନାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଦିବସରେ ଅତିଥିଭାବେ ଯୋଗଦେଇଥିବା ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ମଧ୍ୟରେ ହାଇଟେକ୍ କଲେଜ ଓ ହସ୍ପିଟାଲ ଚେୟାରମ୍ୟାନ ତିରୁପତି ପାଣିଗ୍ରାହୀ, ପାରଳାଖେମୁଣ୍ଡି ବିଧାୟକ ରୁପେଶ କୁମାର ପାଣିଗ୍ରାହୀ, ଜିନ୍ଦଲ ଫାଉଣ୍ଡେଶନ ସିଏସଆର ମୁଖ୍ୟ ରିଷି ପଠାନିଆ, କାବି ସଭାପତି ବୁସେ ଗୌଡ଼ ଓ ଶୈଳେନ୍ଦର ଯାଦବ, ମହିଳା ଓ ଶିଶୁ ବିକାଶ ଚେୟାରପର୍ସନ ଡ. କଳ୍ପନା ଦାସ, ରାଜ୍ୟ ସରକାରଙ୍କ ଭିନ୍ନକ୍ଷମ ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗ ଉପ ସଚିବ ଭାସ୍କର ରାଇତୋ, ଏସଏସ୍ଇପିଡି ବିଭାଗ ଉପସଚିବ ବସନ୍ତ ବେହେରା ଏବଂ ଓଡ଼ିଶା ଦୃଷ୍ଟି ବାଧିତ କ୍ରିକେଟ ଆସୋସିଏଶନ ସଭାପତି ଏମ୍‌ଡି. ଜାଫର ଇକବଲ ପ୍ରମୁଖ ଅନ୍ୟତମ ଥିଲେ।

### ଭାରତ-ନ୍ୟୁଜିଲାଣ୍ଡ ଦ୍ୱିତୀୟ ଟି୨୦

# ସାମସନ, କିଶନଙ୍କ ଉପରେ ନଜର

**ରାଇପୁର, ୨୨।୧ (ପି.ଟି.)**

ଭ୍ରମଣକାରୀ ନ୍ୟୁଜିଲାଣ୍ଡ ଓ ଭାରତ ମଧ୍ୟରେ ଚାଲିଥିବା ଟି୨୦ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଶୁକ୍ରବାର ଶହୀଦ ବୀର ନାରାୟଣ ସିଂ ଷ୍ଟାଡିୟମରେ ଖେଳାଯିବ। ନାଗପୁରଠାରେ ପ୍ରଥମ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡକୁ ସହଜରେ ପରାସ୍ତ କରିଥିବା ଭାରତୀୟ ଦଳ ସିରିଜ୍‌ରେ ୨-୦ରେ ଆଗୁଆ ହେବା ଲକ୍ଷ୍ୟରେ ରହିଛି। ପ୍ରଥମ ମ୍ୟାଚ୍‌ରେ ଆଖିଦୃଶିଆ ପ୍ରଦର୍ଶନ କରିବାରେ ବିଫଳ ହୋଇଥିବା ସଞ୍ଜୁ ସାମସନ ଓ ଇଶାନ କିଶନଙ୍କ ପ୍ରଦର୍ଶନ ଉପରେ ସଭିଙ୍କ ନଜର ରହିବ।

ଟି୨୦ ବିଶ୍ୱକପ୍‌କୁ ୩ ସପ୍ତାହରୁ କମ୍ ସମୟ ଥିବା ବେଳେ ସାମସନଙ୍କୁ ଓପନିଂ ପୋଜିଶନରେ କ୍ରମାଗତ ସୁଯୋଗ ମିଳିବା ନିଶ୍ଚିତ। ପ୍ରଥମ ମ୍ୟାଚ୍‌ରେ ମିସ ଟାଇମିଂ ଯୋଗୁ କ୍ୟାଚ୍ ଆଉଟ୍ ହୋଇଥିବା ସାମ୍‌ସନଙ୍କୁ ଏକ ବଡ଼ ଇନିଂସର ଆବଶ୍ୟକତା ରହିଛି। ତାଙ୍କ ଭଳି କିଶନ ଟିମ୍ ମ୍ୟାନେଜମେଣ୍ଟର ନିଷ୍ପତ୍ତିକୁ ଠିକ ପ୍ରମାଣ କରିବା ଲକ୍ଷ୍ୟରେ ରହିବେ। ତାଙ୍କୁ ଶ୍ରେୟସ ଆୟାରଙ୍କ ପରିବର୍ତ୍ତେ ଦଳରେ ସାମିଲ କରାଯାଇଛି। ନଂ-୮ ପୋଜିଶନ ପର୍ଯ୍ୟନ୍ତ ଭାରତୀୟ ଦଳର ବ୍ୟାଟିଂ ଲାଇନ୍‌ଅପ୍ ଲମ୍ବି ଥିବାରୁ ବ୍ୟାଟରମାନେ ପ୍ରତ୍ୟେକ ବଲରେ ବଡ଼ ଶଟ୍ ଖେଳିବାକୁ ଉଦ୍ୟମ କରୁଛନ୍ତି। ଏଣୁ କିଶନ ନଂ-୩ ପୋଜିଶନରେ ସମାନ ଆଟାକିଂ ଷ୍ଟାଇଲରେ ବ୍ୟାଟିଂ କରିବେ। ଭାରତୀୟ ଦଳ ତା'ର ଟାଇଟଲ ଡିଫେଣ୍ଡ କରିବା ଲକ୍ଷ୍ୟରେ ଥିବାରୁ ଅଧିନାୟକ ସୂର୍ଯ୍ୟକୁମାରଙ୍କ ଫର୍ମ ଉପରେ ସଭିଙ୍କ ନଜର ରହିଛି। ପ୍ରଥମ ମ୍ୟାଚ୍‌ରେ ସେ ୨୨ ବଲରେ ୩୨ ରନର ଇନିଂସ ଖେଳିଥିଲେ, ଯାହାକି ତାଙ୍କ ଆତ୍ମବିଶ୍ୱାସ ବଢ଼ାଇଥିବ। ଭାରତୀୟ ଦଳକୁ ପ୍ରଥମ ଦଳ ଭାବେ ଟାଇଟଲ ଡିଫେଣ୍ଡ କରିବାକୁ ହେଲେ ଅଭିଷେକ ଶର୍ମା ଫର୍ମରେ ରହିବା ଦରକାର। ତାଙ୍କ ପାଖରେ ବଡ଼ ବଡ଼ ଶଟ୍ ଖେଳିବାର ଏକ ବିରଳ ଦକ୍ଷତା ରହିଛି। ଲୋୟର ଅର୍ଡରରେ ରିଙ୍କୁ ସିଂ ପ୍ରଥମ ବଲରୁ ଆଟାକ କରୁଛନ୍ତି, ଯାହାକି ଟିମ ଇଣ୍ଡିଆ ପାଇଁ ଶୁଭ ସଙ୍କେତ।

ଯଦି ଅର୍ଶଦୀପ ସିଂ ଓ ହାର୍ଦ୍ଦିକ ପାଣ୍ଡ୍ୟା ପାୱାରପ୍ଲେରେ ଉଇକେଟ ନେବା ଜାରି ରଖନ୍ତି, ତେବେ ଯଶପ୍ରୀତ ବୁମରାଙ୍କୁ ୩ ଓଭର ପାଇଁ ପାୱାରପ୍ଲେ ପରେ ଏକ ଅସ୍ତ୍ର ଭଳି ବ୍ୟବହାର କରାଯାଇପାରିବ। ବରୁଣ ଚକ୍ରବର୍ତ୍ତୀଙ୍କ ସହ କୁଲଦୀପ ଯାଦବ ଓ ଅକ୍ଷର ପଟେଲ ସ୍ପିନ ବିଭାଗ ସମ୍ଭାଳିବେ।


# Classified Everyday
0674-2580101, 9692975378

## REAL ESTATE



REAL ESTATE
SALE

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

Semi- Commercial Land for Sale At ଆଙ୍ଗୁଳା, Near ସିନ୍ଧିଆ High School. Just 10km from ବାଲେଶ୍ୱର Railway-Station, 5km from ନିଧିପଣ୍ଡା. Area- 16,500 Sqft. (30Lakhs Only) Direct Owner. 7978551614. D-3115

## PURCHASE

**Wanted GA Plot 40' x 60' and 75' x 50' at Ghatikia and Sampur, Bhubaneswar before or after freehold for purchase. Contact: 7656861995 this week.** D-75859




All types of physiotherapy and massage contact 9556924059 / 7656969134. D-3166

## EDUCATION

Students from low-income families pursuing +2 Commerce, BBA/ B.Com can benefit from complementary tuition classes at Satyanagar, Bhubaneswar. Contact-7303935646 to enhance your academic performance and career prospects. D-3163

## LOST

I Somnath Gope have lost my B.Tech Certificates having Reg No.- 1501287446 of GITA College, Bhubaneswar. D-3176

## AFFIDAVIT

I, Malay Ranjan Dalai, S/o- Nirmal Chandra Dalai, At/P.O.- Gopalpur, P.S.- Cuttack Sadar, Cuttack- 753011, Odisha declared by affidavit- 495, dt- 22.01.2026 before Notary, Cuttack that I have changed name of my minor son Mihir Ranjan Dalai to Devansh Dalai. Henceforth, he will known as Devansh Dalai for all purposes. D-3175

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before Executive Magistrate, Keonjhar, dated 16.01.2026 I, ROUT HEMBRAM, AT- JAMBU, P.O.- MATHATENTULIA, P.S.- GONDIA, DIST- DHENKANAL, 759016 declare that I have changed the name of my daughter from AARADHYA AYRA HEMBRAM to ADYA AYRA. Henceforth, she shall be known as ADYA AYRA for all purposes. D-3174

By virtue of an affidavit sworn before Executive Magistrate, Bhubaneswar Dated- 21.01.2026, I, Gitanjali Maharana, aged about 43 years, Vill.- Ankushpur, P.O.- Ankushpur, Sadar- Ankushpur, District- Ganjam, PIN- 761100 declare that I have changed my name from Geetangli Maharana to Gitanjali Maharana. Henceforth, I shall be known as Gitanjali Maharana for all purposes.
Gitanjali Maharana
D- 237

### ପାଠକଙ୍କ ପାଇଁ ସୂଚନା

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## LEGAL NOTICE

ମାନ୍ୟବର ଅତିରିକ୍ତ କମିଶନର ଶ୍ରୀମତୀ କନକଚମ୍ପା ମେହେର,
OAS (SAG) ଅତିରିକ୍ତ ରିଭିଜନ୍ କୋର୍ଟ ନଂ.୧,
ଚତୁର୍ଥ ମହଲା, ହେଡ୍ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା।
ଓ.ଏସ୍.ଏସ୍. କେସ୍ ନଂ.- ୧୬୪/୨୦୨୫

ବସୁନ୍ଧରା ବିଭବ ତରଫ ଚେୟାରମ୍ୟାନ, ଦେବପ୍ରିୟା ବିଧାର ...........ବାଦୀ
ବନାମ
ସେଟଲ୍‌ମେଣ୍ଟ ଅଫିସର, କଟକ ଓ ଅନ୍ୟମାନେ .........ପ୍ରତିବାଦୀ ସମୂହ

ନୋଟିସ ସି.ପି.ସି. ଅର୍ଡର- ୫ ରୁଲ୍- ୨୦ ମୁତାବକ

ପ୍ରତିବାଦୀ ନଂ.୩- ବୈକୁଣ୍ଠ ରାଉତରାୟ, ପିତା- ଦିଗମ୍ବର ରାଉତରାୟ, ପ୍ରତିବାଦୀ ନଂ.୪- ବନମାଳୀ ରାଉତରାୟ, ପିତା- ମଣି ରାଉତରାୟ, ପ୍ରତିବାଦୀ ନଂ.୫- ବାମଦେବ ରାଉତରାୟ, ପିତା- ବରଜୁ ରାଉତରାୟ, ପ୍ରତିବାଦୀ ନଂ.୬- ଲୋକନାଥ ରାଉତରାୟ, ପିତା- ଫକିର ରାଉତରାୟ, ପ୍ରତିବାଦୀ ନଂ.୭- ଫୁଲିଆ ପାତ୍ର, ପିତା- ଡମେଇ ପାତ୍ର, ପ୍ରତିବାଦୀ ନଂ.୮- ଉଲ୍ଲାସ ପାତ୍ର, ପିତା- ଡମେଇ ପାତ୍ର, କ୍ରମିକ ନମ୍ବର ୦ାରୁ ନ୮ମ୍ବରଙ୍କ ସା- ଯୁଝଗଡ଼, ପୋ- ଦାରୁଠେଙ୍ଗ, ଥାନା- ଚନ୍ଦକା, ପିନ୍- ୭୫୧୦୨୪, ଜିଲ୍ଲା- ଖୋର୍ଦ୍ଧା, ପ୍ରତିବାଦୀ ନଂ.୯- ପ୍ରଫୁଲ୍ଲ କୁମାର ବିଧାର, ପିତା- ବେଣୁଧର ବିଧାର, ଚେୟାରମ୍ୟାନ ବସୁନ୍ଧରା ଇଷ୍ଟେଟ ଡେଭଲପର୍ସ, ସା- ପି.କେ. ପ୍ୟାଲେସ୍ ଦାଣ୍ଡ, ଭାୟା- ବାରଙ୍ଗ, ଜିଲ୍ଲା- ଖୋର୍ଦ୍ଧା, ପିନ୍- ୭୫୪୦୦୫, ପ୍ରତିବାଦୀ ନଂ.୧୦- କୀର୍ତ୍ତିପ୍ରଭା ମହାନ୍ତି, ସ୍ୱାମୀ- ଦିଲ୍ଲୀପ କୁମାର ଦାସ, ସା- ପୋତାପୋଖରୀ, ଥାନା- ଚାଉଳିଆଗଞ୍ଜ, ଜିଲ୍ଲା- କଟକ, ପିନ୍- ୭୫୩୦୦୪, ପ୍ରତିବାଦୀ ନଂ.୧୧- କୈଳାଶ ଚନ୍ଦ୍ର ସ୍ୱାଇଁ, ପିତା- ଭ୍ରମରବର ସାଇଁ, ସା/ପୋ/ଥାନା- ନିଆଳି, ଜିଲ୍ଲା- କଟକ, ପିନ୍ : ୭୫୪୦୦୪, ଓଡ଼ିଶା। ପ୍ରତିବାଦୀ ନଂ.୧୨- ତୁଷାର ରଞ୍ଜନ ସ୍ୱାଇଁ, ପିତା- ଭ୍ରମରବର ସ୍ୱାଇଁ, ସା/ପୋ/ଥାନା- ନିଆଳି, ଜିଲ୍ଲା- କଟକ, ପିନ୍- ୭୫୪୦୦୪, ଓଡ଼ିଶା। ପ୍ରତିବାଦୀ ନଂ.୧୩- ସ୍ୱର୍ଣ୍ଣଲତା ସାହାଣୀ, ସ୍ୱାମୀ- ଉପେନ୍ଦ୍ର କୁମାର ମୁଦୁଲି, ସା- ସିଠାଲୋ, ଥାନା- ନିଆଳି, ଜିଲ୍ଲା- କଟକ, ପିନ୍- ୭୫୪୦୦୪, ପ୍ରତିବାଦୀ ନଂ.୧୪- ସନ୍ଧ୍ୟାରାଣୀ ଦେବୀ, ସ୍ୱାମୀ- ଗୁରୁପ୍ରସାଦ ଆଚାର୍ଯ୍ୟ, ସା/ପୋ: ପଳାସ, ଥାନା- ନିଆଳି, ଜିଲ୍ଲା- କଟକ, ଓଡ଼ିଶା। ପ୍ରତିବାଦୀ ନଂ.୧୫- ମଞ୍ଜୁଶ୍ରୀ ରାଉତ, ସ୍ୱାମୀ- ଭାଗୀରଥି ରାଉତ, ସା- ଶାସନପଦା, ଥାନା- ନିଆଳି, ଜିଲ୍ଲା- କଟକ, ପିନ୍- ୭୫୪୦୦୪

ଉପରୋକ୍ତ ନୋଟିସ ଦ୍ୱାରା ଏହି ଓ.ଏସ୍.ଏସ୍. କେସ୍‌ରେ ତୁମ୍ଭେମାନେ ପ୍ରତିବାଦୀ ହିସାବରେ ନଂ. ୩, ୪, ୫, ୬, ୭, ୮, ୯, ୧୦, ୧୧, ୧୨, ୧୩, ୧୪ ଓ ୧୫ ରୂପେ ରହିଅଛ। କିନ୍ତୁ ରେଜିଷ୍ଟ୍ରି ପୋଷ୍ଟ ମାଧ୍ୟମରେ ତୁମ୍ଭ ପ୍ରତିବାଦୀମାନଙ୍କୁ ବାରମ୍ବାର ନୋଟିସ ଦିଆଗଲେ ମଧ୍ୟ, ନୋଟିସ ଜାରି ନହୋଇ ଫେରସ୍ତ ହୋଇଅଛି। ଏହି ନୋଟିସ ଦ୍ୱାରା ଉପରୋକ୍ତ କୋର୍ଟ ନିର୍ଦ୍ଦେଶ ଦେଲେ କି ଆସନ୍ତା ତା୨୩।୦୨।୨୦୨୬ରିଖରେ ୧୧.୩୦ ସମୟେ ଉପରୋକ୍ତ କୋର୍ଟଙ୍କ ଇଜିଲାସରେ ପ୍ରତ୍ୟେକ ପ୍ରତିବାଦୀ ନିଜେ କିମ୍ବା ତାଙ୍କର ପ୍ରତିନିଧି ଜରିଆରେ ଉପସ୍ଥିତ ହୋଇ ଯଦି କିଛି ଆପତ୍ତି ଥାଏ, ସେହି ଆପତ୍ତି/ଦାବି ଉପସ୍ଥାପନ କରିବେ।

ପ୍ରତିବାଦୀମାନେ ଅନୁପସ୍ଥିତ ରହିଲେ ଆଇନ୍ ଅନୁଯାୟୀ ଉପରୋକ୍ତ କେସ୍ ଫଇସଲା କରାଯିବ। ବାଦୀଙ୍କ ଦ୍ୱାରା ଦାଖଲ ହୋଇଥିବା ଏହି ଓ.ଏସ୍.ଏସ୍ କେସ୍‌ର ତଫସିଲ ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

ତଫସିଲ ଜମିର ବିବରଣୀ

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ନଂ୩୩ମ୍ବର, ମୌଜା- ଭୁଆଷୁଣୀ

ସାବକ ଖାତା- ୧୫୦, ସାବକ ପ୍ଲଟ୍- ୩୮୧, ଏରିଆ- ଏ୦.୬୨୮ଡି. ସ୍ଥ ଏ୦.୧୪୭ଡି., ହାଲ୍ ଖାତା- ୮୭୫, ହାଲ୍ ପ୍ଲଟ୍- ୧୯୧୮, ଏରିଆ- ଏ୦.୨୪୫ଡି. ସ୍ଥ ଏ୦.୧୪୭ଡି.

ଏଣୁ ଉପରୋକ୍ତ ମାମଲାର ଉପରବର୍ଣ୍ଣିତ ପ୍ରତିବାଦୀ ସମୂହ ଧାର୍ଯ୍ୟ ତାରିଖରେ ଉପସ୍ଥିତ ହୋଇ ନିଜର ଅଭିଯୋଗ ଦାଖଲ କରିପାରିବେ। ଅନୁପସ୍ଥିତ ରହିଲେ ଆଇନ୍ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଇସଲା କରାଯିବ।

ସ୍ଥାନ- ଭୁବନେଶ୍ୱର — ମାନ୍ୟବର ଅତିରିକ୍ତ ଆୟୁକ୍ତଙ୍କ ଆଦେଶ କ୍ରମେ
ତାରିଖ- — ସ୍ୱା./- କୋର୍ଟ ଅଧିକାରୀ
ଧ-୩୧୭୮

## ମନେ ପଡ଼ନ୍ତି

### ଶ୍ରଦ୍ଧାଞ୍ଜଳି



୰ବିନ ସିଂହ
ପଛିକୋଟଗଡ଼, ଯାଜପୁର
ଆବିର୍ଭାବ: ୧୯୫୭
ତିରୋଧାନ: ୧୯୯୯, ଶ୍ରୀପଞ୍ଚମୀ
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ମହାପ୍ରଭୁଙ୍କ ନିକଟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ:
ପୁତ୍ର: ଅପୁ ଓ ପରିବାରବର୍ଗ।
ଧ-୩୧୭୨

### ପଞ୍ଚବିଂଶ ବାର୍ଷିକ ଶ୍ରାଦ୍ଧଦିବସ ଅବସରରେ



ସ୍ୱର୍ଗତ ଜାନକୀ ବଲ୍ଲଭ ଦାଶ
ପ୍ଲଟ୍ ନଂ.- ୨୦୨୫, ମହତାବ ରୋଡ୍, ଓଲ୍ଡ ଟାଉନ୍, ଭୁବନେଶ୍ୱର-୨
ତୁମର ଅମ୍ଳାନ ଆତ୍ମା ବିଭୁପଦ ତଳେ ଚିରଶାନ୍ତି ଲାଭକରୁ, ଏହାହିଁ ମହାପ୍ରଭୁ ଜଗତରନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନୀତ ପ୍ରାର୍ଥନା। ହତଭାଗା- ସ୍ତ୍ରୀ, ପୁତ୍ର, ପୁତ୍ରବଧୂ, ନାତୁଣୀ, ଆତ୍ମୀୟସ୍ୱଜନ, ପରିବାରବର୍ଗ ଓ ବନ୍ଧୁବାନ୍ଧବ।
ଧ-୩୧୭୩

ହକି ଇଣ୍ଡିଆ ଲିଗ୍

# ଓଡ଼ିଶା ଖେଳାଳିଙ୍କ ଚାହିଦା ବଢୁଛି

ହକି ଇଣ୍ଡିଆ ଲିଗ୍‌ରେ ଓଡ଼ିଶା ଖେଳାଳିଙ୍କ ଚାହିଦା କ୍ରମେ ବଢୁଛି। ୨୦୧୩ ରେ ଅନୁଷ୍ଠିତ ପ୍ରଥମ ସଂସ୍କରଣରେ ମାତ୍ର ୬ ଖେଳାଳି ସ୍ଥାନ ପାଇଥିଲେ। ମାତ୍ର ଏଥର ଏହି ସଂଖ୍ୟା ପାଖାପାଖି ୩ ଗୁଣା ବଢ଼ି ୧୬ ଖେଳାଳି ବିଭିନ୍ନ ଫ୍ରାଞ୍ଚାଇଜ୍ ଦଳରୁ ପ୍ରତିନିଧିତ୍ୱ କରୁଛନ୍ତି। ଅମିତ ରୋହିଦାସ ତାମିଲନାଡୁ ଡ୍ରାଗନ୍ସ ଦଳର ଅଧିନାୟକ ହୋଇ ରାଜ୍ୟକୁ ଗୌରବାନ୍ୱିତ କରିଛନ୍ତି...


ଅମିତ ରୋହିଦାସ


ପ୍ରଶାନ୍ତ ବାର୍ଲା


ଅମନଦୀପ ଲାକ୍ରା


ରୋହିତ କୁଲୁ

ହକି ଇଣ୍ଡିଆ ଲିଗ୍‌ର ୭ମ ସଂସ୍କରଣ ଏବେ ଶେଷ ପର୍ଯ୍ୟାୟରେ। ଏଥର ଚେନ୍ନାଇରୁ ଆରମ୍ଭ ହୋଇଥିବା ଏହି ସମ୍ମାନଜନକ ଲିଗ୍ ରାଞ୍ଚି ମଧ୍ୟ ଦେଇ ଏବେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ଚାଲିଛି। ପ୍ରତିଯୋଗିତାର ଲିଗ୍ ପର୍ଯ୍ୟାୟ ଗୁରୁବାର ଶେଷ ହୋଇଛି। ଶୁକ୍ରବାର କ୍ୱାଲିଫାୟର-୧ ଓ ଏଲିମିନେଟର, ୨୫ରେ କ୍ୱାଲିଫାୟର-୨ ଏବଂ ୨୬ରେ ଫାଇନାଲ ଅନୁଷ୍ଠିତ ହେବ। ରେକର୍ଡ ଦେଖିଲେ ଏହି ଲିଗ୍‌ରେ ଓଡ଼ିଶା ଖେଳାଳିଙ୍କ ଚାହିଦା କ୍ରମେ ବଢୁଛି। ୨୦୧୩ ମସିହାରେ ଅନୁଷ୍ଠିତ ପ୍ରଥମ ସଂସ୍କରଣରେ ମାତ୍ର ୬ ଖେଳାଳି ସ୍ଥାନ ପାଇଥିଲେ। ମାତ୍ର ଏବେ ୨୦୨୬ରେ ପାଖାପାଖି ୩ ଗୁଣା ଅର୍ଥାତ୍ ୧୬ ଖେଳାଳି ବିଭିନ୍ନ ଫ୍ରାଞ୍ଚାଇଜ୍‌ରୁ ପ୍ରତିନିଧିତ୍ୱ କରୁଛନ୍ତି। ଅର୍ଥାତ୍ ଅଧିକ ୧୦ ଖେଳାଳି ଏବେ ଖେଳୁଛନ୍ତି। ୨୦୧୩ରେ ବିଭିନ୍ନ ଫ୍ରାଞ୍ଚାଇଜ୍ ପକ୍ଷରୁ ପ୍ରତିନିଧିତ୍ୱ କରିଥିବା ଖେଳାଳିମାନେ ହେଲେ ଅମିତ ରୋହିଦାସ, ଷ୍ଟାନିଲ ମିଞ୍ଜ, ଅରବିନ୍ଦ କୁଜୁର, ସୁଶାନ୍ତ ତିର୍କୀ, ବୀରେନ୍ଦ୍ର ଲାକ୍ରା (ସମସ୍ତେ ରାଞ୍ଚି ରାଇନୋସ) ଏବଂ ସୁରେଶ ଟପ୍ପୋ (ୟୁପି ୱିଜାର୍ଡ୍ସ)। ପୂର୍ବରୁ ଓଡ଼ିଶାର ଅନେକ ଖେଳାଳି ବିଭିନ୍ନ ଦଳରେ ସାମୟିକ ଭାବେ ପଡ଼ିଆରେ ପ୍ରବେଶ ସୁଯୋଗ ପାଉଥିଲେ। ମାତ୍ର ଜୁନିୟର ସ୍ତରରେ ପ୍ରଭାବୀ ପ୍ରଦର୍ଶନ କରିବାପରେ ଏବେ ଅନେକ ଓଡ଼ିଶା ଖେଳାଳି ସିନିୟର ସ୍ତରରେ ଷ୍ଟାର୍ଟିଂ ଇଲେଭେନ ଅର୍ଥାତ୍ ବିଭିନ୍ନ ଦଳର ମୁଖ୍ୟ ଖେଳାଳି ପାଲଟି ଯାଇଛନ୍ତି। ଅମିତ ରୋହିଦାସ ଅକର୍ଡ ତାମିଲନାଡୁ ଡ୍ରାଗନ୍ସ ଦଳର ନେତୃତ୍ୱ ମଧ୍ୟ ନେଇଛନ୍ତି। ବର୍ତ୍ତମାନ ଚାଲିଥିବା ଲିଗ୍‌ରେ ବିଭିନ୍ନ ଫ୍ରାଞ୍ଚାଇଜ୍ ଦଳରେ ସ୍ଥାନ ପାଇଥିବା ଓଡ଼ିଶାର ୧୬ ଖେଳାଳି ହେଲେ ଅମିତ ରୋହିଦାସ, ଆନନ୍ଦ ଲାକ୍ରା, ଅଦ୍ରୋହିତ ଏକ୍କା, ସୁଶୀଲ ଧନୱାର (ସମସ୍ତେ ତାମିଲନାଡୁ ଡ୍ରାଗନ୍ସ), ପ୍ରଶାନ୍ତ ବାର୍ଲା, ସୁଦୀପ ଚିରମାକୋ (ଉଭୟ ଏଚ୍‌ଆଇଏଲ୍ ଗଭର୍ଣ୍ଣିଂ କାଉନ୍ସିଲ), ଅମନଦୀପ ଲାକ୍ରା, ଶିଳାନନ୍ଦ ଲାକ୍ରା (ଉଭୟ ହାଇଦ୍ରାବାଦ ତୋଫାନ୍ସ), ଅନମୋଲ ଏକ୍କା, ନିଲମ ସଞ୍ଜୀପ ଖେସ୍ (ଉଭୟ ରାଞ୍ଚି ରୟାଲ୍ସ), ବିବେକ ଲାକ୍ରା (ଶ୍ରାଚୀ ରର୍ ବେଙ୍ଗଲ ଟାଇଗର୍ସ) ଏବଂ ରୋହିତ କୁଲୁ, ରୋଶନ କୁଜୁର, ଦୀପକ ପ୍ରଧାନ, ଦୀପସାନ ତିର୍କୀ ଓ ପ୍ରତାପ ଲାକ୍ରା (ସମସ୍ତେ ବେଦାନ୍ତ କଳିଙ୍ଗ ଲାନ୍ସର୍ସ)। ଓଡ଼ିଶା ଖେଳାଳିମାନେ ଏବେ ଡିଫେନ୍ସ ବିଭାଗଠାରୁ ଆରମ୍ଭ କରି ମିଡ୍‌ଫିଲ୍ଡ ଏବଂ ଫରୱାର୍ଡ ଲାଇନ୍‌ରେ ମଧ୍ୟ ନିଜ ଦକ୍ଷତା ଦେଖାଉଛନ୍ତି।

### ଏଥର ବିଭିନ୍ନ ଫ୍ରାଞ୍ଚାଇଜ୍‌ରେ ଓଡ଼ିଶା ଖେଳାଳି

**ତାମିଲନାଡୁ ଡ୍ରାଗନ୍ସ:** ଅମିତ ରୋହିଦାସ, ଆନନ୍ଦ ଲାକ୍ରା, ଅଦ୍ରୋହିତ ଏକ୍କା, ସୁଶୀଲ ଧନୱାର

**ଏଚ୍‌ଆଇଏଲ୍ ଗଭର୍ଣ୍ଣିଂ କାଉନ୍ସିଲ:** ପ୍ରଶାନ୍ତ ବାର୍ଲା, ସୁଦୀପ ଚିରମାକୋ

**ହାଇଦ୍ରାବାଦ ତୋଫାନ୍ସ:** ଅମନଦୀପ ଲାକ୍ରା, ଶିଳାନନ୍ଦ ଲାକ୍ରା

**ରାଞ୍ଚି ରୟାଲ୍ସ:** ଅନମୋଲ ଏକ୍କା, ନିଲମ ସଞ୍ଜୀପ ଖେସ୍

**ରର୍ ବେଙ୍ଗଲ ଟାଇଗର୍ସ:** ବିବେକ ଲାକ୍ରା

**ବେଦାନ୍ତ କଳିଙ୍ଗ ଲାନ୍ସର୍ସ:** ରୋହିତ କୁଲୁ, ରୋଶନ କୁଜୁର, ଦୀପକ ପ୍ରଧାନ, ଦୀପସାନ ତିର୍କୀ, ପ୍ରତାପ ଲାକ୍ରା

### ଆକର୍ଷଣରେ ଅମିତ

ହକି ଇଣ୍ଡିଆ ଲିଗ୍‌ରେ ଅମିତ ହେଉଛନ୍ତି ଏପରି ଜଣେ ଖେଳାଳି ଯିଏକି ୨୦୧୩ ଉଦ୍‌ଘାଟନୀ ସଂସ୍କରଣରୁ ଆରମ୍ଭ କରି ଏପର୍ଯ୍ୟନ୍ତ ଖେଳି ଆସୁଛନ୍ତି। ଭାରତୀୟ ହକି ଦଳର ଜଣେ ନିର୍ଭରଯୋଗ୍ୟ ଏବଂ ସ୍ଥିର ପ୍ରଦର୍ଶନକାରୀ ଡିଫେଣ୍ଡରଭାବେ ପରିଚିତ ଅମିତଙ୍କୁ ତାମିଲନାଡୁ ଡ୍ରାଗନ୍ସ ଫ୍ରାଞ୍ଚାଇଜ୍ ଅଧିନାୟକଭାବେ ମନୋନୀତ କରିଥିଲା। ଏହା ଓଡ଼ିଶା ହକି ପ୍ରେମୀଙ୍କୁ ବେଶ୍ ଉଲ୍ଲସିତ ଏବଂ ରୋମାଞ୍ଚିତ କରିଥିଲା। ଅମିତଙ୍କ ନେତୃତ୍ୱରେ ଡ୍ରାଗନ୍ସ ଭଲ ପ୍ରଦର୍ଶନ ମଧ୍ୟ କରିଥିଲା। ୭ ମ୍ୟାଚରୁ ୧ ବିଜୟ, ୩ ଶୁଟ୍ ଆଉଟ ବିଜୟ, ୧ ଶୁଟ୍ ଆଉଟ ପରାଜୟ ଓ ୨ ପରାଜୟ ସହିତ ଦଳ ୧୦ ପଏଣ୍ଟ ହାସଲ କରିଥିଲା। ଏଥର ଯଦିଓ ଦଳ ଟପ୍-୪ରେ ରହି ନ ପାରି ନକ୍‌ଆଉଟ୍ ପର୍ଯ୍ୟାୟରୁ ବାଦ୍ ପଡ଼ିଛି ତେବେ ଅଧିନାୟକଭାବେ ଅମିତ ଅନେକ ଅଭିଜ୍ଞତା ଆହରଣ କରିଛନ୍ତି। ହକି ଇଣ୍ଡିଆ ଲିଗ୍‌ରେ ଓଡ଼ିଶାର ୧୬ ଖେଳାଳି ସ୍ଥାନପାଇବାକୁ ବାଇ-ଚାନ୍ସ କୁହାଯାଇ ପାରିବ ନାହିଁ। ରାଜ୍ୟ ସରକାରଙ୍କ ଦ୍ୱାରା ଜିଲା ଓ ବ୍ଲକ୍‌ସ୍ତରୀୟ ପ୍ରତିଯୋଗିତା ମାଧ୍ୟମରେ ତୃଣମୂଳ ସ୍ତରରେ ବିକାଶ କାର୍ଯ୍ୟକ୍ରମ, ହାଇ ପରଫର୍ମାନ୍ସ ସେଣ୍ଟରରେ ଉନ୍ନତ ମାନର ଟ୍ରେନିଂ, ଭୁବନେଶ୍ୱର ଓ ରାଉରକେଲାରେ ବିଶ୍ୱସ୍ତରୀୟ ଭିତ୍ତିଭୂମି, ଦୁଇଥର ବିଶ୍ୱକପଠାରୁ ଆରମ୍ଭ କରି କ୍ରମାଗତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଏବଂ ଅନ୍ୟ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଆୟୋଜନର କାରଣ ଏହା ପଛରେ ରହିଛି। ସୁନ୍ଦରଗଡ଼ର ସିମ୍‌ଡେଗା ହେଉ କିମ୍ବା ପୂରା ଆଦିବାସୀ ଅଧ୍ୟୁସିତ ଅଞ୍ଚଳରେ ହକି ଏବେ କେବଳ ଏକ ପାରମ୍ପରିକ ଖେଳ ହୋଇ ରହିନାହିଁ ଏହା ଉଚ୍ଚାକାଂକ୍ଷା ଏବଂ ପେସାଦାର ଜୀବନରେ ଏକ ବଡ଼ ପରିଚୟ ଦେବାଭଳି କ୍ରୀଡ଼ାରେ ପରିଣତ ହୋଇଛି। ପୂର୍ବ ପିଢ଼ିରେ କୌଣସି ଜଣେ ଖେଳାଳି ଜାତୀୟ ଚାମ୍ପିୟନଶିପରେ ଆକର୍ଷଣୀୟ ପ୍ରଦର୍ଶନ କଲେ ଯାଇ ଦୃଷ୍ଟି ଆକର୍ଷଣ କରୁଥିଲେ, ମାତ୍ର ଏବେକାର ଖେଳାଳିମାନଙ୍କୁ ସଂରଚିତ ବ୍ୟବସ୍ଥା, କ୍ରୀଡା ଛାତ୍ରାବାସ ଏବଂ ଏଲିଟ୍ ଜୁନିୟର ଟୁର୍ନାମେଣ୍ଟ ମାଧ୍ୟମରେ ପ୍ରସ୍ତୁତ କରାଯାଉଛି। ହକି ଇଭେଣ୍ଟ ସମୟରେ କଳିଙ୍ଗ ଷ୍ଟାଡିୟମରେ ଭରପୂର ଦର୍ଶକଙ୍କ ସମାଗମ ମଧ୍ୟ ରାଜ୍ୟରେ ଏହି କ୍ରୀଡ଼ାପ୍ରତି ଲୋକଙ୍କର ଆଗ୍ରହକୁ ସୂଚିତ କରୁଛି।

# ଅଗ୍ନି ପରୀକ୍ଷାରେ ଗମ୍ଭୀର


ନିର୍ମଳ କୁମାର ମିଶ୍ର

ଗତ କିଛି ବର୍ଷ ହେବ ଭାରତୀୟ କ୍ରିକେଟ୍‌ର ଅଧୋଗତି ଦେଖିବାକୁ ମିଳିଛି। ରୋହିତ ଶର୍ମାଙ୍କ ନେତୃତ୍ୱରେ ଭାରତ ଯଦିଓ ଦୁଇ ଦୁଇଟି ଆଇସିସି ଟ୍ରଫି ଜିତିଛି ତଥାପି ଘରୋଇ ଦ୍ୱିପାକ୍ଷିକ ସିରିଜଗୁଡିକ ଭାରତ ପାଇଁ ସମସ୍ୟା ସୃଷ୍ଟି କରିଛି। ଟି୨୦ ବିଶ୍ୱକପ ବିଜୟ ପରେ ରୋହିତ ଶର୍ମା ଓ ବିରାଟ କୋହଲି ହଠାତ୍ ଟେଷ୍ଟ କ୍ରିକେଟ ଓ ଅନ୍ତର୍ଜାତୀୟ ଟି୨୦ ଫର୍ମାଟ୍‌ରୁ ଅବସର ନେବା ଏବଂ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ବ୍ୟାପକ ପରୀକ୍ଷା ନିରୀକ୍ଷା ଏହାର ମୁଖ୍ୟ କାରଣ ବୋଲି କୁହାଯାଉଛି। ସିନିୟର ଖେଳାଳିମାନଙ୍କୁ ଅଣଦେଖା କରାଯିବା ସହିତ ସେମାନଙ୍କର ଅବସର ଭାରତୀୟ କ୍ରିକେଟର ପ୍ରଦର୍ଶନ ଉପରେ ଗଭୀର ପ୍ରଭାବ ପକାଇଛି। ବର୍ତ୍ତମାନ ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗରେ ଚତୁର୍ଥ ସ୍ଥାନରେ ରହିଥିବା ଭାରତ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲ ଖେଳିବା କଷ୍ଟସାଧ୍ୟ ମନେହେଉଛି। ଦୁଇ ଦୁଇ ଥର ଫାଇନାଲ ଖେଳି ଚାମ୍ପିୟନ ହେବାର ସ୍ୱପ୍ନ ଅଧୁରା ରହିଛି। ବର୍ତ୍ତମାନ ର୍‍ୟାଙ୍କିଙ୍ଗରେ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ଏବଂ ଇଂଲଣ୍ଡ ଟପ୍-୩ରେ ରହିଛନ୍ତି। ଟେଷ୍ଟ ମ୍ୟାଚରେ ଭାରତର ପ୍ରଦର୍ଶନ ତଳମୁହାଁ ହୋଇଛି। ବିଦେଶୀ ଟିମ୍ ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ଭାରତକୁ ଏହାର ନିଜ ମାଟିରେ ହରାଇବା ଫଳରେ ଭାରତୀୟ ଟିମ୍ ମ୍ୟାନେଜମେଣ୍ଟ, ମୁଖ୍ୟ କୋଚ ଏବଂ ଅନ୍ୟ କୋଚିଂ ଷ୍ଟାଫ୍‌ଙ୍କ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଗୌତମ ଗମ୍ଭୀର ଭାରତୀୟ ଦଳର ମୁଖ୍ୟ କୋଚ ରୂପେ ୨୦୨୪ରେ କାର୍ଯ୍ୟ କରିବାଠାରୁ ଭାରତୀୟ ଦଳ ମୋଟ ୧୯ଟି ଟେଷ୍ଟ ଖେଳି ମାତ୍ର ୭ଟି ମ୍ୟାଚରେ ବିଜୟୀ ହୋଇ ସମାଲୋଚନାର ଶରବ୍ୟ ହୋଇଛି। ମୋଟ ଉପରେ କ୍ରିକେଟ୍‌ର ୩ଟି ଫର୍ମାଟ୍‌ରେ ଏପର୍ଯ୍ୟନ୍ତ ୬୬ ମ୍ୟାଚରୁ ୪୨ଟିରେ ବିଜୟୀ ହୋଇଥିବାରୁ ତାଙ୍କର ସଫଳତାର ହାର ପାଖାପାଖି ୬୩ ପ୍ରତିଶତ ରହିଛି। ତେବେ ଟେଷ୍ଟରେ ସଫଳତା ହାର ମାତ୍ର ୩୬ ପ୍ରତିଶତ ରହିଥିବାରୁ ମୋଟ ଉପରେ ପ୍ରଦର୍ଶନ ନୈରାଶ୍ୟଜନକ ବୋଲି କୁହାଯାଇ ପାରିବ। ଦିନିକିଆ ଫର୍ମାଟ୍‌ରେ ଗମ୍ଭୀରଙ୍କ ପ୍ରଶିକ୍ଷଣରେ ଭାରତ ଏପର୍ଯ୍ୟନ୍ତ ୨୦ଟି ମ୍ୟାଚରୁ ୧୨ଟିରେ ଭାରତ ବିଜୟ ଲାଭ କରିଛି। ଏଥିରେ ସଫଳତା ହାର ଶତକଡା ୬୦ ରହିଛି। ଟି୨୦ ଫର୍ମାଟ୍‌ରେ ତାଙ୍କର ସଫଳତାର ହାର କିନ୍ତୁ ଶତକଡ଼ା ୮୫ ରହିଛି। ଭାରତ ଖେଳିଥିବା ମୋଟ ୨୭ ମ୍ୟାଚରୁ ୨୩ଟି ଜିତିଛି, ୩ଟି ହାରିଛି ଏବଂ ଗୋଟିଏ ମ୍ୟାଚ ବିନା ଫଳାଫଳରେ ସମାପ୍ତ ହୋଇଛି। ଏଥି ମଧ୍ୟରେ ଏସିଆ କପରେ ଚାମ୍ପିୟନ ହେବାର ସଫଳତା ରହିଛି। ତେବେ ଟେଷ୍ଟ କ୍ରିକେଟର ଅଧୋଗତି ତାଙ୍କର ଦକ୍ଷତାକୁ ନେଇ ପ୍ରଶ୍ନଉଠାଇଛି। ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ୨-୨ରେ ଡ୍ର ରହିବା ଏବଂ ୱେଷ୍ଟଇଣ୍ଡିଜ ବିପକ୍ଷ ସିରିଜକୁ ଯଦିଓ ଭାରତ ୨-୦ରେ ଜିତିଥିଲା ତେବେ ତାଙ୍କର ପ୍ରଶିକ୍ଷଣ ଶୈଳୀ ଅନେକ ବିବାଦ ସୃଷ୍ଟି କରିଛି। ମାତ୍ରାଧିକ ପରୀକ୍ଷା ନିରୀକ୍ଷା ଅନେକ ସମୟରେ ବିପରୀତ ଫଳ ପ୍ରଦାନ କରିଛି। ବିଫଳତାର ଉଦାହରଣ ଦେଖିବାକୁ ଗଲେ ଭାରତ ୨୭ ବର୍ଷ ପରେ ନ୍ୟୁଜିଲାଣ୍ଡଠାରୁ ହ୍ୱାଇଟ ୱାଶ ହେଲା। ବର୍ଡର-ଗାଭାସ୍କର ଟ୍ରଫି ହାରିଲା ୧୦ବର୍ଷ ପରେ ଏବଂ ପ୍ରଥମ ଥର ପାଇଁ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲ ଖେଳିବାରୁ ବଞ୍ଚିତ ହେଲା। ଦକ୍ଷିଣ ଆଫ୍ରିକା ବିପକ୍ଷରେ ପ୍ରଥମ ଥର ପାଇଁ ଘରୋଇ ଟେଷ୍ଟ ସିରିଜ୍ ହାରିବା ମଧ୍ୟ ବେଶ୍ ଲଜ୍ଜାଜନକ ସ୍ଥିତି ସୃଷ୍ଟି କରିଥିଲା। ସେହିପରି ପ୍ରଥମ ଥର ପାଇଁ ନ୍ୟୁଜିଲାଣ୍ଡଠାରୁ ସ୍ୱଦେଶ ମାଟିରେ ଦିନିକିଆ ସିରିଜରେ ୧-୨ରେ ପରାସ୍ତ ହେବା ମଧ୍ୟ ଘରୋଇ କ୍ରିକେଟ ପ୍ରେମୀଙ୍କୁ ବ୍ୟଥିତ କରିଛି। ରବି ଶାସ୍ତ୍ରୀ ଏବଂ ରାହୁଲ ଦ୍ରାବିଡ ମୁଖ୍ୟ କୋଚ ଥିବା ସମୟରେ ଭାରତୀୟ ଦଳ ୩ଟି ଫର୍ମାଟ୍‌ରେ ଆଶାରୂପକ ସଫଳତା ମୁଖ୍ୟତଃ ଦ୍ୱିପାକ୍ଷିକ ସିରିଜଗୁଡିକରେ ପାଇଥିଲା। ତା'ର ପୁନରାବୃତ୍ତି ଘଟାଇବାକୁ ସକ୍ଷମ ହୋଇପାରି ନାହାନ୍ତି ଗୌତମ ଗମ୍ଭୀର। ସେ ଏବେ ୩ଟି ଫର୍ମାଟ୍‌ର ମୁଖ୍ୟ କୋଚ ରହିଛନ୍ତି। ମୁଖ୍ୟ କୋଚ ନିଯୁକ୍ତି ହେବା ପରେ ୩ଟି ଫର୍ମାଟ୍ ପାଇଁ ଭିନ୍ନ ଅଧିନାୟକ ନିଯୁକ୍ତି ଏବଂ ସ୍ୱତନ୍ତ୍ର ଟିମ୍ ଗଠନ ଉପରେ ଗୁରୁତ୍ୱ ଦେଇଥିଲେ। ରୋହିତ ଶର୍ମା, ବିରାଟ କୋହଲି, ରବିଚନ୍ଦ୍ରନ ଅଶ୍ୱିନୀ, ଅଜିଙ୍କ୍ୟ ରାହାନେ, ଚେତେଶ୍ୱର ପୂଜାରାଙ୍କ ଅବସର ପରେ ଶୁଭମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତ ଟେଷ୍ଟ ଓ ଏକଦିବସୀୟ ଖେଳିଆସୁଛି। ଟି୨୦ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ବ୍ୟକ୍ତିଗତ ପ୍ରଦର୍ଶନ ଚିନ୍ତାର କାରଣ ହୋଇଛି। ଯଦିବା ଦଳର ସଫଳତା ହାର ଭଲ ରହିଛି ମାତ୍ର ତାଙ୍କର ପ୍ରଦର୍ଶନ ନିମ୍ନମାନର ରହିଛି। ଶେଷ ୨୨ଟି ଟି୨୦ ମ୍ୟାଚରେ ସେ ଗୋଟିଏ ହେଲେ ଅର୍ଦ୍ଧଶତକ ହାସଲ କରିପାରି ନ ଥିବାବେଳେ ଆଭରେଜ ରହିଛି ମାତ୍ର ୧୩.୮୭। ତାଙ୍କ ନେତୃତ୍ୱରେ ଭାରତ ଯଦିଓ କ୍ରମାଗତ ଭାବେ ୮ଟି ଦ୍ୱିପାକ୍ଷିକ ସିରିଜ ଏବଂ ଏସିଆ କପ୍ ବିଜୟୀ ହୋଇଛି ତେବେ ତାଙ୍କ ବ୍ୟକ୍ତିଗତ ପ୍ରଦର୍ଶନ ଚିନ୍ତାଜନକ ରହିଛି। ଆସନ୍ତା ଟି୨୧୦ ବିଶ୍ୱକପର ଅନ୍ୟତମ ଟାଇଟଲ ଦାବିଦାର ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜର ପ୍ରଥମ ମ୍ୟାଚରେ ସେ ୩୨ ରନ କରିଛନ୍ତି। ଫେବୃଆରୀ ୭ରୁ ଭାରତ ଓ ଶ୍ରୀଲଙ୍କାରେ ଆରମ୍ଭ ହେବାକୁ ଯାଉଛି ଟି୨୦ ବିଶ୍ୱକପର ୧୦ମ ସଂସ୍କରଣ। ୨୦ଟି ଟିମ୍ ମଧ୍ୟରେ ମୋଟ ୫୫ଟି ମ୍ୟାଚ ଖେଳାଯିବ। ଭାରତର ୫ଟି ଭେନ୍ୟୁ ଏବଂ ଶ୍ରୀଲଙ୍କାର ୩ଟି ଭେନ୍ୟୁରେ ଏହି ମ୍ୟାଚଗୁଡିକ ଅନୁଷ୍ଠିତ ହେବ। ଭାରତ ଗତ ସଂସ୍କରଣରେ ଚାମ୍ପିୟନ ହୋଇଥିଲା। ଚଳିତ ସଂସ୍କରଣ ଘରୋଇ ମାଟିରେ ଖେଳାଯିବାକୁ ଥିବା ବେଳେ ଭାରତୀୟ ଦଳ ଆତ୍ମସମ୍ମାନ ରକ୍ଷା କରିବା ପାଇଁ ନିଶ୍ଚିତ ଚାହିଁବ। ମୁଖ୍ୟ କୋଚ ଗୌତମ ଗମ୍ଭୀରଙ୍କ ପାଇଁ ଚଳିତ ନ୍ୟୁଜିଲାଣ୍ଡ ସିରିଜ ଏବଂ ଆଗାମୀ ଟି୨୦ ବିଶ୍ୱକପ ଅଗ୍ନିପରୀକ୍ଷା ସଦୃଶ ହେବ। ନ୍ୟୁଜିଲାଣ୍ଡ ବିପକ୍ଷ ସିରିଜର ଫଳାଫଳ ବିଶ୍ୱକପ ଉପରେ ବଡ ପ୍ରଭାବ ପକାଇବ। ପୁଣି ଆଗକୁ ଆସୁଛି ୨୦୨୭ ଦିନିକିଆ ବିଶ୍ୱକପ୍। ଏଥିପାଇଁ ଗୌତମ ଗମ୍ଭୀରଙ୍କ ଉପରେ ଗୁରୁଦାୟିତ୍ୱ ରହିବ। ଯଦିଓ ଭାରତୀୟ ଦଳର ଖରାପ ପ୍ରଦର୍ଶନ ଏବଂ ବାରମ୍ବାର ଘରୋଇ ସିରିଜ ହାରିବାକୁ ନେଇ ଅନେକ ସମାଲୋଚନା କରାଯାଇଥିଲା ଏବଂ ପୂର୍ବତନ ଖେଳାଳି ଏବଂ ବର୍ତ୍ତମାନର ଜାତୀୟ କ୍ରିକେଟ ଏକାଡେମୀ (ବେଙ୍ଗାଲୁରୁ)ର ମୁଖ୍ୟ କୋଚ ଭି.ଭି.ଏସ୍. ଲକ୍ଷ୍ମଣଙ୍କ ନାମ ମୁଖ୍ୟ କୋଚ ପାଇଁ ଚର୍ଚ୍ଚାକୁ ଆସିଥିଲା ତେବେ ବିସିସିଆଇ ସମ୍ପାଦକ ଅଭିଜିତ୍ ସାଇକିଆ ଏହାକୁ ଖଣ୍ଡନ କରିଥିଲେ। ୨୦୨୭ ଦିନିକିଆ ବିଶ୍ୱକପ୍ ପର୍ଯ୍ୟନ୍ତ ଗୌତମ ଗମ୍ଭୀର କୋଚ ଦାୟିତ୍ୱ ନିର୍ବାହ କରିବେ ବୋଲି ସେ ସ୍ପଷ୍ଟ କରିଥିଲେ। ଭାରତ ଖେଳିବାକୁ ଥିବା ଆଗାମୀ ଦ୍ୱିପାକ୍ଷିକ ସିରିଜଗୁଡିକ ମଧ୍ୟରେ ମୁଖ୍ୟତଃ ଇଂଲଣ୍ଡ ବିପକ୍ଷ ୫ ଟିକିଆ ଟେଷ୍ଟ ସିରିଜ ଭାରତ ପାଇଁ ଏସିଡ ଟେଷ୍ଟ ହେବାର ସମ୍ଭାବନା ରହିଛି। ବାରମ୍ବାର ଖେଳାଳି ଏବଂ ବ୍ୟାଟିଂ କ୍ରମରେ ପରିବର୍ତ୍ତନ ଭାରତର କ୍ରମାଗତ ସଫଳତା ହାସଲରେ ବାଧକ ସୃଷ୍ଟି କରିଛି। ଭାରତ ମାଟିରେ ଖେଳାଯିବାକୁ ଥିବା ଆଗାମୀ ଟି୨୦ ବିଶ୍ୱକପ ଗୌତମ ଗମ୍ଭୀର ଏବଂ ଅନ୍ୟାନ୍ୟ କୋଚିଂ ଷ୍ଟାଫ୍‌ଙ୍କ ପାଇଁ ଆତ୍ମସମ୍ମାନ ଫେରାଇ ଆଣିବାକୁ ସୁଯୋଗ ସୃଷ୍ଟି କରିବ। ନଚେତ୍ ପରିବର୍ତ୍ତନ ଅବସମ୍ଭାବୀ ମନେହେଉଛି।

ବର୍ତ୍ତମାନ ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ରେ ଅଷ୍ଟ୍ରେଲିଆ, ଦକ୍ଷିଣ ଆଫ୍ରିକା ଏବଂ ଇଂଲଣ୍ଡ ଟପ୍-୩ରେ ରହିଥିବାବେଳେ ଭାରତର ପ୍ରଦର୍ଶନ ତଳମୁହାଁ ହୋଇଛି। ବିଦେଶୀ ଟିମ୍ ନ୍ୟୁଜିଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ଭାରତକୁ ଏହାର ନିଜ ମାଟିରେ ହରାଇବା ଫଳରେ ମୁଖ୍ୟ କୋଚ୍ ଗୌତମ ଗମ୍ଭୀରଙ୍କ ସମେତ ଟିମ୍ ମ୍ୟାନେଜମେଣ୍ଟର ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି...


ଗୌତମ ଗମ୍ଭୀର

### ସକ୍ସେସ

ଆଫ୍ରିକାର ଉଚ୍ଚତମ ଗିରିଶୃଙ୍ଗ
କିଲିମାଞ୍ଜାରୋ ପରବତ
ଫାଷ୍ଟେ ଦୃଷ୍ଟି ବାଧିତ ଲେଡି ଛୋନଜିନ
ଆରୋହଣ କଲା ମିତ
ପ୍ରବଳ ବରଫ ପାତ
ପ୍ରତିକୂଳ ପାଗ ସତ୍ତ୍ୱେ ସେ ସକ୍ସେସ
ଉଡ଼ିଲା ତ୍ରିରଙ୍ଗା ନେତ.... ୧

ସିନିୟର ୱାନ୍‌ଡେ ଓମେନ କ୍ରିକେଟ
ମ୍ୟାଚ ଯାଆ ରାଜକୋଟ
ସୁଶ୍ରୀ ଦିବ୍ୟାଦର୍ଶିନୀ ଓଡିଶା କ୍ୟାପ୍‌ଟେନ
ଧରିଛି ଟିମ୍‌ର ଛାଟ



ଦେଖାଇବ ନୂଆ ବାଟ
ଇନ୍ଦ୍ରାଣୀ, ଅଞ୍ଜଳି, ମୋନାଲିସା, ରାଣୀ
ଶିଳ୍ପା, ଶୁଭ୍ରା ଏକଜୁଟ... ୨

ଇଜିପ୍ଟ ପାରା ବ୍ୟାଡ୍‌ମିଣ୍ଟନ
ପ୍ରମୋଦଙ୍କୁ ଦୁଇ ସୁନା
ପୂଜ୍ୟମ, ନୁରୁଲ ବ୍ରୋଞ୍ଜ ଜିତିଛନ୍ତି
ଓଡ଼ିଶା ଗୌରବ ଅନା
ବଡି ଫିଟ୍ ବାଲା ଛେନା
ମାନସିକ ସ୍ୱାସ୍ଥ୍ୟ, ଧ୍ୟାନ, ନିଷ୍ଠା ବଳେ
ସକ୍ସେସ ମିଳଇ ସିନା...୩

–ସୁବାସ ଚନ୍ଦ୍ର ପ୍ରଧାନ

# ଟି୨୦ ବିଶ୍ୱକପ୍‌ରୁ ବାଂଲାଦେଶ ବାଦ୍

ନୂଆଦିଲ୍ଲୀ,୨୨।୧

ଜିଦ୍‌ରେ ଅଟଳ ଥିବା ବାଂଲାଦେଶ ଆସନ୍ତା ୭ ତାରିଖରୁ ଭାରତରେ ହେବାକୁ ଥିବା ଟି୨୦ ବିଶ୍ୱକପ୍ ଲାଗି ଦଳ ପଠାଇବାକୁ ମନା କରିଛି। ଭାରତରୁ ଶ୍ରୀଲଙ୍କାକୁ ମ୍ୟାଚ୍ ସ୍ଥାନାନ୍ତର ଲାଗି କରାଯାଇଥିବା ଅନୁରୋଧକୁ ଆଇସିସି ପ୍ରତ୍ୟାଖ୍ୟାନ କରିବାର ଦିନକ ପରେ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି) ଏହି ନିଷ୍ପତ୍ତି ନେଇଛି। ବିଶ୍ୱକପ୍‌ରେ ଖେଳିବ କି ନାହିଁ ସ୍ପଷ୍ଟ କରିବା ପାଇଁ ବିସିବିକୁ ଆଇସିସି ପକ୍ଷରୁ ବୁଧବାର ୨୪ ଘଣ୍ଟାର ଅଲ୍ଟିମେଟମ ଦିଆଯାଇଥିଲା। ବାଂଲାଦେଶର ଯୁବ ଓ କ୍ରୀଡ଼ା ଉପଦେଷ୍ଟା ଆସିଫ ନଜ୍ରୁଲ ଓ ଜାତୀୟ ଦଳର ଖେଳାଳିଙ୍କ ସହ ଆଲୋଚନା ପରେ ବିସିବି ବିଶ୍ୱକପ୍‌ରେ ନ ଖେଳିବାକୁ ନିଷ୍ପତ୍ତି ନେଇଛି। ଫଳରେ ବିଶ୍ୱକପ୍ ଖେଳୁ ନ ଥିବା ଦଳମାନଙ୍କ ମଧ୍ୟରେ ଉଚ୍ଚ ର୍ୟାଙ୍କିଙ୍ଗ ପ୍ରାପ୍ତ ଦଳ ଭାବେ ସ୍କଟଲାଣ୍ଡକୁ

## ଜିଦ୍‌ରେ ଅଟଳ ବିସିବି



ସାମିଲ କରାଯିବାର ଅଛି। ହେଲେ ଏ ସମ୍ପର୍କରେ ଆନୁଷ୍ଠାନିକ ଭାବେ ଘୋଷଣା ହୋଇନାହିଁ।

ବୈଠକ ପରେ କ୍ରୀଡ଼ା ଉପଦେଷ୍ଟା ଆସିଫ ନଜ୍ରୁଲ କହିଛନ୍ତି, ଆମ କ୍ରିକେଟରମାନେ ବିଶ୍ୱକପ୍ ଲାଗି ଯୋଗ୍ୟତା ହାସଲ କରିବା ପାଇଁ କଠିନ ପରିଶ୍ରମ କରିଛନ୍ତି। କିନ୍ତୁ ଭାରତରେ ଆମ ଖେଳାଳିଙ୍କର ଖେଳିବାକୁ ନେଇ ସୁରକ୍ଷା ବିପଦ ରହିଛି। ବିଶ୍ୱକପ୍‌ରେ ଖେଳିବା ଲାଗି ଆମେ ଏବେ ବି ଆଶା ରଖିଛୁ। ଆମ ଦଳ ପ୍ରସ୍ତୁତ ଅଛି। ଆମେ ଆଶା କରୁଛୁ ଆଇସିସି ଆମ ଖେଳାଳିଙ୍କର ସୁରକ୍ଷା ବିପଦକୁ ବୁଝି ଆମକୁ ଶ୍ରୀଲଙ୍କାରେ ଖେଳିବାକୁ ଅନୁମତି ଦେବ। ସେହିଭଳି ବିସିବି ସଭାପତି ଆମିନୁଲ ଇସ୍ଲାମ ବୁଲବୁଲ ପ୍ରକାଶ କରିଛନ୍ତି, ଆମେ ବିଶ୍ୱକପରେ ଖେଳିବାକୁ ଚାହୁଁ। କିନ୍ତୁ ଆମେ ଭାରତରେ ଖେଳିବୁ ନାହିଁ। ଆମେ ଲଢ଼େଇ ଜାରି ରଖିବୁ। ଆଇସିସି ବୋର୍ଡ ମିଟିଂରେ ଚକିତ କଲା ଭଳି ଅନେକ ନିଷ୍ପତ୍ତି ନିଆଯାଇଥିଲା। କେବଳ ମୁସ୍ତାଫିଜୁର ରହମାନଙ୍କ ସମସ୍ୟା ଏକମାତ୍ର ବିଷୟ ନୁହେଁ। ଭାରତ ଏକାକୀ ନିଷ୍ପତ୍ତି ନେଉଛି। ଭାରତରୁ ଆମ ମ୍ୟାଚ୍ ସ୍ଥାନାନ୍ତର କରାଯାଇପାରିବ ନାହିଁ ବୋଲି ଆଇସିସି ଆମକୁ କହୁଛି। ଅନ୍ତର୍ଜାତୀୟ କ୍ରିକେଟର ପରିଚାଳକ ଭାବେ ଆଇସିସିର ଅସ୍ତିତ୍ୱ ଉପରେ ଆମର ସନ୍ଦେହ ରହିଛି। ଏହାର ଲୋକପ୍ରିୟତା ହ୍ରାସ ପାଉଛି। କ୍ରିକେଟ ଅଲିମ୍ପିକ୍ସକୁ ଯାଉଥିବା ବେଳେ ଯଦି ଆମ ଭଳି ଏକ ଦେଶ ବିଶ୍ୱକପ୍ ନ ଖେଳିବ, ତେବେ ତାହା ଆଇସିସିର ବିଫଳତା।

# ରଣ୍‌ଜୀ ଟ୍ରଫି: ତାମିଲନାଡୁ ୨୮୧/୭

ଭୁବନେଶ୍ୱର, ୨୨।୧ (ତପନ ସ୍ୱାଇଁ)

ଦୀର୍ଘ ଦୁଇ ମାସରୁ ଊର୍ଦ୍ଧ୍ୱ ବ୍ରେକ୍ ପରେ ଚଳିତ ରଣ୍‌ଜୀ ଟ୍ରଫି କ୍ରିକେଟ ସିଜନର ଅବଶିଷ୍ଟ ଭାଗ ବୁଧବାର ଆରମ୍ଭ ହୋଇଛି। ଏହି କ୍ରମରେ ଓଡ଼ିଶା ଓ ତାମିଲନାଡୁ ମଧ୍ୟରେ ଏଲିଟ ଗ୍ରୁପ୍ 'ଡି' ମ୍ୟାଚ କିଟ୍ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ହୋଇଛି। ପ୍ରଥମ ଦିବସ ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ତାମିଲନାଡୁ ୭ ଉଇକେଟ ହରାଇ ୨୮୧ ରନ ସଂଗ୍ରହ କରିଛି। ୨୦୨୫ ନଭେମ୍ବର ୧୬ରୁ ୧୯ ପର୍ଯ୍ୟନ୍ତ ମ୍ୟାଚ ସହ ରଣଜୀ ଟ୍ରଫି ମ୍ୟାଚ ବନ୍ଦ ରହିଥିଲା। ସେତେବେଳେ କିଟ୍ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଓଡ଼ିଶା ୨୯୯ ରନରେ ବିଜୟୀ ହୋଇଥିଲା। ଓଡ଼ିଶା ଏପର୍ଯ୍ୟନ୍ତ ୫ ମ୍ୟାଚ ଖେଳି ୧ ବିଜୟ, ୩ ପରାଜୟ ଓ ଗୋଟିଏ ଡ୍ର ସହ ୭ ପଏଣ୍ଟ ପାଇ ୬ଷ୍ଠ ସ୍ଥାନରେ ରହିଛି।

ଟସ୍ ଜିତି ଓଡ଼ିଶା ଅଧିନାୟକ ଶୁଭ୍ରାଂଶୁ ସେନାପତି ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ମାତ୍ର ୧୨ ରନରେ ପ୍ରଥମ ଉଇକେଟ ହରାଇ ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ହୋଇଥିବା ତାମିଲନାଡୁ ଓପନର ଅତୀଶ ଏସ.ଆର. (୫୦), ପ୍ରଦୋଷ ରଞ୍ଜନ ପାଲ (୭୮), ସି.ଆନ୍ଦ୍ରେ ସିଦ୍ଧାର୍ଥ (୫୬) ଓ ନିଧିଶ ରାଜଗୋପାଳ (୫୪)ଙ୍କ ଅର୍ଦ୍ଧଶତକ ସହାୟତାରେ ସମ୍ମାନଜନକ ସ୍କୋର କରିବାକୁ ସକ୍ଷମ ହୋଇଥିଲା। ନିଜ ଇନିଂସ ମଧ୍ୟରେ ପ୍ରଦୋଷ ତୃତୀୟ ଉଇକେଟରେ ଅତୀଶଙ୍କ ସହ ୬୫ ଓ ଚତୁର୍ଥ ଉଇକେଟରେ ସିଦ୍ଧାର୍ଥଙ୍କ ସହ ୭୧ ରନର ମୂଲ୍ୟବାନ ଭାଗୀଦାରି ଗଢ଼ିଥିଲେ। ୮୩ ଓଭର ପରେ ଖେଳ ବନ୍ଦ ରହିବା ବେଳକୁ ରାଜଗୋପାଳ ୫୪ ଓ ଅଧିନାୟକ ସାଇ କିଶୋର ୧୨ ରନରେ ଅପରାଜିତ ରହିଥିଲେ। ଅସମାପ୍ତ ୮ମ ଉଇକେଟରେ ଦୁହେଁ ୨୯ ରନ ଯୋଗ କରିଛନ୍ତି। ଓଡ଼ିଶା ବୋଲରଙ୍କ ମଧ୍ୟରେ ରାଜେଶ ମହାନ୍ତି ଓ ଗୋବିନ୍ଦ ପୋଦ୍ଦାର ୨ଟି ଲେଖାଏ ଏବଂ ଦେବବ୍ରତ ପ୍ରଧାନ, ସମ୍ବିତ ବରାଳ ଓ ବିପ୍ଳବ ସାମନ୍ତରାୟ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।



ବୋଲିଂ ଆକ୍ସନରେ ଓଡ଼ିଶାର ରାଜେଶ ମହାନ୍ତି।

**ସଂକ୍ଷିପ୍ତ ସ୍କୋର**

ତାମିଲନାଡୁ ପ୍ରଥମ ଇନିଂସ: ୨୮୧/୭ (ପ୍ରଦୋଷ ରଞ୍ଜନ ପାଲ-୭୮, ସି.ଆନ୍ଦ୍ରେ ସିଦ୍ଧାର୍ଥ-୫୬, ନିଧିଶ ରାଜଗୋପାଳ-୫୪, ଅତୀଶ ଏସ.ଆର-୫୦, ରାଜେଶ ମହାନ୍ତି-୨/୫୦, ଗୋବିନ୍ଦ ପୋଦ୍ଦାର-୨/୮୫, ଦେବବ୍ରତ ପ୍ରଧାନ-୧/୩୭, ସମ୍ବିତ ବରାଳ-୧/୩୫, ବିପ୍ଳବ ସାମନ୍ତରାୟ-୧/୨୯)।

# ୨୭ ମିଲିଅନ ଡଲାର କ୍ଷତି ସହିବ ବିସିବି

ଢ଼ାକା,୨୨।୧

ଟି୨୦ ବିଶ୍ୱକପ୍ ଲାଗି ଭାରତ ଟ୍ରାଭେଲ ନ କରିବା ପାଇଁ ବାଂଲାଦେଶ କ୍ରିକେଟ ବୋର୍ଡ (ବିସିବି)କୁ ପାଖାପାଖି ୨୭ ମିଲିଅନ ଆମେରିକୀୟ ଡଲାର (୩୨୫ କୋଟି ଟାକା) କ୍ଷତି ସହିବାକୁ ପଡ଼ିବ। ଏଥିସହିତ ପ୍ରସାରଣ, ସ୍ପନସରଶିପ ବାବଦକୁ ରାଜସ୍ୱ ସମେତ ଆର୍ଥିକ ବର୍ଷର ଆୟ ୬୦ ପ୍ରତିଶତ କିମ୍ବା ତା'ଠାରୁ ଅଧିକ ପ୍ରଭାବିତ ହୋଇପାରେ। ବିସିବିର ଏଭଳି ନିଷ୍ପତ୍ତି ପାଇଁ ଆସନ୍ତା ଅଗଷ୍ଟ-ସେପ୍ଟେମ୍ବରରେ ଭାରତୀୟ ଦଳ ଦ୍ୱିପାକ୍ଷୀକ ସିରିଜ୍ ପାଇଁ ବାଂଲାଦେଶ ଟୁର କରିବ ନାହିଁ। ଏହି ସିରିଜ୍‌ର ଟିଭି ପ୍ରସାରଣ ଅଧିକାର ଅନ୍ୟ ଦେଶ ସହିତ ୧୦ ଦ୍ୱିପାକ୍ଷୀକ ସିରିଜ୍‌ରୁ ହେବାକୁ ଥିବା ଆୟ ସହ ସମାନ।

# ଜୋକୋଭିଚ୍ ତୃତୀୟ ରାଉଣ୍ଡରେ

ମେଲବୋର୍ନ, ୨୨।୧ (ଏପି)

ସର୍ବୀୟ ଟେନିସ ଷ୍ଟାର ନୋଭାକ୍ ଜୋକୋଭିଚ୍ ଅଷ୍ଟ୍ରେଲିଆନ ଓପନ ପୁରୁଷ ସିଙ୍ଗଲ୍ସ ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଗୁରୁବାର ଖେଳାଯାଇଥିବା ଏକ ଦ୍ୱିତୀୟ ରାଉଣ୍ଡ ମ୍ୟାଚରେ ସେ ୧୪୧ ର୍ୟାଙ୍କିଙ୍ଗପ୍ରାପ୍ତ ଇଟାଲୀର ୨୩ ବର୍ଷୀୟ ଫ୍ରାନ୍‌ସିସ୍କୋ ମାଷ୍ଟ୍ରେଲିଙ୍କୁ ୬-୩, ୬-୨, ୬-୨ ସେଟ୍‌ରେ ହରାଇ ଦେଇଛନ୍ତି। ଜୋକୋଭିଚ୍‌ଙ୍କର ଏହା ହେଉଛି ୩୯୯ତମ ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସ ବିଜୟ। ୨୪ ଗ୍ରାଣ୍ଡସ୍ଲାମ ଟାଇଟଲ ବିଜେତା ଆଉ ଗୋଟିଏ ମ୍ୟାଚ ଜିତିଲେ ସେ ପ୍ରଥମ ଖେଳାଳି ଭାବେ ୪୦୦ ଛୁଇଁବେ। ଜୋକୋଭିଚ୍ ତୃତୀୟ ରାଉଣ୍ଡରେ ବୋଟିକ୍ ଭାନ୍ ଡି' ଜାଣ୍ଡସ୍କଲପ୍‌ଙ୍କୁ ଭେଟିବେ, ଯିଏକି ସାଙ୍ଗ୍ ଜୁନ୍‌ଚେଙ୍ଗଙ୍କୁ ୭-୬ (୬), ୬-୨, ୬-୩ ସେଟ୍‌ରେ ହରାଇ ଦେଇଛନ୍ତି। ଗତଥରର ମହିଳା ସିଙ୍ଗଲ୍ସ ଚାମ୍ପିୟନ ମାଡିସନ କିଜ୍ ନିଜ ଦେଶ ଆମେରିକାର ଆଶଲିନ୍ କ୍ରୁଏଜରଙ୍କୁ ୬-୧, ୭-୫ରେ ହରାଇ ଦେଇଛନ୍ତି। ସୂଚନାଯୋଗ୍ୟ, କିଜ୍ ୧୨ ମାସ ପୂର୍ବେ ତାଙ୍କର ଗ୍ରାଣ୍ଡସ୍ଲାମ ପଦାର୍ପଣ କରିଥିଲେ। ସେ ପ୍ରଥମ ଥର ଏକ ଗ୍ରାଣ୍ଡସ୍ଲାମ ଟାଇଟଲ ବଜାୟ ରଖିବା ଲାଗି ଚେଷ୍ଟା କରୁଛନ୍ତି। କିଜ୍ ପରବର୍ତ୍ତୀ ରାଉଣ୍ଡରେ ବିଶ୍ୱର ପୂର୍ବତନ ନମ୍ବର ୱାନ କାରୋଲିନା ପ୍ଲିସ୍‌କୋଭାଙ୍କୁ ଭେଟିବେ, ଯିଏକି ଇଣ୍ଡୋନେସିଆର ଜାନିସ ଟିଜେନଙ୍କ ବିପକ୍ଷ ମ୍ୟାଚ ୬-୪, ୬-୪ରେ ଜିତିଛନ୍ତି। ୨୦୨୪ ୟୁଏସ୍ ଓପନ ପରେ ପ୍ଲିସକୋଭାଙ୍କ ଗୋଇଠିରେ ଅସ୍ତ୍ରୋପଚାର ହୋଇଥିଲା। ଏଥିରୁ ସୁସ୍ଥ ହେବାପରେ ସେ ମାତ୍ର ୩ଟି ମ୍ୟାଚ ଖେଳିଥିଲେ। ପରବର୍ତ୍ତୀ ରାଉଣ୍ଡକୁ ଉନ୍ନୀତ ହୋଇଥିବା ଅନ୍ୟ ଦୁଇ ଉଚ୍ଚ ର୍ୟାଙ୍କିଙ୍ଗପ୍ରାପ୍ତ ମହିଳା ଖେଳାଳିଙ୍କ ମଧ୍ୟରେ ୪ ନମ୍ବର ମାନ୍ୟତାପ୍ରାପ୍ତ ଆମାଣ୍ଡା ଆନିସିମୋଭା ଡବଲ୍ସ ଚାମ୍ପିୟନ କାଟରିନା ସିନିଆକୋଭାଙ୍କୁ ୬-୧, ୬-୪ ସେଟ୍‌ରେ ହରାଇ ଦେଇଛନ୍ତି। ୬ଷ୍ଠ ସିଡ୍ ଜେସିକା ପେଗୁଲା ତାଙ୍କ ଡବଲ୍ସ ପାର୍ଟନର ମ୍ୟାକ୍ କାର୍ଟନୀ କ୍ଲେସରଙ୍କୁ ୬-୦, ୬-୨ରେ ପରାସ୍ତ କରିଛନ୍ତି। ଗତ ଦୁଇଟି ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାରେ ରନରଅପ୍ ହୋଇଥିବା ଆନିସିମୋଭା ବର୍ତ୍ତମାନ ତାଙ୍କ ଦେଶ ଆମେରିକାର ପେଟନ ଷ୍ଟିଅର୍ନସଙ୍କ ସହ ମୁକାବିଲା କରିବେ। ପେଗୁଲା ବର୍ତ୍ତମାନ ଓକ୍‌ସାନା ସେଲେଖମେଟେଭାଙ୍କୁ ଭେଟିବେ, ଯିଏକି ୨୦୨୫ ସେମିଫାଇନାଲିଷ୍ଟ ପାଉଲା ବଦୋସାଙ୍କୁ ୬-୪, ୬-୪ରେ ହରାଇ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି।

# ଫୁଟ୍‌ବଲର ପାଶାଙ୍କ ପରଲୋକ

ନୂଆଦିଲ୍ଲୀ, ୨୨।୧(ପି.ଟି.)

ଭାରତ ଓ ଇଷ୍ଟବେଙ୍ଗଲର ପୂର୍ବତନ ଡିଫେଣ୍ଡର ଇଲିଆସ ପାଶାଙ୍କ ଗୁରୁବାର ପରଲୋକ ହୋଇଛି। ସେ ଦୀର୍ଘଦିନ ଧରି ଅସୁସ୍ଥ ଥିଲେ। ତାଙ୍କର ୨ଝିଅ ଓ ୨ପୁଅ ଅଛନ୍ତି। ପାଶା କର୍ଣାଟକର ଜଣେ ଶ୍ରେଷ୍ଠ ଫୁଟ୍‌ବଲର ଥିଲେ। ପାଶାଙ୍କ ବିୟୋଗରେ ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ(ଏଆଇଏଫ୍‌ଏଫ୍) ତରଫରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ୧୯୮୭ଜାନୁଆରୀ ୨୭ରେ କୋଝିକୋଡ୍‌ରେ ନେହେରୁ କପ୍‌ରେ ବୁଲ୍‌ଗେରିଆ ବିପକ୍ଷ ମ୍ୟାଚରେ ସେ ଭାରତ ସିନିୟର ଦଳ ତରଫରୁ ତାଙ୍କ ପଦାର୍ପଣ ମ୍ୟାଚ ଖେଳିଥିଲେ। ନେହେରୁ କପ୍ (୧୯୮୭ ଓ ୧୯୯୧)ର ଦୁଇଟି ସଂସ୍କରଣ, ୧୯୯୧ ସାଫ୍ ଗେମ୍ସ ଏବଂ ୧୯୯୨ ଏସିଆନ କପ୍ କ୍ୱାଲିଫାୟର୍ସ ଖେଳିଛନ୍ତି। ପାଶା ନର୍ଥ ବେଙ୍ଗାଲୁରୁ ଅନ୍ତର୍ଗତ ଭ୍ୟାଲିକାଭାଲସ୍ଥିତ ବିନାୟକ ଫୁଟ୍‌ବଲ କ୍ଲବ ତରଫରୁ ଖେଳି ତାଙ୍କ କ୍ୟାରିୟର ଆରମ୍ଭ କରିଥିଲେ।







4-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ